NITIDIN
ନିତିଦିନ
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20
8+16 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ
SUNDAY
17 MAY 2026
ରବିବାର
୧୭ ମେ ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 358 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୫୮ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

# ଆଜି ଓଡ଼ିଶା ଆସିବେ ନିତିନ ନବୀନ

**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:**



## 'ରାଜ୍ୟ କୋର୍ କମିଟି' ବୈଠକରେ ଯୋଗଦେବେ
## ପୁରୀ ଗସ୍ତ କରି ମହାପ୍ରସାଦ ସେବନ କରିବେ

ଆସନ୍ତାକାଲି ଅର୍ଥାତ ରବିବାର ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ବିଜେପିର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ। ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛନ୍ତି ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ନିତିନ ନବୀନ ସାଧାରଣ ଯାତ୍ରୀବାହୀ ବିମାନରେ ରବିବାର ରାତି ୧୦.୩୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସାମ୍ପ୍ରତିକ ବୈଶ୍ୱିକ ତୈଳସଂକଟ ଦୃଷ୍ଟିକୋଣରୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ନିରାଡ଼ମ୍ବର ଭାବେ ରାଷ୍ଟ୍ରୀୟ ସଭାପତିଙ୍କୁ ସ୍ୱାଗତ କରାଯିବ। ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଶୀର୍ଷ ନେତୃବୃନ୍ଦ ରାଷ୍ଟ୍ରୀୟ ସଭାପତିଙ୍କୁ ବିମାନବନ୍ଦରରେ ସ୍ୱାଗତ ଜଣାଇବେ ବୋଲି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି।

ଆସନ୍ତା ୧୮ ତାରିଖ ଦିନ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ 'ରାଜ୍ୟ କୋର୍ କମିଟି' ବୈଠକରେ ନିତିନ ନବୀନ ଯୋଗଦେବେ। ସରକାରଙ୍କ ସହ ସଙ୍ଗଠନର ତାଳମେଳ କେମିତି ରହିଛି, ଡବଲ୍ ଇଞ୍ଜିନ ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ କେତେ ଦୂର ପହଞ୍ଚିଛି, ଆଗକୁ କ'ଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ସେ ସମ୍ପର୍କରେ ବିଭିନ୍ନ ନେତାଙ୍କ ଠାରୁ ନିତିନ ନବୀନ ମତ ନେବେ। ସେଥିପାଇଁ ରାଜ୍ୟ ବିଜେପି କାର୍ଯ୍ୟାଳୟ ବେଶ୍ ଚଳଚଞ୍ଚଳ। ପରେ ଖୋର୍ଦ୍ଧା ଜିଲ୍ଲା ଜଟଣୀସ୍ଥିତ ଆଇଆଇଟି ନିକଟସ୍ଥ ଏସିଆନ ଇନଷ୍ଟିଚ୍ୟୁଟ ଅଫ ଫିଜିକାଲ ହେଲ୍ଥ (ଏଆଇପିଏଚ୍) ବିଶ୍ୱବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଳ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଶିବିରର ଉଦ୍‌ଘାଟନ କରିବେ। ଏହା ପରେ ରାଷ୍ଟ୍ରୀୟ ସଭାପତି ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ମହାପ୍ରସାଦ ସେବନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି। ସେଠାରୁ ରାଷ୍ଟ୍ରୀୟ ▶▶ ୬

## ■ ନେଦରଲାଣ୍ଡରେ ପ୍ରବାସୀ ଭାରତୀୟଙ୍କୁ ମୋଦୀଙ୍କ ସମ୍ବୋଧନ ■ ସାମ୍ପ୍ରତିକ ସ୍ଥିତିକୁ ନେଇ କଲେ ଚିନ୍ତା ପ୍ରକଟ

# 'ସମଗ୍ର ବିଶ୍ୱ ପାଇଁ ବିପର୍ଯ୍ୟୟର ଦଶକ'

**ନୂଆଦିଲ୍ଲୀ, ଦ ହେଗ୍, ୧୬।୫/ଏଜେନ୍ସି:**

## ପ୍ରଥମେ କରୋନା, ପରେ ଯୁଦ୍ଧ, ଏବେ ଶକ୍ତି ସଂକଟ
## ସ୍ଥିତିରେ ସୁଧାର ନ ଆସିଲେ ଉପୁନ୍ନ ହେବ ଦାରିଦ୍ର୍ୟତାର ବଡ଼ ସମସ୍ୟା
## ବିକଶିତ ଭାରତ ଗଠନ ଯାତ୍ରାରେ ସକ୍ରିୟ ଯୋଗଦାନ ପାଇଁ ଆହ୍ୱାନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ପଞ୍ଚ ଦେଶୀୟ ଗସ୍ତ କ୍ରମେ ଏବେ ଦ୍ୱିତୀୟ ଦେଶ ଭାବେ ନେଦରଲାଣ୍ଡରେ ପହଞ୍ଚିଛନ୍ତି। ଅନ୍ୟପକ୍ଷେ ନେଦରଲାଣ୍ଡରେ ବସବାସ କରୁଥିବା ପ୍ରବାସୀ ଭାରତୀୟମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମ୍ମାନରେ ଦ ହେଗ୍ ଠାରେ ଏକ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ପ୍ରଧାନମନ୍ତ୍ରୀ ମଧ୍ୟ ଅନୁରୋଧ ରକ୍ଷା ପୂର୍ବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ ସମୁଦାୟକୁ ସମ୍ବୋଧିତ କରିଛନ୍ତି। ମୋଦୀ ନିଜ ଭାଷଣ ମାଧ୍ୟମରେ ବିଶ୍ୱର ସାମ୍ପ୍ରତିକ ସ୍ଥିତି ଉପରେ ଚିନ୍ତା ପ୍ରକଟ କରିଛନ୍ତି। ମୋଦୀ କହିଛନ୍ତି ଯେ ଆଜି ମାନବଜାତି ସାମ୍ନାରେ ଅନେକ ବଡ଼ ଆହ୍ୱାନ ରହିଛି। ଏହି ଦଶକଟି ବିପର୍ଯ୍ୟୟର ଦଶକ ପାଲଟିଯାଇଛି। ବିଶ୍ୱ ପ୍ରଥମେ କରୋନା, ପରେ ଯୁଦ୍ଧ ଏବଂ ଏବେ ଶକ୍ତି ସଙ୍କଟ ସହ ସଂଘର୍ଷ କରୁଛି। ଯଦି ପରିସ୍ଥିତି ନ ବଦଳେ, ତେବେ ବିଗତ ଅନେକ ଦଶନ୍ଧିର ପରିଶ୍ରମ ପାଣିରେ ମିଶିଯିବ ଏବଂ ବିଶ୍ୱର ଏକ ବଡ଼ ଜନସଂଖ୍ୟା ଦାରିଦ୍ର୍ୟତା ଭଳି ଉତ୍କଟ ସମସ୍ୟାର ସମ୍ମୁଖୀନ ହେବାକୁ ବାଧ ହେବ।

ମୋଦୀ ନିଜ ଭାଷଣ ମାଧ୍ୟମରେ ପ୍ରବାସୀ ଭାରତୀୟଙ୍କୁ ସେମାନଙ୍କ ଉତ୍ସାହପୂର୍ଣ୍ଣ ଏବଂ ବର୍ଣ୍ଣାଢ଼୍ୟ ସ୍ୱାଗତ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ଡଚ୍ ସମାଜ ପ୍ରତି ଭାରତୀୟ ପ୍ରବାସୀମାନଙ୍କ ଅବଦାନ ଏବଂ ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ବନ୍ଧୁତାର ଏକ ଜୀବନ୍ତ ସେତୁ ଭାବରେ କାର୍ଯ୍ୟ କରିବାର ସେମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ସେ ସୁରିନାମୀ-ହିନ୍ଦୁସ୍ତାନୀ ସମୁଦାୟର ଭାରତ ସହ ଥିବା ଗଭୀର ଓ ଦୀର୍ଘସ୍ଥାୟୀ ଐତିହାସିକ ସମ୍ପର୍କକୁ ସ୍ମରଣ କରି, ପିଢ଼ି ପରେ ପିଢ଼ି ସେମାନଙ୍କ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଓ ଉତ୍ସବମୁଖର ଭାବେ ପାଳନ କରୁଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବହୁ ସଂଖ୍ୟକ ଭାରତୀୟ ବୃତ୍ତିଗତ ଏବଂ ବିଶେଷକରି ନବସୃଜନ-ଚାଳିତ କ୍ଷେତ୍ରଗୁଡ଼ିକରେ, ଡଚ୍ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ ଭାରତୀୟ ଛାତ୍ରଛାତ୍ରୀଙ୍କ ବୃଦ୍ଧିଶୀଳ ସଂଖ୍ୟା ଉଭୟ ଦେଶର ସମକାଳୀନ ଭାଗୀଦାରିକୁ ଆହୁରି ସୁଦୃଢ଼ କରୁଛି। କ୍ରୀଡା ସମ୍ପର୍କ, ବିଶେଷକରି କ୍ରିକେଟ୍ ଓ ହକି ପରି ଖେଳ, ଦୁଇ ଦେଶ ମଧ୍ୟରେ ଘନିଷ୍ଠ ଜନ ସମ୍ପର୍କକୁ ନୂତନ ଉତ୍ସାହ ପ୍ରଦାନ କରୁଛି।

ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ, ନେଦରଲାଣ୍ଡ ସହିତ ଦ୍ୱିପାକ୍ଷିକ ସହଯୋଗ ନିରନ୍ତର ଭାବରେ ବିସ୍ତାରିତ ହେଉଛି, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହେଉଛି। ସେ ଉଭୟ ଦେଶ ମଧ୍ୟରେ ଦୃଢ଼ ଏବଂ ବୃଦ୍ଧିଶୀଳ ବାଣିଜ୍ୟ ଏବଂ ଅର୍ଥନୈତିକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ନେଦରଲାଣ୍ଡ ୟୁରୋପରେ ଭାରତର ସବୁଠାରୁ ବଡ଼ ରପ୍ତାନୀ ଗନ୍ତବ୍ୟସ୍ଥଳଗୁଡ଼ିକ ମଧ୍ୟରୁ ଗୋଟିଏ ଓ ଭାରତର ଅଗ୍ରଣୀ ନିବେଶ ଅଂଶୀଦାରମାନଙ୍କ ମଧ୍ୟରେ ଅନ୍ୟତମ। ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉଭୟ ପକ୍ଷ ପାଇଁ ନୂତନ ସୁଯୋଗର ଦ୍ୱାର ଉନ୍ମୁକ୍ତ କରିବ।

ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ବିକଶିତ ଦେଶ 'ବିକଶିତ ଭାରତ' ଗଠନ ଲକ୍ଷ୍ୟରେ ଭାରତରେ ହେଉଥିବା ବିକାଶ ଓ ପ୍ରଗତି ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ▶▶ ୬

# ଆଣ୍ଡାମାନ ଛୁଇଁଲା ମୌସୁମୀ

**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:**



ଶନିବାର ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରଥମ ପର୍ଯ୍ୟାୟରେ ଆଣ୍ଡାମାନ ଦ୍ୱୀପକୁ ସ୍ପର୍ଶ କରିଛି। ଆଣ୍ଡମାନର କିଛି ଅଂଶ ସମେତ ନିକୋବର ଦ୍ୱୀପପୁଞ୍ଜରେ ମୌସୁମୀ ନିଜର ଉପସ୍ଥିତି ଜାହିରି କରିଛି। ଦକ୍ଷିଣପୂର୍ବ ଆରବ ସାଗର, ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ମଧ୍ୟ ମୌସୁମୀ ସକ୍ରିୟ ରହିଛି। ଏହା ଧୀରେଧୀରେ ଆଗକୁ ବଢୁଥିବା ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମୌସୁମୀ ଆଗମନ ଯୋଗୁ ସେଠାରେ ମଧ୍ୟ ଆଜି ସକାଳ ଠାରୁ ବର୍ଷା ଲାଗି ରହିଛି। ଆଣ୍ଡାମାନରେ ମୌସୁମୀ ଧାର୍ଯ୍ୟ ସମୟରୁ ୫ରୁ ୬ ଦିନ ଆଗରୁ ପହଞ୍ଚିଛି। ତେଣୁ କେରଳମରେ ମଧ୍ୟ ଏହା ମେ' ୨୬ ବେଳକୁ ପହଞ୍ଚି ସାରିଥିବ ବୋଲି ଆକଳନ କରାଯାଉଛି।

ସାଧାରଣତଃ ମୌସୁମୀ ଜୁନ ୧ ବେଳକୁ କେରଳମ ଛୁଇଁ ଥାଏ। ଏହାର ୭ରୁ ୧୦ ଦିନ ପରେ ଏହା ଓଡ଼ିଶାରେ ପ୍ରବେଶ କରିଥାଏ। ଯଦି ମେ' ୨୬ ବେଳକୁ ମୌସୁମୀ କେରଳ ଛୁଇଁବ, ତା'ହେଲେ ଜୁନ ୫ କିମ୍ବା ୬ ସୁଦ୍ଧା ଏହା ଓଡ଼ିଶା ଛୁଇଁବାର ମଧ୍ୟ ସମ୍ଭାବନା ରହିଛି। ୨୦୨୬ ବର୍ଷରେ ମୌସୁମୀ ଆଗୁଆ ଭାରତରେ ପ୍ରବେଶ କରିଥିଲେ ହେଁ ଏହାର ପ୍ରଭାବରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇପାରେ ବୋଲି ଆଇଏମ୍‌ଡି ଆକଳନ କରି ସାରିଛି। ଆଇଏମ୍‌ଡିର କହିବା କଥା ଯେ ଚଳିତ ବର୍ଷ ସମଗ୍ର ଦେଶରେ ଦୀର୍ଘ ଅବଧିରେ ହାରହାରି ୯୨% ଯାଏ ବର୍ଷା ହେବ। ଏହି ଆକଳନ ୫% ଅଧିକ କିମ୍ବା ୫% କମ ହୋଇପାରେ। ଜୁନରୁ ▶▶ ୬

# ଟପ୍ ଆଇଏସ୍ ଆତଙ୍କୀ ନିପାତ

**ନୂଆଦିଲ୍ଲୀ,୧୬।୫/ଏଜେନ୍ସି:**

## ଆମେରିକା ଓ ନାଇଜେରିଆ ସେନାର ମିଳିତ ଅପରେସନ

କୁଖ୍ୟାତ ଆତଙ୍କବାଦୀ ସଂଗଠନ ଇସଲାମିକ ଷ୍ଟେଟ(ଆଇଏସ୍) ଟପ ଆତଙ୍କୀ ଅବୁ ବିଲାଲ ଅଲ ମିନୁକି ନିପାତ ହୋଇଛି। ଆମେରିକା ଓ ନାଇଜେରିଆ ସେନାର ମିଳିତ ଅପରେସନରେ ଆଇଏସର ନମ୍ବର ୨ କମାଣ୍ଡରର ଖେଳ ଶେଷ ହୋଇଛି। ମିନୁକିକୁ ସ୍ୱତନ୍ତ୍ର ଅପରେସନରେ ନିପାତ କରାଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ସୂଚନା ଦେଇଛନ୍ତି। ଟ୍ରମ୍ପ ନିଜର ଟ୍ରୁଥ ସୋଶାଲରେ କହିଛନ୍ତି ଯେ ଅପରେସନ ସଂପୂର୍ଣ୍ଣ ଭାବେ ଯୋଜନାବଦ୍ଧ ରହିଥିଲା ଓ ନାଇଜେରିଆରେ ଏହା ଏକ ଜଟିଳ ମିଶନ ଥିଲା ବୋଲି ସେ କହିଛନ୍ତି। ଟ୍ରମ୍ପ କହିଛନ୍ତି, "ଆଜି ରାତିରେ ମୋ ନିର୍ଦ୍ଦେଶରେ ବୀର ଆମେରିକା ସେନା ଓ ନାଇଜେରିଆ ସଶସ୍ତ୍ର ବଳ ଦୁନିଆର ସବୁଠାରୁ ଅଧିକ ସକ୍ରିୟ ଆତଙ୍କବାଦୀକୁ ଯୁଦ୍ଧ ମୈଦାନରେ ବେଶ ▶▶ ୬

# ତରଭୁଜ ନେଲା ଜୀବନ

**ପଟ୍ଟାମୁଣ୍ଡାଇ,୧୬।୫/ଏନ୍ଏନ୍ଏସ୍:**


ଫାଇଲ୍ ଫଟୋ

## ପରିବାରର ଜଣେ ମୃତ, ୪ ଅସୁସ୍ଥ
## ଫୁଡ ପଏଜନ୍‌ରୁ ଅଘଟଣ: ସିଡିଏମ୍ଓ

ତରଭୁଜ ଖାଇ ଜଣେ ମୃତ, ୪ ଅସୁସ୍ଥ ଅଭିଯୋଗ। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଡିହାପଡା ପଞ୍ଚାୟତ କୁପୁଣି ଗାଁରେ ଏଭଳି ଘଟଣା ଘଟିଛି। ପରିବାରର ଜଣେ ୧୩ବର୍ଷର ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ ଜଣ ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି। ବିଷାକ୍ତ ତରଭୁଜ ହେତୁ ଏପରି ଘଟିଥିବା କୁହାଯାଉଛି। ତେବେ ବିଭିନ୍ନ ଅପମିଶ୍ରିତ ଖାଦ୍ୟ ଖାଇବା ପରେ ଫୁଡ ପଏଜନ୍‌ରୁ ଏପରି ହୋଇଥିବା ଡାକ୍ତରୀ ଟିମ୍ ତଦନ୍ତ କରି ଜାଣିବାକୁ ପାଇଛି ବୋଲି କେନ୍ଦ୍ରାପଡା ସିଡିଏମ୍ଓ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ଶୁକ୍ରବାର ଗାଁର ଅନନ୍ତ ସେନାପତିଙ୍କ ପରିବାର ମଧ୍ୟାହ୍ନଭୋଜନ ପରେ ତରଭୁଜ ଖାଇଥିଲେ। ଅନନ୍ତ ସେନାପତି (୬୫) ଓ ତାଙ୍କ ପୁତ୍ର ପଞ୍ଚାନନ ସେନାପତି (୫୦), ବୋହୂ ଚାରୁଲତା ସେନାପତି (୪୬), ସାନପୁଅ ବବ୍ରୁବାହନ ସେନାପତି (୪୫), ନାତି ସ୍ୱାଧୀନ (୧୩) ନାତୁଣୀ ସ୍ୱାଗତିକା (୧୫) ଆଦି ପରିବାର ଲୋକ ତରଭୁଜ ଖାଇଥିଲେ। କିଛି ସମୟ ପରେ ସେମାନେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ପରେ ସେମାନଙ୍କର ବାନ୍ତି ଓ ପତଳା ଝାଡ଼ା ହୋଇଥିଲା। ଅନନ୍ତ, ପୁତ୍ର ପଞ୍ଚାନନ ଓ ବବ୍ରୁବାହନ, ନାତୁଣୀ ସ୍ୱାଗତିକା ଓ ନାତି ସ୍ୱାଧୀନ ପ୍ରମୁଖ ୫ ଜଣ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଥିବା ଡାକ୍ତର ନାବାଳକ ସ୍ୱାଧୀନଙ୍କ ଅବସ୍ଥା ▶▶ ୬

**ତୈଳ ସଙ୍କଟ**

# ଧାଡ଼ି କମିଛି, ହେଲେ କମିନି ଟେନ୍‌ସନ୍

**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:**



## ଆଜି ସନ୍ଧ୍ୟା ସୁଦ୍ଧା ସ୍ଥିତିରେ ସୁଧାର ଆସିପାରେ

ଧାଡ଼ି କମିଛି, ହେଲେ ତେଲକୁ ନେଇ ଟେନ୍‌ସନ୍ କମିନି। ପେଟ୍ରୋଲ ପମ୍ପରେ ଆଜି ବି ସେଇ ଦୃଶ୍ୟ ଦେଖିବାକୁ ମିଳିଥିଲା। ତେଲ ସରିଯିବା ଭୟ, ଲମ୍ବା ଲାଇନ୍, ଅପେକ୍ଷା ଆଉ ଅସନ୍ତୋଷ। କେହି ଲାଇନ୍‌ରେ ରହି ଗାଡ଼ିରେ ତେଲ ପକାଇଥିଲେ ତ କେହି କେହି ଜାର୍‌ରେ ଭରି ଘରକୁ ନେଇଥିଲେ। ଡିପୋରେ ଲୋଡିଂ ବିଳମ୍ବ ଯୋଗୁଁ ଯୋଗାଣ ବାଧାପ୍ରାପ୍ତ ହେଉଛି। ଡିପୋରେ ତେଲ ପାଇଁ ଟ୍ୟାଙ୍କର ଲାଇନ୍ ଲଗାଉଥିବାରୁ ଗ୍ରାହକଙ୍କ ପାଖରେ ପର୍ଯ୍ୟାପ୍ତ ପେଟ୍ରୋଲ ଓ ଡିଜେଲ୍ ପହଞ୍ଚି ପାରୁନି। ତେବେ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସ୍ଥିତିରେ ସୁଧାର ଆସିପାରେ ବୋଲି ତୈଳ ବିତରଣ କମ୍ପାନୀ ▶▶ ୬

**ସିବିଏସ୍‌ଇର ବଡ଼ ନିଷ୍ପତ୍ତି**

# ନବମ ଓ ଦଶମ ଶ୍ରେଣୀରେ ୩ ଭାଷା ବାଧ୍ୟତାମୂଳକ

## ଅତିକମ୍‌ରେ ୨ଟି ଭାରତୀୟ ସ୍ଥାନୀୟ ଭାଷା ହେବା ଆବଶ୍ୟକ

**ନୂଆଦିଲ୍ଲୀ, ୧୬।୫/ଏଜେନ୍ସି:**



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ତିନୋଟି ଭାଷା ପଢ଼ିବା ବାଧ୍ୟତାମୂଳକ କରାଯାଇଛି। ତେବେ ପଢ଼ାଯିବାକୁ ଥିବା ଏହି ୩ଟି ଭାଷା ମଧ୍ୟରୁ ଅତିକମରେ ୨ଟି ଭାରତୀୟ ସ୍ଥାନୀୟ ଭାଷା ହେବା ଆବଶ୍ୟକ। ଜୁଲାଇ ୧, ୨୦୨୬ ରୁ ନୂତନ ନିୟମ ଲାଗୁ କରାଯିବ ବୋଲି ସିବିଏସ୍‌ଇ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି।

ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଏବଂ ସ୍କୁଲ ଶିକ୍ଷା ପାଇଁ ନ୍ୟାସନାଲ କରିକୁଲମ୍ ଫ୍ରେମୱାର୍କ (ଏନ୍‌ସିଏଫ୍-ଏସ୍‌ଇ)-୨୦୨୩ର ସୁପାରିଶକୁ ଆଧାର କରି ସିବିଏସଇ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଏପ୍ରକାର ଏକ ବଡ଼ ପରିବର୍ତ୍ତନ କରିଛି। ବୋର୍ଡ ଦ୍ୱାରା ପ୍ରକାଶିତ ▶▶ ୬

## ୭୧ତମ ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ଓଏମ୍‌ସିର କାର୍ଯ୍ୟ ପରିସର ଓଡ଼ିଶା ବାହାରକୁ ନିଅ

**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:**



## ଓଡ଼ିଶାର ଅର୍ଥନୈତିକ ବିକାଶର ପ୍ରମୁଖ ସ୍ତମ୍ଭ ଓଏମ୍‌ସି
## ଖଣି ଅଞ୍ଚଳରେ ଜୀବନଶୈଳୀରେ ଆଣିଛି ସକରାତ୍ମକ ପରିବର୍ତ୍ତନ

ବିଶ୍ୱ ବଜାରରେ ଏବେ ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍ ଭଳି କଞ୍ଚାମାଲ୍‌ର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଖଣି ନିଗମ ଏହି ବର୍ଦ୍ଧିତ ଚାହିଦାକୁ ନିରନ୍ତର ଭାବେ ପୂରଣ କରିବା ସହିତ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେଣୁ ଓଏମ୍‌ସିର କାର୍ଯ୍ୟ ପରିସର ଓଡ଼ିଶା ବାହାରକୁ ନେବାକୁ ପଡ଼ିବ। ଶନିବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଓଡ଼ିଶା ଖଣି ନିଗମ(ଓଏମସି)ର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୬୦ ଦଶକରେ ମାତ୍ର ୧ କୋଟି ଟଙ୍କାର ଆର୍ଥିକ କାରବାରରୁ ଯାତ୍ରା ଆରମ୍ଭ କରିଥିବା ଓଏମ୍‌ସି, ୨୦୨୫-୨୬ ଆର୍ଥିକ ବର୍ଷରେ ୨୫ ହଜାର କୋଟି ଟଙ୍କାର କାରବାର କରିଛି। ଏଥିସହିତ ୪୫ ନିୟୁତ ଟନ ଖଣିଜ ଉତ୍ତୋଳନ ଜରିଆରେ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରି ଦେଶର ଏକ ଅଗ୍ରଣୀ ଖଣି ସଂସ୍ଥା ଭାବେ ପ୍ରତିଷ୍ଠା ହାସଲ କରିଛି। ଏବେ ସମୟ ଆସିଛି, ଓଡ଼ିଶା ଖଣି ନିଗମ ତାର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରି, ଦେଶର ଅନ୍ୟାନ୍ୟ ରାଜ୍ୟରେ ଖଣି ଭିତ୍ତିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ। ଆହୁରି ମଧ୍ୟ ଓଡ଼ିଶା ଖଣି ନିଗମ ପାଖରେ ପ୍ରଚୁର କଞ୍ଚାମାଲ ଉପଲବ୍ଧ ଅଛି। ଖଣି ଭିତ୍ତିକ କାର୍ଯ୍ୟକଳାପ ସହିତ ଶିଳ୍ପାୟନ ପ୍ରତି ଦୃଷ୍ଟିଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଦୀର୍ଘ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଓଏମ୍‌ସି କେବଳ ଏକ ବ୍ୟବସାୟିକ ସଂସ୍ଥା ଭାବେ ନୁହେଁ, ବରଂ ଓଡ଼ିଶାର ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ନିଗମ ତାର ଲାଭାଂଶର ଏକ ସିଂହଭାଗ ରାଜ୍ୟ ସରକାରଙ୍କୁ ନିୟମିତ ଭାବେ ପ୍ରଦାନ କରିଆସୁଛି। ରାଜ୍ୟରେ ମୂଲ୍ୟବାନ୍ ଖଣିଜ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରି ଓଏମ୍‌ସି ଆଜି ରାଜ୍ୟ ଓ ଦେଶର ସମୃଦ୍ଧିରେ ଅତୁଳନୀୟ ଅବଦାନ ରଖୁଛି। କେନ୍ଦୁଝର ଜିଲ୍ଲାର ବାଙ୍ଗୁର କ୍ରୋମାଇଟ୍ ଖଣିରୁ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟ ଉତ୍ତୋଳନ କରିବାରେ ଓଏମ୍‌ସି ଏହାର ପାଇଲଟ୍ ପ୍ଲାଣ୍ଟର ସଫଳ ପରୀକ୍ଷଣ କରିଛି। ଏହାଦ୍ୱାରା ଓଡ଼ିଶାରେ କ୍ଲିନ୍ ଏନର୍ଜି, ଇଲେକ୍ଟ୍ରୋନିକ୍ସ ଓ ଆଧୁନିକ ମୋଟର ଗାଡି ନିର୍ମାଣ ପାଇଁ ମୌଳିକ ଧାତୁ ଯୋଗାଇ ଦେବାରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୩୬ ସମୃଦ୍ଧ ଓଡ଼ିଶା ପରିକଳ୍ପନାକୁ ସାକାର କରିବାରେ ଓଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପରିବେଶ ସୁରକ୍ଷା, ସୁରକ୍ଷିତ ଖଣି ପରିଚାଳନା ଏବଂ ଖଣି ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ଓଏମ୍‌ସି ନିରନ୍ତର ଉଦ୍ୟମ ଜାରି ରଖିଛି। ସିଏସଆର୍ ପଦକ୍ଷେପ ମାଧ୍ୟମରେ ଖଣି ଅଞ୍ଚଳଗୁଡ଼ିକରେ ଶିକ୍ଷା, ▶▶ ୬

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା

# ବଟାନୀ ପ୍ରଫେସରଙ୍କୁ ବାନ୍ଧିଲା ସିବିଆଇ

**ନୂଆଦିଲ୍ଲୀ,୧୬।୫/ଏଜେନ୍ସି:**



## ଗିରଫ ସଂଖ୍ୟା ୯କୁ ବୃଦ୍ଧି

ନିଟ୍-ୟୁଜି ବାୟୋଲୋଜି (ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନ) ପ୍ରଶ୍ନପତ୍ର ଲିକ୍ ମାମଲାରେ ପୁଣେର ଜଣେ ଉଦ୍ଭିଦ ବିଜ୍ଞାନ (ବଟାନୀ) ପ୍ରଫେସରଙ୍କୁ ଗିରଫ କରାଯାଇଛି ବୋଲି ଶନିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପ୍ରକାଶ କରିଛି। ଏହାକୁ ମିଶାଇ ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଗିରଫ ପ୍ରଫେସର ଜଣକ ହେଲେ ମହାରାଷ୍ଟ୍ର ପୁଣେର ମନୀଷା ଗୁରୁନାଥ ମାନ୍ଧାରେ। ଜେରା କରିବା ପରେ ସିବିଆଇ ତାଙ୍କୁ ଦିଲ୍ଲୀରୁ ଗିରଫ କରିଛି। ନ୍ୟାସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ଜଣେ ବିଶେଷଜ୍ଞ ଭାବେ ନିଯୁକ୍ତ ହେବା ପରେ ସେ ନିଟ-ୟୁଜି ପ୍ରକ୍ରିୟା ପାଇଁ କାମ କରୁଥିଲେ ବୋଲି ସିବିଆଇ କହିଛି। ନିଟ୍-ୟୁଜି ବାୟୋଲୋଜି (ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନ) ପ୍ରଶ୍ନପତ୍ର ଲିକ୍ ମାମଲାରେ ପ୍ରଫେସର ମନୀଷା ଗୁରୁନାଥ ମାନ୍ଧାର ମୁଖ୍ୟ କାର୍ପିଟଦାର ବୋଲି ସିବିଆଇ କହିଛି। ଗତ ଏପ୍ରିଲ ମାସରେ ସେ ପୂର୍ବରୁ ଗିରଫ ହୋଇଥିବା ପୁଣେର ଅନ୍ୟ ଜଣେ ଅଭିଯୁକ୍ତ ମନୀଷା ୱାଘମାରେଙ୍କ ଜରିଆରେ ନିଟ ପରୀକ୍ଷାର୍ଥୀମାନଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ନିଜ ଘରେ ସେହି ଛାତ୍ରଛାତ୍ରୀମାନଙ୍କୁ କୋଚିଂ ଦେଇଥିଲେ। ସେ ବଟାନୀଏବଂ ଜୁଲୋଜର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକୁ ପ୍ରକାଶ କରିଦେଇଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେଗୁଡ଼ିକୁ ସେମାନଙ୍କ ନୋଟବୁକରେ ଲେଖିବାକୁ କହିଥିଲେ। ଏହା ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକୁ ନେଇ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପାଠ୍ୟପୁସ୍ତକରେ ଚିହ୍ନ ଦେବାକୁ କହିଥିଲେ ବୋଲି ସିବିଆଇ ଅଭିଯୋଗ କରିଛି। ମେ' ୩ ତାରିଖରେ ଅନୁଷ୍ଠିତ ହୋଇଥିବା ପ୍ରକୃତ ନିଟ-ୟୁଜି ପ୍ରଶ୍ନପତ୍ର ସହ ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ ଅଧିକାଂଶ ମିଶିଯାଇଥିଲା ବୋଲି ତଦନ୍ତକାରୀ ସଂସ୍ଥା ପ୍ରକାଶ କରିଛି।

# ସାଇକେଲ୍‌ରେ ବୁଲି ସ୍ଥିତି ପରଖିଲେ ମେୟର୍



**କଟକ,୧୬।୫/ଏନ୍‌ଏନ୍‌ଏସ୍:** କଟକ ସହରରେ ପେଟ୍ରୋଲ ଓ ଡିଜେଲ ପାଇଁ ଫିଲିଂ ଷ୍ଟେସନରେ ଲମ୍ବା ଲାଇନ ଲାଗିଥିବା ବେଳେ ସାଧାରଣ ଜନତା ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ମେୟର୍ ସୁବାସ ସିଂହ ସାଇକେଲରେ ବାହାରି ସହରର କେତେକ ଫିଲିଂ ଷ୍ଟେସନ୍‌କୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଅବସରରେ ମେୟର୍

## ଫିଲିଂ ଷ୍ଟେସନ୍‌ରେ କମୁନି ଭିଡ଼

ସୁବାସ ସିଂହ ରାଜ୍ୟ ସରକାରଙ୍କ ଉପରେ କଡ଼ା ସମାଲୋଚନା କରି କହିଛନ୍ତି ଯେ ରାଜ୍ୟ ସରକାର ଭୁବନେଶ୍ୱରରେ ମନ୍ତ୍ରୀ, ସଚିବ ଏବଂ ପେଟ୍ରୋଲିୟମ କମ୍ପାନୀର ମାଲିକମାନଙ୍କ ସହ ବୈଠକ କରି ରାଜ୍ୟରେ ତେଲର କୌଣସି ଅଭାବ ନାହିଁ ବୋଲି ଘୋଷଣା କରୁଛନ୍ତି। କିନ୍ତୁ ହଜାର ହଜାର ଲୋକ ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଲାଇନରେ ଛିଡ଼ା ହୋଇ ଦୀର୍ଘ ସମୟ ଅପେକ୍ଷା କରୁଛନ୍ତି। ସରକାରଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏଥିସହିତ ସେ ଅନାବଶ୍ୟକ ଯାନ ବ୍ୟବହାର କମାଇବାକୁ ସହରବାସୀଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ତାଙ୍କ ସହିତ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ପୂର୍ବ କର୍ପୋରେଟର୍ ଚିରଞ୍ଜୟ ସାହୁ ଓ ଏକ୍ରାମ୍ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

# ପଣ୍ଡିତ ବିଜୟ କିଶୋର ସିଂହଙ୍କ ସ୍ମୃତିସଭା



**କଟକ,୧୬।୫/ଏନ୍‌ଏନ୍‌ଏସ୍:** ପଣ୍ଡିତ ବିଜୟ କିଶୋର ସିଂହ ସ୍ମୃତି ସଂସଦ ଆନୁକୂଲ୍ୟରେ ତାଙ୍କର ସ୍ମୃତି ସଭା ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କବି ସଚ୍ଚିଦାନନ୍ଦ କର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ସେବା ସଂଗଠନର ସାଧାରଣ ସମ୍ପାଦକ ତଥା ଯୁବନେତା ମାନସ ପରିଡ଼ା, ସମ୍ମାନିତ ଅତିଥି ଭାବେ କିଶୋର ନାୟକ, ବ୍ରଜବନ୍ଧୁ ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ଦାସ ଯୋଗଦେଇ ସ୍ୱର୍ଗତ ସିଂହଙ୍କ ଗୁଣକୀର୍ତ୍ତନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ସିଂହଙ୍କ ଭାଉଜ ରୁକ୍ମିଣୀ ସିଂହ, ଧର୍ମପତ୍ନୀ ସ୍ୱର୍ଣ୍ଣଲତା ସିଂହ ଓ ଝିଅ ସୁଚିସ୍ମିତା ସିଂହ(ପୂଜା) ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ସିଂହ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିରର ପ୍ରତିଷ୍ଠାତା ଥିବାରୁ ତାଙ୍କର ସ୍ମୃତି ସଭାରେ ପ୍ରତ୍ୟେକ ବର୍ଷ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ଭଲ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥାଏ। ଚଳିତ ବର୍ଷ ଦଶମ ଶ୍ରେଣୀରେ ଭଲ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଗୁରୁଜୀ ଆଦିତ୍ୟ ରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟା ନିରୁପମା ନାୟକ ଧନ୍ୟବାଦ୍ ଦେଇଥିଲେ।

# କାଠଯୋଡ଼ିରେ ବୁଡ଼ି ବାଳକର ମୃତ୍ୟୁ



**କଟକ,୧୬।୫/ଏନ୍‌ଏନ୍‌ଏସ୍:** ପୁରୀଘାଟ ଥାନା ଅନ୍ତର୍ଗତ କାଠଯୋଡ଼ି ଶନିମନ୍ଦିର ଘାଟ ନିକଟରେ ଆଜି ଅପରାହ୍ଣରେ ଗାଧୋଇବାକୁ ଯାଇ ଜଣେ ବାଳକର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସେକ୍ ସର୍ଫରାଜ (୧୩)। ତା'ର ଘର କେଶରପୁରରେ ବୋଲି ଜଣାପଡ଼ିଛି। ଆଜି ଅପରାହ୍ଣ ପ୍ରାୟ ସାଢ଼େ ତିନିଟା ବେଳେ ସେ ନଦୀରେ ଗାଧୋଇବାକୁ ଆସିଥିଲା। ସେଠାରେ ସୁଅ ଥିବାରୁ ସେ ବୁଡ଼ିଯାଇଥିଲା ବୋଲି ସ୍ଥାନୀୟ ଲୋକଙ୍କ ସୂତ୍ରରୁ ପ୍ରକାଶ। ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରିବା ପରେ ସର୍ଫରାଜର ମୃତଦେହ ଉଦ୍ଧାର କରିଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି।

# ରାଜସ୍ୱ ପ୍ରଶାସନରେ କାର୍ଯ୍ୟରତ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ କରିବାକୁ ସରକାରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୬।୫/ଏନ୍‌ଏନ୍‌ଏସ୍:** ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟରତ ମନ୍ତ୍ରାଳୟ କର୍ମଚାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ବଦଳି ଓ ଆବର୍ତ୍ତନ (ରୋଟେସନ୍) ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, ବିଭାଗରେ କାର୍ଯ୍ୟରତ ସେକ୍ସନ ଅଫିସର, ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଭେନ୍ୟୁ ସୁପରଭାଇଜର, ରେଭେନ୍ୟୁ ଇନ୍ସପେକ୍ଟର, ଆସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକ୍ଟର, ଅମିନ ପ୍ରମୁଖ କର୍ମଚାରୀ ଯେଉଁମାନେ ଗୋଟିଏ କାର୍ଯ୍ୟାଳୟରେ ତିନି ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅଛନ୍ତି, ସେମାନଙ୍କର ବଦଳି ଓ ଆବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟଗୁଡ଼ିକରେ ପ୍ରଶାସନିକ କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ଜିଲ୍ଲାରେ ବାକି ଥିବା ଏହି ବଦଳି ପ୍ରକ୍ରିୟାକୁ ରାଜ୍ୟ ସରକାର ଗୁରୁତର ସହ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଚଳିତ ବଦଳି ଋତୁ ମଧ୍ୟରେ ଅର୍ଥାତ୍ ଆସନ୍ତା ଜୁନ୍ ୧୫, ୨୦ ସୁଦ୍ଧା ସମ୍ପୂର୍ଣ୍ଣ ବଦଳି ଓ ଆବର୍ତ୍ତନ ପ୍ରକ୍ରିୟା ଶେଷ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ତିନି ବର୍ଷରୁ ଅଧିକ ସମୟ ଧରି ଗୋଟିଏ କାର୍ଯ୍ୟାଳୟ କିମ୍ବା ପ୍ରତିଷ୍ଠାନରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବଦଳି ସରକାରଙ୍କ ପ୍ରଚଳିତ ନୀତି ଓ ନିର୍ଦ୍ଦେଶାବଳୀ ଅନୁସାରେ ଅନୁପାଳନ କରାଯିବା ସୁନିଶ୍ଚିତ କରିବାକୁ କୁହାଯାଇଛି। ବଦଳି ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧୀୟ ସବିଶେଷ ବିବରଣୀ ତୁରନ୍ତ ବିଭାଗକୁ ପ୍ରେରଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ୧ରୁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

**କଟକ,୧୬।୫/ଏନ୍‌ଏନ୍‌ଏସ୍:** ନିଯୁକ୍ତି ବର୍ଷ ୨୦୨୬-୨୦୨୭ ପାଇଁ ଭାରତୀୟ ସେନାରେ ନିଯୁକ୍ତି ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)୧ ଜୁନ୍, ୨୦୨୬ ରୁ ୧୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଲକାତାର ନିଯୁକ୍ତି ଜୋନ୍‌ରେ ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ୧୭ଟି ସହରର ୨୬ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶା ପାଇଁ ଏହି ପରୀକ୍ଷା ସାତଟି ସହର କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର (ଗଞ୍ଜାମ) ରେ ଅନୁଷ୍ଠିତ ହେବ। ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ପଞ୍ଜିକରଣ ସମୟ ୧୦ ଏପ୍ରିଲ୍ ୨୦୨୬ ରେ ଶେଷ ହୋଇଯାଇଛି। ପ୍ରାର୍ଥୀମାନେ ୧୫ ମଇ ୨୦୨୬ଠାରୁ **www.joinindianarmy.nic.in** ରୁ ସେମାନଙ୍କର ପ୍ରବେଶ ପତ୍ର ଦେଖିପାରିବେ ଏବଂ ଡାଉନଲୋଡ୍ କରିପାରିବେ। ସଫଳତାର ସହ ପଞ୍ଜୀକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ପ୍ରବେଶ ପତ୍ର ପାଇ ନାହାଁନ୍ତି ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟ (ଏଆରଓ) ସହିତ ଯୋଗାଯୋଗ କରିପାରିବେ। କମ୍ପ୍ୟୁଟର୍ ଆଧାରିତ ଅନ୍‌ଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ **www.joinindianarmy.nic.in** ୱେବସାଇଟ୍ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)ପରେ ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଫଳାଫଳ ଏବଂ ନିଯୁକ୍ତି କାର୍ଯ୍ୟସୂଚୀ ବିଷୟରେ ସୂଚିତ କରାଯିବ। ପ୍ରାର୍ଥୀମାନଙ୍କୁ କୌଣସି ମଧ୍ୟସ୍ଥି (ଦଲାଲ) ଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ପ୍ରାର୍ଥୀମାନେ ସେମାନଙ୍କର ନିକଟତମ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ।

# ସପରିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



**ପୁରୀ,୧୬।୫/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ସପରିବାର ଶ୍ରୀମନ୍ଦିର ଗସ୍ତ କରି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ସେ ରତ୍ନସିଂହାସନରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତିଙ୍କ ଭବ୍ୟ ଦର୍ଶନ କରିବା ସହ ସାରା ବିଶ୍ୱର ସୁଖ ଓ ମଙ୍ଗଳ କାମନା କରିଥିଲେ। ପୁରୀରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ଏବଂ ସେ ଓ ତାଙ୍କ ପରିବାର ବର୍ଗଙ୍କୁ ଶ୍ରୀମନ୍ଦିରର ପାରମ୍ପରିକ ସମ୍ମାନ ସ୍ୱରୂପ ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ସେ ସିଂହଦ୍ୱାରଠାରେ ପବିତ୍ର ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମହାଯଜ୍ଞରେ ସାମିଲ ହୋଇଥିଲେ। ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ପବିତ୍ର ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରିବାର ସୌଭାଗ୍ୟ ମିଳିଲା। ବିଶ୍ୱ ଏବେ ଏକ ଜଟିଳ ପରିସ୍ଥିତି ଦେଇ ଗତି କରୁଥିବାରୁ ଜଗତର କଲ୍ୟାଣ ତଥା ଶାନ୍ତି ପାଇଁ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏଥିସହ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକୁ ସମସ୍ତେ ପାଳନ କରିବା ସହ ଇନ୍ଧନ ବ୍ୟବହାର ହ୍ରାସ କରିବା, ବିଦେଶ ଭ୍ରମଣରୁ ନିବୃତ୍ତ ରହିବା, ସୁନା କ୍ରୟ ନ କରିବା ଏବଂ ଘରେ ରହି କାର୍ଯ୍ୟ କରିବା (ୱାର୍କ ଫ୍ରମ ହୋମ) ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଦ୍ୱାରା ଏହି ସଙ୍କଟ ସମୟରେ ଦେଶର ବିକାଶ ସମ୍ଭବ ହୋଇପାରିବ। ସୂଚନାଯୋଗ୍ୟ ଯେ, ଚଳିତ ପଶ୍ଚିମବଙ୍ଗ ନିର୍ବାଚନରେ ପ୍ରଭାରୀ ଦାୟିତ୍ୱ ତୁଲାଇଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସେଠାରେ ଭାରତୀୟ ଜନତା ପାର୍ଟିର ବିପୁଳ ସଫଳତା ଓ ସରକାର ଗଠନ ପରେ ପ୍ରଥମ ଥର ପାଇଁ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଶରଣାପନ୍ନ ହୋଇଛନ୍ତି। ଅପରପକ୍ଷରେ, ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ନିଟ୍ ପ୍ରଶ୍ନପତ୍ର ପ୍ରକାଶ ପାଇବା ବିବାଦକୁ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏବେ ଚର୍ଚ୍ଚାର ପରିସରରେ ରହିଛନ୍ତି।

# ଜଗତପୁର ଶିଳ୍ପାଞ୍ଚଳରେ ଡମ୍ପିଂୟାର୍ଡ ସ୍ଥାପନ ଦାବି

**କଟକ,୧୬।୫/ଏନ୍‌ଏନ୍‌ଏସ୍:** ଜଗତପୁର ଶିଳ୍ପାଞ୍ଚଳରେ ଶତାଧିକ ଶିଳ୍ପ କାରଖାନା ରହିଥିବାବେଳେ ଗୋଟିଏ ହେଲେ ଡମ୍ପିଂୟାର୍ଡ ନାହିଁ। ଫଳରେ ଶିଳ୍ପାଞ୍ଚଳରୁ ବାହାରୁଥିବା ଆବର୍ଜନାଗୁଡ଼ିକୁ ମହାନଦୀରେ ଫିଙ୍ଗାଯାଉଛି। ଏହା ଦ୍ୱାରା ମହାନଦୀ ପାଣି ଦୂଷିତ ହେଉଛି। ରାସାୟନିକ ମିଶ୍ରିତ ପାଣି ବ୍ୟବହାର କରି କୂଳବର୍ତ୍ତୀ ଲୋକ ନାନାଦି ରୋଗରେ ପୀଡ଼ିତ ହେଉଛନ୍ତି। ଶିଳ୍ପାଞ୍ଚଳରେ ଡମ୍ପିଂୟାର୍ଡ ନିର୍ମାଣ ପାଇଁ ବହୁବାର ଦାବି ସତ୍ତ୍ୱେ ଇଡ୍‌କୋ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବାରୁ ଏଭଳି ସମସ୍ୟା ଉପୁଜୁଛି। ଡମ୍ପିଂୟାର୍ଡ ନଥିବାରୁ ଶିଳ୍ପସଂସ୍ଥାଗୁଡ଼ିକରୁ ବାହାରୁଥିବା ଆବର୍ଜନାଗୁଡ଼ିକୁ ରାସ୍ତାଘାଟ ଓ ନଦୀ ଗର୍ଭକୁ ଫିଙ୍ଗି ଦିଆଯାଉଛି। ଏଠାରେ ଶତାଧିକ ଶିଳ୍ପସଂସ୍ଥା ଗଢ଼ି ଉଠିଥିବାବେଳେ ଆବର୍ଜନା ପରିଚାଳନା ପାଇଁ ବ୍ୟବସ୍ଥା ନହେବା ପରିତାପର ବିଷୟ। ଏ ଦିଗରେ ଇଡ୍‌କୋ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ସେହିପରି କାରଖାନା କର୍ତ୍ତୃପକ୍ଷ ମଧ୍ୟ ବ୍ୟକ୍ତିଗତଭାବେ ବର୍ଜ୍ୟ ପରିଚାଳନା ଦିଗରେ ପଦକ୍ଷେପ ନ ନେଇ କାରଖାନାରୁ ନିର୍ଗତ ସମସ୍ତ ବର୍ଜ୍ୟ ରାସ୍ତାଘାଟ ଓ ମହାନଦୀରେ ଫିଙ୍ଗି ପ୍ରଦୂଷଣ ବଢ଼ାଉଛନ୍ତି। ବାହାରେ ବର୍ଜ୍ୟ ଫିଙ୍ଗୁଥିବା ଶିଳ୍ପସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ଡମ୍ପିଂୟାର୍ଡ ସ୍ଥାପନ ପାଇଁ ମଧ୍ୟ ଦାବି ହୋଇଛି।

# ଶିଶୁ ଭବନ ଜଳବନ୍ଦୀ ସ୍ଥାୟୀ ସମାଧାନ ଖୁବ୍‌ଶୀଘ୍ର

**କଟକ,୧୬।୫/ଏନ୍‌ଏନ୍‌ଏସ୍:** ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ଅନୁଷ୍ଠାନ (ଶିଶୁଭବନ) ପରିସରରେ ଥିବା ଖୋଲା ପୋଖରୀର ସୌନ୍ଦର୍ଯ୍ୟକରଣ ଏବଂ ହସ୍ପିଟାଲ୍ ପରିସରରେ ଜଳବନ୍ଦୀ ସମସ୍ୟାର ସମାଧାନ ଖୁବ୍ ଶୀଘ୍ର ହେବାକୁ ଯାଉଛି। ଏଥିପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକ ରାସ୍ତା ଓ ପୂର୍ତ୍ତ ବିଭାଗର ସୁପରିଟେଣ୍ଡିଂ ଇଞ୍ଜିନିୟର ଏବଂ ୱାଟ୍‌କୋ ଜେନେରାଲ ମ୍ୟାନେଜର ଶିଶୁ ଭବନ ପରିଦର୍ଶନ କରି ଏକ ମିଳିତ ସତ୍ୟପାଠ ଅଦାଲତରେ ଦାଖଲ କରିଛନ୍ତି। ନିକଟରେ କଟକ ସହର ସମସ୍ୟା ମାମଲାର ଶୁଣାଣି ବେଳେ ଏହି ସତ୍ୟପାଠ ଦାଖଲ କରାଯାଇଥିଲା। ମିଳିତ ପରିଦର୍ଶନରୁ ଜଣାପଡ଼ିଛି ଯେ ଶିଶୁଭବନ ପୋଖରୀକୁ ବର୍ତ୍ତମାନ କୌଣସି ପ୍ରକାରର ମଇଳା ବା ସ୍ୱରେଜ ପାଣି ପ୍ରବେଶ କରୁନାହିଁ। ସେଠାରେ ୱାଟ୍‌କୋ ଦ୍ୱାରା ୨୭୫ କେଏଲଡି କ୍ଷମତା ବିଶିଷ୍ଟ ଏକ ଏସଟିପି ପ୍ଲାଣ୍ଟ୍ କାର୍ଯ୍ୟକ୍ଷମ ରହିଛି। ତେବେ ପ୍ରବଳ ବର୍ଷା ସମୟରେ ପୋଖରୀ ଚାରି ପାଖରେ ଥିବା ୪ ଇଞ୍ଚିଆ ପାଇପ୍ ଦ୍ୱାରା ବର୍ଷା ପାଣି ପୋଖରୀ ଭିତରକୁ ପ୍ରବେଶ କରିଥାଏ। ଏହି ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଛି। ବର୍ଷା ହେଲେ ପୋଖରୀର ଅତିରିକ୍ତ ପାଣିକୁ ପମ୍ପ ଷ୍ଟେସନ ଜରିଆରେ ନିକଟସ୍ଥ ସମ୍ପକୁ ନିଷ୍କାସନ କରାଯିବ। ଫଳରେ ଶିଶୁଭବନ ପରିସରରେ ଆଉ ଜଳବନ୍ଦୀ ସମସ୍ୟା ଉପୁଜିବ ନାହିଁ। ଏହି କାର୍ଯ୍ୟ ପାଇଁ କଟକ ମହାନଗର ନିଗମର ସିଟି ଇଞ୍ଜିନିୟରଙ୍କୁ ଦାୟିତ୍ୱ ଦିଆଯାଇଛି। ସିଏମ୍‌ସି ଏଥିପାଇଁ ଆବଶ୍ୟକ ବ୍ୟୟବରାଦ ପ୍ରସ୍ତୁତ କରି ଶିଶୁଭବନ ଅଧୀକ୍ଷକଙ୍କୁ ହସ୍ତାନ୍ତର କରିବେ।

# ଏଲ୍‌ଆଇସି ଅଫିସ୍‌ରେ ଭୟାବହ ଅଗ୍ନିକାଣ୍ଡ

**କଟକ,୧୬।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମାଛୁଆ ବଜାରସ୍ଥିତ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) କାର୍ଯ୍ୟାଳୟରେ ଗତକାଲି ବିଳମ୍ବିତ ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ରାତ୍ରି ପ୍ରାୟ ୧୨ଟା ୧୫ରେ ଅଫିସର ତଳ ମହଲାରେ ଏହି ନିଆଁ ଲାଗିଥିଲା। ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲେ। ଫଳରେ ନିଆଁ ଉପର ମହଲାରେ ଥିବା ଅନ୍ୟାନ୍ୟ ଅଂଶକୁ ବ୍ୟାପିବା ପୂର୍ବରୁ ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିଛି। ମିଳିଥିବା ସୂଚନା ଅନୁଯାୟୀ, ଅଫିସର ସିଲିଂ ଫ୍ୟାନ୍‌ଟି ଦୀର୍ଘ ସମୟ ଧରି ଚାଲିବା କାରଣରୁ ଅତ୍ୟଧିକ ଗରମ ହୋଇ ପୋଡ଼ି ଯାଇଥିଲା। ପରେ ସେହି ଜଳନ୍ତା ଫ୍ୟାନ୍‌ରୁ ନିଆଁର ସ୍ଫୁଲିଙ୍ଗ ତଳେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଉପରେ ପଡ଼ିବାରୁ ସମଗ୍ର ଅଫିସକୁ ନିଆଁ ବ୍ୟାପି ଯାଇଥିଲା। ଏହି ଅଗ୍ନିକାଣ୍ଡ ଯୋଗୁଁ କାର୍ଯ୍ୟାଳୟର ତଳ ମହଲାରେ ରଖାଯାଇଥିବା ଅନେକ ନଥିପତ୍ର, ରେକର୍ଡ ସମେତ କେତେକ କମ୍ପ୍ୟୁଟର ଏବଂ ଆସବାବପତ୍ର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଠିକ୍ ସମୟରେ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିବାରୁ ଏକ ବଡ଼ ବିପତ୍ତିକୁ ଏଡ଼ାଇ ଦିଆଯାଇପାରିଛି।

# ନର୍ଦ୍ଦମା ପାଣି ଘେରରେ ମାନସିକ ରୋଗ ପ୍ରତିଷ୍ଠାନ



**କଟକ,୧୬।୫/ଏନ୍‌ଏନ୍‌ଏସ୍:** ଏସସିବି ମେଡିକାଲ୍ ପରିସରରେ ଥିବା ମାନସିକ ରୋଗ ପ୍ରତିଷ୍ଠାନକୁ ନର୍ଦ୍ଦମା ଜଳ ଘେରି ରହିଛି। ରୋଗୀମାନେ ନର୍ଦ୍ଦମା ଜଳ ଦେଇ ମେଡିକାଲ୍‌କୁ ଯାଉଛନ୍ତି। ଦୀର୍ଘଦିନ ହେବ ଏପରି ଅବସ୍ଥା ଲାଗି ରହିଥିବା ବେଳେ ସମସ୍ୟାର ସମାଧାନ କରାଯାଉନାହିଁ। ଏବେ ପ୍ରଚଣ୍ଡ ରୌଦ୍ରତାପ ସମୟରେ ନର୍ଦ୍ଦମା ଜଳ ଲହଡ଼ି ମାରୁଥିବା ବେଳେ ବର୍ଷା ଋତୁରେ ସ୍ଥିତି କିପରି ହେବ ତାହା ଜଳଜଳ ଦେଖାଗଲାଣି। ମେଡିକାଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେବା ସହ ସମସ୍ୟାର ତ୍ୱରିତ ସମାଧାନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ପେଟ୍ରୋଲ୍, ଡିଜେଲ୍ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




**କଟକ,୧୬।୫/ଏନ୍‌ଏନ୍‌ଏସ୍:** ଅନ୍ତର୍ଜାତୀୟ ତୈଳ ସଙ୍କଟ ଆଳରେ ଗତ ୩ ଦିନଧରି କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ସମଗ୍ର ଦେଶରେ ତେଲ ଟାଙ୍କିରେ ପରିକଳ୍ପିତ ଭାବରେ ଅଚଳାବସ୍ଥା ସୃଷ୍ଟି କରିବା ପରେ ଗତକାଲି ପେଟ୍ରୋଲ, ଡିଜେଲ ଓ ସିଏନଜି ଦରବୃଦ୍ଧି କରିଛନ୍ତି। ଏହା ପୂର୍ବରୁ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଆଳରେ କେନ୍ଦ୍ର ସରକାର ଘରୋଇ ଓ ବ୍ୟବସାୟିକ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି କରିଥିଲେ। ପେଟ୍ରୋଲ, ଡିଜେଲ୍ ଓ ସିଏନ୍‌ଜି ଦରବୃଦ୍ଧି ଫଳରେ ବସ୍ ଭଡ଼ା, ଅଟୋ ଭଡ଼ା ସମେତ ସମସ୍ତ ଚାଉଳ, ଡାଲି, ତେଲ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ଘଟିଛି। ଗୋଟିଏ ଦିଗରେ ସାଧାରଣ ଲୋକଙ୍କର ଚାକିରି ଯାଉଛି, ଆୟ ହ୍ରାସ ପାଉଛି, ବେକାରୀ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ଅନ୍ୟ ଦିଗରେ ବ୍ୟାପକ ଦରବୃଦ୍ଧି ସାଧାରଣ ଲୋକଙ୍କ ପାଇଁ ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଏହିଭଳି ପରିସ୍ଥିତିରେ ତୁରନ୍ତ ପେଟ୍ରୋଲ ପମ୍ପ୍‌ଗୁଡ଼ିକରେ ପରିସ୍ଥିତି ସ୍ୱାଭାବିକ କରିବା, ବର୍ଦ୍ଧିତ ପେଟ୍ରୋଲ, ଡିଜେଲ, ସିଏନ୍‌ଜି ଓ ରନ୍ଧନ ଗ୍ୟାସ୍ ଦର ହ୍ରାସ ଦାବିରେ ଆଜି ଏସୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ,ବସନ୍ତ ନାୟକ, ଭାଗ୍ୟରବି ଦାସ, ଦୀପକ ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର, ସୌଭାଗ୍ୟ ସାମଲ, ଅକ୍ଷୟ ରାଉଳ, ଶୁଭସ୍ମିତା ସାହୁ, ଆଇନଜୀବୀ ପ୍ରତାପ ମିଶ୍ର, ସିପ୍ରା ମହାନ୍ତି, ସ୍ୱାଧିନୀ ବେହେରା, ଜୋସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ରାମଲୀଳା ସମିତି ପକ୍ଷରୁ 'ସୂର୍ପଣଖା ଭେଟ ଓ ସୀତା ଚୋରି' ପରିବେଷଣ



**କଟକ,୧୬।୫/ଏନ୍‌ଏନ୍‌ଏସ୍:** ଆଜି ଚାନ୍ଦିନୀଚୌକ ରାମଲୀଳା ସମିତି ପକ୍ଷରୁ ସ୍ୱର୍ଗତ ପ୍ରହ୍ଲାଦ ପ୍ରଧାନଙ୍କ ରଚିତ 'ସୂର୍ପଣଖା ଭେଟ ଓ ସୀତା ଚୋରି' ରାମ ଲୀଳା ସ୍ଥାନୀୟ ମେଲଣ ପଡ଼ିଆଠାରେ ପରିବେଷଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ମହନ୍ତ ଗିରିଜାଶଙ୍କର ରାଓ ଓ ମୁଖ୍ୟଅତିଥି ଭାବେ କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ, ସମ୍ମାନିତ ଅତିଥି ଭାବେ କର୍ପୋରେଟର ଆରତି ସାହୁ, ସତ୍ୟରଞ୍ଜନ ତ୍ରିପାଠୀ, ପୂର୍ବତନ ବିଜେପି ସଭାପତି ଲଲାଟେନ୍ଦୁ ବସ୍ତୁ, କେନ୍ଦ୍ରୀୟ ରାମଲୀଳା ସମିତି ସଭାପତି କାଶୀନାଥ ମଲ୍ଲିକ ଓ ସମ୍ପାଦକ ଦିଲ୍ଲୀପ ସ୍ୱାଇଁ, ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ସଭାପତି ରମେଶ ବେହେରା ଓ ସମ୍ପାଦକ ସୁଶାନ୍ତ ପାଣି, ପୂର୍ବତନ କର୍ପୋରେଟର ବିଜୟ ଦଳେଇ, ନାରୀନେତ୍ରୀ ରିତାମହାପାତ୍ର, ସ୍ଥାନୀୟ ମୁରବୀ ପ୍ରଦୀପ ସିଂହ, ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ଅଧିକାରୀ ଦିଲ୍ଲୀପ ଦଳେଇ, ବଜାର କମିଟି ସମ୍ପାଦକ ଶିବ ପରିଡ଼ା ପ୍ରମୁଖଙ୍କୁ ରାମଲୀଳା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଲୀଳା ସମିତିର ସଭାପତି ଅକ୍ଷୟ ସିଂହ, ସମ୍ପାଦକ ସୁକାନ୍ତ ଦାସ, ସହ-ସମ୍ପାଦକ ପ୍ରଦ୍ୟୁମ୍ନ ରାଓ ଓ ବାମାଶଙ୍କର ରାଓ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୁବ କଳାକାରମାନେ ଅତି ଉଚ୍ଚକୋଟୀର ରାମଲୀଳା ପରିବେଷଣ କରିଥିଲେ।

ମାମୁଁ ଘରେ ଭଣଜାର ବିଭତ୍ସ କାଣ୍ଡ

# ମାଇଁଙ୍କ ଭଉଣୀଙ୍କୁ ହାଣି ନିର୍ମମ ହତ୍ୟା





**ଅସ୍ତରଙ୍ଗ,୧୬।୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଶଙ୍କରେଶ୍ୱର ଗ୍ରାମରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ମାମୁଁ ଘରକୁ ଆସି ମାଇଁଙ୍କ ଭଉଣୀଙ୍କୁ ଅତି ନିର୍ମମ ଭାବେ ହାଣି ହତ୍ୟା କରିଛି ଭଣଜା । ମୃତ ଯୁବତୀ ଜଣକ ହେଲେ ମିଲିପ୍ରୀୟା ବେହେରା । ସେ ଦୀର୍ଘ ବର୍ଷ ଧରି ତାଙ୍କ ଭଉଣୀଙ୍କ ଘରେ ରହି ଆସୁଥିଲେ । ଅଭିଯୁକ୍ତ ଭଣଜ ଜଣକ ହେଲେ ଅସ୍ତରଙ୍ଗ ଥାନା ବେଗୁନିଆବସ୍ତ ଗାଁର ସ୍ମୃତି ରଞ୍ଜନ ସ୍ୱାଇଁ । ପ୍ରକାଶ ଯେ ସ୍ମୃତି ରଞ୍ଜନ ମାମୁଁ ଘରେ ରହି ମାମୁଁଙ୍କ କଲ୍ୟାଣ ମଣ୍ଡପ କାର୍ଯ୍ୟରେ ମାମୁଁଙ୍କୁ ସହଯୋଗ କରିଆସୁଥିଲେ । ମାମୁଁ ଅଲେଖ ମଲ୍ଲିକ(ଅଲୁ )ଙ୍କ ସହିତ କୌଣସି କାରଣରୁ ମନାନ୍ତର ହେବାରୁ ସେ ଭଣଜା ସ୍ମୃତିରଞ୍ଜନଙ୍କୁ କାର୍ଯ୍ୟରୁ ନିବୃତ କରିବା ସହିତ ତାଙ୍କ ଘରକୁ ଆସିବାକୁ ବାରଣ କରିଥିଲେ । ତେବେ ଏହି ଘଟଣାକୁ ନେଇ ଭଣଜା ସ୍ମୃତିରଞ୍ଜନ ରାଗରେ ଜଳୁଥିବା ବେଳେ ଗତକାଲି ବିଳମ୍ବିତ ପ୍ରହରରେ ଦୁଇ ଜଣ ସହଯୋଗୀଙ୍କୁ ନେଇ ମାଇଁଙ୍କ ଭଉଣୀ ଶୋଇଥିବା ଘରର କବାଟ ବାଡେଇ ଭିତରେ ପଶିଥିଲେ । କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ସ୍ମୃତିରଞ୍ଜନ ଉତ୍କ୍ଷିପ୍ତ ହୋଇ ସାଙ୍ଗରେ ଆଣିଥିବା ଏକ ଫଳକଟା ଛୁରୀରେ ମିଲି ପ୍ରୀୟାଙ୍କୁ ବାରମ୍ୱାର ଭୁଷି ଚାଲିଥିଲେ । ଯାହାଫଳରେ ଘଟଣା ସ୍ଥଳରେ ମିଲିଙ୍କ ମୃତ୍ୟୁ ହୋଇଥିଲା । ଏଭଳି ଜଘନ୍ୟ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଜଣକ ଫେରାର ହେବାକୁ ଚେଷ୍ଟା କରୁଥିଲା । ତେବେ ନିଶାଶକ୍ତ ଅବସ୍ଥାରେ ଥିବାରୁ ଫେରାର ହୋଇନପାରି ନିକଟସ୍ଥ ଏକ ପରିତ୍ୟକ୍ତ ବିଲରେ ପଡ଼ିଯାଇଥିଲା । ଯାହା ଫଳରେ ଅଭିଯୁକ୍ତ ସ୍ମୃତିରଞ୍ଜନକୁ ନିଶାସକ୍ତ ଅବସ୍ଥାରେ ଉଦ୍ଧାର କରିବା ସହ ଗିରଫ କରିଛି କାକଟପୁର ପୁଲିସ । ହତ୍ୟାକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ଘଟଣା ସ୍ଥଳରେ ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ଏବଂ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ସଦଳବଳେ ପହଞ୍ଚି ତଦନ୍ତ କରୁଥିବାବେଳେ ପୁରୀ ସାଇଣ୍ଟିଫିକ ଟିମ ଦ୍ୱାରା ଅଧିକ ଛାନଭିନ କରାଯାଇ ହତ୍ୟାକାଣ୍ଡର ପ୍ରକୃତ କାରଣ ଖୋଜା ଯାଉଛି । ଅନ୍ୟପକ୍ଷରେ କାକଟପୁର ପୁଲିସ ପକ୍ଷରୁ ଶବ ଜବତ କରି ନିକଟସ୍ଥ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଅଭିଯୁକ୍ତକୁ ଅଧିକ ପଚରାଉଚରା କରାଯାଉଥିବାବେଳେ ଖୁବ୍‌ଶୀଘ୍ର ହତ୍ୟାକାଣ୍ଡ ପଛର ଅସଲ ରହସ୍ୟ ପଦାକୁ ଆସିବ ବୋଲି କାକଟପୁର ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଥାଉକି ଯେଉଁ ଘରେ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଥିଲା ସେହି ଘରେ ରହୁଥିବା ମାମୁଁ ମାଇଁ କିଭଳି ଘଟଣା ସମ୍ପର୍କରେ ଜାଣି ପାରିଲେ ନାହିଁ ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି ।

**ଅଭିଯୁକ୍ତକୁ ବାନ୍ଧିଲା ପୁଲିସ**

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଖର୍ଚ୍ଚକାଟ ପରାମର୍ଶବଳୀ

# ‘ରାଇଡ୍ ସେୟାରିଂ’ କରିବାକୁ ପରାମର୍ଶ

**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:** ବର୍ତ୍ତମାନର ବିଶ୍ୱ ଆର୍ଥିକ ଅନିଶ୍ଚିତତା ଏବଂ ପ୍ରଚଳିତ ଆନ୍ତର୍ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସରକାରୀ ଯାନବାହାନର ସଚେତନ ଏବଂ ସଂଯମୀ ବ୍ୟବହାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଆଦେଶ ଜାରି କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଅନୁସରଣ କରି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଳ, ବିଶେଷକରି ଇନ୍ଧନ ଏବଂ ଶକ୍ତିର ସୁଚିନ୍ତିତ ଓ ପୋଷଣୀୟ ପରିଚାଳନା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ କାଟ୍ କରିବା ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା କୁହାଯାଇଛି ଯେ ସରକାରୀ ଗାଡ଼ିର ସହଭାଗୀ ବ୍ୟବହାର ବିଭାଗର ଯେଉଁ ଅଧିକାରୀମାନେ ସରକାରୀ କାର୍ଯ୍ୟ ପାଇଁ ଯାନବାହାନ ବ୍ୟବହାର କରୁଛନ୍ତି, ସେମାନଙ୍କୁ ବିଶେଷ କରି ବିଭିନ୍ନ ବୈଠକ, ସରକାରୀ ପରିଦର୍ଶନ, ଯାଞ୍ଚ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମୟରେ “ଭେହିକିଲ ପୁଲିଂ” ବା “ରାଇଡ୍ ସେୟାରିଂ” କରିବାକୁ ପରାମର୍ଶ ଓ ଉତ୍ସାହିତ କରାଯାଇଛି । ଏହାଦ୍ୱାରା ଅନାବଶ୍ୟକ ଇନ୍ଧନ ବ୍ୟୟ ହ୍ରାସ ପାଇବା ସହ ଜାତୀୟ ଶକ୍ତି ସଂରକ୍ଷଣରେ ବଡ଼ ସହାୟତା ମିଳିବ । ଏହି ପୁଲିଂ ବ୍ୟବସ୍ଥାର ସମନ୍ୱୟ ଦାୟିତ୍ୱ ବୈଠକ କିମ୍ବା କାର୍ଯ୍ୟକ୍ରମରେ ଯୋଗଦେଉଥିବା ବରିଷ୍ଠ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ ।



କାର୍ଯ୍ୟାଳୟ ସମୟ ମଧ୍ୟରେ ମଧ୍ୟାହ୍ନ ଭୋଜନ କିମ୍ବା କୌଣସି ଅଣ-ଅତ୍ୟାବଶ୍ୟକ ତଥା ପରିହାରଯୋଗ୍ୟ କ୍ଷୁଦ୍ର-ଦୂରତା ବ୍ୟକ୍ତିଗତ ସୁବିଧା ପାଇଁ ସରକାରୀ ଯାନବାହାନ ବ୍ୟବହାର ନ କରିବାକୁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି । ଅଳ୍ପ ଦୂରତା ସମୟରେ ଅଧିକାରୀମାନଙ୍କୁ ପଦଯାତ୍ରା ସହଭାଗୀ ପରିବହନ କିମ୍ବା ଅନ୍ୟାନ୍ୟ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ଉତ୍ସାହିତ କରାଯାଉଛି ।

ଏହି ଆଦେଶ କେବଳ ସଚିବାଳୟ ମଧ୍ୟରେ ସୀମିତ ନୁହେଁ । ବିଭାଗ ଅଧୀନରେ ଥିବା ସମସ୍ତ ସଂସ୍ଥା ଯେପରିକି ଇ.ଆଇ.ସି. (ପି.ଏଚ୍.), ନିର୍ଦ୍ଦେଶକ (ପୌର ପ୍ରଶାସନ), ଡି.ଟି.ପି, ଭାଲ୍ୟୁଏସନ ଅର୍ଗାନାଇଜେସନ, ସମସ୍ତ ପୌରସଂସ୍ଥା ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ , ସୁଡା , ଓ.ଡବ୍ଲ୍ୟୁ.ଏସ୍.ଏସ୍.ବି. , ୟୁ.ଆଇ.ଡି.ଏଫ୍., ଓ.ଏସ୍.ଏଚ୍.ବି., କଟକ ସହରୀ ପରିବହନ ସଂସ୍ଥା, ବି.ଏମ୍.ଆର.ସି.ଏଲ୍., ୱାଟ୍‌କୋ ଓ.ୟୁ.ଏଚ୍.ଏମ୍, ଓ.ୟୁ.ଏ., ଓରିଏଟ ଏବଂ ଓରେରାକୁ ମଧ୍ୟ ଏହି ପରାମର୍ଶ ପୂର୍ଣ୍ଣ ନିଷ୍ଠାର ସହ ଅନୁପାଳନ କରିବାକୁ କୁହାଯାଇଛି । ଏହି ସମସ୍ତ ସଂସ୍ଥା ନିଜ ନିଜ କାର୍ଯ୍ୟାଳୟରେ ଇନ୍ଧନ ସଂରକ୍ଷଣ ଓ ସମ୍ବଳର ମିତବ୍ୟୟୀ ତଥା ସର୍ବୋତ୍ତମ ବ୍ୟବହାର ପାଇଁ ସମାନ ପଦକ୍ଷେପ ଗ୍ରହଣ କରିବେ । ଏହି ସାମୂହିକ ଓ ସଚେତନ ପ୍ରୟାସ ମାଧ୍ୟମରେ ଉଚ୍ଚ ପ୍ରଶାସନିକ ଶୃଙ୍ଖଳା ପ୍ରଦର୍ଶନ କରିବା ସହ ବର୍ତ୍ତମାନର ବିଶ୍ୱ ଆର୍ଥିକ ଓ ଶକ୍ତି-ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକର ସଫଳ ମୁକାବିଲାରେ ରାଷ୍ଟ୍ରକୁ ସହାୟତା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି ।

# ପୋଷ୍ଟିଂ ଅର୍ଡର ବିଳମ୍ବ ହେଲେ ଆଦାୟ ହେବ ବେତନ

**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:** ରାଜ୍ୟ ସରକାରୀ କର୍ମଚାରୀଙ୍କ ପୋଷ୍ଟିଂ ଅର୍ଡର ଜାରିରେ ଅସ୍ୱାଭାବିକ ବିଳମ୍ବ ଓ ତାହାର ପରିଣାମରୂପେ ଯୋଗଦାନ ସମୟ ବୃଦ୍ଧି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଓଡ଼ିଶା ସରକାର । ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି । ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ ସହ ସେହି ସମୟରେ କର୍ମଚାରୀଙ୍କୁ ଦିଆଯାଇଥିବା ‘ନିଷ୍କ୍ରିୟ ବେତନ’ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଆଦାୟ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ତରଫରୁ ଏନେଇ ଜାରୀ ହୋଇଛି ସର୍କୁଲାର ।

ସରକାରୀ ନିୟମ ଅନୁଯାୟୀ, ନୂତନ ସ୍ଥାନରେ ଯୋଗଦାନ ପାଇଁ ସର୍ବାଧିକ ୧୨୦ ଦିନ ପର୍ଯ୍ୟନ୍ତ ସମୟ ବୃଦ୍ଧିକୁ ପ୍ରଶାସନିକ ବିଭାଗମାନେ ଅନୁମୋଦନ କରିପାରନ୍ତି । କିନ୍ତୁ ଅର୍ଥ ବିଭାଗର ଦୃଷ୍ଟିକୁ ଆସିଛି ଯେ, ଅନେକ ମାମଲାରେ ପୋଷ୍ଟିଂ ଅର୍ଡର ଓ ଯୋଗଦାନ ସମ୍ବନ୍ଧୀୟ ଫାଇଲ ବିଭିନ୍ନସ୍ତରରେ ଅନାବଶ୍ୟକ ଭାବେ ଅଟକି ରହୁଛି । ଏହାର ଫଳରେ ୬ ମାସ କିମ୍ବା ତାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଯୋଗଦାନ ସମୟ ବୃଦ୍ଧି ପ୍ରସ୍ତାବ ଆସୁଛି । ସରକାର ଏହାକୁ ଗୁରୁତର ପ୍ରଶାସନିକ ତ୍ରୁଟି ଭାବେ ଦେଖୁଛନ୍ତି । ନୂତନ ନିର୍ଦ୍ଦେଶାନୁସାରେ, ୩୦ ଦିନରୁ ଅଧିକ ଯୋଗଦାନ ସମୟ ବୃଦ୍ଧି ମାମଲାରେ ଦାୟୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ପ୍ରଶାସନିକ ବିଭାଗମାନଙ୍କୁ କୁହାଯାଇଛି । ବିଳମ୍ବ କାରଣରୁ ଯେଉଁ ବେତନ ଅପଚୟ ହେବ ତାହା ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଆଦାୟ କରାଯିବ । ସେହିପରି ୧୨୦ ଦିନ ଓ ବିଶେଷକରି ୬ ମାସରୁ ଅଧିକ ସମୟ ବୃଦ୍ଧି ପ୍ରସ୍ତାବକୁ ସାଧାରଣ ପ୍ରକ୍ରିୟା ଭାବେ ନେବାକୁ ସରକାର ମନା କରିଛନ୍ତି । ସରକାର ଆହୁରି ସ୍ପଷ୍ଟ କରିଛନ୍ତି ଯେ, କୌଣସି କର୍ମଚାରୀ ନୂତନ ସ୍ଥାନରେ ରିପୋର୍ଟ କରିଥିଲେ ମଧ୍ୟ ଯଦି ଡିଟେଲ୍ଡ ପୋଷ୍ଟିଂ ଅର୍ଡର ଜାରି ହୋଇନଥାଏ, ତେବେ ସମ୍ପୃକ୍ତ ବିଭାଗ କିମ୍ବା କଣ୍ଟ୍ରୋଲିଂ ଅଥରିଟି ସେହି କର୍ମଚାରୀଙ୍କ ସେବାକୁ ଅନ୍ତର୍ବର୍ତ୍ତୀ ସମୟରେ ଉପଯୋଗ କରିବାକୁ ପଡ଼ିବ । ଏହା ମାଧ୍ୟମରେ କାମ ନକରି ବେତନ ପାଇବା ପରିସ୍ଥିତିକୁ ରୋକିବା ଲକ୍ଷ୍ୟ ରହିଛି । ଅର୍ଥ ବିଭାଗ ସ୍ପଷ୍ଟ କରିଛି ଯେ ଭବିଷ୍ୟତରେ ଯୋଗଦାନ ସମୟ ବୃଦ୍ଧି ପ୍ରସ୍ତାବ ପଠାଇବା ବେଳେ ବିଳମ୍ବର କାରଣ, ଦାୟୀ ଅଧିକାରୀଙ୍କ ନାମ ଓ ସେମାନଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ବିବରଣୀ ଦେବା ଅନିବାର୍ଯ୍ୟ ହେବ । ଏହି ସମସ୍ତ ତଥ୍ୟ ନଥିଲେ କୌଣସି ପ୍ରସ୍ତାବ ବିଚାରକୁ ନିଆଯିବ ନାହିଁ । ସରକାରଙ୍କ ଏହି ନୂତନ ନିର୍ଦ୍ଦେଶ ପ୍ରଶାସନିକ ଶୃଙ୍ଖଳାକୁ ସୁଦୃଢ଼ କରିବା ସହ ସରକାରୀ କାର୍ଯ୍ୟପ୍ରଣାଳୀରେ ଦାୟିତ୍ୱବୋଧ ବଢ଼ାଇବ ବୋଲି ମନେ କରାଯାଉଛି ।

ନିଖିଲ ହାଡ଼ପା ହତ୍ୟା ଘଟଣା

# ବିହାରରୁ ୩ ଅଭିଯୁକ୍ତ ଗିରଫ

**ରାୟଗଡ଼ା,୧୬।୫/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲାର ବହୁ ଚର୍ଚ୍ଚିତ ନିଖିଲ ହାଡପାକୁ ଗୁଳି କରି ହତ୍ୟା ଘଟଣାରେ ରାୟଗଡା ପୁଲିସ ବିହାର ରାଜ୍ୟର ଅଉରଙ୍ଗାବାଦ ଜିଲ୍ଲା ମଦନପୁର ପୁଲିସ ଷ୍ଟେସନ ଅଞ୍ଚଳରୁ ମୁଖ୍ୟ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଉମେଶ ହିଆଲ, ରାଜ ସିମେଲି ଓ ଅକ୍ଷୟ ସାମଲ ଓରଫ ଟିଙ୍କୁଲୁ । ସେମାନଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ତଦନ୍ତ କରାଯାଉଛି । ଏନେଇ ଆହୁରି ତଦନ୍ତ କରି ଚଢ଼ଉ ଜାରି ରହିଛି ଏବଂ ଖୁବ ଶୀଘ୍ର ହତ୍ୟାକାଣ୍ଡରେ ଜଡିତ ଅନ୍ୟ ଅପରାଧୀଙ୍କୁ ଗିରଫ କରାଯିବା ନେଇ ସୂଚନା ମିଳିଛି । ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ସ୍ୱାଥୀ ଏସ କୁମାରଙ୍କ ନେତୃତ୍ୱରେ ଅତିରୀକ୍ତ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ପୁଲିସର ଟେକନିକାଲ ଟିମ ସହାୟତାରେ ତଦନ୍ତ କରୁଥିଲେ । ପୂର୍ବରୁ ୨ଗ୍ୟାଙ୍ଗ ମଧ୍ୟରେ ବିଭିନ୍ନ କାରଣରୁ ତିକ୍ତତା ଲାଗିରହିଥିଲା । ୯ତାରିଖ ରାତି ପାଖାପାଖି ରାତି ୧୦ଟା କିଛି ଯୁବକ ଗାଡିରେ ନିଖିଲକୁ ପିଛା କରିଥିଲେ । ଏହି ସମୟରେ ନିଖିଲି ଦୌଡ଼ି ପଳେଇବା ସମୟରେ ଗୁଳି କରି ଅପହରଣ ଏବଂ ପରେ ହତ୍ୟା କରି ନିକଟସ୍ଥ ନାଗାବଳୀ ନଦୀ ପଠାରେ ମୃତ ଦେହକୁ ଫିଙ୍ଗିଦେଇଥିଲେ ।

କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ‘କବିତା କୁସୁମାଞ୍ଜଳି’ ଲୋକାର୍ପିତ

# ଭଗବତ ସମର୍ପଣ ସହ ସାମାଜିକ ସମ୍ବେଦନଶୀଳତାର ସମନ୍ୱୟ

**ପୁରୀ,୧୬।୫/ଏନ୍ଏନ୍ଏସ୍:** ପୁରୀରେ ଆଜି ବିଶିଷ୍ଟ କବି ତଥା ସ୍ତମ୍ଭକାର କୃଷ୍ଣ ଜଗଦେବଙ୍କ ନୂତନ କବିତା ସଂକଳନ ‘କବିତା କୁସୁମାଞ୍ଜଳି’ ଲୋକାର୍ପିତ ହୋଇଯାଇଛି । ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁସ୍ତକଟିକୁ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ‘କବିତା କୁସୁମାଞ୍ଜଳି’ କେବଳ କେତୋଟି ଶବ୍ଦର ସମାହାର ନୁହେଁ, ବରଂ ଏହା ଭକ୍ତି, ସମାଜ ଓ ରାଷ୍ଟ୍ରପ୍ରେମର ଏକ ଅପୂର୍ବ ନିଦର୍ଶନ । ଏହି କବିତା ସଂକଳନରେ ଭଗବତ ସମର୍ପଣ ସହ ସାମାଜିକ ସମ୍ବେଦନଶୀଳତାର ଏକ ଅପୂର୍ବ ସମନ୍ୱୟ ରହିଛି । କୃଷ୍ଣ ଜଗଦେବ ହେଉଛନ୍ତି ଜଣେ ବହୁମୁଖୀ ପ୍ରତିଭା, ଯାହାଙ୍କ ଭିତରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସଂସ୍କାର ଓ ପୁରୀ ମାଟିର ଚେତନା ଭରି ରହିଛି । ସେ ସଂଘ



ପରିବାରର ଜଣେ ପ୍ରମୁଖ ପ୍ରଚାରକ ଓ ଭାରତୀୟ ଜନତା ପାର୍ଟିର ନିଷ୍ଠାପର କାର୍ଯ୍ୟକର୍ତ୍ତା ଭାବେ ନିଜ ସୁଖ ଅପେକ୍ଷା ସାରା ଜୀବନ ସମାଜର କଲ୍ୟାଣ ପାଇଁ ତପସ୍ୟା କରିଛନ୍ତି । ତାଙ୍କ ଲେଖନୀରେ ସାରଗର୍ଭକ ସ୍ତମ୍ଭମାନ ରଚନା କରି ସେ ସମାଜକୁ ସଦାବେଳେ ପ୍ରଭାବିତ ଓ ଅନୁପ୍ରାଣିତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ପୁସ୍ତକର ପ୍ରଥମ କବିତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଏକ ଅଭୁଲା ସ୍ମୃତି ଚାରଣ କରି କହିଥିଲେ ଯେ, ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଇତିହାସ ସଂକଳନ ପାଇଁ ସଂଘ କାର୍ଯ୍ୟକର୍ତ୍ତା ଭାବେ ମୋଦୀଜୀ ଓଡ଼ିଶା ଆସିଥିଲେ । ପୁରୀ ପଥୁରିଆ ସାହି କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଯୋଗୁଁ ସେ କୃଷ୍ଣ ଜଗଦେବଙ୍କ ସ୍କୁଟରରେ ବସି ତାଙ୍କ ଗାଁକୁ ଯାଇଥିଲେ । ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ହେଲିକପ୍ଟରରୁ ଓହ୍ଲାଇବା କ୍ଷଣି ଲାଇନ୍‌ଅପ୍‌ରେ ଠିଆ ହୋଇଥିବା ନିଜର ସେହି ପୁରୁଣା ସହଯୋଗୀଙ୍କୁ ‘ଆରେ କୃଷ୍ଣ ଜଗଦେବ ତୁମ୍ ଖଡ଼େ ହୋ !’ କହି ଆଦର କରିବା ଏବଂ କୃଷ୍ଣ ଭାଇଙ୍କ ବିଷୟରେ ଆଲୋଚନା କରିବା ପ୍ରଧାନମନ୍ତ୍ରୀଙ୍କର ତାଙ୍କ ପ୍ରତି ଥିବା ସମ୍ମାନ ଓ ସହୃଦୟତାର ପ୍ରମାଣ ଦିଏ । କୃଷ୍ଣ ଜଗଦେବ ନିଜ ନିଷ୍ଠା ବଳରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ସାମାଜିକ କାର୍ଯ୍ୟକର୍ତ୍ତା ଗଢ଼ିଛନ୍ତି । ଏହି ସାରସ୍ୱତ ସମାରୋହ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବିଧାନସଭା ନିକଟରେ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ବିଶିଷ୍ଟ ଅତିଥି ବୃନ୍ଦ ।

ଏନ୍‌ଆଇବିଏମ୍‌ର ବିଂଶତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

# ‘ନାଗରିକଙ୍କ କଲ୍ୟାଣ ଲାଗି ଋଣ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ’

**ନୂଆଦିଲ୍ଲୀ,୧୬।୫/ଏଜେନ୍ସି:** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଆଜି ମହାରାଷ୍ଟ୍ରର ପୁଣେଠାରେ ଜାତୀୟ ବ୍ୟାଙ୍କ ପରିଚାଳନା ପ୍ରତିଷ୍ଠାନ (ଏନଆଇବିଏମ)ର ବିଂଶତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ବ୍ୟାଙ୍କ ବ୍ୟବସ୍ଥା ସରଳ ବାଣିଜ୍ୟଠାରୁ ବହୁ ଦୂରକୁ ବିସ୍ତାରିତ ହୋଇଛି । ସମାବର୍ତ୍ତନ ସମାରୋହଗୁଡ଼ିକ ସଫଳତାର ମାଇଲଖୁଣ୍ଟ; କିନ୍ତୁ ଏହା ପରିବର୍ତ୍ତନର ମୁହୂର୍ତ୍ତ ମଧ୍ୟ । ଅଗ୍ରଣୀ ବ୍ୟାଙ୍କିଙ୍ଗ ପ୍ରତିଷ୍ଠାନ ଭାବରେ ଏନଆଇବିଏମର ପାଞ୍ଚ ଦଶନ୍ଧିର ଐତିହ୍ୟ ଉପରେ ଆଲୋକପାତ କରି ଡକ୍ଟର ମିଶ୍ର ସାଂଗଠନିକ ଉତ୍କର୍ଷତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସମ୍ପର୍କରେ କହିଥିଲେ । ସେ କହିଥିଲେ, ପାରମ୍ପରିକ ବ୍ୟାଙ୍କିଙ୍ଗ କେବଳ ସଞ୍ଚୟ ସଂଗ୍ରହ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ବେଳେ, ସମସାମୟିକ ଦୃଶ୍ୟପଟ ଜାତୀୟ ସୁଯୋଗ ଉପରେ ବ୍ୟାପକ ଧ୍ୟାନ ଦାବି କରେ । ସେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଏହି ପରିବର୍ତ୍ତିତ ପରିଦୃଶ୍ୟକୁ କରିବା ଲାଗି ଆହ୍ୱାନ କରିଥିଲେ । ଆଗାମୀ ଦିନରେ, ଆପଣଙ୍କୁ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଏକ ସୁଯୋଗ, ବିଶ୍ୱାସ ଏବଂ ଜାତୀୟ ବିକାଶର ଢାଞ୍ଚା ରୂପେ ଅଧିକ ବ୍ୟାପକ ଅର୍ଥରେ ଦେଖିବାକୁ ପଡ଼ିବ ବୋଲି ସେ କହିଥିଲେ । ପାରମ୍ପରିକ ଅର୍ଥନୀତି ବିଷୟରେ ମତ ରଖି ଡକ୍ଟର ମିଶ୍ର କହିଥିଲେ, ଐତିହାସିକ ଦୃଷ୍ଟିରୁ ବିତ୍ତୀୟ ବ୍ୟାପାର ପୃଷ୍ଠଭୂମିରେ ରହି ଏକ ନିରବ ସହାୟକ ଭୂମିକା ନିର୍ବାହ କରିଥିଲା । ବାସ୍ତବ ଅର୍ଥବ୍ୟବସ୍ଥା ଏବଂ ବିତ୍ତୀୟ ବ୍ୟାପାର ମଧ୍ୟରେ ସମ୍ପର୍କକୁ ଭଲ ଭାବରେ ବୁଝି ହୋଇନଥିଲା । ପ୍ରାୟତଃ କମ୍ ସୁବିଧାପ୍ରାପ୍ତ ଲୋକଙ୍କୁ ଆନୁଷ୍ଠାନିକ ସଂସ୍ଥାଗତ ସହାୟତାରୁ ବାଦ ଦିଆଯାଇଥିଲା । ଏହି ବିକୃତ ଋଣ ଉପଲବ୍ଧତା ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ସେ ଦୃଢ଼ ଭାବେ କହିଥିଲେ । ଋଣ ହେଉଛି ଆର୍ଥିକ କାର୍ଯ୍ୟକଳାପ, ଜୀବିକା ସୃଷ୍ଟି ଏବଂ ନାଗରିକଙ୍କ କଲ୍ୟାଣର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ସେ ଉଲ୍ଲେଖ କରିଥିଲେ ।

ଗ୍ରାମୀଣ ଋଣ ଅସମାନତା ଉପରେ ଆଲୋକପାତ କରି ଡକ୍ଟର ମିଶ୍ର ବିସ୍ତୃତ ଭାବରେ କହିଥିଲେ, ପ୍ରାରମ୍ଭିକ ଆର୍ଥିକ ତତ୍ତ୍ୱଗୁଡ଼ିକ ଅନୌପଚାରିକ ସାହୁକାରଙ୍କ ପ୍ରାଧାନ୍ୟକୁ ଦୂର କରିବାରେ ବିଫଳ ହୋଇଥିଲା । ଏକାଧିକାର ତତ୍ତ୍ୱଠାରୁ ଆରମ୍ଭ କରି ପ୍ରତିଯୋଗିତାମୂଳକ ବଜାର ମଡେଲ ପର୍ଯ୍ୟନ୍ତ ବିପରୀତ ଦୃଷ୍ଟିକୋଣ ଗରିବଙ୍କ ପାଇଁ ଶସ୍ତା ଏବଂ ପ୍ରାଥମିକତା ଆଧାରିତ ଋଣ ସୁନିଶ୍ଚିତ କରିପାରିନଥିଲା । ନବେ ଦଶକ ସୁଦ୍ଧା, ଅର୍ଥନୀତିଜ୍ଞମାନେ କୌଣସି ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ବ୍ୟାଖ୍ୟା କରାଯାଇଥିବା ଭୂମିଗତ ବାସ୍ତବତାକୁ ଅନୁଭବ କରିପାରି ନଥିଲେ । ଉଦାହରଣ ସ୍ୱରୂପ ଶସ୍ତା ସଂସ୍ଥାଗତ ବିକଳ୍ପ ଥିଲେ ମଧ୍ୟ ସାହୁକାରମାନେ ସଫଳତାର ସହିତ ଅତ୍ୟଧିକ ସୁଧ ହାର ଆଦାୟ କରୁଥିଲେ । ୯୦ ଦଶକର ନିଜ ଗବେଷଣା ଉପରେ ଆଲୋକପାତ କରି ଡକ୍ଟର ମିଶ୍ର କହିଥିଲେ, ସୂଚନା ବିଷମତା ଏବଂ ପ୍ରବର୍ତ୍ତନ ସହ ଜଡ଼ିତ ସମସ୍ୟା କାରଣରୁ ଐତିହାସିକ ଭାବରେ ଗ୍ରାମୀଣ କ୍ଷେତ୍ରରେ ଔପଚାରିକ ଋଣ ଦେବା ମହଙ୍ଗା ରହିଥିଲା ଏବଂ ବନ୍ଧକ ଉପରେ ଅତ୍ୟଧିକ ନିର୍ଭରଶୀଳ ଥିଲା । ତଥାପି, ପ୍ରଯୁକ୍ତିବିଦ୍ୟା ଏହି ଢାଞ୍ଚାଗତ ଅସୁବିଧାକୁ ମୌଳିକ ଭାବରେ ସମାଧାନ କରିଛି । ପ୍ରଯୁକ୍ତିର ଆଧୁନିକ ପ୍ରୟୋଗ ଏହି ସୂଚନା ଖର୍ଚ୍ଚକୁ ବହୁଳ ଭାବରେ ହ୍ରାସ କରିଛି, ଐତିହାସିକ ବଜାର ବିଷମତାକୁ ପ୍ରଭାବୀ ଢଙ୍ଗରେ ହ୍ରାସ କରିଛି ବୋଲି ସେ ମନ୍ତବ୍ୟ ଦେଇଥିଲେ । ଡକ୍ଟର ମିଶ୍ର ଦୃଢ଼ତାର ସହ କହିଥିଲେ, ଡିଜିଟାଲ୍ ପରିଚୟ ଏବଂ



ମୋବାଇଲ୍ ସଂଯୋଗ ସହିତ ବିତ୍ତୀୟ ବ୍ୟାପାରକୁ ସମନ୍ୱିତ କରିବା ଦ୍ୱାରା ଜନସଂଖ୍ୟା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଦୀର୍ଘକାଳୀନ ପ୍ରତିବନ୍ଧକଗୁଡ଼ିକୁ ଦୂର କରାଯାଇଛି । ସେ ଜାମ୍ (ଜନଧନ, ଆଧାର ଏବଂ ମୋବାଇଲ୍) ତ୍ରୟ ଏବଂ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ଢାଞ୍ଚା ବିଷୟରେ କହିଥିଲେ, ଏହି ବ୍ୟବସ୍ଥା ଦ୍ୱାରା ୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ସ୍ଥାନାନ୍ତର ହୋଇଛି ଏବଂ ବ୍ୟବସ୍ଥାଗତ ପ୍ରଶାସନରେ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ସଞ୍ଚୟ ହୋଇପାରିଛି । ସେ ଏହି ଉପକରଣଗୁଡ଼ିକୁ ଆର୍ଥିକ ପରିଚୟ ପାଇଁ ଏକ ମୌଳିକ ସେତୁ ଭାବରେ ବର୍ଣ୍ଣନା କରିଥିଲେ । ଡକ୍ଟର ମିଶ୍ର କହିଥିଲେ, ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କେବଳ ଏକ ପ୍ରଯୁକ୍ତି ନୁହେଁ, ଏହା ଅନୌପଚାରିକ ଓ ଔପଚାରିକ ଆର୍ଥିକ ଅଂଶଗ୍ରହଣ, ବିଚ୍ଛିନ୍ନତା ଓ ସୁଯୋଗ, ଅଦୃଶ୍ୟତା ଓ ଆର୍ଥିକ ପରିଚୟ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନକୁ ପୂରଣ କରିଥାଏ । ଡକ୍ଟର ମିଶ୍ର ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ)କୁ ସାର୍ବଜନୀନକରଣ ଏକ ପ୍ରମୁଖ ଉଦାହରଣ ଭାବରେ ଅଭିହିତ କରିଥିଲେ । ଏଥିରେ ୨୪ ହଜାର କୋଟିରୁ ଅଧିକ ବାର୍ଷିକ କାରବାର ହୋଇଥିବା ସୂଚାଇଲେ । ସେ ଆହୁରି ମଧ୍ୟ କହିଥିଲେ, ବଡ଼ ଆକାରରେ କାମ କରୁଥିବା ଇଣ୍ଟରଅପରେବଲ ସିଷ୍ଟମ ଜରୁରୀ ଡାଟା ଟ୍ରେଲ୍ସ ପ୍ରସ୍ତୁତ କରିଥାଏ । ଏହାଦ୍ୱାରା ସେହି ଲୋକମାନଙ୍କୁ ମଧ୍ୟ ଋଣ ନେବାର ସୁଯୋଗ ମିଳିଥାଏ ଯେଉଁମାନଙ୍କ ପାଖରେ ପାରମ୍ପରିକ ବନ୍ଧକ ରଖିବାର ସୁବିଧା ନାହିଁ । କେଉଁମାନେ ଆର୍ଥିକ ସେବା ପାଇପାରିବେ ତାହା ପ୍ରଯୁକ୍ତିବିଦ୍ୟାରେ ମୌଳିକ ପରିବର୍ତ୍ତନ ଦ୍ୱାରା ନିର୍ଦ୍ଧାରିତ ହେଉଛି । ବିଶ୍ୱର ବିଭିନ୍ନ ଦେଶ ଏବେ ଅତି ଆଗ୍ରହର ସହିତ ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଢାଞ୍ଚାକୁ ଅଧ୍ୟୟନ କରୁଛନ୍ତି । ସମାବେଶୀ ଡିଜିଟାଲ ଅର୍ଥଲଗାଣ ଉପରେ ବିଶ୍ୱର ଚିନ୍ତାଧାରାରେ ଭାରତ ପରିବର୍ତ୍ତନ ଆଣିପାରିଛି ବୋଲି ଡକ୍ଟର ମିଶ୍ର କହିଥିଲେ । ଡକ୍ଟର ମିଶ୍ର ଆହୁରି ଜୋର ଦେଇ କହିଥିଲେ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଭଳି ପ୍ରୟାସ ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଉତ୍ପାଦନଶୀଳ ଆର୍ଥିକ ସୁଯୋଗରେ ପରିଣତ କରିବାକୁ ପଡିବ । ଏହି ଯୋଜନା ୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ମଞ୍ଜୁର କରିଛି । ସେ କହିଥିଲେ, ପ୍ରଧାନମନ୍ତ୍ରୀ ସ୍ୱନିଧି ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଭଳି କାର୍ଯ୍ୟକ୍ରମ ବଞ୍ଚିତ କାରିଗରମାନଙ୍କ ପାଇଁ ଉପଯୁକ୍ତ ଅଭିବୃଦ୍ଧି ସୁନିଶ୍ଚିତ କରିଥାଏ । ଏହା ସେମାନଙ୍କୁ ଶୋଷଣମୂଳକ ଅନୌପଚାରିକ ଋଣରୁ ମୁକ୍ତ କରିଥାଏ । ଉଦ୍ୟୋଗ ବିକାଶ ପ୍ରତିବନ୍ଧିତ ହେଲେ କୌଣସି ସମାଜ ଏହାର ସମ୍ଭାବନାକୁ ଉପଯୋଗ କରିପାରିବ ନାହିଁ । ପ୍ରଧାନମନ୍ତ୍ରୀଙ୍କ ସୁଦୃଢ଼ ନୀତି ନିର୍ଦ୍ଧାରଣ ଏବଂ ଅସାଧାରଣ ରାଜନୈତିକ ଇଚ୍ଛାଶକ୍ତି କାରଣରୁ ଜନ ଧନ ଓ ଆଧାର ଭଳି ମୌଳିକ ଉପାଦାନକୁ ନେଇ ବହୁମୁଖୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ।

ଅର୍ଥଲଗାଣକୁ ସାମାଜିକ ସୁରକ୍ଷା ସହ ଯୋଡ଼ି ଡକ୍ଟର ମିଶ୍ର ଆୟୁଷ୍ମାନ ଭାରତ ଏବଂ ବିଭିନ୍ନ ପ୍ରଧାନମନ୍ତ୍ରୀ ପେନସନ ଯୋଜନାର ଉଦାହରଣ ଦେଇଥିଲେ । ଭବିଷ୍ୟତ ଆଡ଼କୁ ଦୃଷ୍ଟି ଦେଇ ଡକ୍ଟର ମିଶ୍ର ଚେତାଇ ଦେଇଥିଲେ ଯେ, ଏମଏସଏମଇ, ଚାଷୀ ଏବଂ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ବିଶ୍ୱସନୀୟ ଭାବରେ ସେବା ଯୋଗାଇବା ପାଇଁ ଆଧୁନିକ ଆର୍ଥିକ ବ୍ୟବସ୍ଥାକୁ ପ୍ରକୃତ ଅର୍ଥବ୍ୟବସ୍ଥାରେ ସ୍ଥିର ରହିବା ଆବଶ୍ୟକ । ଏଆଇ ଏବଂ ସାଇବର ବିପଦର ଯୁଗରେ, ପ୍ରଯୁକ୍ତିବିଦ୍ୟା ନବସୃଜନକୁ ନୈତିକ ଦାୟିତ୍ୱ ଏବଂ ଜନସାଧାରଣଙ୍କ ବିଶ୍ୱାସ ସହିତ ସନ୍ତୁଳିତ କରାଯିବା ଉଚିତ ବୋଲି ସେ ସତର୍କ କରାଇ ଦେଇଥିଲେ । ଅର୍ଥଲଗାଣ ଦାୟିତ୍ୱକୁ ନୈତିକ ସିଦ୍ଧାନ୍ତ ସହିତ ମିଶ୍ରଣ କରିବା ଉଚିତ । ଏହା ସମାଜର ଉତ୍ପାଦନ କ୍ଷମତାକୁ ବିଚ୍ଛିନ୍ନ କରିବା ପରିବର୍ତ୍ତେ ମଜବୁତ କଲେ ଅର୍ଥଲଗାଣ ଏହାର ସର୍ବୋତ୍ତମ ମୂଲ୍ୟ ସୃଷ୍ଟି କରିଥାଏ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା, ଏନ୍‌ଆଇବିଏମ୍‌ର ନିର୍ଦ୍ଦେଶକ ପ୍ରଫେସର ପାର୍ଥ ରାୟ, ବରିଷ୍ଠ ଅଧ୍ୟାପକ, ଅର୍ଥଶାସ୍ତ୍ରୀ ଓ ବ୍ୟାଙ୍କରମାନେ ଉପସ୍ଥିତ ଥିଲେ ।

ନିତିଦିନ NITIDIN

### ଘରୋଇ ଡାକ୍ତରଖାନାରେ ଦୁଇ ଗୁଣା ଡାକ୍ତର

# ରାଜ୍ୟରେ ୧୨୬୫ ଲୋକଙ୍କ ପାଇଁ ଅଛନ୍ତି ଜଣେ ଡାକ୍ତର



**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:** ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ଯେତିକି ସଂଖ୍ୟକ ଡାକ୍ତର ଚିକିତ୍ସାସେବା ଯୋଗାଉଛନ୍ତି ତାହାର ଦୁଇ ଗୁଣାରୁ ଅଧିକ ଡାକ୍ତର ଘରୋଇ ଡାକ୍ତରଖାନା ଓ ଚିକିତ୍ସାଳୟରେ ସେବା ପ୍ରଦାନ କରୁଛନ୍ତି। ରାଜ୍ୟରେ ଏବେ ପାଖାପାଖି ୩୬ ହଜାର ଏଲୋପାଥିକ ଡାକ୍ତର ରୋଗୀମାନଙ୍କୁ ଚିକିତ୍ସାସେବା ଯୋଗାଉଥିବା ଜଣାଯାଇଛି।
ସରକାରୀ ଡାକ୍ତରଖାନାଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୧୫,୭୯୩ ହୋଇଥିବାବେଳେ ଏଥିରେ ଏବେ ୧୧ହଜାରରୁ ସାମାନ୍ୟ ଅଧିକ ଡାକ୍ତର କାର୍ଯ୍ୟରତ ରହିଛନ୍ତି। ପ୍ରାୟ ସାଢ଼େ ୪ହଜାର ଡାକ୍ତର ପଦବୀ ଖାଲି ପଡ଼ିଛି। ଏହାକୁ ନେଇ ବିଭିନ୍ନ ସ୍ଥାନରୁ ରୋଗୀସେବାରେ ସମସ୍ୟାର ଅଭିଯୋଗ ବାରମ୍ବାର ଆସୁଛି। ସରକାରୀ ଡାକ୍ତରଖାନାର ଚିକିତ୍ସକମାନଙ୍କୁ ବାଦ୍ ଦେଲେ ରାଜ୍ୟର ଘରୋଇ ଡାକ୍ତରଖାନାଗୁଡିକରେ ୨୪ହଜାରରୁ ଅଧିକ ଡାକ୍ତର ଚିକିତ୍ସାସେବା ଯୋଗାଉଛନ୍ତି। ଏଥିରେ ଗାଁ ଗହଳଠାରୁ ଆରମ୍ଭକରି ସହରାଞ୍ଚଳର କର୍ପୋରେଟ ଡାକ୍ତରଖାନାମାନ ରହିଛି। ଯେହେତୁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଡାକ୍ତର ଓଡ଼ିଶା କାଉନସିଲ୍ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ (ଓସିଏମ୍ଆର୍) ନିକଟରେ ପଞ୍ଜିକୃତ ହୋଇଛନ୍ତି ସେଥିରୁ ବେସରକାରୀ ଚିକିତ୍ସାକେନ୍ଦ୍ରରେ ସେବା ଯୋଗାଉଥିବା ଡାକ୍ତରଙ୍କ ସଂଖ୍ୟା ୨୪ ହଜାରରୁ ଅଧିକ ଥିବା ଜଣାଯାଇଛି। ସେହିଭଳି ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ କଲେଜରୁ ପ୍ରତିବର୍ଷ ୩୦୨୫ ଜଣ ଡାକ୍ତରୀ ଛାତ୍ର ଶିକ୍ଷା ସମାପ୍ତ କରୁଛନ୍ତି। ଏମାନେ ଓଡ଼ିଶା ଲୋକସେବା ଆୟୋଗଙ୍କ ଜରିଆରେ ଚୟନ ପ୍ରକ୍ରିୟା ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ନିଯୁକ୍ତି ପାଇଥାନ୍ତି। ରାଜ୍ୟରୁ ପ୍ରତିବର୍ଷ ଏତେ ସଂଖ୍ୟକ ଡାକ୍ତର ବାହାରୁଥିବାବେଳେ ସରକାରୀ ଡାକ୍ତରଖାନାରେ କାହିଁକି ଡାକ୍ତର ସଙ୍କଟ ରହୁଛି ତାହା ଏବେ ବଡ ପ୍ରଶ୍ନବାଚୀ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାର ବିଭିନ୍ନ ସରକାରୀ ଓ ଘରୋଇ ମେଡିକାଲ କଲେଜରୁ ଉତ୍ତୀର୍ଣ୍ଣ ଡାକ୍ତରମାନେ କର୍ପୋରେଟ ଡାକ୍ତରଖାନା ସମେତ ଅନ୍ୟାନ୍ୟ ଘରୋଇ ଡାକ୍ତରଖାନାରେ ଉଚ୍ଚ ଦରମାରେ କାର୍ଯ୍ୟ କରୁଛନ୍ତି। ଏଥିରେ ସେମାନଙ୍କର ଦୁଇଟି ଲାଭ ହେଉଛି। ଗୋଟିଏ ପଟେ ମୋଟା ଅଙ୍କର ପାରିଶ୍ରମିକ ସାଙ୍ଗକୁ ଅନ୍ୟପଟେ ରାଜ୍ୟର ଉପାନ୍ତ ଅଞ୍ଚଳକୁ ଯିବାକୁ ପଡୁନାହିଁ। ଉଲ୍ଲେଖନୀୟ ଯେ ରାଜ୍ୟ ସରକାରରେ ଯେଉଁ ଡାକ୍ତରମାନେ ଯୋଗ ଦେଉଛନ୍ତି ସେମାନଙ୍କୁ ଚାକିରିର ଆଦ୍ୟକାଳରେ ପ୍ରାୟତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପୋଷ୍ଟିଂ ମିଳିଥାଏ। ଥରେ ସେଠାରେ କାର୍ଯ୍ୟରେ ଯୋଗଦେବା ପରେ ସହଜରେ ଉପକୂଳ ଅଞ୍ଚଳକୁ ଆସିବା ସମ୍ଭବପର ହୋଇନଥାଏ। ଏଥିଯୋଗୁଁ ବହୁ ସଂଖ୍ୟକ ଯୁବ ଚିକିତ୍ସକ ରାଜ୍ୟ ସରକାରଙ୍କ ଚାକିରିକୁ ମୁହଁ ମୋଡୁଛନ୍ତି। ଏହା ଫଳ ସ୍ୱରୂପ ସରକାରୀ ଡାକ୍ତରଖାନାଗୁଡିକରେ ଚିକିତ୍ସାସେବା ପ୍ରଭାବିତ ହେଉଥିବାବେଳେ ଲୋକେ ଘରୋଇ ଓ କର୍ପୋରେଟ ଡାକ୍ତରଖାନାକୁ ଯାଇ ବ୍ୟାପକ ଖର୍ଚ୍ଚାନ୍ତ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନକ ଅନୁଯାୟୀ ପ୍ରତି ହଜାରେ ଲୋକଙ୍କ ପାଇଁ ଜଣେ ଡାକ୍ତରଙ୍କ ଆବଶ୍ୟକ ଥିବାବେଳେ ଓଡିଶାରେ ଏବେ ୧୨୬୫ ଜଣ ଲୋକଙ୍କ ପାଇଁ ଜଣେ ଡାକ୍ତର ରହିଛନ୍ତି। ଗାଁ ଗହଳରେ ଏହି ଅନୁପାତ ଢେର ଅଧିକ ରହୁଥିବାରୁ ଲୋକେ ସରକାରୀ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

# ସଙ୍ଗୀତ ହୃଦୟକୁ ଏକତ୍ର କରେ: ରାଜ୍ୟପାଳ



### ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ୧୦୩ତମ ଜନ୍ମବାର୍ଷିକୀ

**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:** ସଙ୍ଗୀତ ଭାଷା, ଧର୍ମ, ଅଞ୍ଚଳ ଏବଂ ପିଢ଼ିର ସୀମା ଅତିକ୍ରମ କରି ହୃଦୟକୁ ଏକତ୍ର କରିବାରେ, ମନକୁ ସୁସ୍ଥ କରିବାରେ ଏବଂ ମାନବିକ ମୂଲ୍ୟବୋଧକୁ ସୁଦୃଢ କରିବାରେ ଅନନ୍ୟ କ୍ଷମତା ରଖେ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶୀ ସଙ୍ଗୀତ ଜଗତର କିମ୍ବଦନ୍ତି ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ୧୦୩ତମ ଜନ୍ମବାର୍ଷିକୀ ଏବଂ ପ୍ରତିଷ୍ଠାନର ୩୪ତମ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି।
ଏହି ସମାରୋହରେ ଉଦ୍‌ବୋଧନ ଦେଇ ପଣ୍ଡିତ ବାଳକୃଷ୍ଣ ଦାଶଙ୍କୁ 'କାଳଜୟୀ ପ୍ରତିଷ୍ଠାନ' ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ତାଙ୍କର ଅବଦାନ ଓଡ଼ିଶାର ସାଂସ୍କୃତିକ ଆତ୍ମାକୁ ସମୃଦ୍ଧ କରିଛି ଏବଂ ପରମ୍ପରାଗତ ଭାବେ କଳାକାର ଓ ସଙ୍ଗୀତପ୍ରେମୀଙ୍କୁ ପ୍ରେରଣା ଯୋଗାଉଛି। ଏହି କିମ୍ବଦନ୍ତି ସଙ୍ଗୀତଜ୍ଞ ଓ ଗାୟକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାଜ୍ୟପାଳ କହିଥିଲେ ଯେ ପଣ୍ଡିତ ବାଳକୃଷ୍ଣ ଦାଶ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ, ଭକ୍ତି ରଚନା, ଛାନ୍ଦ, ଚମ୍ପୁ, ଲୋକସଙ୍ଗୀତ ଏବଂ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଛନ୍ତି। ସେ ଓଡ଼ିଶୀ ସଙ୍ଗୀତକୁ ଏକ ଜୀବନ୍ତ ଏବଂ ସୁସଂଗଠିତ ଶାସ୍ତ୍ରୀୟ ପରମ୍ପରାରେ ପରିଣତ କରି ରାଜ୍ୟର ସୀମା ବାହାରକୁ ଓଡ଼ିଶାର ସମୃଦ୍ଧ ସଙ୍ଗୀତ ଐତିହ୍ୟକୁ ନେଇଯାଇଛନ୍ତି। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ବାଳକୃଷ୍ଣ ଦାଶ ଶାସ୍ତ୍ରୀୟ ସଙ୍ଗୀତର ଗଭୀରତା ସହ ଭାବନାତ୍ମକ ସୁଗମତାକୁ ସମନ୍ୱୟ କରି ଓଡ଼ିଶୀ ସଙ୍ଗୀତକୁ ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ କରାଇପାରିଥିଲେ। ଯୁବପିଢ଼ି ପାଇଁ କିମ୍ବଦନ୍ତି ପଣ୍ଡିତ ବାଳକୃଷ୍ଣ ଦାସଙ୍କ ଜୀବନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ତାଙ୍କର ଜୀବନ ଉତ୍ସର୍ଗ, ନମ୍ରତା, ଶୃଙ୍ଖଳତା ଏବଂ ସାଂସ୍କୃତିକ ମୂଳ ପ୍ରତି ଗଭୀର ଶ୍ରଦ୍ଧାର ପ୍ରତୀକ। ଏହି ଅବସରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସମ୍ମାନ ବିଜେତା ଡ଼. ସୋନାଲ ମାନସିଂହଙ୍କୁ ୨୦୨୬ ମସିହାର 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମୃତି ପୁରସ୍କାର' ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିତ୍ୱଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ ଏବଂ ଶୁଭେଚ୍ଛା ଜଣାଇଥିଲେ। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ୍ ତରଫରୁ ଓଡିଶୀ ସଙ୍ଗୀତର ପ୍ରୋତ୍ସାହନ ପାଇଁ ଉତ୍ସବ ପାଳନ, ସଂରକ୍ଷଣ, ତାଲିମ କାର୍ଯ୍ୟକ୍ରମ ଏବଂ ଛାତ୍ରବୃତ୍ତି ଇତ୍ୟାଦି କାର୍ଯ୍ୟକ୍ରମକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ସମାରୋହରେ ଜାତୀୟ ମାନବ ଅଧିକାର ଆୟୋଗ, ନୂଆଦିଲ୍ଲୀର ସଦସ୍ୟ ଜଷ୍ଟିସ୍ ଡଃ ବି. ଆର୍. ଷଡ଼ଙ୍ଗୀ, ଓଏସ୍ଏସ୍ଏସ୍‌ସିର ଅଧକ୍ଷ ଡଃ ଲଳିତ ଦାସ, ନାଲ୍‌କୋର ଏଗଜିକ୍ୟୁଟିଭ୍ ଡାଇରେକ୍ଟର (ଏଚ୍ଆର୍) ଅଶୁତୋଷ ରଥ ଏବଂ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସମ୍ମାନ ବିଜେତା ଡ଼. ସୋନାଲ ମାନସିଂହ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ପ୍ରତି ଅମୂଲ୍ୟ ଅବଦାନ ବିଷୟରେ ଅବତାରଣା କରିଥିଲେ। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ୍‌ର ସଭାପତି ମନୋରଞ୍ଜନ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଗୁରୁ ରାମହରି ଦାଶ ଧନ୍ୟବାଦ୍ ଦେଇଥିଲେ।

### ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ୫ ଦିନିଆ କର୍ମଶାଳା

# ଦେଶର ମୂଳ ସଂସ୍କୃତି ଓ ପ୍ରକୃତିକୁ ବୁଝିବା ଜରୁରି: ଆଚାର୍ଯ୍ୟ ବାଲକୃଷ୍ଣ



ମୁଖ୍ୟ ବିଷୟ 'ପାଣ୍ଡୁଲିପିଗୁଡ଼ିକର ନିବାରଣ ଏବଂ ସଂରକ୍ଷଣ'

**ହରିଦ୍ୱାର, ୧୬।୫/ଏଜେନ୍ସି:** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟର "ଜ୍ଞାନଭାରତମ୍ ମିଶନ" ଅଧୀନରେ ହରିଦ୍ୱାର ସ୍ଥିତ ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନରେ 'ପାଣ୍ଡୁଲିପିଗୁଡ଼ିକର ନିବାରଣ ଏବଂ ସଂରକ୍ଷଣ' ଉପରେ ଏକ ପାଞ୍ଚ ଦିନିଆ କର୍ମଶାଳା ସଫଳତାର ସହ ଶେଷ ହୋଇଯାଇଛି। ଏହି କ୍ରମରେ, ସଂସ୍କୃତି, ଐତିହ୍ୟ, ସଂରକ୍ଷଣ ଏବଂ ସେଗୁଡିକୁ ସ୍ଥିର ରଖିବାର ବୈଜ୍ଞାନିକ ପଦ୍ଧତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରାଳୟର ଅଧିକାରୀ, ବିଶେଷଜ୍ଞ ଏବଂ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ଦିନରେ ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଲକୃଷ୍ଣ ପ୍ରାଚୀନ ପାଣ୍ଡୁଲିପିଗୁଡ଼ିକର ଡିଜିଟାଲାଇଜେସନ ଓ ସଂରକ୍ଷଣ ଉପରେ ବିଶେଷ ଜୋର୍ ଦେଇଥିଲେ। ସେ କହିଥିଲେ ଯେ ପାଣ୍ଡୁଲିପିଗୁଡ଼ିକ କେବଳ ପୁରୁଣା ଦସ୍ତାବିଜ୍ ନୁହେଁ, ବରଂ ଆମ ସଂସ୍କୃତି ଓ ଜ୍ଞାନର ଅମୂଲ୍ୟ ଭଣ୍ଡାର। 'ଦେଶର ମୂଳ ସଂସ୍କୃତି ଓ ମୂଳ ପ୍ରକୃତି'କୁ ବୁଝିବା ପାଇଁ ଆହ୍ୱାନ ଦେଇ ସେ କହିଥିଲେ ଯେ, ଜୀର୍ଣ୍ଣ-ଶୀର୍ଣ୍ଣ ପାଣ୍ଡୁଲିପିଗୁଡ଼ିକର ଡିଜିଟାଲାଇଜେସନର ଉଦ୍ଦେଶ୍ୟ ହେଉଛି ଆମର ପ୍ରାଚୀନ ସାଂସ୍କୃତିକ ଏବଂ ଐତିହାସିକ ସମ୍ପଦକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବା। ସେ ରେଖାଙ୍କିତ କରିଥିଲେ ଯେ କେବଳ ସଂରକ୍ଷଣ ନୁହେଁ, ବରଂ ପ୍ରାଚୀନ ପାଣ୍ଡୁଲିପି ସହିତ ନୂତନ ଲେଖା କାର୍ଯ୍ୟକୁ ମଧ୍ୟ ପ୍ରୋତ୍ସାହିତ କରିବା ଆବଶ୍ୟକ। ସେ ଆହ୍ୱାନ କରିଥିଲେ ଯେ ୪୦୦-୫୦୦ ବର୍ଷ ପୁରୁଣା ପାଣ୍ଡୁଲିପିଗୁଡ଼ିକୁ ସଂଶୋଧିତ ଏବଂ ପୁନଃ ସଂରକ୍ଷିତ କରି ସେଗୁଡ଼ିକୁ ନୂଆ ରୂପରେ ଉପସ୍ଥାପନ କରାଯାଉ, ଯଦ୍ୱାରା ସେଗୁଡ଼ିକ ଆଗାମୀ ପିଢ଼ି ପାଇଁ ଅମୂଲ୍ୟ ସମ୍ପଦ ହୋଇପାରିବ। ଏହି ଜ୍ଞାନକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ସେ ଏହାକୁ 'ଭାରତୀୟ ଶିକ୍ଷା ବୋର୍ଡ'ର ପାଠ୍ୟକ୍ରମରେ ସାମିଲ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଆଚାର୍ଯ୍ୟ ଏହି ଅବସରରେ କିଛି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମଧ୍ୟ ଦେଇଛନ୍ତି। ତାଙ୍କ କହିବାନୁସାରେ ଭାରତକୁ ଭାରତରେ ନଖୋଜି ବରଂ ବିଶ୍ୱସ୍ତରରେ ଖୋଜିବା ଅଧିକ ଲାଭଦାୟୀ ବା ଶ୍ରେୟସ୍କର ହେବ। ସେହିପରି ଦେଶର ମୂଳ ସଂସ୍କୃତି ଓ ମୂଳ ପ୍ରକୃତିକୁ ବୁଝିବା ଅତ୍ୟନ୍ତ ଜରୁରି ହୋଇପଡ଼ିଛି। 'ଜ୍ଞାନଭାରତମ୍' ଭାରତର ହସ୍ତଲିଖିତ ସଦୃଶ ଐତିହ୍ୟ ପାଇଁ ଏକ ସାଂସ୍କୃତିକ ନବଜାଗରଣର ପ୍ରତୀକ ବୋଲି ସେ ଅଭିହିତ କରିଛନ୍ତି। ଏହି ଅବସରରେ ଆସିଥିବା ପ୍ରତିନିଧିମାନେ ପତଞ୍ଜଳିର କୃଷି ଅନୁସନ୍ଧାନ ପରିସର ବୁଲି ଦେଖିବା ସହ 'ଧରତୀ କା ଡାକ୍ତର' ମୃତ୍ତିକା ପରୀକ୍ଷା ମେସିନ ଏବଂ ପାଣ୍ଡୁଲିପି ସଂରକ୍ଷଣ ପାଇଁ ମାଇକ୍ରୋଫିଲ୍ମିଂ ଓ ଫଟୋଗ୍ରାଫିକ୍ ଭଳି ଆଧୁନିକ ବୈଜ୍ଞାନିକ କୌଶଳ ବିଷୟରେ ବିସ୍ତୃତ ସୂଚନା ଗ୍ରହଣ କରିଥିଲେ। କୃଷି ମୃତ୍ତିକା ଅନୁସନ୍ଧାନର ବୈଜ୍ଞାନିକ ଡଃ ମନୋହାରୀ ରାଠୀ ପ୍ରତିନିଧିମାନଙ୍କୁ ଭାରତରେ ମିଳୁଥିବା ଆଠଟି ପ୍ରମୁଖ ପ୍ରକାରର ମାଟି, ମୃତ୍ତିକା ପରୀକ୍ଷା ପ୍ରକ୍ରିୟା ଏବଂ ପତଞ୍ଜଳି ଦ୍ୱାରା ବିକଶିତ 'ଧରତୀ କା ଡାକ୍ତର' (ମାଟିର ଡାକ୍ତର) ଅଟୋମେଟେଡ୍ ମୃତ୍ତିକା ପରୀକ୍ଷା ମେସିନ ବିଷୟରେ ସୂଚନା ଦେଇଥିଲେ।

# ୫୦୫ ଲିଟର ଡିଜେଲ୍ ଜବତ

### ଯୋଗାଣ ବିଭାଗର ବିଭିନ୍ନ ସ୍ଥାନରେ ଚଢ଼ଉ

**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:** ରାଜ୍ୟରେ ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ଅବୈଧ ଭାବେ ମହଜୁଦ କରି କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ନିର୍ଦ୍ଦେଶରେ ଜିଲ୍ଲା ଯୋଗାଣ ଅଧିକାରୀ, ଭୁବନେଶ୍ୱର ସହକାରୀ ଯୋଗାଣ ଅଧିକାରୀ,ବାଲିଅନ୍ତା ଓ ବାଲିପାଟଣା ଯୋଗାଣ ନିରୀକ୍ଷକଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଏଥିପାଇଁ ଗଠିତ ଏକ ଦଳ ଭୁବନେଶ୍ୱର ଉପକଣ୍ଠର ବିଭିନ୍ନ ପେଟ୍ରୋଲ ପମ୍ପ ଏବଂ ଅବୈଧ ସ୍ଥାନରେ ଥିବା ପେଟ୍ରୋଲ ଓ ଡିଜେଲ ଗଚ୍ଛିତ କେନ୍ଦ୍ର ମାନଙ୍କରେ ଚଢ଼ାଉ କରିଥିଲେ। ଏହି ଚଢ଼ଉ ସମୟରେ ନିରଞ୍ଜନ ନାୟକ, ବୁଲୁ ପ୍ରଧାନ, ପୂରଣ ପ୍ରଧାନ, ସୁଶାନ୍ତ କୁମାର ଚୌଧୁରୀ, ତପନ କୁମାର ସାହୁ ଏବଂ ୫ ଅଜୟ ସାହୁଙ୍କଠାରୁ ୫୦୫ ଲିଟର ଅବୈଧ ଭାବେ ଗଚ୍ଛିତ ଡିଜେଲ ଜବତ କରାଯାଇଥିଲା। ସେମାନଙ୍କ ପାଖରେ କୌଣସି ବିତରକ ଲାଇସେନ୍ସ କିମ୍ବା ଅଗ୍ନିଶମ ବିଭାଗର ସାର୍ଟିଫିକେଟ୍ ନଥିଲା। ଜନଗହଳି ପୂର୍ଣ୍ଣ ସ୍ଥାନରେ ଲାଭଖୋର ମନୋବୃତ୍ତି ରଖି ଲିଟର ପିଛା ୧୪୦ ଟଙ୍କା ଦରରେ ତେଲ ବିକ୍ରୟ କରୁଥିଲେ। ଏଥି ସହିତ ସେମାନେ ବ୍ୟବହାର କରୁଥିବା ପଳା ଓ କାହାଳି ଆଦି ମଧ୍ୟ ଜବତ କରାଯାଇଛି। ଚଢ଼ଉ ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ସହାୟକ ଯୋଗାଣ ଅଧିକାରୀ ସୁନୀତା ବେହେରା, ବାଲିଅନ୍ତା ଯୋଗାଣ ନିରୀକ୍ଷକ ଅଳକାରାଣି ମଲ୍ଲିକ ଏବଂ ବାଲିପାଟଣା ଯୋଗାଣ ନିରୀକ୍ଷକ ନେତ୍ରାନନ୍ଦ ବେହେରା ଉପସ୍ଥିତ ଥିଲେ।

# ନୂଆଦିଲ୍ଲୀରେ ପ୍ରବାସୀ ଓଡ଼ିଆ ବିକାଶ ସମିତି ପକ୍ଷରୁ ଭିଜନ୍ ଓଡ଼ିଶା ୨୦୩୬



**ଭୁବନେଶ୍ୱର,ନୂଆଦିଲ୍ଲୀ,୧୬।୫/ଏନ୍ଏନ୍ଏସ୍:** ପ୍ରବାସୀ ଓଡ଼ିଆ ବିକାଶ ସମିତି ପକ୍ଷରୁ ସ୍ଥାନୀୟ ସମ୍ବିଧାନ ଭବନ ସଭାଗୃହଠାରେ ସ୍ୱତନ୍ତ୍ର ଓଡ଼ିଶାର ଶତବାର୍ଷିକୀ ଯାତ୍ରାକୁ ନେଇ 'ଭିଜନ୍ ଓଡ଼ିଶା ୨୦୩୬' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଉନ୍ନତ ଓଡ଼ିଶା ବିକଶିତ ଭାରତର ପାଥେୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଭିଜନ ଓଡ଼ିଶା ୨୦୩୬ ଏବଂ ୨୦୮୬ ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସମିତିର ସଭାପତି ଡଃ ସୂର୍ଯ୍ୟ ନାରାୟଣ ମିଶ୍ର ଏବଂ ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ରଙ୍କ ସହଯୋଗିତାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପ୍ରକାଶନ ପ୍ରଭାରୀ ସୁକାନ୍ତ କୁମାର ମହାପାତ୍ର ଏବଂ ଡଃ କୃଷ୍ଣପ୍ରୀୟ ସାହୁ ମଞ୍ଚାସୀନ ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ମିଶି ବାର୍ଷିକ ବିବରଣୀକୁ ଲୋକାର୍ପଣ କରିଥିଲେ। ସଭାପତି ଡଃ ସୂର୍ଯ୍ୟ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରାକ୍ତନ ଓଡ଼ିଶାର ହୃତ ଗୌରବକୁ ଫେରାଇ ଆଣିବା ଦିଗରେ ସମସ୍ତଙ୍କ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।
ଏହି ପରିପ୍ରେକ୍ଷୀରେ ଚାରୋଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ରାଜନୈତିକ ଆଲୋଚନା ସଭାରେ ବାଲେଶ୍ୱର ସାଂସଦ ତଥା ବରିଷ୍ଠ ଭାରତୀୟ ଜନତା ପାର୍ଟି ନେତା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ଓଡ଼ିଶାର ଭିତ୍ତିଭୂମି ସଂରଚନା, ପ୍ରାକୃତିକ ସମ୍ପଦ, କୃଷି, ବନ୍ଦର ବିକାଶ ଓ ପ୍ରଶାସନିକ ସୁଧାର ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବାଦ ପ୍ରକୋଷ୍ଠର ମୁଖ୍ୟ ସମ୍ପାଦକ ମନୋରଞ୍ଜନ ମିଶ୍ର ଏହି ଅଧିବେଶନ ପରିଚାଳନା କରିଥିଲେ। ଦ୍ୱିତୀୟ ଗଣମାଧ୍ୟମ ଅଧିବେଶନକୁ ବରିଷ୍ଠ ବହୁମାଧ୍ୟମ ସାମ୍ବାଦିକ ଶ୍ୱାଶତ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଏଥିରେ ଭାରତୀୟ ବାସସ୍ଥଳୀ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର କେ ଜି ସୁରେଶ ଏବଂ ଭାରତୀୟ ସମ୍ପାଦକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ରୁବେନ୍ ବାନାର୍ଜୀ ବକ୍ତା ଭାବେ ଯୋଗ ଦେଇଥିଲେ। ଗଣମାଧ୍ୟମରେ ଓଡ଼ିଶାର ପରିଚୟ, ଜାତୀୟ ଗଣମାଧ୍ୟମର ପ୍ରାଥମିକତା, ଦାୟିତ୍ୱ ଏବଂ ଓଡ଼ିଶା ପର୍ଯ୍ୟଟନର ସାମଗ୍ରିକ ଉପସ୍ଥାପନା ସମ୍ବନ୍ଧରେ ଏଠାରେ ବିଶଦ ଆଲୋଚନା ହୋଇଥିଲା। ସେହିପରି ତୃତୀୟ ଅଧିବେଶନ ସମିତିର ଉପସଭାପତି ପ୍ରିୟଦର୍ଶୀ ବଳଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ୨୦୩୬ ସୁଦ୍ଧା ଓଡ଼ିଶାକୁ ପୂର୍ବ ଭାରତର ଏକ ଆର୍ଥିକ ମହାଶକ୍ତି ଭାବେ ଗଢ଼ିତୋଳିବା ନେଇ ଓଡ଼ିଶା ସରକାରଙ୍କ ସରକାରୀ ଉଦ୍ୟୋଗ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଡଃ ପାର୍ଥ ସାରଥି ମିଶ୍ର ଏବଂ ମହିଳା ଉଦ୍ୟୋଗୀ ମଞ୍ଚର ପ୍ରବନ୍ଧକ ନିର୍ଦ୍ଦେଶିକା ଡଃ ମନିଷା ଆଚାର୍ଯ୍ୟ ଆର୍ଥିକ ବିକାଶର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଚତୁର୍ଥ ତଥା ଶେଷ ଅଧିବେଶନରେ ଭିଜନ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଦିଗରେ ଅମଲାତନ୍ତ୍ରର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବତନ ସଚିବ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ, ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଭାକର ସାହୁ ଏବଂ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ଅଧକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ସୁଭ୍ରାଂଶୁ ଆଚାର୍ଯ୍ୟ ନିଜ ନିଜର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହି ଶେଷ ଅଧିବେଶନକୁ ଶୁଭମ୍ ପୁଷ୍ଟି ପରିଚାଳନା କରିଥିଲେ।

# ସବୁ ପିଏସ୍‌ୟୁକୁ ତଥ୍ୟ ମାଗିଲା ଜିଏ

**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:** କେଉଁ ନିଗମ ବା ବୋର୍ଡ଼ରେ କେତେ ପଦବୀ ଖାଲି ପଡ଼ିଛି ? ଆଉ କେତେ କର୍ମଚାରୀ ଦରକାର ? ଆୟ-ବ୍ୟୟର ତାଳମେଳ ରହୁଛି ନା ନାହିଁ ? ରାଜ୍ୟର ୪୪ ସରକାରୀ ଉଦ୍ୟୋଗ (ପିଏସୟୁ)କୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ତଥ୍ୟ ଦେବାକୁ ଚିଠି ଜରିଆରେ କୁହାଯାଇଛି। ବିଶେଷକରି ୨୦୨୪ ଜୁନ୍ ୧୨ରୁ ୨୦୨୬ ଏପ୍ରିଲ ୩୦ ତାରିଖ ମଧ୍ୟରେ କେଉଁ ପିଏସ୍‌ୟୁରେ କେତେ ଜଣଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଆଗାମୀ ଜୁନ୍ ୩୦ ତାରିଖ ସୁଦ୍ଧା କେଉଁ ସବୁ ପଦବୀରେ ନିଯୁକ୍ତି ଦିଆଯିବ, ତା'ଉପରେ ସଂପୂର୍ଣ୍ଣ ତଥ୍ୟ ଦେବାକୁ ଜିଏ କହିଛି। ପିଏସୟୁରେ ଖାଲି ପଡ଼ିଥିବା ପଦବୀ ଓ ମୋଟ୍ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ମାଗିଛି ଉକ୍ତ ସଂସ୍ଥା।

# ଶ୍ରୀକ୍ଷେତ୍ର ବିହାରରେ ସାବିତ୍ରୀ ବ୍ରତ



**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:** ସ୍ଥାନୀୟ ଜୟଦେବ ବିହାରସ୍ଥିତ ଶ୍ରୀକ୍ଷେତ୍ର ବିହାରଠାରେ ପବିତ୍ର ସାବିତ୍ରୀ ବ୍ରତ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଭାସ୍କର ଚନ୍ଦ୍ର ନନ୍ଦଙ୍କ ପୌରୋହିତ୍ୟରେ ଏହି ନିଷ୍ଠାପୂର୍ଣ୍ଣ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ସାବିତ୍ରୀ ପୂଜା କରିବା ସହ ନିଜ ନିଜ ସ୍ୱାମୀଙ୍କର ଦୀର୍ଘାୟୁ ଓ ସୁଖସମୃଦ୍ଧି କାମନା କରିଥିଲେ। ଓଡ଼ିଆ ଘରର ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତେ ମିଶି ଏକାଠି ଏହି ପର୍ବ ପାଳନ କରିବା ସମାଜରେ ଭାଇଚାରା ଓ ସଂହତିର ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି।

### ବଢୁଛି ଜିଓଭାରତ ୪ଜି ଫୋନ୍‌ର ଲୋକପ୍ରିୟତା

# ମାସକ ରିଚାର୍ଜ ପ୍ଲାନ୍ ମାତ୍ର ୧୨୩ ଟଙ୍କା

### ଅସୀମିତ ଭଏସ୍ କଲ୍, ୧୪ ଜିବି ହାଇ-ସ୍ପିଡ୍ ଡାଟା




**ଭୁବନେଶ୍ୱର,୧୬।୫/ଏନ୍ଏନ୍ଏସ୍:** ରିଲାଏନ୍ସ ଜିଓର ଅତ୍ୟଧିକ ସୁଲଭ ୪ଜି ଫିଚର୍ ଫୋନ୍ ଜିଓଭାରତ ଏହାର ବହୁବିଧ ଅନନ୍ୟ ବୈଶିଷ୍ଟ୍ୟ ଯୋଗୁଁ ସାରା ଓଡ଼ିଶାରେ ଜନସାଧାରଣ ତଥା କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ଦ୍ରୁତ ଗତିରେ ଲୋକପ୍ରିୟତା ହାସଲ କରୁଛି। ଚଳିତ କ୍ରିକେଟ୍ ଋତୁରେ କ୍ରିକେଟ୍ ପ୍ରତି ବଢୁଥିବା କ୍ରେଜ୍ ଏବଂ ସହଜ ଡିଜିଟାଲ୍ ପେମେଣ୍ଟ ଭଳି ଫିଚର୍ ବଳରେ ଜିଓଭାରତ ମାତ୍ର କିଛି ମାସ ମଧ୍ୟରେ ସାରା ଓଡ଼ିଶାରେ ଲୋକପ୍ରିୟ ପସନ୍ଦ ଭାବରେ ଉଭା ହୋଇଛି।
ରାଜ୍ୟର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ପାଇଁ ଜିଓର ଡିଜିଟାଲ୍ ଇକୋସିଷ୍ଟମ୍ ସମ୍ବଳିତ ଜିଓଭାରତ ଫୋନ୍ ଉପଭୋକ୍ତାଙ୍କ ପାଇଁ ଲାଇଭ୍ କ୍ରିକେଟ୍ ଆକ୍ସନ୍ ଉପଭୋଗ କରିବା, ସଙ୍ଗୀତ ଷ୍ଟ୍ରିମ୍ କରିବା ଏବଂ ଶହ ଶହ ଲାଇଭ୍ ଟିଭି ଚ୍ୟାନେଲ୍ ଦେଖିପାରିବା ସମ୍ଭବ କରିଥାଏ, ଯାହା ଏହାକୁ ପରିବାର, ଯୁବପିଢ଼ି ଏବଂ ଦୋକାନୀମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ କରିଛି। ଜିଓଭାରତ ଫୋନ୍‌ରେ ମାସିକ ରିଚାର୍ଜ ପ୍ଲାନ ମଧ୍ୟ ମାତ୍ର ୧୨୩ ଟଙ୍କାରେ ଉପଲବ୍ଧ, ଯାହା ଅସୀମିତ ଭଏସ୍ କଲ୍ ଏବଂ ୧୪ ଜିବି ହାଇ-ସ୍ପିଡ୍ ଡାଟା ପ୍ରଦାନ କରେ। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ, ଜିଓଭାରତ ଫୋନ୍ ଏହାର 'ସାଉଣ୍ଡ ପେ' ଫିଚର୍ ମାଧ୍ୟମରେ ଅତିରିକ୍ତ ବ୍ୟବସାୟିକ ଉପଯୋଗିତା ପ୍ରଦାନ କରେ, ଯାହା ଫୋନରୁ ସିଧାସଳଖ ୟୁପିଆଇ ପେମେଣ୍ଟ ପାଇଁ ତୁରନ୍ତ ଅଡିଓ କନଫର୍ମେଶନ ପ୍ରଦାନ କରି ପୃଥକ ସାଉଣ୍ଡ ବକ୍ସ କିମ୍ବା ମାସିକ ଭଡ଼ା ଦେବାର ଆବଶ୍ୟକତାକୁ ଦୂର କରେ। ଏହା ଉଭୟ ଛୋଟ ବ୍ୟବସାୟ ଏବଂ ଗ୍ରାହକମାନଙ୍କ ପାଇଁ ଲାଭଦାୟକ ହୋଇଛି। ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଜିଓଭାରତ ଫୋନ୍‌ଟି ବେଶ ଉନ୍ନତ ରହିଛି। ଜିଓଭାରତ କମ୍ପାନିଅନ ଆପ୍ ମାଧ୍ୟମରେ, ବ୍ୟବହାରକାରୀମାନେ ସୁରକ୍ଷା-କେନ୍ଦ୍ରିତ ବୈଶିଷ୍ଟ୍ୟଗୁଡ଼ିକୁ ଉପଯୋଗ କରିପାରିବେ, ନିଜ ପ୍ରିୟଜନଙ୍କ ପାଇଁ ସେମାନଙ୍କର ଲୋକେସନ ସେୟାର କରିପାରିବେ, ସ୍ପାମ୍ କଲ୍‌ଗୁଡ଼ିକୁ ରୋକି ପାରିବେ, ଫୋନ୍‌ର ବ୍ୟାଟେରୀ ସ୍ଥିତି ଏବଂ ଆପ୍ ବ୍ୟବହାର ଉପରେ ନଜର ରଖିପାରିବେ। ଏହି ବୈଶିଷ୍ଟ୍ୟ ନିଶ୍ଚିତ କରେ ଯେ କଲ୍ କେବଳ ସୀମିତ ନମ୍ବର ଗୁଡ଼ିକୁ କରାଯାଇପାରିବ ଏବଂ ସେମାନଙ୍କଠାରୁ କଲ୍ ଗ୍ରହଣ (ରିସିଭ) କରାଯାଇପାରିବ, ଯାହା ଦ୍ୱାରା ଫୋନ୍‌ର ଅପବ୍ୟବହାରକୁ ରୋକାଯାଇପାରିବ। ଛୋଟ ବ୍ୟବସାୟୀମାନଙ୍କଠାରୁ ଆରମ୍ଭ କରି ଯୁବପିଢ଼ି ପର୍ଯ୍ୟନ୍ତ ଏହି ଫୋନ୍ ଏହାର ଉପଯୋଗୀତା ଏବଂ କମ ମୂଲ୍ୟ ପାଇଁ ସାରା ରାଜ୍ୟରେ ଲୋକପ୍ରିୟତା ହାସଲ କରୁଛି।

ନିତିଦିନ NITIDIN





## ସଚ୍ଚୋଟ ଜନ ପ୍ରତିନିଧି ଥିଲେ ଅଜୟ ବିଶ୍ୱାଳ



**କେନ୍ଦ୍ରାପଡ଼ା, ୧୬ା୫/ଏନ୍ଏନ୍ଏସ୍:** ତରଡିପାଳ ଧୋୟାଞ୍ଚଳର ଜଣାଶୁଣା ମଣିଷ ପୂର୍ବତନ କଂଗ୍ରେସ ସଭାପତି ତଥା ତରଡିପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଅଜୟ କୁମାର ବିଶ୍ୱାଳଙ୍କ ଆତ୍ମାର ସଦଗତି କାମନା ସହ ତରଡିପାଳ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତି ଚାରଣ ସଭାର ଯୁଗ୍ମ ଆବାହକ ଭାବରେ ତରଡିପାଳ ସରପଞ୍ଚ ଦେବଦତ୍ତ ନାୟକ ଓ ସମିତିସଭ୍ୟ ନିରଞ୍ଜନ ବାରିକ ମଞ୍ଚାସିନ ଥାଇ ସ୍ୱର୍ଗତ ବିଶ୍ୱାଳଙ୍କୁ ସଚ୍ଚୋଟ ଜନ ପ୍ରତିନିଧି ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ସମସ୍ତ ଜନ ପ୍ରତିନିଧିଙ୍କ ପାଇଁ ଉଦ୍ଧାରଣ ହୋଇ ରହିଛନ୍ତି । କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା ସ୍ୱର୍ଗତ ବିଶ୍ୱାଳଙ୍କୁ ଜଣେ ଅନନ୍ୟ ରାଜନେତା ତଥା ଧୋୟାଞ୍ଚଳର ବିକାଶର ସାରଥୀ ଥିଲେ । ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ ଓ ୧୫ନଂ ଜିଲ୍ଲା ପରିଷଦର ସଦସ୍ୟା ପ୍ରିୟଦର୍ଶିନୀ ତରାଇ ଶ୍ରଦ୍ଧା ଅର୍ପଣ କରି ଅଜୟ ବିଶ୍ୱାଳଙ୍କୁ ଆଦର୍ଶ ସରପଞ୍ଚ ଏବଂ ଦରଦୀ ମଣିଷ ଭାବେ ବର୍ଣ୍ଣନା କରିଥିଲେ । ଶ୍ରଦ୍ଧାଞ୍ଜଳି ସଭା ସ୍ୱର୍ଗତ ଅଜୟ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳୀ ପ୍ରଦାନ ସହ ଦିବଂଗତ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପୂର୍ବତନ ଜିଲ୍ଲା ପରିଷଦ ନାରଦ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସରପଞ୍ଚ କୈଳାସ ସେଠୀ, ଧନେଶ୍ୱର ପ୍ରଧାନ, କୁଳମଣି ମଲ୍ଲିକ, କ୍ଷମାନିଧି ସାମଲ, ସମିତି ସଭ୍ୟ ଅଭୟ କୁମାର ସ୍ୱାଇଁ, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ଯୁବନେତା ବିଶ୍ୱଜିତ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ରାଉତ, କଣ୍ଠଶିଳ୍ପୀ ସୁଧାଂଶୁ ଶେଖର ଦାସ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ବିଶ୍ୱାଳ, ପଞ୍ଚାୟତ ସଭାପତି ସୁକାନ୍ତ କୁମାର ରାଉତ, ସରପଞ୍ଚ ସିର୍ଦ୍ଧାଥ ଦାସ, ପଞ୍ଚାୟତ ସଭାପତି ହିମାଂଶୁ ବିଶ୍ୱାଳ, ଭିକାରୀ ଚରଣ ବାରିକ, ସମିତି ସଦସ୍ୟ ରାମ ଚନ୍ଦ୍ର ସେଠୀ ତାଙ୍କ ବକ୍ତବ୍ୟରେ ଅଜୟ ବିଶ୍ୱାଳଙ୍କୁ ମଣିଷ ଭିତରେ ମଣିଷ ବୋଲି ଉଲ୍ଲେଖ କରିଥିଲେ । ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଚନ୍ଦନପୁର ପଞ୍ଚାୟତର ପୂର୍ବତନ ପ୍ରତିନିଧି ମହମ୍ମଦ ଇନାୟତ, ପଞ୍ଚାୟତ ସଭାପତି କେଦାର ଚନ୍ଦ୍ର ବିଶ୍ୱାଳ, ଉମେଶ ଚନ୍ଦ୍ର ମହାନ୍ତି, ଚନ୍ଦନ ସାହୁ, କୈଳାସ ଦାସ, ମହେଶ୍ୱର ବିଶ୍ୱାଳ, ସମୀର ମଲ୍ଲିକ, ରଞ୍ଜନ ସ୍ୱାଇଁ, କୃତିବାସ ସାହୁ, ହେମନ୍ତ ଦାସ, ଉମାକାନ୍ତ ବିହାରୀ, ଗଣେଶ୍ୱର ବେହେରା, ସମ୍ବିଦ ଶ୍ରୀଚନ୍ଦନ, ଜ୍ୟୋତି ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥାଇ ଶ୍ରଦ୍ଧା ଅର୍ପଣ କରିଥିଲେ । ବ୍ରାହ୍ମଣୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳଙ୍କ ଏକ ଶୋକବାର୍ତ୍ତା ପାଠ କରାଯାଇଥିଲା । ଅଜୟ ବିଶ୍ୱାଳ ସ୍ମୃତି ପରିଷଦ ପକ୍ଷରୁ ଶିଶିର ନାଥ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶାସନୀପଡ଼ାରେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ମ୍ୟାଚ୍



**ମାର୍ଶାଘାଇ, ୧୬ା୫/ଏନ୍ଏନ୍ଏସ୍:** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶାସନୀପଡ଼ା ମେଳଣ ପଡିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ମ୍ୟାଚ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଆର୍ଟ ଅଫ ଗିଭିଂ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମ୍ୟାଚକୁ ବରିଷ୍ଠ ସାମ୍ବାଦିକ ସରୋଜ କୁମାର ପରିଡା ସଂଯୋଜନା କରିଥିଲେ । ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ ସମାଜସେବା ପୁରୁଷୋତ୍ତମ ଦାସ, ଅବସରପ୍ରାପ୍ତ ଶିକ୍ଷକ ଶୈଳେନ୍ଦ୍ର ଚୌଧୁରୀ, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ତାଳସଙ୍ଗା ପଞ୍ଚାୟତର ଯୁବକର୍ମୀ ବିଦ୍ୟାଧର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବଲ ପକାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଶାସନିପଡ଼ା ମା' ରାମଚଣ୍ଡୀ ଭଲିବଲ କ୍ଲବ୍‌ର ବରିଷ୍ଠ ଏବଂ କନିଷ୍ଠ ଖେଳାଳିଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିଲା । ଏହି ମ୍ୟାଚ୍‌କୁ ସାମ୍ବାଦିକ ଶୁଭେନ୍ଦୁ ପ୍ରକାଶ ଚୌଧୁରୀ, ଶୁଭେନ୍ଦୁ ପ୍ରକାଶ ଦାସ, କ୍ରୀଡବିତ କୁଞ୍ଜ ବିହାରୀ ନାୟକ, ଶଶାଙ୍କ ଶେଖର ରାୟ, ପ୍ରିୟବ୍ରତ ବଳବନ୍ତରାୟ, ତପନ କୁମାର ସାହୁ, ପ୍ରଭାତ ଦାସ, ସମ୍ପ୍ରତି କାନୁନଗୋ, ପ୍ରଦୀପ ନାୟକ, ନିହାର ରଞ୍ଜନ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ମା ରାମଚଣ୍ଡୀ ଭଲି ବଲ ଟିମ ତରଫରୁ କ୍ରାନ୍ତି ରଞ୍ଜନ ଚୌଧୁରୀ, ରବିନ ଦାସ, ଶୁଭ୍ରାଂଶୁ ଶେଖର ରାୟ, ମଳୟ ରଞ୍ଜନ ପରିଡା , ବିକାଶ ଖୁଣ୍ଟିଆ, ପାର୍ଥ ସାରଥୀ ଦାସ, ଶ୍ରେୟାନ ଜେନା, ପ୍ରଭାସ ଜେନା, ସତ୍ୟଜିତ ପରିଡା,ସତ୍ୟସାଇ ଜେନା, ଶୁଭମ କାନୁନ୍‌ଗୋ, ଅଭିଜତ ଚୌଧୁରୀ, ବିଶ୍ୱଜିତ ପରିଡା, ଆଲୋକ ପରିଡା, ଅନୁପ୍ରାସ ଚୌଧୁରୀ,ହିମାଂଶୁ ସ୍ୱାଇଁ, ରିତେଶ ରଞ୍ଜନ ଜେନା, ଅରୂପ ପରିଡା ବିରାଜ ଜେନା,ପ୍ରତ୍ୟୁଷ ବେହେରା, ମାନସ ବେହେରା ପ୍ରମୁଖ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଆର୍ଟ ଅଫ ଗିଭିଂ ପକ୍ଷରୁ ସମସ୍ତ ଖେଳାଳିମାନଙ୍କୁ ଜର୍ସି ସହ ଖେଳସାମଗ୍ରୀ ପ୍ରଦାନ କରାଯାଇଥିଲା ।

### ବୈଠକରେ ସୀମିତ ଅଂଶୁଘାତ ମୁକାବିଲା ପ୍ରସ୍ତୁତି

# ପ୍ରଚଣ୍ଡ ଖରାରେ କାମ କରୁଛନ୍ତି ଶ୍ରମିକ

**କେନ୍ଦ୍ରାପଡ଼ା, ୧୬ା୫/ଏନ୍ଏନ୍ଏସ୍:** ଗତ ଫେବୃଆରୀ ମାସ ୨୨ ତାରିଖ ଦିନ ଅଂଶୁଘାତ ମୁକାବିଲା ନିମନ୍ତେ ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ଜିଲ୍ଲାର ପାନୀୟଜଳ ସମସ୍ୟା ଦୂର କରିବା ଏବଂ ଲୋକମାନଙ୍କ ଅଂଶୁଘାତରୁ ରକ୍ଷା କରିବା ନିମନ୍ତେ ବିଭିନ୍ନ ପ୍ରସ୍ତାବ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରେ ନଳକୂପଗୁଡିକୁ ଯୁଦ୍ଧ କାଳିନ ଭିତ୍ତିରେ ମରାମତି କରିବା ଏବଂ ଲୁଣି ପାଣି ପଡୁଥିବା କିମ୍ବା ଆଦୌ ପାଣିନଥିବା ଜନବସତିରେ ନୂତନ ନଳକୂପ ବସାଇବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ଏହି ବୈଠକ ଅଂଶୁଘାତ ମୁକାବିଲା କରିବାରେ ସୀମିତ ରହିଯାଇଛି । ବର୍ତ୍ତମାନ ଅଂଶୁଘାତ ମୁକାବିଲା କଥା ପ୍ରଶାସନ ଭୁଲିଯାଇଛି । ଏହି ବୈଠକରେ ନିଷ୍ପତ୍ତି ଅନୁଯାୟୀ ଶ୍ରମିକମାନେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବା, ବସ୍ ଚଳାଚଳ ମଧ୍ୟ ଏହି ସମୟରେ ବନ୍ଦ କରିବା ସହିତ ବସ ମଧ୍ୟରେ ପାନୀୟଜଳର ବ୍ୟବସ୍ଥା କରିବା, ପୌରାଞ୍ଚଳରେ ପ୍ରତି ଛକ ସ୍ଥାନମାନଙ୍କରେ ଜଳଛତ୍ର ଖୋଲିବା, କିନ୍ତୁ ଆଲୋଚନା କରାଯାଇଥିବା ବିଷୟଗୁଡିକ ଉପରେ ଏଯାଏ କୌଣସି କାର୍ଯ୍ୟ କରାଯାଇ ନାହିଁ । ଏଥି ସହିତ ନଳକୂପ ନିକଟରେ ବୁଲା ଗାଈ, ଗୋରୁଙ୍କ ପାଇଁ ଅସ୍ଥାୟୀ ଜଳକୁଣ୍ଡ ନିର୍ମାଣ କରିବା ସହିତ ରାଜନଗର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ବନ୍ୟ ପଶୁପକ୍ଷୀଙ୍କ ପାଇଁ ଜଳକୁଣ୍ଡ ନିର୍ମାଣ ଏଯାଏ କରାଯାଇନାହିଁ । ପାନୀୟଜଳ ସମସ୍ୟା ଏଡାଇବା ପାଇଁ ଜିଲ୍ଲାପାଳ ଅସଜଡା ନଳକୂପଗୁଡିକୁ ଚାଲୁ କରିବା, ଟ୍ୟାଙ୍କର ଯୋଗେ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟଜଳ ଯୋଗାଇବାକୁ ପୌରସଂସ୍ଥାର ନିର୍ବାହୀ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ହାଟବଜାର ବସ୍‌ଷ୍ଟାଣ୍ଡ ବିଭିନ୍ନ ପଞ୍ଚାୟତର ଜଳଛତ୍ର ଖୋଲିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ପୌରସଂସ୍ଥା ପକ୍ଷରୁ ଜଳଛତ୍ର ଖୋଲାଯାଇଛି । ହେଲେ ଲୋକଙ୍କ ତୃଷା ମେଣ୍ଟି ପାରୁନାହିଁ । କେନ୍ଦ୍ରାପଡା ମୁଖ୍ୟ କେନାଲରେ ପାଣି ଛଡାନଯିବାରୁ ଗାଈ ଗୋରୁମାନେ ପାଣି ପିଇବାର ଅସୁବିଧା ଦେଖାଦେଇଛି । ଅଂଶୁଘାତକୁ ମୁକାବିଲା କରିବା ପାଇଁ ପ୍ରତିଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କର ଶୀତତାପ ନିୟନ୍ତ୍ରୀତ ସ୍ୱତନ୍ତ୍ର ପ୍ରକୋଷ୍ଠର ବ୍ୟବସ୍ଥା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତା ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ୍‌ଚଳାଚଳ ବନ୍ଦ ରଖିବା, ଯାତ୍ରୀବାହୀ ବସ୍‌ରେ ପାନୀୟଜଳ ବ୍ୟବସ୍ଥା କରିବା ଏବଂ ଓଆରଏସ୍ ପ୍ୟାକେଟ୍ ମହଜୁଦ୍ ରଖିବା ପାଇଁ ଜିଲ୍ଲା ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ଜିଲ୍ଲାପାଳ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତା ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ । ବର୍ତ୍ତମାନ ଦିନ ତମାମ ଗ୍ରୀଷ୍ମରେ ନିର୍ମାଣ କାମ ଚାଲୁ ହେଉଥିବାର ଦେଖିବାକୁ ମିଳିଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ ସରବରାହ ଚାଲୁ ରଖିବାକୁ ବୈଠକରେ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଥିଲେ ମଧ୍ୟ ପ୍ରତିଦିନ ୩/୪ ଘଣ୍ଟା ବିଦ୍ୟୁତ୍ କଟୁଥିବାର ଦେଖିବାକୁ ମିଳିଛି । ବିଭିନ୍ନ ବ୍ଲକ ତହସିଲ୍ କେନ୍ଦ୍ରାପଡାରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଳୟ ଗ୍ରାମୀୟଜଳ ଯୋଗାଣ ଓ ପରିମଳ ଏବଂ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହେଉ ନାହିଁ । ପ୍ରତି ବ୍ଲକର ବିଡିଓ ମାନେ ନିଜ ନିଜ ଅଧିନରେ ଥିବା ପଞ୍ଚାୟତ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସହାୟତାରେ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଏ ଯାଏ ହୋଇପାରିନାହିଁ । ସେହିପରି କେନ୍ଦ୍ରାପଡାର ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିବା ସତ୍ତ୍ୱେ ପ୍ରଚଣ୍ଡ ଖରାରେ ଶ୍ରମିକମାନେ କାମ କରିବା ସହିତ ବସ୍‌ଗୁଡିକ ମଧ୍ୟ ଚଳାଚଳ କରୁଥିବାର ଦେଖିବାକୁ ମିଳିଛି ।

### ବହୁ ନଳକୂପ ମରାମତି ଅଭାବରୁ ଅଚଳ

## ଜାମୁକୁଣ୍ଡାରେ ହନୁମାନ ବିଗ୍ରହ ପ୍ରତିଷ୍ଠା



**ପଟ୍ଟାମୁଣ୍ଡାଇ, ୧୬ା୫/ଏନ୍ଏନ୍ଏସ୍:** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଡିହାପଡା ପଞ୍ଚାୟତ ଜାମୁକୁଣ୍ଡା ଗାଁରେ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସର୍ବପ୍ରଥମେ ଅଙ୍କୁରାରୋପଣ କଳସ ଯାତ୍ରା, ଯଜ୍ଞ ଆରମ୍ଭ ସୂର୍ଯ୍ୟ ପୂଜା ଗୋ-ପୂଜା ସହ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଥିଲା । ଏଇ ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଭାବରାସ୍ତାତ୍ମକ ଭଜନ ପରିବେଷଣ କରାଯାଇଥିଲା । ପ୍ରତ୍ୟହ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ ହନୁମାନଜୀଉଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ଡିହାପଡା ସମିତି ସଭ୍ୟା ରେଣୁକା ସେଠୀ, ଯୁବନେତା ପାଣ୍ଡ୍ୱ ସେଠୀ ମଥୁରାନନ୍ଦ ପଲାଇ ବିଶ୍ୱମ୍ଭର ସିଂ ଶରତ ପ୍ରଧାନ ରବୀନ୍ଦ୍ର ନାୟକ ପ୍ରଫୁଲ୍ଲ ସାମଲ କହେଁଇ ସ୍ୱାଇଁ ଗୌତମ ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପ୍ରଭୁ ହନୁମାନଜୀଉଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପାଣ୍ଡବ ସେଠୀ, ରବୀନ୍ଦ୍ର ସେଠୀ, ଘନଶ୍ୟାମ ସେଠୀ, ହରେକୃଷ୍ଣ ସେଠୀ, ନିତ୍ୟାନନ୍ଦ ସେଠୀ, ନବୀନ ସେଠୀଙ୍କ ସମେତ ଜାମୁକୁଣ୍ଡା ଗ୍ରାମବାସୀ ଓ ମହାବୀର ପୂଜା କମିଟି ସଦସ୍ୟମାନେ ପରିଚାଳନା କରିଥିଲେ ।

## ୬୮ କେଜି ଗଞ୍ଜେଇ ଜବତ, ଚାଲାଣକାରୀ ଗିରଫ



**ଆଳି, ୧୬ା୫/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ପୁଲିସକୁ ବଡ଼ ସଫଳତା ମିଳିଛି । କନ୍ଧମାଳରୁ ଏକ କାର୍‌ରେ ୬୮ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ନେଇ ଆଳିକୁ ଆସୁଥିବା ଏକ ରାକେଟ୍‌କୁ ଆଳି ପୁଲିସ କାବୁ କରିଛି । ଚାଲାଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ଗଞ୍ଜେଇ ଜବତ ହୋଇଥିବା ନେଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, କନ୍ଧମାଳ ଜିଲ୍ଲାରୁ କେନ୍ଦ୍ରାପଡ଼ା ଜିଲ୍ଲା ଆଳିକୁ ଓଡି ୩୩ଏପି ୬୪୫୭ କାରରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଆଳି ଆଇଆଇସି ଖବର ପାଇ ଜିଲ୍ଲା ପୁଲିସଙ୍କୁ ଅବଗତ କରିଥିଲେ । ଆଳି ଥାନାର ଏକ ସ୍ୱତନ୍ତ୍ର ଟିମ ଏହି ଗଞ୍ଜେଇ ଗାଡିକୁ ଧରିବା ନିମନ୍ତେ ଯୋଜନା କରି ତେଲିପାଟଣା ନିକଟରେ ଧରିଥିଲେ । ଏହି ଗାଡିର ଡ଼ିକିରେ ୪ଟି ବ୍ୟାଗରେ ଗଞ୍ଜେଇ ଥିବା ଦେଖିବା ପରେ ଗାଡିକୁ ଥାନାକୁ ଅଣା ଯାଇଥିଲା । ଥାନାରେ ଗାଡି ଜବତ କରାଯିବା ସହ ଗାଡ଼ିରେ ଥିବା ୬୮. ୩୦୦ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଗଞ୍ଜେଇର ବଜାର ମୂଲ୍ୟ ପାଞ୍ଚ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଏହି ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତି ଥିବା କନ୍ଧମାଳ ଜିଲ୍ଲାର ଭାସ୍କର ମଲିକ, ଶମ୍ଭୁ ଦିଗଲ ଓ ରଘୁନାଥ ପୁଖୋରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯିବା ସହ ସେମାନଙ୍କ ନିକଟରୁ ୨୯୦୦ ଟଙ୍କା ଓ ମୋବାଇଲ ଜବତ କରାଯାଇଛି । ଆଳି ପୁଲିସ ପକ୍ଷରୁ କେସ ନଂ ୨୦୬/୨୬ ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ନେଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । କନ୍ଧମାଳରୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ପୁଲିସ ଜାଣି ପାରୁଥିବା ବେଳେ ଆଳି ଅବକାରୀ ବିଭାଗ ଜାଣି ପାରିଲାନି କିପରି ଏହି ଚୋରାଚାଲାଣ ଆଳିରେ ପ୍ରଥମଥର ନା ପୂର୍ବରୁ ହେଉଥିଲା ତାହା ଏବେ ଆଲୋଚନାର ବିଷୟ ପାଲଟିଛି । ତେବେ ଏତେ ପରିମାଣର ଗଞ୍ଜେଇ ଧରା ପଡ଼ିଥିବା ବେଳେ କାହା ନିକଟକୁ ଏହି ଗଞ୍ଜେଇ ଯାଉଥିଲା ତାହା ପୁଲିସ ସ୍ପଷ୍ଟ କରିନି ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



**କେନ୍ଦ୍ରାପଡ଼ା, ୧୬ା୫/ଏନ୍ଏନ୍ଏସ୍:** କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟ୍ ପକ୍ଷରୁ ଆଜି ଅଗ୍ନିବିପନ୍ନ ଦୁଇ ଗୋଟି ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ମହାକାଳପଡା ବ୍ଲକ ଅନ୍ତର୍ଗତ ଅମେଇପାଳ ପଞ୍ଚାୟତ ସାମଯୋରି ଗ୍ରାମର ହେମନ୍ତ ଦାସ ଓ ବସନ୍ତ ଦାସଙ୍କ ଦୁଇ ଗୋଟି ପରିବାରର ଚାଳ ଘର ଅଗ୍ନିକାଣ୍ଡଘଟି ଆସବାସପତ୍ର ସହିତ ଧାନ, ଚାଉଳ, ବାସନକୁସନ ଆଦି ପୋଡି ଭସ୍ମିଭୂତ ହୋଇଯାଇଥିଲା । କ୍ରେଡିଟ୍ କୋଅପରେଟିଭ ସୋସାଇଟ୍ ସଭାପତି ତଥା ସମବାୟବିତ୍ ପ୍ରମୋଦ ସାହୁ ଅଗ୍ନିବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ଦୁଇ ଗୋଟି ପରିବାରକୁ ଆସବାବପତ୍ର ସହିତ ଲୁଗାପଟା ଓ ରାସନ ସାମଗ୍ରୀ ଦେବା ସହ ନଗଦ ୫ ହଜାର ଲେଖାଏଁ ଅର୍ଥ ରାଶି ସହାୟତା ପ୍ରଦାନ କରିଛନ୍ତି । ଏହି ସହାୟତା ପ୍ରଦାନ ସମୟରେ କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍ ମାର୍ଶାଘାଇ ଶାଖା ପରିଚାଳକ ରାଜେଶ ପାତ୍ର, କର୍ମଚାରୀ ଉମାମାଧବ ମିଶ୍ର, ରଞ୍ଜନ କୁମାର ସାହୁ, ଗ୍ରାମର ୱାର୍ଡ ସଭ୍ୟ ସରୋଜ ମହାପାତ୍ର, ରଞ୍ଜନ କୁମାର ମହାପାତ୍ର, କ୍ଷିରୋଦ ଦାସ, ଅରୁଣ ମହାପାତ୍ର, ବିଶ୍ୱକଲ୍ୟାଣୀ ଦାସ ଓ କବିତା ଦାସ ପ୍ରମୁଖଙ୍କ ସହ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ପ୍ରକାଶ, କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟ୍ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଘଟିଥିବା ପରିବାରଙ୍କୁ ସହାୟତା ଦେବା ସହିତ ମେଧାବୀ ଛାତ୍ରଛାତ୍ରୀ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡାବିତ୍‌ଙ୍କୁ ସହାୟତା ଯୋଗାଇ ଦେଇଆସୁଛି ।

## ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଲୋକେ ହନ୍ତସନ୍ତ

**କଣିହାଁ, ୧୬ା୫/ଏନ୍ଏନ୍ଏସ୍:** କଣିହାଁ ବ୍ଲକ ଅନ୍ତର୍ଗତ ଏନ୍‌ଟିପିସି ସଦର ମହକୁମା ବଜ୍ରକୋଟ, ସମଲ ଓ ପରାବିଲ ବିଦ୍ୟୁତ ସେକ୍ସନ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଜୁଳି କାଟ୍‌କୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଗ୍ରୀଷ୍ମ ପ୍ରବାହରେ ଲୋକେ ଅସହ୍ୟ ଗରମରେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଘନଘନ ବିଦ୍ୟୁତ୍ ବିଚ୍ଛିନ୍ନତା ଲୋକଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି । ସ୍ଥାନୀୟ ଉପଭୋକ୍ତାମାନଙ୍କ ଅଭିଯୋଗ ଅନୁଯାୟୀ, କୌଣସି ଝଡ଼, ବର୍ଷା



ନଥିଲେ ମଧ୍ୟ ଦିନଦିପହରେ ବାରମ୍ବାର ବିଜୁଳି କାଟ୍ ହେଉଛି । ଏହାର କାରଣ ସମ୍ପର୍କରେ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳୁନଥିବାରୁ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ଇଲେକ୍ଟ୍ରି ଅଫିସରମାନଙ୍କୁ ଫୋନ କଲେ ମୋବାଇଲ ସ୍ୱିଚ୍ ଅଫ୍ ଥିବା କୁହାଯାଉଥିବାରୁ ଉପଭୋକ୍ତାମାନେ ଅଧିକ ହତାଶ ହେଉଛନ୍ତି । କିଛିଦିନ ପୂର୍ବରୁ ଗ୍ରୀଷ୍ମକାଳରେ ଅନାବଶ୍ୟକ ବିଜୁଳି କାଟ୍ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରିଥିଲେ । ତଥାପି ପରିସ୍ଥିତିର ସୁଧାର ନ ହେବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି । କଣିହାଁ, ଏନ୍‌ଟିପିସି ବଜାର, ସମଲ ପବିତ୍ର ନଗର ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ଯେ, ଯଦି ଅଘୋଷିତ ବିଜୁଳି କାଟ୍ ତୁରନ୍ତ ବନ୍ଦ ନହୁଏ ତେବେ ସେମାନେ ଆନ୍ଦୋଳନର କରିବାକୁ ଅବଲମ୍ବନ କରିବେ । ଏହି ସମସ୍ୟା ପ୍ରତି ବିଦ୍ୟୁତ୍ ବିଭାଗ ନିଦାବିଷ୍ଟ ସାଜିଥିବା ଅଭିଯୋଗ ହେଉଛି ।

## ମହିଳାଙ୍କୁ ଆକ୍ରମଣ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ



**କେନ୍ଦ୍ରାପଡ଼ା, ୧୬ା୫/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଇଚ୍ଛାପୁର ଦୁର୍ଗାମନ୍ଦିର ଗଳିରେ ରହୁଥିବା ଦୁର୍ଦ୍ଦାନ୍ତ ଅପରାଧୀ ନାଗାସିହ୍ନା ନାମକ ଯୁବକ ଚୋରା ମଦ, ଗଞ୍ଜେଇ ବ୍ୟବସାୟ କରୁଛନ୍ତି । ତାଙ୍କ ନିକଟରେ ଭଡ଼ା ଘରେ ରହୁଥିବା ମମତା ଅରୁଣ ନାମକ ଜଣେ ମହିଳାକୁ ପୂର୍ବ ଶତ୍ରୁତାକୁ ଆଧାର କରି ନାଗାସିହ୍ନା ନିସ୍ଥୁକ ମାଡ଼ ମାରିବା ସହ ତାଙ୍କର ଦାନ୍ତ ଭାଙ୍ଗି ଦେଇଥିଲେ । ଚାରିମାସ ହେଲା ଏ ବିଷୟରେ ଟାଉନ୍‌ଥାନାରେ ଅଭିଯୋଗ ହୋଇଥିଲା । ଟାଉନ୍‌ଥାନା ଅଧିକାରୀ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲେ ହେଲେ ଅଭିଯୁକ୍ତକାରୀର ଟେର୍ ପାଉନଥିଲେ । ଅଭିଯୋଗକାରୀ ଜଣକ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅଭିଯୋଗ କଲାପରେ ତାଙ୍କ ନିର୍ଦ୍ଦେଶରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ବିଶ୍ୱଭୂଷଣ ସାହାଣୀ ଅଭିଯୁକ୍ତ ଘରେ ଶୋଇଥିବାର ଖବର ପାଇ ରାତିରେ ଚଢାଉ କରି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି ।

### କାଠିଆପଡ଼ା ଯୁବତୀ ହତ୍ୟାକାଣ୍ଡ ଘଟଣା

# ୨୫ ଦିନ ପରେ ସୁପାରୀକିଲର ବିହାରରୁ ଗିରଫ



**ଜଗତସିଂହପୁର, ୧୬ା୫/ଏନ୍ଏନ୍ଏସ୍:** ଜଗତସିଂହପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ କାଠିଆପଡା ଗ୍ରାମର ଡାଲି ଓରଫ ସସ୍ମିତା ଦାସ ହତ୍ୟାକାଣ୍ଡ ଘଟଣାରେ ଜଗତସିଂହପୁର ଥାନାର ଏକ ପୁଲିସ ଟିମ ଶୁକ୍ରବାର ବିହାର ରାଜ୍ୟରୁ ସୁପାରୀକିଲର ଲାଲୁ କୁମାର ଓରଫ ଲାଲୁ ଯାଦବଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଶନିବାର ଏସ୍‌ପି ଅଙ୍କିତ କୁମାର ବର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି । ଗିରଫ ସମୟରେ ମୃତ ଡଲିର ବାପାଙ୍କ ନାମରେ ଥିବା କାର ସହିତ ୩ଟି ମୋବାଇଲ ଫୋନ, ଏକ ପାନ କାର୍ଡ ଓ ଏକ ଏଟିଏମ୍ ଜବତ କରାଯାଇଥିବା ଏସ୍‌ପି ସୂଚନା ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ତଥା ଡଲିର ପ୍ରେମିକ ପପୁ ଓରଫ ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କୁ ପୁଲିସ ହତ୍ୟାକାଣ୍ଡର ୨୪ ଘଣ୍ଟା ମଧ୍ୟରେ ଟାଟା ଜାମସେଦପୁର ଅଞ୍ଚଳରୁ ଗିରଫ କରି କୋର୍ଟଚାଲଣ କରିଥିବା ବେଳେ, ସୁପାରିକିଲରକୁ ୨୫ ଦିନରେ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ପ୍ରକାଶ, କାଠିଆପଡ଼ା ଗ୍ରାମର ପ୍ରମୋଦ ଦାସଙ୍କ ଝିଅ ଡ଼ଲି ଓରଫ ସସ୍ମିତା ଦାସଙ୍କ ସହିତ ନିକଟସ୍ଥ କୁଳମୁଣ୍ଡିଲୋ ଗ୍ରାମର ସ୍ୱର୍ଗତ ସୋମନାଥ ସ୍ୱାଇଁଙ୍କ ପୁଅ ସୂର୍ଯ୍ୟକାନ୍ତ ସ୍ୱାଇଁ ଓରଫ ପପୁ (୩୦) ସହିତ ଦୀର୍ଘ ଦିନ ହେବ ପ୍ରେମ ସମ୍ପର୍କ ଥିଲା । ଏପରିକି ଦ୍ୱୟ ସ୍ୱାମୀ ଓ ସ୍ତ୍ରୀ ସମ୍ପର୍କ ରହିଥିବା ଡ଼ଲିର ପରିବାର ଲୋକେ ଜାଣିଥିଲେ । କିନ୍ତୁ ପପୁ ପୂର୍ବରୁ ବିବାହ କରିଥିବା ଓ ତାର ଏକ ପୁତ୍ର ସନ୍ତାନ ଥିବା ଡ଼ଲି ଜାଣିବା ପରେ, ଡଲି ଓ ତାର ପରିବାର ଲୋକେ ଦୂରତ୍ୱ ରହିବା ଆରମ୍ଭ କରିଥିଲେ । ଏପରିକି ଡ଼ଲି କି ଅନ୍ୟ ଜାଗାରେ ବିବାହ ନିମନ୍ତେ ପ୍ରସ୍ତାବ ଖୋଜିବା ଆରମ୍ଭ କରିଥିଲେ । କିନ୍ତୁ ପପୁ ପ୍ରେମ ସମ୍ପର୍କ ମଧ୍ୟରେ ପ୍ରେମିକ ଡ଼ଲି ନାମରେ ୧୨ଲକ୍ଷ ଟଙ୍କାର ଏକ ଜାଗା ସହିତ ୧୦ ଲକ୍ଷ ଟଙ୍କାର ଏଲ୍‌ଆଇସି କରିଥିଲା । ଏପରିକି ଡ଼ଲି ପଛରେ ବହୁ ଅର୍ଥ ମଧ୍ୟ ଖର୍ଚ୍ଚ କରିଥିବା ପପୁ ପୁଲିସ ଆଗରେ କହିଛି । ତେଣୁ ସେ ସବୁ ଅର୍ଥ ଆଗକୁ ଫେରି ପାଇବା ଅସମ୍ଭବ ଜାଣି ଡ଼ଲି ନିମନ୍ତେ ଖରାପ ଚିନ୍ତାଧାରା ନେଇଥିଲା । ଘଟଣାର ୨ମାସ ପୂର୍ବରୁ ଡ଼ଲିର ବାହାଘର ଅନ୍ୟତ୍ର ଠିକ୍ ହେବ ସହିତ ନିର୍ବନ୍ଧ ହୋଇଥିଲା । ଏହି ନିର୍ବନ୍ଧରେ ପପୁ ଉପସ୍ଥିତ ରହି ବହୁ ସହଯୋଗ କରିଥିଲା ଏବଂ ପପୁ ଡ଼ଲି ସହିତ ଫୋନ୍‌ରେ ସମ୍ପର୍କ ରଖିଥିଲା ।ତେବେ ନିର୍ବନ୍ଧର ୨ମାସ ପରେ ଅର୍ଥାତ୍ ୨୦।୪।୨୦୨୬ ରାତ୍ର ୯ ଘଟିକା ସମୟରେ ଡ଼ଲି ସେହି ଗ୍ରାମରେ ଥିବା ତାର ମାମୁଁ ଘରକୁ ଯାଉଛି ତାର ମା'କୁ କହି ଯାଇଥିଲା । ହେଲେ ପପୁ ଚତୁରତାର ସହିତ ଡଲିକୁ ଫୋନ କରି ଘର ଠାରୁ ୩୦୦ ମିଟର ଦୂରତା ରରେ ଥିବା ମୁଗ କିଆରିକୁ ଡାକି ସୁପାରିକିଲର ଜରିଆରେ ଏକ ଧାରୁଆ ଅସ୍ତ୍ରରେ ବେକକୁ ଚୋଟ ପକାଇ ରକ୍ତାକ୍ତ କରି ଗୁରୁତର କରି ଦେଇ ଦ୍ୱୟ ଏକ ସ୍କୁଟିରେ ଫେରାର ହୋଇ ଯାଇଥିଲେ । ହେଲେ କାଳେ ଡ଼ଲି ଜୀବିତ ଥିବା ସନ୍ଦେହରେ ପୁନର୍ବାର ଫେରି ପପୁ ନିଜେ ଖ୍ରନ ଭିନ୍ କରି ହାଣି ଦ୍ୱୟ ସ୍କୁଟିରେ ଜାମସେଦପୁର । ଫେରାର ହୋଇ ଯାଇଥିଲେ । ୨୧ତାରିଖରେ ଡ଼ଲିର ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନଥିଲେ । ସଧାରେ ଗ୍ରାମର ଜଣେ ଚାଷୀ ମୁଗ ଓପଡ଼ି ଫେରୁଥିବା ସମୟରେ ଡ଼ଲି ମରି ପଡ଼ିଥିବା ଦେଖି ଗ୍ରାମରେ ଖବର ଖେଳି ଯାଇଥିଲା । ଏଥି ସହିତ ଝିଅକୁ ହାଣି ହତ୍ୟା କାର ଯାଇଥିବା ପରିବାର ଲୋକେ ଜାଣିବା ପରେ ଡ଼ଲିର ବାପା ପ୍ରମୋଦ ଦାସ ସଦର ଥାନାରେ ପ୍ରେମିକ ପ୍ରମୋଦ ଏବଂ ଅନ୍ୟ ସାଯୋଗୀଙ୍କ ନାମରେ ଅଭିଯୋଗ କରିଥିଲେ । ପୁଲିସ ଥାନାରେ ହତ୍ୟା ମାମଲା ନମ୍ବର ୩୩୯/୨୦୨୬ ରୁଜୁ କରିବା ସହିତ ତଦନ୍ତ ଜାରି ରଖିଥିଲେ । ଅଭିଯୋଗ ହେବାର ୨୪ଘଣ୍ଟା ମଧ୍ୟରେ ପପୁକୁ ପୁଲିସ ଜାମସେଦପୁର ଅଞ୍ଚଳରୁ ଗିରଫ କରି କୋର୍ଟଚାଲଣ କରିଥିଲା । ହେଲେ ହତ୍ୟା ନିମନ୍ତେ ୨ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିବା ବିହାରୀ ସୁପାରୀକିଲର୍ ବିହାର କାଇମୁର୍ ଜିଲ୍ଲା ଖଡିହା ଗ୍ରାମର ବୀରେନ୍ଦ୍ର ସିଂହଙ୍କ ପୁଅ ଲାଲୁ ଯାଦବ(୨୬) ଫେରାର ଥିଲା । ସଦର ପୁଲିସ ଲାଲୁକୁ ଧରିବା ପାଇଁ ଜାଲ ବିଛାଇ ପରେ ଶୁକ୍ରବାର ସଫଳ ହୋଇଥିବା ପୁଲିସ ପ୍ରକାଶ କରିଛି ।

## ଅନ୍ୱେଷଣ ପରିବାର ପକ୍ଷରୁ ଜଳସେବା



**ଯାଜପୁର, ୧୬ା୫/ଏନ୍ଏନ୍ଏସ୍:** ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର୍ ଗ୍ରୁପ୍ ଓ ଫ୍ରିଡମ୍ ଅଏଲ୍ ମିଳିତ ସହଯୋଗରେ ବିରଜା ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କୁ ଜଳସେବା ପ୍ରଦାନ କରାଯାଇଥିଲା । ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନଙ୍କୁ ଜଳସେବା ପ୍ରଦାନ କରାଯାଇଥିଲା । ପ୍ରକାଶ, ପ୍ରତ୍ୟେକ ବର୍ଷ ପବିତ୍ର ସାବିତ୍ରୀ ଅମାବାସ୍ୟାରେ ଅନ୍ୱେଷଣ ଥିଏଟର ଗ୍ରୁପ୍ ଓ ଫ୍ରିଡମ୍ ଅଏଲ୍ ମିଳିତ ସହଯୋଗରେ ଭକ୍ତମାନଙ୍କୁ ଜଳସେବା କାର୍ଯ୍ୟକ୍ରମ କରାଯାଇଥାଏ । ଆଜିର ଏହି ମହତ୍ କାର୍ଯ୍ୟକ୍ରମକୁ ଫ୍ରିଡମ୍ ଅଏଲ୍‌ର ଓଡ଼ିଶାର ମୁଖ୍ୟ ବରିଷ୍ଠ ସମାଜସେବୀ ଅମୀୟ କୁମାର ଧଳ ଶୁଭାରମ୍ଭ କରିବା ସହିତ ଶ୍ରଦ୍ଧାଳୁମାନଙ୍କୁ ଜଳସେବା ପ୍ରଦାନ କରିଥିଲେ । ଆଜିର ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, କୋଷାଧ୍ୟକ୍ଷ ଦିଜେନ୍ଦ୍ର ନାରାୟଣ ରାଉତ,ସହ ସମ୍ପାଦିକା ଶକୁନ୍ତଳା ବେହେରା, କୋର କମିଟିର ସଦସ୍ୟ ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ରାଉତରାୟ, ଗୌତମ ବିକାଶ ମହାନ୍ତି, ସଂଗଠନ ସମ୍ପାଦକ ଧନଞ୍ଜୟ ପୃଷ୍ଟି, ସହ ସସଂଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, ସଦସ୍ୟ ଗୋପାଳ ଚନ୍ଦ୍ର ବେହେରା, ଶିଶିର କୁମାର ମହାପାତ୍ର, ଅବିନାଶ ଦାସ, ଉପେନ୍ଦ୍ର କୁମାର ଜେନା, ଅବକାଶ ରଥ, କିଶୋର କୁମାର ଦାଶ, ଜୟ ପ୍ରକାଶ ନାୟକ, ସୁକାନ୍ତ ରାଉତ, କେଶବ ବେଜ, ମନିଷା ରାଉତ, ଜ୍ଞାନରଞ୍ଜନ ସାହୁ, ସୁଶାନ୍ତ କୁମାର ନାୟକ, ସନ୍ତୋଷ କୁମାର ମିଶ୍ର, ଦେବବ୍ରତ ମିଶ୍ର, ସୁଭଶ୍ରୀ ମହାନ୍ତି, ସାଇଶ୍ରୀ ମହାନ୍ତି, ପୂର୍ଣ୍ଣିମା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଖରାଗରମକୁ ଖାତିରି ନକରି ଏହି ମହାନ କାର୍ଯ୍ୟକ୍ରମରେ ସହଯୋଗ କରିଥିବାରୁ ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜଣାଇଥିଲେ ।

ନିତିଦିନ NITIDIN
ରବିବାର, ୧୭ ମେ' ୨୦୨୬

**ନିତି ଭାରତୀ**

ବିଭିନ୍ନ ସଂସ୍କୃତି ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ପୁସ୍ତକଗୁଡ଼ିକ ହେଉଛନ୍ତି ମାଧ୍ୟମ।
- ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

# ବଙ୍ଗ ସମ୍ଭାଳିଲେ ଆଉ ଜଣେ ବ୍ୟାଚେଲର



ଲଲିତେନ୍ଦୁ ପଲାଉରୀ

ପଶ୍ଚିମବଙ୍ଗରେ ଶେଷ ହୋଇଛି ମମତା ବାନାର୍ଜୀଙ୍କ ୧୫ ବର୍ଷର ଶାସନ। ମମତାଙ୍କୁ ଧରାଶାୟୀ କରି ବଙ୍ଗ ଇତିହାସରେ ପ୍ରଥମ ଥର ପାଇଁ ଭାରତୀୟ ଜନତା ପାର୍ଟିର ଶାସନ ଆରମ୍ଭ ହୋଇଛି। ଏକଦା ବେଙ୍ଗଲ ୩୪ ବର୍ଷର ବାମ ଗଡ଼କୁ ପରାହତ କରି ୨୦୧୧ ମସିହା ମେ' ୨୦ ତାରିଖରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ମମତାଙ୍କ ଗଡ଼ ଭିତରେ ପଶିବାକୁ ବିଜେପି ଦୀର୍ଘ ଦିନ ହେଲା ପ୍ରୟାସ କରି ବିଫଳ ହେଉଥିଲା। ପ୍ରଥମେ ୨୦୧୬ରେ ୩ ବିଧାୟକ; ପରେ ୨୦୨୧ରେ ୭୭, ଆଉ ଶେଷରେ ୨୦୨୬ରେ ୨୦୭ ଆସନ ହାତେଇ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ବେଙ୍ଗଲ ଶାସନ ଭାର ହାତକୁ ନେଇଛି ବିଜେପି। ମୁଖ୍ୟମନ୍ତ୍ରୀ ହୋଇଛନ୍ତି ବେଙ୍ଗଲ ବିଜେପିକୁ ସଫଳତାର ଶୀର୍ଷରେ ପହଞ୍ଚାଇଥିବା ଶୁଭେନ୍ଦୁ ଅଧିକାରୀ। ବେଙ୍ଗଲବାସୀଙ୍କୁ ମିଳିଛି ଆଉ ଜଣେ ଅବିବାହିତ ମୁଖ୍ୟମନ୍ତ୍ରୀ। ଶୁଭେନ୍ଦୁଙ୍କ ପୂର୍ବରୁ ୨୦୧୧ରୁ ୨୦୨୬ ଯାଏଁ ଅବିବାହିତ ମୁଖ୍ୟମନ୍ତ୍ରୀ ଭାବେ ମମତା ବାନାର୍ଜୀ ତାଙ୍କର ବହୁ ପୂର୍ବରୁ ପ୍ରସିଦ୍ଧ ଡାକ୍ତର ବିଧାନ ଚନ୍ଦ୍ର ରାୟ, ପ୍ରଫୁଲ ଚନ୍ଦ୍ର ସେନ୍, ଅଜୟ ମୁଖାର୍ଜୀଙ୍କ ଭଳି ବେଙ୍ଗଲ ରାଜନୀତିରେ ଅବିବାହିତମାନେ ମୁଖ୍ୟମନ୍ତ୍ରୀ ରହି ଆସିଛନ୍ତି। ୨୦୨୦ ଡିସେମ୍ବର ୧୭ରେ ଶୁଭେନ୍ଦୁ ଅଧିକାରୀ ଯୋଗ ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ପରମ ବିଶ୍ୱସ୍ତ ରହିଥିଲେ। ନନ୍ଦିଗ୍ରାମର ସିଂହ ବୋଲି ତାଙ୍କୁ ବିବେଚନା କରାଯାଉଥିଲା। ୧୯ ବର୍ଷ ବୟସରୁ ଛାତ୍ର ରାଜନୀତି ପରେ ପଶ୍ଚିମବଙ୍ଗ କାନ୍ଥି ନଗରପାଳିକାର କାଉନସିଲର; ପରେ ବିଧାୟକ, ସାଂସଦ ଓ ଏବେ ବେଙ୍ଗଲ ଶାସନର ମଙ୍ଗୁଆଳ ହୋଇଛନ୍ତି ଶୁଭେନ୍ଦୁ। ବେଙ୍ଗଲରେ ବିଜେପିକୁ ୨୦୭ ଆସନରେ ପହଞ୍ଚାଇବାରେ ଶୁଭେନ୍ଦୁଙ୍କର ରହିଛି ପ୍ରମୁଖ ଭୂମିକା। ତେବେ ଭାରତୀୟ ଜନସଂଘର ଆଦର୍ଶରେ ବିଜେପିର ମୂଳ ଆଧାର ୧୯୫୧ରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଭଳି ଜଣେ ବଙ୍ଗାଳୀଙ୍କର ପଡ଼ିଥିବା ବେଳେ ସେହି ବଙ୍ଗଳାବାସୀ ବିଜେପିକୁ ଗ୍ରହଣ କରିବାକୁ ୭୫ ବର୍ଷରୁ ଅଧିକ ସମୟ ନେଇଗଲେ। ବିଜେପି ଏବେ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଭାବେ ଉଭା ହୋଇଛି। ଦେଶରେ ପାଖାପାଖି ୨୩ଟି ରାଜ୍ୟରେ ଚାଲିଛି ବିଜେପି ଓ ଏହାର ସହଯୋଗୀ ମେଣ୍ଟ ସରକାର। ୧୯୮୦ ମସିହା ଏପ୍ରିଲ ୬ରେ ପ୍ରତିଷ୍ଠା ଲାଭ କରିଥିବା ଭାରତୀୟ ଜନତା ପାର୍ଟିର ପ୍ରଥମ ସଭାପତି ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ। ବର୍ତ୍ତମାନ ବିଜେପି ଅଙ୍ଗ-ବଙ୍ଗ- କଳିଙ୍ଗ ଦଖଲ ସହ ତା'ର ପୂର୍ବୋଦୟ ମିଶନ ସଫଳ କରି ବିକଶିତ ଭାରତ, ୨୦୪୭ର ମିଶନ ସଫଳ କରିବାକୁ ଯାଉଛି। ତେବେ ପଶ୍ଚିମବଙ୍ଗର ଏହି ନୂଆ ବ୍ୟାଚେଲର ମୁଖ୍ୟମନ୍ତ୍ରୀ ୨୦୨୦ ମସିହା ନଭେମ୍ବର ୨୭ରେ ପଶ୍ଚିମବଙ୍ଗ ନିର୍ବାଚନକୁ ମାତ୍ର ୫ ମାସ ବାକି ଥିବା ବେଳେ ବଡ଼ ନିଷ୍ପତ୍ତି ନେଇ ତୃଣମୂଳ ଛାଡ଼ିଥିଲେ। ମମତା ଦିଦିଙ୍କ ବିଶ୍ୱସ୍ତ ହେବାରୁ ତାଙ୍କର କଟ୍ଟର ବିରୋଧୀ ପାଲଟି ଥିଲେ ଶୁଭେନ୍ଦୁ।

ଶୁଭେନ୍ଦୁ ଦିଦିଙ୍କ ହାତ ଛାଡ଼ିବା ପରେ ଦେଶରେ ପ୍ରମୁଖ ମିଡିଆରେ ଖବରର ଶିରୋନାମା ପାଲଟି ଯାଇଥିଲେ। ଶୁଭେନ୍ଦୁ ପଶ୍ଚିମବଙ୍ଗର ପରିବହନ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଶୁଭେନ୍ଦୁଙ୍କୁ ମନାଇବାକୁ ୨୦୨୦ ଡିସେମ୍ବର ୧ରେ କୋଲକାତାରେ ଏକ ରୁଦ୍ଧଦ୍ୱାର ବୈଠକରେ ଶୁଭେନ୍ଦୁଙ୍କ ସମେତ ୨ ବଡ଼ ନେତା ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀ, ଟିଏମସି ସାଂସଦ ସୌଗତ ରାୟ ଏବଂ ସେ ସମୟରେ ଟିଏମସିର ନିର୍ବାଚନ ରଣନୀତିକାର ଥିବା ପ୍ରଶାନ୍ତ କିଶୋର ବୈଠକ କରି ଶୁଭେନ୍ଦୁଙ୍କୁ ମନାଇବାକୁ ଚେଷ୍ଟା କରିଥିଲେ। ବୈଠକ ପରେ ଘୋଷଣା ହୋଇଥିଲା ସବୁକିଛି ଠିକ୍ ଅଛି। ଶୁଭେନ୍ଦୁ ଟିଏମ୍‌ସିରେ ହିଁ ରହିବେ ବୋଲି ଘୋଷଣା ହୋଇଥିଲା। କିନ୍ତୁ ଦୁଇ ଦିନ ପରେ ଶୁଭେନ୍ଦୁଙ୍କର ଏକ ହ୍ୱାଟସ ଆପ୍ ମେସେଜ ପୁଣି ଥରେ ବେଙ୍ଗଲରେ ରାଜନୈତିକ ହଇଚଇ ସୃଷ୍ଟି କରିଥିଲା। ଟିଏମ୍‌ସିର ବରିଷ୍ଠ ନେତା ସୌଗତ ରାୟଙ୍କୁ ପଠାଇ ଥିବା ମୋବାଇଲ ବାର୍ତ୍ତାରେ ସେ ଲେଖିଥିଲେ, 'ମୋର ଯନ୍ତ୍ରଣା ଏବେ ବି ରହିଛି। ତୁମେ ସମାଧାନ ନକରି ମୋ ଉପରେ ଲଦି ଦେଇଛ। ମୁଁ ସାମ୍ବାଦିକ ସମ୍ମିଳନୀରେ ମୋର ମତାମତ ପ୍ରକାଶ କରିବାର ଥିଲା, କିନ୍ତୁ ତୁମେ ପୂର୍ବରୁ ଘୋଷଣା କରି ମୋର ସୁଯୋଗ ଛଡ଼ାଇ ନେଇଥିଲ। ଏବେ କିନ୍ତୁ ଏକାଠି ହୋଇ ଆଗକୁ ବଢ଼ିବା ଅସମ୍ଭବ। ଦୟାକରି ମୋତେ କ୍ଷମା କର। ଶୁଭେନ୍ଦୁ ଦଳ ଛାଡ଼ିବା ପରେ ମେଦିନୀପୁରରେ ଶୁଭେନ୍ଦୁଙ୍କ କାର୍ଯ୍ୟାଳୟରୁ ମମତା ଦିଦିଙ୍କ ପୋଷ୍ଟର ହଟିଥିଲା। ଡିସେମ୍ବର ୧୭ରେ ସେ ଆନୁଷ୍ଠାନିକ ଭାବରେ ଟିଏମ୍‌ସିରୁ ବିଦାୟ ନେଇଥିଲେ। ଦିଲ୍ଲୀରୁ ଶୁଭେନ୍ଦୁଙ୍କ ପାଇଁ ଜେଡ୍-ପ୍ଲସ୍ ସୁରକ୍ଷା ବ୍ୟବସ୍ଥା କରିଥିଲେ କେନ୍ଦ୍ର ସରକାର। ଡିସେମ୍ବର ୧୯, ୨୦୨୦ରେ ମେଦିନୀପୁରରେ ଏକ ବଡ଼ ବୈଠକର ଆୟୋଜନ ସହ ଗୃହମନ୍ତ୍ରୀ ଅମିତ ଶାହ ଶୁଭେନ୍ଦୁଙ୍କ ବେକରେ ବିଜେପି ସ୍କାର୍ଫ ପିନ୍ଧାଇ ଥିଲେ। ଦୁହେଁ ଏକାଠି ବିଜେପି ପତାକା ହଲାଇ ଥିଲେ। ଶୁଭେନ୍ଦୁ ପ୍ରଣାମ କରି ଶାହଙ୍କ ପାଦ ଛୁଇଁଥିଲେ। ବଙ୍ଗଳା ବିଜୟ ପାଇଁ ବିଜେପିର ସାରଥି ହୋଇଥିଲେ ଶୁଭେନ୍ଦୁ। ମାତ୍ର ତିନୋଟି ଆସନରେ ଜିତିଥିବା ବିଜେପି ଶୁଭେନ୍ଦୁଙ୍କ ରଣନୀତିରେ ୨୦୨୧ ନିର୍ବାଚନରେ ୭୭ରେ ପହଞ୍ଚିଲା। ଆଉ ଶେଷରେ ମମତା ଦିଦିଙ୍କ ଭ୍ରଷ୍ଟ ଶାସନ, ଶୋଷଣ, ନିର୍ଯାତନା, ବାଂଲାଦେଶୀ ଅନୁପ୍ରବେଶ ଯୋଗୁଁ ଅତିଷ୍ଠ ବଙ୍ଗବାସୀ ଶୁଭେନ୍ଦୁ ଅଧିକାରୀଙ୍କୁ ବିଶ୍ୱାସ କରି ବିଜେପିକୁ ବେଙ୍ଗଲର ମୁକୁଟ ପିନ୍ଧାଇଛନ୍ତି।



୧୯୭୦ ଡିସେମ୍ବର ୧୫ ତାରିଖରେ ପୂର୍ବ ମେଦିନୀପୁରର କରକୁଲିରେ ଜନ୍ମ ହୋଇଥିଲେ ଶୁଭେନ୍ଦୁ ଅଧିକାରୀ। ଏକ ରାଜନୀତି ପୃଷ୍ଠଭୂମି ଥିବା ସମ୍ଭ୍ରାନ୍ତ ପରିବାରରୁ ଆସିଥିଲେ ଶୁଭେନ୍ଦୁ। ଶୁଭେନ୍ଦୁଙ୍କ ଜେଜେ କେନାରାମ ଅଧିକାରୀ ସ୍ୱାଧୀନତା ସଂଗ୍ରାମୀ, ବାପା ଶିଶିର ଅଧିକାରୀ ଦୀର୍ଘ ବର୍ଷ ଧରି କାନ୍ଥିର ନଗରପାଳ ଓ ପରେ ପଶ୍ଚିମବଙ୍ଗରୁ କଂଗ୍ରେସ ବିଧାୟକ ଓ ଟିଏମ୍‌ସିରୁ ସାଂସଦ ଓ ମନମୋହନ ସିଂହ ସରକାରରେ ମନ୍ତ୍ରୀ ମଧ୍ୟ ହୋଇଥିଲେ। ୧୯ ବର୍ଷ ବୟସରେ ଛାତ୍ର ରାଜନୀତିରେ ପ୍ରବେଶ କରିଥିଲେ ଶୁଭେନ୍ଦୁ। କାନ୍ଥିର ପିକେ କଲେଜରେ ବାମ ଦଳ ବିରୋଧରେ ଛାତ୍ର କଂଗ୍ରେସର ନେତୃତ୍ୱ ନେଇଥିଲେ। ୨୦୦୬ରେ ଚର୍ଚ୍ଚାକୁ ଆସିଥିଲେ ଶୁଭେନ୍ଦୁ। ଯେତେବେଳେ ବେଙ୍ଗଲରେ ବାମପନ୍ଥୀ ଶାସନ କାଳରେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ନନ୍ଦିଗ୍ରାମରେ କୋରିଆ କମ୍ପାନୀ ପାଇଁ ଏସ୍‌ଇଜେଡ୍ ପ୍ରକଳ୍ପ ନିମନ୍ତେ ୨୫ ହଜାର ଏକର ଜମି ଅଧିଗ୍ରହଣ ହେବାକୁ ଥିଲା, ସେତେବେଳେ ଶୁଭେନ୍ଦୁ ଏହାକୁ ଜୋରଦାର ବିରୋଧ କରିଥିଲେ। ଶୁଭେନ୍ଦୁଙ୍କୁ ମିଳିଥିଲା ପ୍ରଚଣ୍ଡ ଜନ ସମର୍ଥନ। ୨୦୦୭ରେ ନନ୍ଦିଗ୍ରାମ ଭୂମି ଉଚ୍ଛେଦ ପ୍ରତିରୋଧ କମିଟିର ମୁଖ୍ୟ ହୋଇଥିଲେ ଶୁଭେନ୍ଦୁ। ନନ୍ଦିଗ୍ରାମରେ ବାମ ଦଳକୁ ବିରୋଧ କରି ଚର୍ଚ୍ଚାକୁ ଆସିଥିବା ମମତା ବାନାର୍ଜୀଙ୍କର ନିଟକତର ହୋଇଥିଲେ ଶୁଭେନ୍ଦୁ।

୧୯୯୮ରେ ତୃଣମୂଳ କଂଗ୍ରେସ ମମତାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା। କିନ୍ତୁ ଏହି ଦଳରେ ପ୍ରଥମେ ଯୋଗ ଦେଇ ନଥିଲେ ଶୁଭେନ୍ଦୁ। ତାଙ୍କ ବାପା ଶିଶିର ଅଧିକାରୀ ତୃଣମୂଳରୁ ନିର୍ବାଚନ ଲଢ଼ିଥିଲେ। ପରେ ଶୁଭେନ୍ଦୁଙ୍କୁ ଜଙ୍ଗଲ ମହଲ, ବାଙ୍କୁଡ଼ା ଓ ମେଦିନୀପୁରର ଇନଚାର୍ଜ ଭାବେ ଦାୟିତ୍ୱ ଦେଇଥିଲେ ମମତା। ୨୦୦୯ରେ ଉପନିର୍ବାଚନରେ ଶୁଭେନ୍ଦୁ ନିଜେ ନନ୍ଦିଗ୍ରାମରୁ ପ୍ରତିଦ୍ୱନ୍ଦ୍ୱିତା ନକରି ଫିରୋଜା ବିବିଙ୍କୁ ପ୍ରାର୍ଥୀ କରିଥିଲେ। ସେହି ବର୍ଷ ଶୁଭେନ୍ଦୁଙ୍କ ବାପା ଶିଶିର ଅଧିକାରୀ ନିର୍ବାଚନରେ ବିଜୟୀ ହେବା ସହ ୨୦୦୯ରେ ମନମୋହନ ସିଂହ ସରକାରରେ ମନ୍ତ୍ରୀ ହୋଇଥିଲେ। ୨୦୧୯ ଯାଏଁ ଟିଏମ୍‌ସିର ସାଂସଦ ଥିଲେ ଶୁଭେନ୍ଦୁଙ୍କ ବାପା।

୨୦୧୧ ନିର୍ବାଚନରେ ମା', ମାଟି, ମାନୁଷର ନାରା ସହ ବେଙ୍ଗଲରେ ବାମ ସରକାରଙ୍କୁ ପରିବର୍ତ୍ତନ କରିବାର ନାରା ଦେଇ ଟିଏମ୍‌ସିର ନେତୃତ୍ୱ ନେଉଥିବା ମମତା ବାନାର୍ଜୀ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଟିଏମ୍‌ସିରେ ଦ୍ୱିତୀୟ କ୍ଷମତାଶାଳୀ ନେତା ହୋଇଥିଲେ ଶୁଭେନ୍ଦୁ। ୨୦୧୪ରେ ତୃଣମୂଳ କଂଗ୍ରେସରୁ ସାଂସଦ ଭାବେ ବିଜୟୀ ହୋଇଥିଲେ ଶୁଭେନ୍ଦୁ। ତେବେ ଧୀରେ ଧୀରେ ମମତା ନିଜର ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଦଳରେ ଅଧିକ ଗୁରୁତ୍ୱ ଦେବା, ଶୁଭେନ୍ଦୁଙ୍କୁ ଅଣଦେଖା କରିବା ଓ ପରିବାରବାଦ ରାଜନୀତିକୁ ଆଧାର କରିବା ଶୁଭେନ୍ଦୁଙ୍କର ପସନ୍ଦ ହୋଇ ନଥିଲା। ୨୦୧୪ରେ ଟିଏମ୍‌ସିରେ ଥାଇ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ସହ ଭଲ ସମ୍ପର୍କ ଯୋଡ଼ିବା ଆରମ୍ଭ କରିଥିଲେ ଶୁଭେନ୍ଦୁ। ୨୦୧୭ରେ ଟିଏମ୍‌ସିର ସଂସ୍ଥାପକ ମୁକୁଲ ରାୟ ଟିଏମ୍‌ସି ଛାଡ଼ି ବିଜେପିରେ ଯୋଗ ଦେବା ପରେ ଶୁଭେନ୍ଦୁଙ୍କୁ ଆହୁରି ଅଧିକ ଅଣଦେଖା କରାଯିବା ଆରମ୍ଭ ହୋଇଥିଲା। ଶେଷରେ ୨୦୨୦ ମସିହାରେ ଟିଏମ୍‌ସିକୁ ଅଲ୍‌ବିଦା ଜଣାଇ ଥିଲେ ଶୁଭେନ୍ଦୁ। ଏବେ ବେଙ୍ଗଲ ରାଜନୀତିରେ ବିଜେପିକୁ ଏକକ ସଂଖ୍ୟାଗରିଷ୍ଠତା ଦେଇ ନୂଆ ବାଜିଗର ହୋଇଛନ୍ତି ଶୁଭେନ୍ଦୁ ଅଧିକାରୀ।

ରାଜନୀତି, କଳା ସଂସ୍କୃତି, ମେଧା ଶକ୍ତିରେ ପ୍ରବୀଣ ବଙ୍ଗବାସୀ ଶୁଭେନ୍ଦୁଙ୍କଠାରୁ ସୁଶାସନ, ଦୁର୍ନୀତିମୁକ୍ତ ଓ ସୁନାର ବଙ୍ଗଳାର ଆଶା ରଖି ବିପୁଳ ଜନସମର୍ଥନ ଦେଇଛନ୍ତି। ତେଣୁ ଆଗାମୀ ଦିନରେ ପଶ୍ଚିମବଙ୍ଗକୁ ବିକଶିତ ରାଜ୍ୟରେ ପରିଣତ କରିବା ସହ ଅନୁପ୍ରବେଶ ହଟାଇବା ଓ ରାଜ୍ୟକୁ ସୁଶାସନ ପ୍ରଦାନ କରିବା ଏହି ଅବିବାହିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ ନିଶ୍ଚୟ।

ବାଲିପଣ୍ଡାଲ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

୮୩ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀ ଉପଲକ୍ଷେ

# ଜାତୀୟ ସଂହତି ଓ ମହାଭାରତୀୟ ଚେତନାର ଉଦ୍‌ଘୋଷକ 'ଉପେନ୍ଦ୍ର ଭଞ୍ଜ'



ଡାକ୍ତର ଶୈଳେଶ୍ୱର ନନ୍ଦ

ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଘୁମୁସର ରାଜ ପରିବାରରେ ଜନ୍ମ ନେଇ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟକୁ ପଦାଘାତ କରି ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାର ସଂକଳ୍ପ ନେଇ ସୃଷ୍ଟି କରିଥିଲେ ସଂସ୍କୃତ ସାହିତ୍ୟର ସମକକ୍ଷ ଅସଂଖ୍ୟ କାବ୍ୟ କବିତା। ସମଗ୍ର ଭାରତବର୍ଷକୁ ନିଜର କର୍ମଭୂମି କରି ଓଡ଼ିଶାର ସାଂସ୍କୃତିକ ଚେତନା ଓ ଗର୍ବ ଗୌରବକୁ ଜାତୀୟ ସ୍ତରରେ ସଂସ୍ଥାପିତ କରିବାର ଇଚ୍ଛା ନେଇ ସେ ଆଣିଥିଲେ ଏକ ଜାତୀୟ ସଂହତି ନିଜର ସୃଜନଶୀଳ କାବ୍ୟ କବିତା ମାଧ୍ୟମରେ।

ଉତ୍ତର ଭାରତଠାରୁ ଦକ୍ଷିଣ ଭାରତ ପର୍ଯ୍ୟନ୍ତ, ପଶ୍ଚିମ ଭାରତରୁ ପୂର୍ବ ଭାରତ ପର୍ଯ୍ୟନ୍ତ ସମସ୍ତ ଭାରତ ଭୂଖଣ୍ଡର ପ୍ରାକୃତିକ ଶୋଭା, ସାମାଜିକ ଚଳଣି, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଏପରିକି ଭିନ୍ନ ଭିନ୍ନ ଅଞ୍ଚଳର ନାୟକ ନାୟିକାଙ୍କୁ ପ୍ରେମ ବିବାହ ବନ୍ଧନରେ ବାନ୍ଧି ସେ ଏକ ମହାଭାରତୀୟ ଜାତୀୟତାର ଉଦ୍‌ଘୋଷଣା କରିବାକୁ ପଛାଇ ନାହାନ୍ତି। ଅଙ୍ଗ, ବଙ୍ଗ, କଳିଙ୍ଗ, ମାଳବ, ମଗଧ, କର୍ଣ୍ଣାଟ କେରଳଠାରୁ କାଶ୍ମୀର, ଗୁଜରାଟ ଓ ସିଂହଳ ପର୍ଯ୍ୟନ୍ତ ଅଞ୍ଚଳର ମନୋଜ୍ଞ ବର୍ଣ୍ଣନା ସହିତ ଆରବ, ସିନ୍ଧୁଦେଶ ଯାଏଁ ନିଜ କାବ୍ୟ କବିତାର ବର୍ଣ୍ଣନାରେ ସ୍ଥାନ ଦେଇ ସେ ନିଜକୁ ଏ ବିଶାଳ ଭାରତ ଭୂଖଣ୍ଡର କବି ଭାବେ ପ୍ରତିଷ୍ଠିତ କରି ଯାଇଛନ୍ତି। କାଶ୍ମୀରଠାରୁ କନ୍ୟାକୁମାରୀ, ଦ୍ୱାରିକାଠାରୁ ପୁରୁଷୋତ୍ତମ ଧାମ, ବଦ୍ରିକା ଆଶ୍ରମରୁ ରାମେଶ୍ୱର ତଥା ସିଂହଳଠାରୁ ହିମାଳୟ ପର୍ଯ୍ୟନ୍ତ ତାଙ୍କ ରସାଳ କାବ୍ୟ କବିତାରେ ହୋଇଛି ଜୀବନ୍ତ ଓ ମୂର୍ତ୍ତିମନ୍ତ।

ତାଙ୍କ ରଚିତ ୫ଟି ମହାକାବ୍ୟ- ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡସୁନ୍ଦରୀ, ସୁଭଦ୍ରା ପରିଣୟ, ରସିକ ହାରାବଳୀ ଓ ବୈଦେହୀଶ ବିଳାସ ଆର୍ଯ୍ୟ ପରମ୍ପରାର ଚତୁର୍ଦ୍ଧାମ, ଯଥାକ୍ରମେ- ରାମେଶ୍ୱର, ବଦ୍ରିନାଥ, ଦ୍ୱାରିକା ଓ ପୁରୁଷୋତ୍ତମ ଧାମର ଜୟଗାନ କରେ। ଲାବଣ୍ୟବତୀରେ କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ସିଂହଳ ରାଜଜେମା ଲାବଣ୍ୟବତୀକୁ ବିବାହ କରେ। ରାମେଶ୍ୱର ମନ୍ଦିରରେ ଦୁହେଁ ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି। ସେହିପରି କୋଟି ବ୍ରହ୍ମାଣ୍ଡସୁନ୍ଦରୀ ଓ ପୁଷ୍ପକେତୁର ମିଳନସ୍ଥଳ ବଦ୍ରିକାଶ୍ରମ। ଦ୍ୱାରିକାରେ ଶ୍ରୀକୃଷ୍ଣ ଭଗିନୀ ସୁଭଦ୍ରାଙ୍କର ଅର୍ଜୁନ ସହିତ ପ୍ରେମ ଆରମ୍ଭ ହୁଏ। ପ୍ରେମକାବ୍ୟ ପ୍ରେମ ସୁଧାନିଧିର ନାୟକ କୋଶଳର ଓ ନାୟିକା କେରଳର। ଦୂରତ୍ୱର ବ୍ୟବଧାନ କିନ୍ତୁ ସେମାନଙ୍କ ପ୍ରେମରେ ଫାଟ ସୃଷ୍ଟି କରି ପାରେନା। ସେହିପରି ଉତ୍କଳ ଦେଶର ନାୟିକା ରସିକ ହାରାବାଳୀ କୋଶଳ ଦେଶର ରାଜକୁମାରଙ୍କ ପ୍ରତି ଅନ୍ତରଙ୍ଗ ହୋଇଅଛି। ଏଣୁ ଉତ୍କଳ ଓ କୋଶଳର ସଂହତି ସ୍ଥାପିତ ହୋଇଛି। ବୈଦେହୀଶ ବିଳାସ ନୀଳାଦ୍ରିଶ ଚଉତିଶା ଓ ପୁରୁଷୋତ୍ତମ ମହାତ୍ମ୍ୟରେ ଓଡ଼ିଶାର ଆରାଧ୍ୟ ଦେବ ଶ୍ରୀ ଶ୍ରୀଜଗନ୍ନାଥଙ୍କର ବ୍ୟାପକ ବର୍ଣ୍ଣନା ଦେଖିବାକୁ ମିଳେ। ଏଣୁ ଭଞ୍ଜ ଆଞ୍ଚଳିକ ମନୋଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ନିଜର ନାୟକ ନାୟିକାଙ୍କୁ ଭାରତର ବିଭିନ୍ନ କୋଣ ଅନୁକୋଣରୁ ସଂଗ୍ରହ କରିଛନ୍ତି। ଏହା କ'ଣ ଜାତୀୟ ସଂହତିର ପରିଚାୟକ ନୁହେଁ କି?

ବୈଦେହୀଶ ବିଳାସର ନବମ ଛାନ୍ଦର ୨୭ ଓ ୨୮ ପଦରେ ଭଞ୍ଜ ଭାରତର ତଦାନନ୍ତୀନ ପ୍ରଦେଶମାନଙ୍କର ରାଜାମାନଙ୍କୁ ଆଣି ଜନକଙ୍କର ସୀତା ସ୍ୱୟମ୍ବର ଅବକାଶରେ ଏକତ୍ରିତ କରିଛନ୍ତି। 'ବିଦର୍ଭ, କର୍ଣ୍ଣାଟ, ଭୋଟ, ସଉରାଷ୍ଟ୍ର, ମରହଟ୍ଟା, କୁନ୍ତଳ, କେରଳ, ଚୋଳ, ସିନ୍ଧୁ, ଉତ୍କଳ, ବଙ୍ଗ, ଅଙ୍ଗ, କଳିଙ୍ଗ, ଚୋଡ଼ଙ୍ଗ, ମଗଧ, ବେଦି, ଚେଦି, ମଘ, ମତ୍ସ୍ୟ, ଦ୍ରାବିଡ଼, ଗଉଡ଼, ମ୍ଲେଚ୍ଛ, ଆରବ, ମାଳବ, କଚ୍ଛ, କୁରୁ, ପାଞ୍ଚାଳ, କନଉଜ, କାଶ୍ମୀର, କାମେରୀ, କୁଞ୍ଜବନ, ଡାହାଳ, ଲୋମଶ, ପୁତ୍ର, କୋଶଳ' ଆଦି ରାଜ୍ୟମାନଙ୍କର ବର୍ଣ୍ଣନା ଭାରତ ଭୂଖଣ୍ଡର ଏକ ସାମଗ୍ରିକ ଭୌଗୋଳିକ ଚିତ୍ର ପ୍ରଦାନ କରୁଛି।

ଭାରତୀୟ ସଂସ୍କୃତିର ବସନ୍ତ ଋତୁ ରାଷ୍ଟ୍ରୀୟ ଋତୁ, କୋକିଳ ରାଷ୍ଟ୍ରୀୟ ପକ୍ଷୀ, କମଳ ରାଷ୍ଟ୍ରୀୟ ପୁଷ୍ପ, ଭ୍ରମର ରାଷ୍ଟ୍ରୀୟ ପୌରୁଷର ପ୍ରତୀକ ଭାବେ ଗୃହୀତ। ଏମାନେ ସମସ୍ତେ ଭାରତୀୟ ସଂସ୍କୃତିକୁ ସୌନ୍ଦର୍ଯ୍ୟମୟ ଓ ମାଧୁର୍ଯ୍ୟମୟ କରି ଆସିଛନ୍ତି। ଏଣୁ ଏମାନଙ୍କୁ ନିଜର ଅଲୌକିକ ସୃଷ୍ଟି ମଧ୍ୟକୁ ଆଣି କାବ୍ୟରାଜିକୁ ଭଞ୍ଜ ମନୋମୟ ଓ ଗୌରବମୟ କରିଛନ୍ତି। ହିମାଳୟଠାରୁ ଗଙ୍ଗା



ନଦୀ ପର୍ଯ୍ୟନ୍ତ, କମଳଠାରୁ ଭ୍ରମର ପର୍ଯ୍ୟନ୍ତ, ବସନ୍ତ ଋତୁଠାରୁ କୋକିଳ ପର୍ଯ୍ୟନ୍ତ, ମେଘମେଦୁର ଆକାଶଠାରୁ ଚାତକ ପକ୍ଷୀ ପର୍ଯ୍ୟନ୍ତ ସମସ୍ତେ ହୋଇ ଉଠିଛନ୍ତି ପ୍ରାଣବନ୍ତ ଓ ଜୀବନ୍ତ। ଏହା ହିଁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରକାଶ ଭଙ୍ଗୀର ଚାତୁର୍ଯ୍ୟ ଓ ମାଧୁର୍ଯ୍ୟ। ସେଇ କବି ଜାତୀୟ କବି ଯେ ଜାତିର ସବୁ ଶ୍ରେଣୀର ସବୁ ବର୍ଗର ମଣିଷକୁ ନେଇ ନିଜର ସୃଷ୍ଟିକୁ ପରିସ୍ଫୁଟ କରିଛି। ଏଠି ରାଜପୁତ୍ର- ରାଜଜେମାଙ୍କଠାରୁ ସାଧବ-ସାଧବାଣୀ, ବୋଇତିଆଳ ଓ ତା'ର ସ୍ତ୍ରୀ, ସଖା, ସଖି, ଐନ୍ଦ୍ରଜାଲିକ ଓ ଧୀବର, ଶବର, ଶବରୁଣୀ, ଏପରିକି ବନ, ଲତା, ବୃକ୍ଷ, ବକ, ମୁକୁଟ, ଜଟାୟୁ, ମୃଗ ସମସ୍ତେ ଏଠି ବାଚାଳ। ମାରୀଚ ରାକ୍ଷସ ମଧ୍ୟ ନିଜର ଯୁକ୍ତି ବାଢ଼ି କୁହେ ଯେ ଶ୍ରୀରାମଙ୍କ ହାତରେ ମରି ସେ ସ୍ୱର୍ଗ, ବୈକୁଣ୍ଠ ଗମନ କରିବ। ସେହିପରି ବାଳୀ ଓ ରାବଣ ପରି ପରାକ୍ରମୀ ବୀରମାନେ ମଧ୍ୟ ଶ୍ରୀରାମଙ୍କ ହସ୍ତରେ ମରି ବୈକୁଣ୍ଠ ଗମନର ଲକ୍ଷ୍ୟ ରଖିଛନ୍ତି। ଏଣୁ ଭଞ୍ଜୀୟ ସୃଷ୍ଟି ବାସ୍ତବରେ ଏକ ସମନ୍ୱିତ ସଂହତିମୟ ପରମ୍ପରାର ଉଦ୍‌ଘୋଷକ। ଜନ୍ମ, ମୃତ୍ୟୁ ଓ ଜୀବନ ସବୁକିଛି ଆନନ୍ଦମୟ। ତା' ନହେଲେ କି ରାମ ଓ ସୀତାଙ୍କ ପରି ଦେବଦେବୀ ଜୀବନଯାକ ଦୁଃଖ ଓ ଯାତନା ପାଇ ମଧ୍ୟ ଜୀବନକୁ ଗ୍ରହଣ କରିବାର ଆଦର୍ଶ ସ୍ଥାପନ କରିଛନ୍ତି। ରାମାୟଣ ପରି ଗ୍ରନ୍ଥ ବିଶ୍ୱ ମାନବ ପାଇଁ ଜୀବନ ଧାରଣର ଏକ ଆଦର୍ଶ ସ୍ଥାପନ କରିଛି।

ଏଠି ଆଞ୍ଚଳିକତାର କ୍ଷୀଣ ବିଚାର ନାହିଁ। ଅଛି ରାଜ୍ୟ-ରାଜ୍ୟ ମଧ୍ୟରେ ସହୃଦୟତା, ସମବେଦନଶୀଳତା ଓ ସ୍ନେହ ପ୍ରେମ ତଥା ମାନବିକ ମୂଲ୍ୟବୋଧର ଗାଥା। ମନୁଷ୍ୟ-ମନୁଷ୍ୟ ମଧ୍ୟରେ, ନାରୀ-ପୁରୁଷ ମଧ୍ୟରେ, ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ଏକ ଅପୂର୍ବ ସଂହତି ଓ ସମନ୍ୱୟର ଉଦ୍‌ଘୋଷଣା। ଏସବୁର ଉଦ୍ଦେଶ୍ୟ ହେଉଛି, ଚିରନ୍ତନ ସାହିତ୍ୟର ରୂପାୟନ। ନିଜେ କବି ଉପେନ୍ଦ୍ର ଭଞ୍ଜ କୁହନ୍ତି- 'ଦେଶେ ଦେଶେ ହେଉ ଖ୍ୟାତ/ ମୋହୁ ଏ ରସିକ ଚିତ୍ତ/ ହରିହର କରନ୍ତୁ ଏମନ୍ତ।' ବା 'ସମସ୍ତ ଦେଶରେ ପ୍ରକାଶ ପାଉ/ ସଂସାର ମଧେ ଚିରକାଳ ଥାଉ।'

ଏହା ହିଁ ଶାଶ୍ୱତ ଓ ଚିରନ୍ତନ ସାହିତ୍ୟର ଲକ୍ଷ୍ୟ ହେବା ଉଚିତ। ଏହା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ବାରମ୍ବାର ନିଜର ସୃଷ୍ଟିରେ ସୂଚାଇ ଦେଇଛନ୍ତି। ଭଞ୍ଜୀୟ ସୃଷ୍ଟି ମହାଭାରତୀୟ ଚେତନାକୁ ବିଶ୍ୱ ସାରସ୍ୱତ ଦରବାରରେ ଉପସ୍ଥାପିତ କରିବାର ଚେଷ୍ଟା କରିଛି। ଓଡ଼ିଆ କାବ୍ୟ ସାହିତ୍ୟରେ ଜାତୀୟ ସଂହତି ଓ ମହାଭାରତୀୟ ଚେତନାର ଉଦ୍‌ଘୋଷଣା କରି ଉପେନ୍ଦ୍ର ଭଞ୍ଜ ନିଜକୁ ଏକ ସର୍ବଭାରତୀୟ କାବି ଭାବେ ଉପସ୍ଥାପିତ କରିଛନ୍ତି।

ଭଞ୍ଜ ସାହିତ୍ୟ ଗବେଷକ
ସଭାପତି, କଳିଙ୍ଗ ଭାରତୀ, କଟକ
ମୋ: ୯୪୩୭୦୧୮୬୮୬



# ଅନନ୍ୟ ଫଟୋ-ସାମ୍ବାଦିକ ରଘୁ ରାୟ

କୁହାଯାଏ, ରଘୁ ରାୟ କ୍ୟାମେରା ମାଧ୍ୟମରେ ଲେଖି ପାରୁଥିଲେ କବିତା। ଶବ୍ଦରେ ନୁହେଁ, ଫଟୋଚିତ୍ରରେ କବିତା ଲେଖୁଥିଲେ ସେ। କୌଣସି ଘଟଣା ହେଉ ବା ସ୍ଥାନ, ପ୍ରସଙ୍ଗ ହେଉ ବା ଚରିତ୍ର- ରଘୁ ରାୟଙ୍କ କ୍ୟାମେରା ତା'ର ନିର୍ଯାସକୁ କାବ୍ୟିକ ଭାବେ ଉପସ୍ଥାପନ କରି ପାରୁଥିଲା।

ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଭାରତର ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ଦୃଶ୍ୟାବଳୀକୁ ସେ ଡକ୍ୟୁମେଣ୍ଟ କରିଛନ୍ତି। ସେ ୧୯୬୫ରେ (ସେତେବେଳକୁ ତାଙ୍କ ବୟସ ମାତ୍ର ୨୩ ବର୍ଷ) ଷ୍ଟେଟସ୍‌ମ୍ୟାନ୍ ଖବରକାଗଜ ତାଙ୍କୁ ଷ୍ଟାଫ୍ ଫଟୋଗ୍ରାଫର ଭାବରେ ନିଯୁକ୍ତ କଲା, ଆଉ ତା' ସହିତ ବଦଳି ଗଲା ତାଙ୍କ ଜୀବନ।

ଇଂଜିନିୟରିଂ ପେସା ଛାଡ଼ି ଜଣେ ପେସାଦାର ଫଟୋଗ୍ରାଫର ଭାବରେ ଜୀବନ ଆରମ୍ଭ କଲେ ସେ। ଖୁବ୍ କମ୍ ଦିନ ଭିତରେ ତାଙ୍କର ଫଟୋଗ୍ରାଫ୍ ଷ୍ଟେଟସ୍‌ମ୍ୟାନ୍ ବ୍ୟତୀତ ବିଦେଶର ପ୍ରସିଦ୍ଧ ପତ୍ରପତ୍ରିକାମାନଙ୍କରେ ମଧ୍ୟ ପ୍ରକାଶ ପାଇବାକୁ ଲାଗିଲା। ୧୯୭୧ ବାଂଲାଦେଶ ମୁକ୍ତିଯୁଦ୍ଧ ସମୟରେ ଲକ୍ଷ ଲକ୍ଷ ଶରଣାର୍ଥୀଙ୍କର ଭାରତ ଆଗମନକୁ ସେ ଅତ୍ୟନ୍ତ ମାର୍ମିକ ଭାବରେ ରିପୋର୍ଟ କରିଥିଲେ। ମୁଖ୍ୟତଃ ଏହାର ସ୍ୱୀକୃତି ସ୍ୱରୂପ ୧୯୭୨ ବର୍ଷରେ ମାତ୍ର ୩୦ ବର୍ଷ ବୟସରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ପ୍ରସିଦ୍ଧ ଫରାସୀ ଫଟୋଗ୍ରାଫର ହେନରୀ କାର୍ଟିଏର-ବ୍ରେସଁ (୧୯୦୮-୨୦୦୪) ତାଙ୍କର ପ୍ରତିଭାକୁ ଚିହ୍ନଟ କରି ୧୯୭୭ ମସିହାରେ 'ମ୍ୟାଗନମ୍ ଫଟୋସ୍' ସଂସ୍ଥାରେ ଯୋଗ ଦେବାକୁ ତାଙ୍କୁ ଆମନ୍ତ୍ରଣ କରିଥିଲେ। ଏହା ତାଙ୍କୁ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇ ଥିଲା। ଟାଇମ୍, ଲାଇଫ୍ ଏବଂ ନ୍ୟାସନାଲ ଜିଓଗ୍ରାଫିକ ଭଳି ଆନ୍ତର୍ଜାତିକ ପତ୍ରିକାମାନଙ୍କରେ ତାଙ୍କର ଅନେକ ଫଟୋଗ୍ରାଫ୍ ପ୍ରକାଶିତ ହେଲା। ପରବର୍ତ୍ତୀ ସମୟରେ ସେ ଦୀର୍ଘ ବର୍ଷ ଧରି 'ଇଣ୍ଡିଆ ଟୁଡେ'ର ଫଟୋ ସମ୍ପାଦକ ମଧ୍ୟ ରହିଥିଲେ। ଭାରତ ଇତିହାସର ଅନେକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, ପ୍ରସଙ୍ଗ ଏବଂ ବ୍ୟକ୍ତିତ୍ୱଙ୍କୁ ସେ ତାଙ୍କ କ୍ୟାମେରା ମାଧ୍ୟମରେ ନଥିଭୁକ୍ତ କରି ରଖିଛନ୍ତି।

ବିହାର ଛାତ୍ର ଆନ୍ଦୋଳନର ଆରମ୍ଭ ଦିନରୁ ଓ ତା' ପୂର୍ବରୁ ରଘୁ ରାୟ ବିହାରର ଜନଜୀବନ ତଥା ସଂସ୍କୃତି ଓ ରାଜନୀତି ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ଫଟୋ ନେଉଥିଲେ ଓ ଜଣେ ନିରପେକ୍ଷ ଫଟୋ-ସାମ୍ବାଦିକ ଭାବରେ ବିଭିନ୍ନ ରାଜନୈତିକ ନେତୃବର୍ଗଙ୍କୁ ସାକ୍ଷାତ କରୁଥିଲେ। ସେହି ସମୟଠାରୁ ଜରୁରୀକାଳୀନ ପରିସ୍ଥିତି ଓ ଜନତା ପାର୍ଟି ସରକାର ଗଠନ ସମୟର କେତେକ ଐତିହାସିକ ଫଟୋଗ୍ରାଫ୍ ଓ ସାମ୍ବାଦିକ ସୁନନ୍ଦା ଦତ୍ତ ରାୟଙ୍କର ଲେଖାକୁ ନେଇ ଷ୍ଟେଟସ୍‌ମ୍ୟାନ୍ ଖବରକାଗଜ ତରଫରୁ ୧୯୭୭ ବର୍ଷରେ (ଜନତା ପାର୍ଟି ସରକାର ଗଠନ ହେବା ପରେ) 'BIHAR SHOWS THE WAY'ଶୀର୍ଷକରେ ଏକ ପୁସ୍ତକ ପ୍ରକାଶିତ ହୋଇଥିଲା। ୧୯୮୪ର ଭୋପାଳ ଗ୍ୟାସ୍ ଦୁର୍ଘଟଣା ସମ୍ପର୍କିତ ତାଙ୍କର କେତେକ ହୃଦୟଥରା ଫଟୋଗ୍ରାଫ୍ ସାରା ବିଶ୍ୱରେ ଚହଳ ପକାଇ ଦେଇଥିଲା।

ତାଙ୍କର ଛବିଗୁଡ଼ିକ ସାଧାରଣ ଲୋକମାନଙ୍କୁ କେନ୍ଦ୍ର କରି ତାଙ୍କର ଭାବନା, ସଂଘର୍ଷ ଓ ଦୈନନ୍ଦିନ ଜୀବନର ଜଟିଳତାକୁ ଉଦ୍ଭାସିତ କରେ। ଦୀର୍ଘ ସମୟ ଧରି ସେ ଅନେକ ପ୍ରଶଂସିତ ଫଟୋ ପୁସ୍ତକ ପ୍ରକାଶ କରିଛନ୍ତି, ଯାହାର ବିଷୟବସ୍ତୁ ମଦର ଟେରେସା, ଇନ୍ଦିରା ଗାନ୍ଧୀଙ୍କଠୁ ଆରମ୍ଭ କରି ଦିଲ୍ଲୀ, ବାରାଣସୀ, ତାଜମହଲ, କୋଲକାତାର ସାଂସ୍କୃତିକ ରୂପ କଳ୍ପନା ପର୍ଯ୍ୟନ୍ତ ବ୍ୟାପ୍ତ।





ରଘୁ ରାୟଙ୍କର ବିବାହ ହୋଇଥିଲା ଖ୍ୟାତନାମା ବିକାଶ/ ଗ୍ରାମୀଣ ସାମ୍ବାଦିକା ଉଷା ରାୟଙ୍କ ସହିତ। କିନ୍ତୁ କିଛି ବର୍ଷ ପରେ ଉଭୟଙ୍କ ବିବାହ ବିଚ୍ଛେଦ ହୋଇ ଯାଇଥିଲା ଓ ରଘୁ ରାୟ ଜଣେ ଆର୍କିଟେକ୍ଟଙ୍କୁ ବିବାହ କରିଥିଲେ।

ରଘୁ ରାୟଙ୍କ ଫଟୋଗ୍ରାଫିରେ ଗଭୀର ସାମାଜିକ ସଚେତନତା ସହିତ ମିଶିଛି କଳା, ନାନ୍ଦନିକତା ଓ ସମ୍ବେଦନଶୀଳତା। ଭାରତୀୟ ଫଟୋ-ସାମ୍ବାଦିକତାର ସ୍ତରକୁ ସେ ଏକ ଉଚ୍ଚତର ସୋପାନରେ ପହଞ୍ଚାଇ ଥିଲେ।

## ଶ୍ରଦ୍ଧାଞ୍ଜଳି

କେବଳ ଭାରତର ସର୍ବପ୍ରସିଦ୍ଧ ଫଟୋ-ଜର୍ଣ୍ଣାଲିଷ୍ଟମାନଙ୍କ ମଧ୍ୟରୁ ଜଣେ ନଥିଲେ, ସେ ଥିଲେ ବିଶ୍ୱର ଅସଂଖ୍ୟ ଫଟୋଗ୍ରାଫର ଓ ଫଟୋ-ସାମ୍ବାଦିକଙ୍କ ପାଇଁ ପ୍ରେରଣାର ଉତ୍ସ। ଗତ ଏପ୍ରିଲ ୨୬ ତାରିଖରେ ଦିଲ୍ଲୀର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ୮୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା।

ରଘୁ ରାୟଙ୍କର ଜନ୍ମ ହୋଇଥିଲା ୧୯୪୨ରେ ପାକିସ୍ତାନର ଏକ ଛୋଟିଆ ସହରରେ; ସହରର ନାଁ- ଝଙ୍ଗ। ଦେଶ ବିଭାଜନ ପରେ ତାଙ୍କ ପରିବାର ଆସି ରହିଲେ ଦିଲ୍ଲୀରେ। ରଘୁ ରାୟ ସିଭିଲ ଇଞ୍ଜିନିୟରିଂ ପାଠ ସାରି ଏକ ସରକାରୀ ଚାକିରିରେ ଯୋଗ ଦେଲେ। ଫଟୋଗ୍ରାଫିରେ ସଉକ ଥିବାରୁ ସେ ତାଙ୍କର କିଛି କିଛି ଫଟୋଗ୍ରାଫ ଷ୍ଟେଟସ୍‌ମ୍ୟାନ୍ ଓ ଅନ୍ୟ କେତେକ ସମ୍ବାଦ ପତ୍ରପତ୍ରିକାକୁ ପଠାଉ ଥିଲେ। ତାଙ୍କର ଫଟୋଗ୍ରାଫିର ଉତ୍କର୍ଷକୁ ଦେଖି

ମୋ: ୯୪୩୭୦୨୬୧୯୪

# ଦୁନିଆ ଦେଖିବା ଝରକା



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସାଂପ୍ରତି ଆମେ ଏମିତି ଏକ ସମାଜରେ ବାସ କରୁଛନ୍ତି, ଯେଉଁଠି ଲାଇବ୍ରେରୀରେ ଧୂଳି ଜମୁଛି ଏବଂ ଲୋକଙ୍କ ହାତରେ ବହି ବଦଳରେ କେବଳ ସ୍ମାର୍ଟଫୋନ୍‌ର ନୋଟିଫିକେସନ୍ ଅଛି। ଗୋଟିଏ ପଟେ ଦୁନିଆ ଡିଜିଟାଲ୍ ବିପ୍ଳବର ଉତ୍ସବ ପାଳନ କରୁଛି, ଅନ୍ୟ ପଟେ ଅନେକ ଦେଶରେ ପୁସ୍ତକ ସହିତ ସମ୍ପର୍କ ପ୍ରାୟ ବିଚ୍ଛିନ୍ନ ହୋଇ ଯାଇଥିବା ପରି ମନେ ହେଉଛି।

ଆମେ ପ୍ରାୟତଃ ଶୁଣିବାକୁ ପାଉ ଯେ ବହି ହେଉଛି ମଣିଷର ସବୁଠାରୁ ଭଲ ବନ୍ଧୁ। ସେ ଆପଣଙ୍କୁ ହସାଏ, କନ୍ଦାଏ, ଦୁଃଖକୁ ପ୍ରଶମିତ କରେ ଏବଂ ଜୀବନର ଶିକ୍ଷା ପ୍ରଦାନ କରେ, ଯାହା ଆପଣଙ୍କୁ ଯେ କୌଣସି ପରିସ୍ଥିତିରେ ଭାଙ୍ଗିବାକୁ ଦିଏ ନାହିଁ। ସେଥିପାଇଁ ତ ଜୀବନର ବ୍ୟସ୍ତତା ଭିତରେ ସମୟ ମିଳିବା ମାତ୍ରେ ଆମ ଭିତରୁ କିଛି ଲୋକ ବହିର ପୃଷ୍ଠା ଭିତରେ ହଜି ଯାଆନ୍ତି। କିନ୍ତୁ ବହି ପଢ଼ିବାର ଏହି ଅଭ୍ୟାସ ହଜିବାକୁ ବସିଲାଣି। ହେଲେ ଆମେ କହି ପାରିବା କି ଏହାର କାରଣ କେବଳ ସ୍ମାର୍ଟଫୋନ୍? ବିଭିନ୍ନ ଦେଶର ବୁକ୍ ରିଡିଂ ହାବିଟ୍ (ପୁସ୍ତକ ପଠନ ଅଭ୍ୟାସ) ତଥ୍ୟ କିଛି ଅଲଗା କାହାଣୀ କହୁଛି। ବିଖ୍ୟାତ ସଙ୍ଗୀତକାର ଗୁଲଜାର୍ ସାହେବ କୁହନ୍ତି- 'କିତାବେଁ ଝାଙ୍କ୍‌ତି ହୈଁ ବନ୍ଦ ଅଲମାରୀ କେ ଶିଶୌଁ ସେ/ ବଡ଼ି ହସ୍‌ରତ ସେ ତକ୍‌ତି ହୈଁ...' (ବନ୍ଦ ଆଲମାରୀର କାଚ ଭିତରୁ ବହିଗୁଡ଼ିକ ବଡ଼ ଆଶାରେ ଚାହିଁ ରହିଥାନ୍ତି)। ଏହି ଧାଡ଼ିଗୁଡ଼ିକ ଆଜିର ଡିଜିଟାଲ୍ ଯୁଗରେ କେବଳ କବିତା ନୁହେଁ, ବରଂ ଏକ କଠୋର ବାସ୍ତବତା ଭାବରେ ଉଭା ହେଉଛି। ଆମେ କୃତ୍ରିମ ବୁଦ୍ଧିମତ୍ତା ଏବଂ ମଙ୍ଗଳ ଗ୍ରହରେ ଉପନିବେଶ ବିଷୟରେ କଥା ହେଉଛନ୍ତି। କିନ୍ତୁ ବିଶ୍ୱର ଏକ ବଡ଼ ଅଂଶ ଜୀବନର ଶିକ୍ଷା ଦେଉଥିବା ପୁସ୍ତକଠାରୁ ବିଚ୍ଛିନ୍ନ ହୋଇ ସାରିଛି। ପରିସଂଖ୍ୟାନ ଦର୍ଶାଉଛି ଯେ ଅନେକ ଦେଶରେ ପାଠାଗାର ଫାଟକ ବନ୍ଦ ହୋଇ ଯାଇଛି ଏବଂ ସ୍କ୍ରିନଗୁଡ଼ିକ ପୃଷ୍ଠାକୁ ବଦଳାଇ ଦେଇଛି।



ବିଶ୍ୱସ୍ତରୀୟ ପରିସଂଖ୍ୟାନ ୱାର୍ଲ୍ଡ ପପୁଲେସନ୍ ରିଭ୍ୟୁର ରିପୋର୍ଟ ଅନୁଯାୟୀ, ଅନେକ ଦେଶରେ ବହି ପଢ଼ିବା ଅଭ୍ୟାସ ଏତେ କମି ଯାଇଛି ଯେ ବର୍ଷକୁ ହାରାହାରି ତିନୋଟି ବହି ମଧ୍ୟ ଲୋକେ ପଢୁ ନାହାନ୍ତି। ଏହାର କାରଣ କେବଳ ସ୍ମାର୍ଟଫୋନ୍ ନୁହେଁ। ସ୍ୱଳ୍ପ ସାକ୍ଷରତା ହାର ଏବଂ ସାମାଜିକ ଅଶାନ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ।

ସବୁଠାରୁ କମ୍ ପଠନ ହାର ତାଲିକାର ଶୀର୍ଷରେ ଆଫଗାନିସ୍ତାନ ଅଛି, ଯେଉଁଠି ଯୁଦ୍ଧ ଏବଂ କଟକଣା ଭିତରେ ଜଣେ ବ୍ୟକ୍ତି ବର୍ଷକୁ ହାରାହାରି ମାତ୍ର ୨.୫୬ ବହି ପଢ଼ିଥାନ୍ତି। ଏହା ପଛକୁ ପାକିସ୍ତାନ ୨.୬ ଏବଂ ସାଉଦି ଆରବ ୨.୬ ରହିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ସଂଯୁକ୍ତ ଆରବ ଏମିରେଟସ୍ ଏବଂ କ୍ୱାତାର ଭଳି ଧନୀ ଏବଂ ଆଧୁନିକ ଦେଶରେ ମଧ୍ୟ ପୁସ୍ତକ ପଠନ ସଂଖ୍ୟା ତିନିରୁ କମ୍ ରହିଛି। ଭାରତ କ୍ଷେତ୍ରରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳେ। ଗୋଟିଏ ପଟେ ସମୟ ବିତାଇବା ମାମଲାରେ ଭାରତ ଦୁନିଆର ସବୁଠାରୁ ଅଧିକ ପଢୁଥିବା ଦେଶ ତାଲିକାରେ ଅଛି, କିନ୍ତୁ ପୁସ୍ତକ ସଂଖ୍ୟା ମାମଲାରେ ଆମେ ଆମେରିକା ପଛରେ ଅଛନ୍ତି।

ଜଣେ ଭାରତୀୟ ବର୍ଷକୁ ହାରାହାରି ୧୬ଟି ବହି ପଢ଼ନ୍ତି ଏବଂ ସପ୍ତାହକୁ ପ୍ରାୟ ୧୦.୭ ଘଣ୍ଟା, ବାର୍ଷିକ ୩୫୨ ଘଣ୍ଟା ପଢ଼ିବାରେ ବିତାନ୍ତି। ତୁଳନାତ୍ମକ ଭାବେ, ଆମେରିକାର ଲୋକେ ବର୍ଷକୁ ହାରାହାରି ୧୭ଟି ବହି ପଢ଼ନ୍ତି ଏବଂ ୩୫୭ ଘଣ୍ଟା ବିତାଇଥାନ୍ତି।

ଭାରତରେ ପଢ଼ିବା ପ୍ରତି ଏହି ଆଗ୍ରହ ଆମର ସମୃଦ୍ଧ ସାହିତ୍ୟିକ ଐତିହ୍ୟ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଥିବା ଆଗ୍ରହରୁ ଆସିଥାଏ। ସାମ୍ପ୍ରତିକ ସର୍ଭେ ଏହା ମଧ୍ୟ ସୂଚିତ କରୁଛି ଯେ ସହରଗୁଡ଼ିକରେ ସ୍କ୍ରିନ୍ ସମୟ ବୃଦ୍ଧି ପାଇବା ଯୋଗୁଁ ଅବସର ସମୟରେ ପୁସ୍ତକ ପଢୁଥିବା ଲୋକଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଉଛି। ଏବେ ପୃଷ୍ଠା ଓଲଟାଇବା ବଦଳରେ କିଣ୍ଡଲ୍ ଏବଂ ଅଡିଓ ବୁକ୍ସର ଚଳଣି ବଢ଼ିଛି। ୟୁନେସ୍କୋ ଅନୁଯାୟୀ, ଦୁନିଆର କୋଟି କୋଟି ବୟସ୍କ ବ୍ୟକ୍ତି ଆଜି ବି ମୌଳିକ ସାକ୍ଷରତାରୁ ବଞ୍ଚିତ, ଯାହା କେବଳ ଶିକ୍ଷାର ସମସ୍ୟା ନୁହେଁ, ବରଂ ବିକାଶର ସଙ୍କଟ। ଚାଦ୍, ମାଲି ଏବଂ ଦକ୍ଷିଣ ସୁଦାନ ଭଳି ଦେଶରେ ହିଂସା, ଗରିବୀ ଏବଂ କମ୍ ସାକ୍ଷରତା ଯୋଗୁଁ ବହି ଲୋକଙ୍କ ପହଞ୍ଚରୁ ବହୁ ଦୂରରେ ଅଛି। ଇରାକ, କାଜାକସ୍ତାନ ଏବଂ ଆଲଜେରିଆ ଭଳି ଦେଶରେ ଲାଇବ୍ରେରୀଗୁଡ଼ିକ କେବଳ ଐତିହାସିକ ଅଟ୍ଟାଳିକା ପାଲଟିଛି। ବିଶେଷଜ୍ଞମାନେ ମତ ଦେଇଛନ୍ତି, ୟୁଟ୍ୟୁବ୍ ଏବଂ ଇନଷ୍ଟାଗ୍ରାମ୍ ରିଲ୍‌ସର ଲୋକପ୍ରିୟତା ଡିପ୍ ରିଡିଂ ଅଭ୍ୟାସକୁ ନଷ୍ଟ କରି ଦେଇଛି। ଲୋକେ ୩୦୦ ପୃଷ୍ଠାର ବହି ପଢ଼ିବା ଅପେକ୍ଷା ୩୦ ସେକେଣ୍ଡର ଭିଡିଓ ଦେଖିବାକୁ ପସନ୍ଦ କରୁଛନ୍ତି। ଏହି କାରଣରୁ ମରକ୍କୋ ଏବଂ ବାଂଲାଦେଶ ଭଳି ଦେଶରେ ପଢ଼ିବା ସଂସ୍କୃତି କ୍ରମାଗତ ଭାବରେ ହ୍ରାସ ପାଉଛି; ବାର୍ଷିକ ପଢ଼ିବା ସଂଖ୍ୟା ହାରାହାରି ତିନୋଟି ପୁସ୍ତକ ତଳେ ରହିଛି। ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ଅନୁଯାୟୀ, ଯେଉଁ ସମାଜ ପଢ଼ିବା ଛାଡ଼ିଦିଏ, ସେ ଖୁବ୍ ସହଜରେ ଫେକ୍ ନ୍ୟୁଜ୍ ଏବଂ ପ୍ରୋପାଗାଣ୍ଡାର ଶିକାର ହୋଇଥାଏ।

ବହି କେବଳ ପୃଷ୍ଠା କିମ୍ବା କାଳି ନୁହେଁ; ଏହା ଦୁନିଆକୁ ଦେଖିବା ପାଇଁ ଏକ ଝରକା। ବହିରୁ ଦୂରେଇ ଯିବାର ଅର୍ଥ ହେଉଛି, ସମାଜର ଚିନ୍ତା ଏବଂ ତର୍କ କରିବା କ୍ଷମତା ହ୍ରାସ ପାଇବା। ଯଦି ସମୟ ଥାଉ ଥାଉ ଲାଇବ୍ରେରୀର ଧୂଳି ସଫା କରା ନଯାଏ, ତେବେ ଆଗାମୀ ପିଢ଼ି କେବଳ ସ୍କ୍ରିନ୍ ଉପରେ ଆଙ୍ଗୁଠି ଚଲାଇବା ଜାଣିବେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

ନିତିଦିନ NITIDIN



## ୱାରେଣ୍ଟି ଗିରଫ

**ବୁଗୁଡ଼ା,୧୬।୫/ଏନ୍ଏନ୍ଏସ୍:** ରାଜ୍ୟ ପୁଲିସ୍ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଗତ ମେ' ୫ ତାରିଖରୁ ୱାରେଣ୍ଟି ଧରପଗଡ଼ ଚାଲିଥିବାବେଳେ ଜଣେ ୱାରେଣ୍ଟିଙ୍କୁ ବୁଗୁଡ଼ା ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ଗିରଫ ୱାରେଣ୍ଟି ଜଣକ ହେଲେ ଖରିଡ଼ା ଗ୍ରାମର ଟୁକୁନା ବିଶୋୟୀ (୩୭)। ଚାରି ବର୍ଷ ତଳେ ଘରୋଇ କଳି ଘଟଣାରେ ଜଡ଼ିତ ଥିବା ଟୁକୁନା ଫେରାର୍ ରହିଥିବାବେଳେ ତାଙ୍କ ବିରୋଧରେ ଏକ ମାମଲା ରହିଥିଲା। ଏହି ୱାରେଣ୍ଟି ଧରପଗଡ଼ ଅଭିଯାନରେ ଏଏସ୍ଆଇ ସୁମନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ପୁଲିସ୍ କର୍ମଚାରୀମାନେ ସାମିଲ୍ ଥିଲେ।



# ସବୁଠି ସାବିତ୍ରୀ ବ୍ରତ ପାଳିତ



**ଆସିକା,୧୬।୫/ଏନ୍ଏନ୍ଏସ୍:** ଓଡ଼ିଆ ପର୍ବପର୍ବାଣୀ ଓ ପରମ୍ପରା ମଧ୍ୟରେ ସାବିତ୍ରୀ ବ୍ରତର ଏକ ସ୍ୱତନ୍ତ୍ର ମହାତ୍ମ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ଆସିକା ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିର, ଗୋପୀନାଥ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରରେ ସଧବା ମହିଳାଙ୍କ ପ୍ରବଳ ଭିଡ଼ ଜମିଥିଲା। ମହିଳାମାନେ ଏକତ୍ରିତ ହୋଇ ସମୂହ ପୂଜାର୍ଚ୍ଚନା କରିବା ସାଙ୍ଗକୁ ସାବିତ୍ରୀ ପୁରାଣ ପାଠ କରିଥିଲେ। ପୂର୍ବାହ୍ନରୁ ମହିଳାମାନେ ନୂତନ ଲୁଗା ଓ ଚୁଡ଼ି ଅଳଙ୍କାର ପରିଧାନ କରିବା ସହ ନଡ଼ିଆ, ତାଳ, ପଣସ, ଆମ୍ବ ଓ ଖଜୁରୀ କୋଳି ଆଦି ନେଇ ମାତା ସାବିତ୍ରୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ପରେ ନିଜ ନିଜ ସ୍ୱାମୀଙ୍କୁ ବନ୍ଦାପନା କରିଥିବା ଦେଖିବାକୁ ମିଳିଥିଲା। ହିନ୍ଦୁ ସମ୍ପ୍ରଦାୟର ସବୁ ସଧବା ମହିଳାମାନେ ସେମାନଙ୍କ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଓଷା କରିଥାନ୍ତି। ସଧବା ମହିଳାମାନେ ଅତ୍ୟନ୍ତ ନିଷ୍ଠାର ସହ ଶିଳପୁଆକୁ ପଞ୍ଚାମୃତରେ ଧୌତ କରି ହଳଦି ମାଖି ନୂଆଁ ବସ୍ତ୍ର ଓ ଅଳଙ୍କାରରେ ବିଭୂଷିତ କରି ଲକ୍ଷ୍ମୀ ନାରାୟଣ ରୂପରେ ସ୍ଥାପନ ପୂର୍ବକ ସାବିତ୍ରୀ ବ୍ରତକଥା ପଠନ କରିଥିବା ଦେଖିବାକୁ ମିଳିଥିଲା।



**ବୁଗୁଡ଼ା:** ଜ୍ୟେଷ୍ଠ ଅମାବାସ୍ୟା ତିଥୀରେ ବୁଗୁଡ଼ା ଅଞ୍ଚଳର ଘରେ ଘରେ ଏବଂ ବିଭିନ୍ନ ମନ୍ଦିରରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ସଧବା ନାରୀମାନେ ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ଏହି ବ୍ରତ ପାଳନ କରିଥିଲେ। ବ୍ରତକାରିଣୀମାନେ ବ୍ୟକ୍ତିଗତ ଭାବେ ନିଜ ନିଜ ଘରେ, ସାମୁହିକ ଭାବେ ମନ୍ଦିର କିମ୍ବା ଅନ୍ୟ କୌଣସି ସ୍ଥାନରେ ଲକ୍ଷ୍ମୀ ନାରାୟଣଙ୍କୁ ଭକ୍ତିପୂତ ଭାବେ ପୂଜା କରିଥିଲେ। ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ କାଟି ଗଣପତି ଘଟ ସ୍ଥାପନା ସାଙ୍ଗକୁ ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଇ ନୂତନ ବସ୍ତ୍ର ଓ ଅଳଙ୍କାରରେ ସଜାଇ ଲକ୍ଷ୍ମୀନାରାୟଣ ରୂପେ ସ୍ଥାପନ କରିଥିଲେ। ଧୂପ, ଦୀପ, ଗନ୍ଧ, ପୁଷ୍ପ ଅର୍ପଣ ପୂର୍ବକ ସାବିତ୍ରୀ ବ୍ରତ ପାଳନ କରିଥିଲେ।

# କଲରାପତରିଆ ବାଘ ଚମଡ଼ା ଜବତ, ୩ ଗିରଫ

**ବ୍ରହ୍ମପୁର,ପାତ୍ରପୁର,୧୬।୫/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ପୁଲିସ୍ ଓ ଟିକିଟି ଫାଣ୍ଡି ପୁଲିସ୍ ମିଳିତଭାବେ ଧନବାଡ଼ ଆଙ୍କୁଲି ଜଙ୍ଗଲରୁ କଲରାପତରିଆ ବାଘ ଚମଡ଼ା ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ଚାଚାଡ଼ଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ, ବରଡ଼ ଗାଁର ଗଞ୍ଜୁ ରଇତ ଓ ମଙ୍ଗରାଜପୁର ଗାଁର ରିତୁନ ବଡ଼ମୁଣ୍ଡି। ଅଭିଯୁକ୍ତଙ୍କଠାରୁ ଗୋଟିଏ କଲରାପତରିଆ ବାଘର ଚମଡ଼ା, ୨ଟି ଜୀବନ୍ତ ବୋମା, ଗୋଟିଏ ଖଣ୍ଡା, ଛୁରୀ ଓ ଲୁହା ରୋଡ୍ ଜବତ ହୋଇଛି। ଗିରଫ ପରେ ୩ ଅଭିଯୁକ୍ତଙ୍କୁ ଜରଡ଼ା ଥାନା ପୁଲିସ୍ ପକ୍ଷରୁ କୋର୍ଟଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍ପି ଡା. ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି। ସୂଚନାପ୍ରକାରେ ଅଞ୍ଚଳରେ ବାଘ ଚମଡ଼ା ବିକ୍ରି କରିବା ପାଇଁ କିଛି ବ୍ୟକ୍ତି ଯୋଜନା କରୁଥିବା ନେଇ ଜରଡ଼ା ଥାନା ଭାରପ୍ରାପ୍ତ ଥାନାଧିକାରୀ ମିନାକ୍ଷୀ ଦଳବେହେରା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ପରେ ତାଙ୍କ ନେତୃତ୍ୱରେ ଜରଡ଼ା ଥାନା ପୁଲିସ୍ ଓ ଟିକିଟି ଫାଣ୍ଡି ପୁଲିସ୍ ମିଳିତଭାବେ ଆଙ୍କୁଲି ପଞ୍ଚାୟତ ପାହାଡ଼ ଉପରେ ଥିବା ଧାନବାଡ଼ ଅଞ୍ଚଳରେ ଚଢ଼ଉ କରିଥିଲେ। ଏହି ଚଢ଼ଉ ସମୟରେ ଅଭିଯୁକ୍ତମାନେ ପୁଲିସ୍ ଉପରକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏହାସହ ଜଣେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବାବେଳେ ଅନ୍ୟ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କଠାରେ ଥିବା ବ୍ୟାଗ୍ ଯାଞ୍ଚ ବେଳେ ସେଥିରୁ ବାଘ ଚମଡ଼ା ମିଳିଥିଲା। ତେବେ କଲରାପତରିଆ ବାଘକୁ ଅଭିଯୁକ୍ତମାନେ କେଉଁଠି ମାରିଲେ ଏବଂ ଏହି ହତ୍ୟାକାଣ୍ଡ ଘଟଣାରେ ଆଉ କିଏ କିଏ ସମ୍ପୃକ୍ତ ରହିଛନ୍ତି ସେନେଇ ଅଧିକ ତଦନ୍ତ ଜାରି ରହିଥିବା ନେଇ ବ୍ରହ୍ମପୁର ଏସ୍ପି ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚୁରା କରାଯିବ ବୋଲି ଏସ୍ପି କହିଛନ୍ତି।





**ଯୁକ୍ତ ୩ ପରୀକ୍ଷାରେ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସଫଳତା**

# ଅର୍ଥନୀତିରେ ସ୍ମୃତି, ସମାଜ ବିଜ୍ଞାନରେ ସ୍ନେହା ବିଶ୍ୱବିଦ୍ୟାଳୟ ଟପ୍ପର୍

**ଆସିକା,୧୬।୫/ଏନ୍ଏନ୍ଏସ୍:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନ (ଷଷ୍ଠ ସେମିଷ୍ଟାର୍) (ରେଗୁଲାର୍ ଓ ବ୍ୟାକ୍) ପରୀକ୍ଷାଫଳ ପ୍ରକାଶ ପାଇଛି। ପରୀକ୍ଷାରେ ଆସିକା ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟର ବହୁ ଛାତ୍ରୀ ସଫଳତା ହାସଲ କରିଛନ୍ତି। ମହାବିଦ୍ୟାଳୟର ଅର୍ଥନୀତି ସମ୍ମାନରେ ଛାତ୍ରୀ ସ୍ମୃତି ସାହୁ ୧୧୭୭ ମାର୍କ ଓ ସମାଜ ବିଜ୍ଞାନ ସମ୍ମାନରେ ଛାତ୍ରୀ ସ୍ନେହା ସାହୁ ୮୮୫ ମାର୍କ ରଖି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସ୍ମୃତି ଓ ସ୍ନେହା ଏହି ସଫଳତାର ଶ୍ରେୟ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଅଧ୍ୟାପିକାଙ୍କ ସମେତ ପିତାମାତା ଓ ଗୁରୁଜନଙ୍କୁ ଦେଇଛନ୍ତି। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟସ୍ତରରେ ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅନ୍ୟତମ ଛାତ୍ରୀ ଉଷାରାଣୀ ସାହୁ ୧୧୪୦ ମାର୍କ ରଖି ତୃତୀୟ, ଜ୍ୟୋତ୍ସ୍ନାରାଣୀ ପରିଡ଼ା ୧୧୨୪ ମାର୍କ ରଖି ଚତୁର୍ଥ ଓ ତୁଳସୀ ସାହୁ ୧୦୮୮ ମାର୍କ ରଖି ଦଶମ ସ୍ଥାନ ଅଧିକାର କରିଛନ୍ତି। ଗୃହ ବିଜ୍ଞାନ ବିଭାଗର ଛାତ୍ରୀ ସୁଧାଶ୍ରୀ ରାଉତ ୧୧୩୭ ମାର୍କ ରଖି ସପ୍ତମ, ରାଜନୀତି ବିଜ୍ଞାନର ଛାତ୍ରୀ ଝୁମୁରୀ ବାଡ଼ତ୍ୟା ୧୧୫୮ ମାର୍କ ରଖି ନବମ, ଭୂଗୋଳ ପାଠ୍ୟକ୍ରମର ଛାତ୍ରୀ ଅର୍ଚ୍ଚନା କୁମାରୀ ପଣ୍ଡା ୧୧୩୦ ମାର୍କ ରଖି ନବମ ଓ ସର୍ମିଳା କୁମାରୀ ସ୍ୱାଇଁ ୧୧୨୬ ମାର୍କ ରଖି ଦଶମ ସ୍ଥାନ ଅଧିକାର କରି ସଫଳତା ପାଇଥିବା ଜଣାପଡ଼ିଛି। ବିଦ୍ୟାର୍ଥୀଙ୍କ ଏହି ବିରଳ କୃତିତ୍ୱ ପାଇଁ ସେମାନଙ୍କ ଆତ୍ମବିଶ୍ୱାସ, କଠିନ ପରିଶ୍ରମ, ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ଉଚ୍ଚକୋଟିର ଅଧ୍ୟାପନା ଶୈଳୀ ଯୋଗୁ ସମ୍ଭବ ହୋଇପାରିଛି ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଯୁକ୍ତ୩ କଳା (ଷଷ୍ଠ ସେମିଷ୍ଟାର) ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସରୋଜ କୁମାର ଜେନାଙ୍କ ସମେତ ଅଧ୍ୟାପକ ଡ. କେଓମ୍ ନାରାୟଣ ରାଓ, ଡ. ଲୀନା ଲିଲିୟାନ୍, ଡ. ସୁପ୍ରିୟା ଦାଶ, ଡ. ଏସ୍‌ଟି ରେହେମାନ୍, ଡ. ଜୟପ୍ରଦା ମହାପାତ୍ର, ଡ. ଉର୍ମିଳା ମୁଦୁଲି, ଡ. ଯଶଶ୍ରୀ ମଲ୍ଲିକ, ଗୋପୀନାଥ କର, ଶିକ୍ଷାବିତ୍ ଭାରତୀ ପ୍ରଧାନ, ସାହିନ୍ ନଜର୍, ସୁଧାଂଶୁ କୁମାର ହୋତା, ବି ପାଣ୍ଡବ ରେଡ୍ଡୀଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।





# ଜିଲ୍ଲାସ୍ତରୀୟ ବିଶ୍ୱ ଡେଙ୍ଗୁ ଦିବସ




**ଛତ୍ରପୁର,୧୬।୫/ଏନ୍ଏନ୍ଏସ୍:** ପୋଟଲାମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ବିଶ୍ୱ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜାତୀୟସ୍ତରରେ ସୁସ୍ଥ ପଞ୍ଚାୟତ ରୂପେ ପୁରସ୍କାର ନିମନ୍ତେ ଚୟନ ହୋଇଥିବା ଏବଂ ରାଷ୍ଟ୍ରପତିଙ୍କଠାରୁ ମାନପତ୍ର ପାଇବା କାର୍ଯ୍ୟସୂଚୀକୁ ଅନୁକରଣ କରି ସ୍ୱଚ୍ଛତାର ଉଦାହରଣକୁ ସାରା ଜିଲ୍ଲାରେ ଆଲୋକପାତ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସ୍ୱାଧୀନ ରଥ ସମଗ୍ର ଛତ୍ରପୁର ବ୍ଲକ୍‌ର ଡେଙ୍ଗୁ ଉପରେ ସମୀକ୍ଷା କରି ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। ସରପଞ୍ଚ ଓ ସମିତିସଭ୍ୟ ନିରଞ୍ଜନ ପ୍ରଧାନ ଏବଂ ଶମ୍ଭୁନାଥ ସ୍ୱାଇଁ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ବାହକ ଜନିତ ଚିକିତ୍ସା ଅଧିକାରୀ ଡା. ଦେବାଶିଷ ପଟ୍ଟନାୟକ ଏବଂ ଜିଲ୍ଲା ପର୍ଯ୍ୟବେକ୍ଷକ ସନ୍ତୋଷ ଷଡ଼ଙ୍ଗୀ ଡେଙ୍ଗୁ ରୋଗର କାରଣ ଓ ଭୟାବହତା ଉପରେ କହିଥିଲେ। ବରୁଣ କୁମାର ପାଣିଗ୍ରାହୀ ଓ ସୀମାଞ୍ଚଳ ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାହକ ରୋଗ ପର୍ଯ୍ୟବେକ୍ଷକ ସୁଶାନ୍ତ ବାରିକ ସଭା ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ପର୍ଯ୍ୟବେକ୍ଷକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଅନେକ ଗ୍ରାମବାସୀ ଓ ଆଶାକର୍ମୀ ଉପସ୍ଥିତ ଥିଲେ।

# ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କୁ ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ଟାବ୍‌ଲେଟ୍ ବଣ୍ଟନ



**ଫୁଲବାଣୀ,୧୬।୫/ଏନ୍ଏନ୍ଏସ୍:** ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କୁ ଟାବ୍‌ଲେଟ୍ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରକାରୀ ମେଡିକାଲ୍ କଲେଜର ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ରୀ ଶୁଭେଚ୍ଛା ମିତ୍ର ଏବଂ ରାଣୀ ହେମ୍ବ୍ରମ୍‌ଙ୍କୁ ଫୁଲବାଣୀ ରିଜିଓନାଲ୍ ମ୍ୟାନେଜର୍ ପ୍ରକାଶ ଗ୍ରହାଚାର୍ଯ୍ୟ ଟାବଲେଟ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ୍ କଲେଜ ଡିନ୍ ତଥା ପ୍ରିନ୍ସିପାଲ୍ ପ୍ରଫେସର୍ ଡା. ଦେବ ପ୍ରସାଦ ମହାନ୍ତି ଓ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ନରେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ମେଡିକାଲ୍ କ୍ୟାମ୍ପସ୍‌ରେ ଏସ୍‌ବିଆଇର ନୂତନ ଶାଖା ଖୋଲିବା ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ଆର୍ଥିକ ବର୍ଷରେ ମଧ୍ୟ କନ୍ଧମାଳ ଜିଲ୍ଲାର ଅବହେଳିତ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସିଏସ୍ଆର୍ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା କରାଯାଇଛି। ସୂଚନାଯୋଗ୍ୟ ଚିଫ୍ ଜେନେରାଲ୍ ମ୍ୟାନେଜର୍ ରନ୍ ତେଜା ଦିନକର ଆକେଲାଙ୍କ ନେତୃତ୍ୱରେ ରାଜ୍ୟରେ ବିଭିନ୍ନ ସରକାରୀ ମେଡିକାଲ୍ କଲେଜ୍‌ର ପ୍ରଥମ ବର୍ଷର ୪୦ ଜଣ ଆର୍ଥିକ ଦୁର୍ବଳ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ଟ୍ୟାବ୍ ବଣ୍ଟାଯାଇଛି।

**ଯୁବକକୁ ଅଟକାଇ ଆକ୍ରମଣ**

# ଗୁରୁତର ଅବସ୍ଥାରେ ଓଭରବ୍ରିଜ୍ ତଳୁ ଉଦ୍ଧାର



**ବ୍ରହ୍ମପୁର,୧୬।୫/ଏନ୍ଏନ୍ଏସ୍:** ଗୋପାଳପୁର ଥାନା ଅନ୍ତର୍ଗତ ଖୋଡ଼ାସିଂ ଓଭରବ୍ରିଜ୍ ଉପରେ ଜଣେ ଯୁବକକୁ ମାରପିଟ୍ କରି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିବା ଜଣାପଡ଼ିଛି। ଆହତ ଯୁବକ ଜଣକ ହେଲେ ବ୍ରହ୍ମପୁର ବଡ଼ ବଜାର ଥାନା ଧାନମେରା ସାହିର ଶ୍ୟାମ ବେହେରା(୧୮)। ଶନିବାର ସକାଳ ପ୍ରାୟ ୬ଟା ୩୦ରେ ଶ୍ୟାମ ଓ ତାଙ୍କ ସାଙ୍ଗ ଏକ ସ୍କୁଟିରେ ଗୋପାଳପୁର ଅଭିମୁଖେ ଯାଉଥିଲେ। ସେହି ସମୟରେ ଲାଞ୍ଜିପଲ୍ଲୀ ଅଞ୍ଚଳର ୨ ଜଣ ଯୁବକ ଆସି ଶ୍ୟାମ ଓ ତାଙ୍କ ସାଙ୍ଗକୁ ଅଟକାଇଥିଲେ। ପ୍ରଥମେ ଦୁର୍ବୃତ୍ତମାନେ ମାରପିଟ୍ କରି ସାଙ୍ଗକୁ ସେଠାରୁ ଚାଲିଯିବାକୁ କହିଥିଲେ। ପରେ ଅନ୍ୟ ୨ ସହଯୋଗୀ ସେଠାରେ ପହଞ୍ଚି ଶ୍ୟାମକୁ ମାରପିଟ୍ କରିବା ସହ ୨ଟି ଆଇଫୋନ୍, ୧୫ ଶହ ଟଙ୍କା ଓ ରୁପା ଚେନ୍ ଛଡ଼ାଇ ନେବା ସହ ଅଚେତ୍ କରାଇ ଦେଇଥିଲେ। ପରେ ଶ୍ୟାମ ଖୋଡ଼ାସିଂ ଓଭରବ୍ରିଜ୍ ତଳେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଲୋକେ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡିକାଲ୍ ନେଇଥିଲେ। ଶ୍ୟାମଙ୍କ ଗୋଡ଼ର ହାଡ଼ ଭାଙ୍ଗିବା ସହ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବାରୁ ଏକ ଘରୋଇ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଆହତଙ୍କ ବଡ଼ଭାଇ ଧ୍ରୁବ ବେହେରା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପ୍ରକାରେ ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ବ୍ରହ୍ମପୁର ଏସ୍ପି ଡ. ଶ୍ରବଣା ବିବେକ ଏମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଆହତ ଶ୍ୟାମକୁ ଭେଟିଥିଲେ। ପୁଲିସ ଶ୍ୟାମଙ୍କ ସ୍କୁଟିକୁ ଜବତ କରିବା ସହ ସେ କିପରି ବ୍ରିଜ୍ ତଳକୁ ଗଲେ ସେନେଇ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତକୁ ଧରିବା ପାଇଁ ଖୋଜା ଚାଲିଛି। ପୂର୍ବ ଶତ୍ରୁତାକୁ ନେଇ ଏଭଳି ଘଟଣା ଘଟିଥିବା ପୁଲିସ୍ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

# ବସ୍ ଡ୍ରାଇଭରଙ୍କୁ ଆକ୍ରମଣ, ଜଣେ ଗିରଫ

**ବୁଗୁଡ଼ା,୧୬।୫/ଏନ୍ଏନ୍ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ଗାଁ ଗୁଡ଼ିସାହି ଛକରେ ଗତ ଜାନୁୟାରୀରେ ବଳିଆ ପଣ୍ଡା ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍‌ର ଡ୍ରାଇଭର ନିରଞ୍ଜନ ଗୌଡ଼ (୪୩) ଆକ୍ରମଣର ଶିକାର ହୋଇଥିଲେ। ଉକ୍ତ ଘଟଣାରେ ପୁଲିସ୍ ଫେରାର୍ ଅଭିଯୁକ୍ତକୁ ଲୋକନାଥ ବେହେରା(୧୮) ଓରଫ୍ କାହ୍ନାକୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ଏହାସହ ଏକ ମାମଲା ରୁଜୁ ହୋଇଛି। ଘଟଣା ପରଠୁ କାହ୍ନା ଫେରାର୍ ରହିଥିଲା। ତେବେ ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ସୁମନ୍ତ କୁମାର ବେହେରା କାହ୍ନାକୁ ଗିରଫ କରିଥିବା ଜଣାଯାଇଛି।

# ପୂର୍ବତନ ସମିତିସଭ୍ୟ ଅଶ୍ୱିନୀ କୁମାର ସାହୁଙ୍କ ପରଲୋକ



**କୁକୁଡ଼ାଖଣ୍ଡି,୧୬।୫/ଏନ୍ଏନ୍ଏସ୍:** କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଲୋଚାପଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ସକ୍ରିୟ ସଦସ୍ୟ ଅଶ୍ୱିନୀ କୁମାର ସାହୁଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ବୟସ ହୋଇଥିଲା। ଜଣେ ଚର୍ଚ୍ଚିତ ରାଜନେତା ଓ ସମାଜସେବୀ ରୂପେ ପରିଚିତ ଶ୍ରୀ ସାହୁ କିଛିଦିନ ହେଲା ଅସୁସ୍ଥ ଥାଇ ଶିତଳାପଲ୍ଲୀସ୍ଥିତ ସମ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ। ସେଠାରେ ଶୁକ୍ରବାର ରାତିରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ବିଜୁ ସାହୁ ଉପସ୍ଥିତ ଥିଲେ। ଛାତ୍ର ସଂଗଠନ ଏସ୍ଏଫ୍ଆଇରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ଶ୍ରୀ ସାହୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ରୂପେ ଦାୟିତ୍ୱ ତୁଲାଇବା ସହ ବଜେଡି ସହ ବହୁଦିନ ଜଡ଼ିତ ଥିଲେ। ମୃତ୍ୟୁବେଳକୁ ସେ ବିଜେପିର ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କର ଅକାଳ ବିୟୋଗରେ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶୋକସନ୍ତପ୍ତ ପରିବାର ପ୍ରତି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ସମବେଦନା ଜଣାଇଛନ୍ତି।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶ**

# ଶ୍ରେଷ୍ଠ ୧୦ରେ ପିପୁଲ୍ସ କଲେଜର ୫ ଛାତ୍ରଛାତ୍ରୀ

**ବୁଗୁଡ଼ା,୧୬।୫/ଏନ୍ଏନ୍ଏସ୍:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ତିନି ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ସ୍ଥାନୀୟ ପିପୁଲ୍ସ କଲେଜର କଳା ଓ ବିଜ୍ଞାନର ବିଭିନ୍ନ ବିଭାଗର ଶ୍ରେଷ୍ଠ ୧୦ ତାଲିକାରେ ୫ ଜଣ ମେଧାବୀ ଛାତ୍ରଛାତ୍ରୀ ସ୍ଥାନ ପାଇଥିବା ଜଣାଯାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବିଭାଗ ପାଇଁ ପ୍ରସ୍ତୁତ ଟପଟେନ୍ ତାଲିକାରେ ପିପୁଲ୍ସ କଲେଜର ଆଇଆର୍‌ପିଏମ୍ ବିଭାଗର ମେଧାବୀ ଛାତ୍ରୀ ପୂଜାରାଣୀ ପ୍ରଧାନ ୧୧୬୯ ମାର୍କ ରଖି ପ୍ରଥମ ସ୍ଥାନରେ ରହିଥିବାବେଳେ ମନିଷା କୁମାରୀ ଗୌଡ଼ ୧୧୬୫ ରଖି ଦ୍ୱିତୀୟ ଓ ସୋନାଲି ମହାରଣା ୧୧୧୧ ମାର୍କ ରଖି ଦଶମ ସ୍ଥାନରେ ରହିଛନ୍ତି। ସେହିପରି ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀ ରୂପାଲି ପାତ୍ର ୧୧୬୮ ମାର୍କ ରଖି ତୃତୀୟ ଓ ରସାୟନ ବିଜ୍ଞାନ ବିଭାଗର ଛାତ୍ର ଡି.ଗିରିଜା ଆଚାରୀ ୧୧୮୭ ରଖି ଦଶମ ସ୍ଥାନରେ ରହିଛନ୍ତି। ଏହି ମେଧାବୀ ଛାତ୍ରଛାତ୍ରୀଙ୍କ କୃତିତ୍ୱ ପାଇଁ ପିପୁଲ୍ସ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ସମେତ କଲେଜ କର୍ତ୍ତୃପକ୍ଷ ଏବଂ ବୁଦ୍ଧିଜୀବୀ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିବା ଜଣାଯାଇଛି।

# ତୈଳଦର ବୃଦ୍ଧି ଓ ନିଟ୍ ପ୍ରଶ୍ନପତ୍ର ଲିକ୍ ଦୁର୍ନୀତିକୁ ସିପିଏମ୍‌ର ବିରୋଧ

**ବ୍ରହ୍ମପୁର,୧୬।୫/ଏନ୍ଏନ୍ଏସ୍:** ପେଟ୍ରୋଲ୍ ଡିଜେଲ୍ ଓ ସିଏନ୍‌ଜି ଦରବୃଦ୍ଧି ବାତିଲ୍ ଦାବିରେ ସିପିଏମ୍ ପକ୍ଷରୁ କମାପଲି ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ତୈଳ ସଙ୍କଟ ପାଇଁ ମୋଦୀ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଓ ଅପାରଗତା କାର୍ଯ୍ୟ ହିଁ ଦାୟୀ ବୋଲି ଅଭିଯୋଗ କରିଥିଲେ। ମୋଦୀ ସରକାର ତୈଳ ସଙ୍କଟ ସମାଧାନ ପରିବର୍ତ୍ତେ ଚାରି ରାଜ୍ୟରେ ସରକାର ଦଖଲ ପାଇଁ ଲାଗିପଡ଼ିଲେ। ସେହିପରି ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଋଷିଆରୁ ତେଲ ନ କିଣିବା ଏବଂ ଇରାନ୍ ପରିବର୍ତ୍ତେ ଇସ୍ରାଇଲ୍ ସପକ୍ଷରେ ଅବସ୍ଥାନ ଗ୍ରହଣ ଯୋଗୁ ଦେଶରେ ତୈଳ ଓ ଗ୍ୟାସ୍‌ର ସଙ୍କଟ ସୃଷ୍ଟି ହୋଇଛି। ବର୍ତ୍ତମାନ ଏହି ସଙ୍କଟର ବୋଝ ସାଧାରଣ ଲୋକଙ୍କ ଉପରେ ଲଦିବା ପରିବର୍ତ୍ତେ ଲିଟର୍ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ବାବଦରେ ଆଦାୟ କରୁଥିବା ପ୍ରାୟ ୫୦ ଟଙ୍କାରୁ ଭରଣା କରିବା ପାଇଁ ଦାବି କରାଯାଇଥିଲା। କେନ୍ଦ୍ର ସରକାର ଗତ ଦଶ ବର୍ଷ ମଧ୍ୟରେ ପ୍ରାୟ ୪୪ ଲକ୍ଷ କୋଟି ଓ ତୈଳ କମ୍ପାନୀ ଗୁଡ଼ିକ ସାଢ଼େ ୩ ଲକ୍ଷ କୋଟି ଲାଭ ଉଠାଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ହେବା ପର୍ଯ୍ୟନ୍ତ ଏହି ପାଣ୍ଠିକୁ ବିନିଯୋଗ କରିବା ପାଇଁ ଦାବି କରାଯାଇଥିଲା। କେବଳ ଏତିକି ନୁହେଁ, ମୋଦୀ ସରକାର କ୍ଷମତାସୀନ ହେବା ପରେ ନିଟ୍ ପରୀକ୍ଷାରେ ବାରମ୍ବାର ଘୋଟାଲା ହେଉଛି। ଲକ୍ଷାଧିକ ମେଧାବୀ ଛାତ୍ରଙ୍କ ଭବିଷ୍ୟତକୁ ବଳି ପକାଇ ଡାକ୍ତର ପରିବର୍ତ୍ତେ ଡକାୟତ ସୃଷ୍ଟି କରାଯାଉଛି। ଏଥିରେ ଶିକ୍ଷା ବିଭାଗ ଓ ଶିକ୍ଷା ବେପାରୀଙ୍କ ଏକ ଅସାଧୁ ମେଣ୍ଟ ସକ୍ରିୟ ହୋଇଛି। ଏନ୍‌ଟିଏକୁ ସ୍ୱଚ୍ଛ ଓ ଲକ୍ଷାଧିକ ମେଧାବୀ ଛାତ୍ରଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ପାଇଁ କେନ୍ଦ୍ର ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏହି ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦକ ଯୁଧୀଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ବାବୁଲି ନାୟକ, ଗୋକୁଳ ତ୍ରିପାଠୀ, କେଶବ ଗୌଡ଼, ହରି ନାହାକ, ଟିଟିବାବୁ, ରାଜରାଓ, ମଧୁ ବେହେରା, ଗୋପାଳ ପାଣିଗ୍ରାହୀ, ପ୍ରଶାନ୍ତ ବିଶୋଇ, ଅଜିତ ପାଣିଗ୍ରାହୀ, ମୋହନ ରାଓ ଓ କାଳି ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।




# ଦୁର୍ଦ୍ଦାନ୍ତ ଅପରାଧୀ ଦିପୁନାକୁ ଏନ୍‌କାଉଣ୍ଟର୍

**ବ୍ରହ୍ମପୁର,୧୬।୫/ଏନ୍ଏନ୍ଏସ୍:** ବ୍ରହ୍ମପୁର ପୁଲିସ ପକ୍ଷରୁ ଲାଞ୍ଜିପଲୀ ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ଦିପୁନା ନାୟକକୁ ଏନକାଉଣ୍ଟର୍ କରାଯାଇଛି। ଆହତ ଦିପୁନାର ଗୋଡ଼ରେ ଗୁଳି ବାଜିଥିବାବେଳେ ତାକୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ସୂଚନାପ୍ରକାରେ ଶନିବାର ସକାଳେ ଗୋପାଳପୁର ଓଭରବ୍ରିଜ୍ ତଳୁ ଗୁରୁତର ଅବସ୍ଥାରେ ଶ୍ୟାମ ବେହେରା ନାମକ ଜଣେ ଯୁବକକୁ ଗୋପାଳପୁର ପୁଲିସ୍ ଉଦ୍ଧାର କରିଥିଲା। ଏନକାଉଣ୍ଟର୍‌ର ଶିକାର ଦିପୁନା ଏବଂ ତା'ର ଅନ୍ୟ ସହଯୋଗୀମାନେ ମିଶି କୌଣସି କଥାକୁ ନେଇ ଗୁରୁତର ଶ୍ୟାମ ବେହେରା ସହ ପାଟିତୁଣ୍ଡ କରିବା ପରେ ବ୍ରିଜ୍ ଉପରୁ ତଳକୁ ଠେଲି ଦେଇଥିଲେ। ଏହି ଘଟଣାରେ ପୁଲିସ୍ ତଦନ୍ତ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ଏଥିରେ ଦିପୁନାର ସମ୍ପୃକ୍ତି ଥିବା ଜାଣିବା ପରେ ଗୋପାଳପୁର ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ପରେ ଗୋପାଳପୁରରୁ ଦିପୁନାକୁ ପୁଲିସ୍ ଠାବ କରି ଗିରଫ ଉଦ୍ୟମ କରିଥିଲା। ଏହି ସମୟରେ ଦିପୁନା ଖସିଯିବାକୁ ଉଦ୍ୟମ କରି ପୁଲିସ୍ ଉପରକୁ ଆକ୍ରମଣ କରିଥିଲା। ପୁଲିସ୍ ନିଜର ସୁରକ୍ଷା ପାଇଁ ପାଲଟା ଗୁଳିଚାଳନା ବେଳେ ଦିପୁନାର ଗୋଡ଼ରେ ଗୁଳି ବାଜିଥିବା ସୂଚନା ମିଳିଛି। ପୁଲିସ୍ ଦିପୁନାକୁ ଗିରଫ କରି ଏମ୍‌କେସିଜି ମେଡିକାଲ୍‌ରେ ଭର୍ତ୍ତି କରିଛି। ଦିପୁନା ନାଁରେ ପୂର୍ବରୁ ଏକାଧିକ ମାମଲା ରହିଥିବା ସୂଚନା ମିଳିଛି।

## ସାଇକେଲ୍‌ରେ ଶବ ନେବା ପ୍ରସଙ୍ଗ

# ‘ବିରୋଧୀ ହୀନ ରାଜନୀତି କରୁଛନ୍ତି’

**ଖଇରା, ୧୬।୫/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ହରିପୁରରେ ଘର ସେଣ୍ଟିଂକୁ କେନ୍ଦ୍ର କରି ସୁରେନ୍ଦ୍ର ସେଠୀଙ୍କ ଭଉଣୀ କମଳାଙ୍କୁ ହତ୍ୟା କରାଯିବା ଏବଂ ପରିବାର ଲୋକ ଶବକୁ ଧରି ଥାନାକୁ ଆସିବା ଘଟଣାକୁ ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ କହିଛନ୍ତି ଯେ ମୃତଶରୀରକୁ ସାଇକେଲ୍‌ରେ ହରିପୁରରୁ ୧୫ କିମି ଦୂର ଖଇରା ଥାନାକୁ ଅଣାଯାଉଥିବାବେଳେ ଖଇରା ପୁଲିସ୍ ଆମ୍ବୁଲାନ୍ସ ସହିତ ଗାଁକୁ ଯାଇ ମୃତଶରୀରକୁ ସାଇକେଲ୍‌ରେ ନଆଣି ଆମ୍ବୁଲାନ୍ସରେ ଆଣିବାକୁ ବୁଝାଇଥିଲେ। ହେଲେ କିଛି ବିଜେଡି ନେତାଙ୍କ ପ୍ରରୋଚନାରେ ସେମାନେ ଆମ୍ବୁଲାନ୍ସ ପରିବର୍ତ୍ତେ ସାଇକେଲ୍‌ରେ ମୃତଦେହ ଆଣି ଥାନା ଆଗରେ ରଖି ଧାରଣା ଦେଇଥିଲେ। ତାଙ୍କ ଅନୁରୋଧକ୍ରମେ ବାଲେଶ୍ୱର ଏସ୍‌ପି ଓ ଅନ୍ୟ ପୁଲିସ୍ ଅଧିକାରୀମାନେ ଖଇରାରେ ପହଞ୍ଚି ଧାରଣାକାରୀଙ୍କୁ ଉଠାଇବା ବ୍ୟବସ୍ଥା କରିଥିଲେ। ଏହାସହ ହତ୍ୟାକାଣ୍ଡରେ ସାମିଲ୍ ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅନ୍ୟ ଅଭିଯୁକ୍ତ ଭରତ ଜେନା, ମାନସ ଜେନା ଓ ମିନତୀ ଜେନାଙ୍କୁ ଯଥାଶୀଘ୍ର ଗିରଫ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଉ କିଛି ସହଯୋଗୀଙ୍କ ନାମ ମଧ୍ୟ ଗିରଫ ତାଲିକାରେ ଯୋଡ଼ିଥିଲେ। ପ୍ରତିଶ୍ରୁତି ଅନୁଯାୟୀ ଖଇରା ପୁଲିସ୍ ମୁଖ୍ୟ ଅଭିଯୁକ୍ତ ମାନସକୁ ଆନ୍ଧ୍ରପ୍ରଦେଶରୁ ଗିରଫ କରିଥିବାବେଳେ ବାପା ଭରତକୁ ଖଇରାରୁ ଗିରଫ କରିଥିଲା। ଆଉ ଶ୍ରୀ ପଣ୍ଡା ନିଜେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅନ୍ୟତମ ପିଡ଼ୀତା ତଥା ସୁରେନ୍ଦ୍ର ସେଠୀଙ୍କ ସ୍ତ୍ରୀ ଶକୁନ୍ତଳାଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମାଧ୍ୟମରେ ଉତ୍ତମ ଚିକିତ୍ସାର ବନ୍ଦୋବସ୍ତ କରାଇଛନ୍ତି। ବିଜେଡି କେବଳ ସରକାରଙ୍କୁ ବଦନାମ୍ କରିବାକୁ ହୀନ ଉଦ୍ୟମ କରୁଛି। ଏଣୁ ମରଶରୀରକୁ ନେଇ ରାଜନୀତି କରାନଯାଉ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୃତକଙ୍କ ପରିବାର ଲୋକ ଉପସ୍ଥିତ ରହି ପୁଲିସ୍ ତଥା ବିଧାୟକଙ୍କ ପଦକ୍ଷେପକୁ ପ୍ରଶଂସା କରିବା ସହ ଅଭିଯୁକ୍ତଙ୍କୁ ଫାଶି ଦେଇ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧକ୍ଷା ଅଭିଲିପ୍ସା ସାହୁ, ଜିଲ୍ଲାପରିଷଦ ସଭ୍ୟ ମାନସ ଦାଶ, ବିଜେପି ନେତା ପତିତପାବନ କର, ସୁମନ୍ତ ଜେନା, ପ୍ରିତିଶ ମହାପାତ୍ର, ରାଧାକାନ୍ତ ପାତ୍ର ଓ ଶଙ୍କରା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।




# ଜନଆକ୍ରୋଶ ମହିଳା ପଦଯାତ୍ରା

**ବାଲେଶ୍ୱର, ୧୬।୫/ଏନ୍‌ଏନ୍‌ଏସ୍:** ରେମୁଣା ନିର୍ବାଚନମଣ୍ଡଳୀର ବାଘାଯତୀନ ମଣ୍ଡଳରେ ଜନଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଉମାକାନ୍ତ ଜେନା ଏବଂ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୁଭସ୍ମିତା ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ନିର୍ବାଚନମଣ୍ଡଳୀ ପ୍ରଭାରୀ ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା ଉପସଭାପତି ସୁକୁମାର ଦାସ, ଜିଲ୍ଲା ସମ୍ପାଦିକା ରବିତା ଦାସ, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ସମୟ ଟୁଡୁ ଓ ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନାରୀଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରି ମା'ମାନଙ୍କ ଅଧିକାରରେ କଣ୍ଟା ସାଜିଥିବା ଉଭୟ ବିଜେଡି ଓ କଂଗ୍ରେସକୁ ବିରୋଧ ଉଦ୍ଦେଶ୍ୟରେ ଆୟୋଜିତ ଏହି ପଦଯାତ୍ରା ସରସ୍ୱତୀପୁର ପଞ୍ଚାୟତର ସମଲପୁର ଶିବ ମନ୍ଦିରରୁ ଆରମ୍ଭ ହୋଇ ନୂଆସାହି ଛକ ବାସନ୍ତୀ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଆମ ସମାଜରେ ସର୍ବଦା ନାରୀ ପୂଜନ ଓ ନାରୀ ବନ୍ଦନର ବାର୍ତ୍ତା ଦେବା, ପ୍ରକୃତିକୁ ମା'ର ସ୍ଥାନ ଦେବା ଓ ରାଷ୍ଟ୍ରକୁ ମାତା ବୋଲି ସମ୍ବୋଧନ କରାଯାଉଥିବାବେଳେ ଦେଶର ସରକାର ବିରୋଧୀ ରାଜନୈତିକ ଦଳଙ୍କ ମାତୃ ବିରୋଧୀ ଆଚରଣ ଅତ୍ୟନ୍ତ ନିନ୍ଦନୀୟ। ଏହି ମହିଳା ବିରୋଧୀ ଆଚରଣ ପାଇଁ ରାଜ୍ୟ ତଥା ଦେଶର ମା-ଭଉଣୀମାନେ ସେମାନଙ୍କୁ କେବେ ବି କ୍ଷମା ଦେବେ ନାହିଁ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ମଣ୍ଡଳ ସାଧାରଣ ସମ୍ପାଦକ କମଲଲୋଚନ ପ୍ରଧାନ, ବିପିନ ମାରାଣ୍ଡି, ସରପଞ୍ଚ ଝରଣା ମହାନ୍ତି, ରମାମଣୀ ସେନାପତି, ସମିତିସଭ୍ୟ ତ୍ରିଲୋଚନ ପ୍ରଧାନ, ମିନାକ୍ଷୀ ମହାପାତ୍ର, ଅଜୟ ଦାସ, ଗଜେନ୍ଦ୍ର ସେଠୀ, କାର୍ତ୍ତିକ ମହାନ୍ତି, ବିଜୟ କୁମାର ପଲେଇ, ରଶ୍ମି ରଞ୍ଜନ ରାଉତ, ମାନସ କୁମାର ପଣ୍ଡା, ବାସନ୍ତୀ ଦାସ ଓ ଚନ୍ଦ୍ରମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଛତୁ ଚାଷ ଇଣ୍ଟର୍ନସିପ୍ ଶିବିର ଆରମ୍ଭ

**ବାରିପଦା, ୧୬।୫/ଏନ୍‌ଏନ୍‌ଏସ୍:** ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଓ କୃଷିଭିତ୍ତିକ ସ୍ୱରୋଜଗାର ଦିଗରେ ପ୍ରେରିତ କରିବା ଲକ୍ଷ୍ୟରେ ବାରିପଦା ଥାନା ଅନ୍ତର୍ଗତ ତକତପୁରସ୍ଥିତ ରୁଚି ମସରୁମ୍ ଫାର୍ମରେ କପ୍ତିପଦା ଡିଗ୍ରୀ କଲେଜର ବୋଟ୍‌ନି ବିଭାଗର ସ୍ନାତକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ୩୫ ଦିନିଆ ଛତୁ ଚାଷ ଇଣ୍ଟର୍ନସିପ୍ ଶିବିର ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାନୁସାରେ ଆୟୋଜିତ ଏହି ଶିକ୍ଷାମୂଳକ କାର୍ଯ୍ୟକ୍ରମକୁ ରୁଚି ମସରୁମ୍ ଫାର୍ମର ସ୍ଥାନୀୟ ନିର୍ଦ୍ଦେଶିକା ଗୀତାଞ୍ଜଳି ମହାନ୍ତି ଉଦ୍‌ଘାଟନ କରିଥିଲେ। ଶ୍ରୀମତୀ ମହାନ୍ତି କହିଥିଲେ ଯେ ବର୍ତ୍ତମାନ ସମୟରେ ଛତୁ ଚାଷ ଯୁବପିଢ଼ି ପାଇଁ ଏକ ଲାଭଜନକ ଓ ରୋଜଗାରକ୍ଷମ ଜୀବିକାରେ ପରିଣତ ହୋଇଛି। ଶିକ୍ଷା ସହ ଦାୟିତ୍ୱବୋଧ ଓ କାର୍ଯ୍ୟଦକ୍ଷତା ଅର୍ଜନ କଲେ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ନିଜେ ସ୍ୱାବଲମ୍ବୀ ହେବାସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଯୋଗାଇପାରିବେ। ଏହି ଇଣ୍ଟର୍ନସିପ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଥିଓରି ସହ ପ୍ରାକ୍ଟିକାଲ ଓ ଲ୍ୟାବ୍ ୱର୍କ ଶିକ୍ଷା ଗ୍ରହଣ କରିବେ। ଛତୁ ମଞ୍ଜି ପ୍ରସ୍ତୁତି, ଚାଷ ପ୍ରଣାଳୀ ଓ ସଂରକ୍ଷଣ ଭଳି ବିଭିନ୍ନ ବିଷୟରେ ସେମାନେ ପ୍ରାୟୋଗିକ ଅନୁଭବ ଅର୍ଜନ କରିବେ।

ଏହି କାର୍ଯ୍ୟକ୍ରମରେ ଫାର୍ମର ପରିଚାଳକ ଓ ଉପନିର୍ଦ୍ଦେଶକ ସୁନୀଲ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ ଯେ କୃଷି ଓ ଛତୁ ଚାଷ ମାଧ୍ୟମରେ ଯୁବପିଢ଼ି ନିଜ ଭବିଷ୍ୟତକୁ ସୁନିଶ୍ଚିତ କରିପାରିବେ। ଏହି ଶିବିର ପରିଚାଳନାରେ ସଂଯୋଜିକା ଅଧ୍ୟାପିକା ସୁଶ୍ରୀ ସୁଜାତା ପ୍ରଧାନ ଓ ମିସ୍ ଇପ୍ସିତା ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ସହଯୋଗୀ ସକ୍ରିୟ ଭୂମିକା ତୁଲାଇଥିଲେ।




## ଓଡ଼ିଶା ସମବାୟ ଟ୍ରିବ୍ୟୁନାଲ୍‌ର ନିର୍ଦ୍ଦେଶ

# ଭାଗବତ ସଭାପତି ଭାବେ ପୁନଃଅବସ୍ଥାପିତ

**ବାଲେଶ୍ୱର, ୧୬।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ସମବାୟ ଟ୍ରିବ୍ୟୁନାଲ୍‌ର ନିର୍ଦ୍ଦେଶକ୍ରମେ ଭାଗବତ ଖିଲାର ଇଶ୍ୱରପୁର ସେବା ସମବାୟ ସମିତିର ସଭାପତି ଭାବେ ପୁନଃଅବସ୍ଥାପିତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ୍ ଅନ୍ତର୍ଗତ ଇଶ୍ୱରପୁର ସେବା ସମବାୟ ସମିତିର ସଭାପତି ଭାବେ ସେ ୨୦୨୨ରେ ନିର୍ବାଚିତ ହୋଇଥିଲେ। କିନ୍ତୁ ସମିତି ପରିଚାଳନାରେ ବ୍ୟର୍ଥତା ଦର୍ଶାଇ ବାଲେଶ୍ୱର ସମବାୟ ସମିତି ସମୂହର ଉପନିବନ୍ଧକ (ଡେପୁଟି ରେଜିଷ୍ଟ୍ରାର) ସରୋଜିନୀ ନାୟକ ୨୦୨୬ ଜାନୁଆରୀ ୨୮ରେ ପତ୍ରସଂଖ୍ୟା ୩୧୦ ଅନୁସାରେ ଭାଗବତଙ୍କୁ ସଭାପତି ପଦରୁ ବହିଷ୍କାର କରିଥିଲେ। ଏହି ଆଦେଶ ବିରୋଧରେ ଭାଗବତ ଓଡ଼ିଶା ସମବାୟ ଟ୍ରିବ୍ୟୁନାଲ୍‌ର ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ୍ ଗତ ମେ' ୧୨ ତାରିଖରେ ଉପନିବନ୍ଧକଙ୍କ ବହିଷ୍କାର ଆଦେଶକୁ ଖାରଜ ପୂର୍ବକ ଭାଗବତଙ୍କୁ ସଭାପତି ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ସମସ୍ତ ପ୍ରତିପକ୍ଷ ଭାଗବତଙ୍କୁ ସହଯୋଗ କରିବାକୁ ଆଦେଶ ଦେଇଛନ୍ତି। ଭାଗବତଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବାଇଧର ସାହୁ ମାମଲା ପରିଚାଳନା କରୁଥିଲେ। ଭାଗବତ କହିଛନ୍ତି ସମବାୟ ଆଇନ ପରିଧି ମଧ୍ୟରେ ସେ କାର୍ଯ୍ୟ କରୁଥିଲେ। କିନ୍ତୁ ରାଜନୈତିକ ଷଡ଼ଯନ୍ତ୍ର କରି ତାଙ୍କୁ ବହିଷ୍କାର କରାଯାଇଥିଲା। ସମବାୟ ଟ୍ରିବ୍ୟୁନାଲ୍‌ରେ ତାଙ୍କୁ ନ୍ୟାୟ ମିଳିଛି।



# ଜାତୀୟ ରାଜପଥ ପ୍ରାଧୀକରଣର ଅପାରଗତାରୁ ସିରିଜ୍ ଦୁର୍ଘଟଣା

**ଯୋଡ଼ା, ୧୬।୫/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ୫୨୦ ନମ୍ବର ଜାତୀୟ ରାଜପଥ ଭଦ୍ରାସାହିସ୍ଥିତ ବିଆର୍‌ପିଏଲ୍ ଗେଟ୍ ସମ୍ମୁଖରେ ଶୁକ୍ରବାର ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ଫଳରେ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିଲା। ସୂଚନାନୁଯାୟୀ ଗୁରୁବାର ଉକ୍ତ ସ୍ଥାନରେ ଏକ ଆଇରନ୍ ବୋଝେଇ ଟ୍ରକ୍ ନିୟନ୍ତ୍ରଣ ହରାଇ ଗୋଟିଏ ଟ୍ରକ୍‌କୁ ପଛପଟୁ ପିଟି ରାସ୍ତାର ଗୋଟିଏ ପାର୍ଶ୍ୱରେ ଭିଡ଼ ଜମାଇ ପଡ଼ି ରହିଥିଲା। ଖବରପାଇ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଦୁର୍ଘଟଣାସ୍ଥଳରେ ପହଞ୍ଚିବା ସତ୍ତ୍ୱେ ଗାଡ଼ିକୁ ରାସ୍ତାରୁ ହଟେଇ ନଥିଲେ। ଫଳରେ ଜାତୀୟ ରାଜପଥରେ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ତେବେ ଶୁକ୍ରବାର ଏକ ହାଇୱା ପ୍ରାୟ ୧୨ଟାରେ ଗୁଆଲି ପଟୁ ଭଦ୍ରାସାହି ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିବା ଟ୍ରକ୍‌ରେ ପିଟି ହୋଇଥିଲା। ଫଳରେ ଡ୍ରାଇଭର୍ ଗାଡ଼ି ଭିତରେ ହିଁ ଚାପି ହୋଇଥିଲେ। ଡ୍ରାଇଭର୍ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଶୁଣି ସହାୟତା ପାଇଁ ଆଗେଇ ଆସିଥିଲେ। ଖବରପାଇ ପୁଲିସ୍ ଏବଂ ଅଗ୍ନିଶମ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଫସି ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଥିଲେ। ତେବେ ପ୍ରାୟ ୨ ଘଣ୍ଟା ଫସି ରହିବା ପରେ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଡ଼ବିଲ୍ ମେଡିକାଲ୍‌କୁ ପଠାଯାଇଥିଲା। ରାସ୍ତାରେ ଦୁର୍ଘଟଣା ହୋଇଥିବା ଗାଡ଼ି ଫସି ରହିବା ଯୋଗୁ ଏହି ଭୟଙ୍କର ସିରିଜ୍ ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ଜାତୀୟ ରାଜପଥ ପ୍ରାଧୀକରଣ ଦାୟୀ ବୋଲି କହିଛନ୍ତି। ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ତାଙ୍କ ପାଖରେ କ୍ରେନ୍ ନଥିବାରୁ ଗାଡ଼ି ଗୁଡ଼ିକୁ ହଟାଇବା ସମ୍ଭବପର ହୋଇପାରୁ ନାହିଁ ବୋଲି କହିଥିଲେ।

# ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ବେଦ ବିଦ୍ୟାଳୟର ପୁନରୁଦ୍ଧାର ଦାବି



**ବାରିପଦା, ୧୬।୫/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜର ବାରିପଦାସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜିଉ ମଠରେ ଦୀର୍ଘ ୪୨ ବର୍ଷ ଧରି ବନ୍ଦ ହୋଇପଡ଼ିଥିବା ଶ୍ରୀ ଭକ୍ତିବିନୋଦ ବେଦାଭ୍ୟାସ ପାଠ ଛାତ୍ରାବାସ ଏବଂ ବେଦ ବିଦ୍ୟାଳୟର ପୁନଃ ପ୍ରତିଷ୍ଠା ପାଇଁ ଦାବି ଜୋର୍ ଧରିଛି। ଏହି ପୁରାତନ ଅନୁଷ୍ଠାନର ପୁନରୁଦ୍ଧାର ନିମନ୍ତେ ଓଡ଼ିଶା ବ୍ରାହ୍ମଣ ମହାସଂଘ, ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରକାଶଥାଉକି ତତ୍କାଳୀନ ମୟୂରଭଞ୍ଜ ମହାରାଜା ଓ ପ୍ରଶାସନ ପକ୍ଷରୁ ଭାରତୀୟ ସଂସ୍କୃତି ଓ ବେଦ ଚର୍ଚ୍ଚାର ପ୍ରସାର ପାଇଁ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଦ୍ୱାରା ପ୍ରଶଂସିତ ପଣ୍ଡିତ ନବକିଶୋର ଶାସ୍ତ୍ରୀ ଏଠାରେ ଅଧ୍ୟାପନା କରୁଥିଲେ। ମାତ୍ର ୧୯୮୩ ମସିହାରୁ ଏହି ଅନୁଷ୍ଠାନଟି ବନ୍ଦ ହୋଇଯାଇଥିଲା ଏବଂ ଏହାର ଗୃହକୁ ଏକ ଘରୋଇ ଶିଶୁ ମନ୍ଦିରକୁ ଭଡ଼ାରେ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ମଠ ମନ୍ଦିରରେ ପୂଜାର୍ଚ୍ଚନା ଓ କର୍ମକାଣ୍ଡ ପାଇଁ ପ୍ରଶିକ୍ଷିତ ବ୍ରାହ୍ମଣଙ୍କ ଅଭାବ ଦେଖାଦେଉଥିବାରୁ ବେଦ ବିଦ୍ୟାଳୟକୁ ପୁଣିଥରେ କାର୍ଯ୍ୟକ୍ଷମ କରିବା ପାଇଁ ମହାସଂଘ ନିବେଦନ କରିଛି। ଏହି ବିଦ୍ୟାଳୟ ପୁନର୍ବାର ଖୋଲିଲେ ଜିଲ୍ଲାର ବୈଦିକ ସଂସ୍କୃତି ସୁରକ୍ଷିତ ରହିବା ସହ ଛାତ୍ରମାନେ ମାଗଣାରେ ବେଦ ଶିକ୍ଷା ଲାଭ କରିପାରିବେ ବୋଲି ଓଡ଼ିଶା ବ୍ରାହ୍ମଣ ମହାସଂଘ ମୟୂରଭଞ୍ଜ ଶାଖାର ସଭାପତି ଅଲେଖ ରଞ୍ଜନ ପାଠୀ ତଥା ସଂଘର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଜିଲ୍ଲା ବ୍ରାହ୍ମଣ ମହାସଂଘର ବହୁ ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ‘ପ୍ରୀତିରଞ୍ଜନ ଥିଲେ ଅଭିନୟ ଜଗତର ସମ୍ଭାବନା’

**ଧାମନଗର, ୧୬।୫/ଏନ୍‌ଏନ୍‌ଏସ୍:** ଦିବଙ୍ଗତ ଯୁବ କଳାକାର ପ୍ରୀତିରଞ୍ଜନ ସାହୁଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦ ବଜାର ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଧାମନଗର ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ, ଧାମନଗର ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ଅଶୋକ ନାୟକ, ବରିଷ୍ଠ ସାହିତ୍ୟିକ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ରାଉତ, ନାଟ୍ୟ ନିର୍ଦ୍ଦେଶକ ସାରଥୀ ପଣ୍ଡା ଓ କଳାକାର ସଂଘର ଉପସଭାପତି ସୁବାସ ମଲ୍ଲିକ ପ୍ରମୁଖ ଅତିଥିରୂପେ ଯୋଗ ଦେଇଥିଲେ। ଅକାଳରେ ଝଡ଼ି ପଡ଼ିଥିବା ଯୁବ କଳାକାର ପ୍ରୀତି ରଞ୍ଜନ ସାହୁ ସ୍ୱଳ୍ପ କାଳର ଅଭିନୟ ଜୀବନ ମଧ୍ୟରେ ନିଜର ପ୍ରତିଭା ପ୍ରଦର୍ଶନ କରି ଯାତ୍ରାପ୍ରେମୀଙ୍କ ହୃଦୟରେ ସ୍ଥାନ ପାଇଥିଲେ। ସେ ଅଭିନୟ ଜଗତର ଏକ ସଫଳ ସମ୍ଭାବନା ଥିଲେ ବୋଲି ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଏହି ଅବସରରେ ସ୍ମରଣିକା ‘ପ୍ରୀତିପଥ’ ଲୋକାର୍ପିତ କରାଯାଇଥିଲା। ନାଟ୍ୟକାର ଅମରେନ୍ଦ୍ର ନାୟକ, ବରିଷ୍ଠ କଳାକାର ଯୋଗେନ୍ଦ୍ର ପରିଡ଼ା, ଅଧ୍ୟାପକ ସିଦ୍ଧେଶ୍ୱର ସାହୁ, ଓୟୁଜେର ରାଜ୍ୟ ସାଧାରଣ ସମ୍ପାଦକ କିଷାନ ରାଉତ, ଶିକ୍ଷା ପ୍ରଶିକ୍ଷକ ନିର୍ମଳ ସେଠୀ, ସମାଜସେବୀ ରମାକାନ୍ତ ସାହୁ, ସମିତିସଭ୍ୟ ଭାରତ ବିଜୟ ଦଳାଇ, ଯାତ୍ରା ପରିଚାଳକ ପ୍ରଭାତ ପଣ୍ଡା, କବି ମନୋଜ ପଣ୍ଡା, ଗଙ୍ଗାଧର ନାୟକ ଓ ଯାତ୍ରା ନାୟିକା ଟିକି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚ କଳାକାର କାଳନ୍ଦୀ ମଲ୍ଲିକ ପ୍ରାକ୍ ସୂଚନା ଦେଇଥିଲେ ଏବଂ ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ମିଳନ ପଣ୍ଡା ଜଗନ୍ନାଥ ଅଷ୍ଟକମ ପାଠ କରିଥିଲେ। ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



# ଅନିଶ୍ଚିତତା ମଧ୍ୟରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

**ସୋର, ୧୬।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାର ସୋରରେ ଗ୍ରାମ୍ୟ ନିର୍ମାଣ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଖୋଲିବା ପାଇଁ ସରକାରୀ ଭାବେ ବିଜ୍ଞପ୍ତି ଜାରି କରାଯାଇଥିଲା। ମାତ୍ର ଏହାକୁ ଦୀର୍ଘ ୪ ମାସ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଏହାର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇପାରି ନାହିଁ। ସୋର, ବାହାନଗା, ସିମୁଳିଆ ଓ ଖଇରାକୁ ନେଇ ଏହି ୪ଟି ବ୍ଲକ୍‌ର ମଧ୍ୟସ୍ଥଳ ସୋରରେ ଏହାର କାର୍ଯ୍ୟାଳୟ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ମାଣ କାର୍ଯ୍ୟ ସୁରୁଖରୁ ହୋଇପାରିବା ସହ ଅଯଥାରେ ବାଲେଶ୍ୱର ଯିବା ପାଇଁ ଲୋକଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ। ମାତ୍ର ଏପର୍ଯ୍ୟନ୍ତ ଉଚ୍ଚ ଅଧିକାରୀଙ୍କ ତତ୍ପରତାର ଅଭାବରୁ ଏହି ସରକାରୀ ଘୋଷଣା ଶୀତଳ ଭଣ୍ଡାରେର ପଡ଼ି ରହିଥିବାବେଳେ କାର୍ଯ୍ୟ ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କେବେ ହେବ ସେନେଇ ସଠିକ୍ ଉତ୍ତର ଦେଉନାହାନ୍ତି। ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସୋର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

# ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ସୋର, ୧୬।୫/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ଷ୍ଟେସନ୍ ରାସ୍ତାରେ ଥିବା ସତ୍ୟସାଇ ମନ୍ଦିର ନିକଟରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶନିବାର ଅପରାହ୍ନରେ ଏଠାରେ ଯୁବକ ଜଣକ ଚେତାଶୂନ୍ୟ ହୋଇ ପଡ଼ିଥିବା ଦେଖି ସ୍ଥାନୀୟ ଯୁବକ ବିକି ନାୟକ ଏକ ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ୍ ମେଡିକାଲ୍‌ରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

**AFFIDAVIT**

By virtue of an affidavit sworn before the Executive Magistrate, Tangi, I Tukuni Pradhan, aged about 45 years, W/o- Babaji Pradhan of village Arjunpur, Po- Patiamal, Ps - Chandpur, Dist - Nayagrh, Odisha at present at 132/29 B, Manali New Town, Sadayankuppam, Chennai that my name has been enrolled in my Aadhaar card bearing no. 958754476693 and in bank pass book of SBI Edayanchavadi Branch bearing A/C No. 33788837516 as Tukuni Pradhan W/o- Babaji Pradhan that in the LIC policy of Bhubaneswar Branch bearing policy no. 587701324 my name has been enrolled as Tukunibala Biswal W/o- Janardan Pradhan as Tukunibala Pradhan W/o- Janardan Pradhan that Tukuni Pradhan W/o- Babaji Pradhan, Tukunibala Biswal W/o- Janardan Pradhan all these names are related to one woman and same person for all purposes.

Sd/- Tukuni Pradhan

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ. CAOCRSPBBS-18-2026

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ - ପୁରୀ ଲାଇନରେ ମୋଟାରୀ ଏବଂ ଜଣାଷ ରୋଡ଼ ଷ୍ଟେସନ ମଧ୍ୟରେ ରେଲୱେ କି.ମି. 464/31-33 ଠାରେ ଆପ୍ରୋଚ ଅଂଶ ନିମନ୍ତେ ଜଟଣା ପାର୍ଶ୍ୱରେ 8 X 25.04 M RCC ଗର୍ଡର ଏବଂ ପୁରୀ ପାର୍ଶ୍ୱରେ 8 X 25.04 M RCC ଗର୍ଡରର ପ୍ରସ୍ତାବିତ ସ୍ଥାନ ଏବଂ ଲେଭେଲ କ୍ରସିଙ୍ଗ ନଂ. KP-09 ପରିବର୍ତ୍ତେ ରେଲୱେ ଅଂଶ ନିମନ୍ତେ ରୋଡ଼ ଓଭର ବ୍ରିଜ୍ (1 X 24.0 M + 1 X 42.0 M) କମ୍ପୋଜିଟ୍ ଗର୍ଡରର ନିର୍ମାଣ।

**ବିଜ୍ଞାପିତ ମୂଲ୍ୟ :** ₹ 61,47,21,223.26, **EMD :** ₹ 1,22,94,400/-, **ଶେଷ ହେବା ଅବଧି:** 24 ମାସ।

**ବିଡ୍ ଆରମ୍ଭ ହେବା ତାରିଖ :** ତା.26.05.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.06.2026ରିଖ 1200 ଘଣ୍ଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ହେଲେ କୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନୋଟିସ ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର

PR-47/CJ/26-27

**OFFICE OF THE MUNICIPAL COUNCIL, BELPAHAR.**

**EXPRESSION OF INTEREST**

BID REFERENCE NO. EO/ BPHM/SUPPLY/01/26-27
BID IDENTIFICATION NO. 2026_ORULB_129186
NOTICE NO. 1819 DT. 12.05.2026

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | |
|---|---|
| Name of the Work | Supply and Installation of different items to Belpahar Municipality. |
| No of Works | 01 No. |
| Date & Time of availability of the bid documents in the portal | From dt. 14.05.2026 at 10.00 A.M. to dt. 25.05.2026 up to 5.00 P.M. |
| Bids received online shall be opened on | 11.00 A.M. onwards on dt. 26.05.2026 |
| Name & address of the officer inviting EOI | Executive Officer, Belpahar Municipality. |

Further the details can be seen from the procurement portal: www.tendersorissa.gov.in. If any addendum/ corrigendum/ cancellation of tender shall be published in the above website only.

Sd/-Executive Officer
Belpahar Municipality

OIPR-13001/13050/1/26-27/0004 13001/529/2627

**[GOVERNMENT OF ODISHA]** 34001/215/2627
OFFICE OF THE SUPERINTENDING ENGINEER,
BARGARH (R&B) DIVISION, BARGARH
E-mail - eepwdbgh@gmail.com Phone/Fax-06646-234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE PWD BGH No.01 OF 2026-27
No. 2359 , Dated.08.05.2026

1) The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil & Electrical work as detailed in the Detailed Tender Call Notice (D.T.C.N) from the eligible class of contractors.
2) No of Civil & Electrical work: – 03 Nos.
3) Cost of Tender Paper: – Rs.6,000/- & Rs.10,000/-
4) Class of contractor:- "C", "D" and "B" Class Contractor & "HT" Electrical Contractor
5) Date & Time of available in web site & receipt of Bids: – 11:00 Hrs. of 19.05.2026 to 17:00Hrs. of 28.04.2026.
6) Date of opening of Technical Bid: – 29.05.2026 at 11:30 Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only

Sd/-Superintending Engineer
Bargarh (R&B) Division

OIPR-34001/34039/1/26-27/0001

8001/86/2627

Chilika

**CHILIKA DEVELOPMENT AUTHORITY**
PLOT NO.493(P), PALASPALLI, POKHARIPUT ROAD,
BHUBANESWAR-751020,ODISHA
Phone: 91-674-2591544, Fax: 91-674-2590485 Email: - chilika@chilika.com
**e-PROCUREMENT**
Tender Call Notice No. 779/CDA/ 2026 Dtd.14.05.2026

| | | |
|---|---|---|
| 01. | Name of the Work | Excavation of creek and construction of Inlet & outlet of Kandagoda village pond, GP-Kandagoda, under Brahmagiri Block |
| 02. | Estimated Cost | Rs.8,46,137.00 (Excluding GST) |
| 03. | Period of completion | 15 (Fifteen) days. |
| 04. | Date & Time of availability of Bid Document in the portal | 15.05.2026 at 11.00 A.M. to 26.05.2026 upto 5.00 P.M. |
| 05. | Last Date/Time for submission of Bids in the portal | 26.05.2026 upto 5.00 P.M |
| 06. | Date & Time of opening of Bids | 28.05.2026 at 11.30AM in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020. |
| 07. | Name and Address of the Officer Inviting Tender (O.I.T) | Addl. Chief Executive Chilika Development Authority, Odisha, Bhubaneswar Plot No.493(P), Pallaspalli, Pokhariput Road, Bhubaneswar-751020 |

*Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"*

Sd/
Addl. Chief Executive
Chilika Development Authority

OIPR-8001/8138/1/26-27/0005

# ତେଲ ପାଇଁ ତ୍ରାହି ତ୍ରାହି, ପେଟ୍ରୋଲ୍ ପମ୍ପରେ ଭିଡ଼



**ତାଳଚେର,୧୬।୫/ଏନ୍ଏନ୍ଏସ୍:** ତେଲ ପାଇଁ ତ୍ରାହି ତ୍ରାହି, ପେଟ୍ରୋଲ ପମ୍ପରେ ଭିଡ଼। ତୈଳ ସଂକଟର ଉତ୍କଟ ଚିତ୍ର ରାଜଧାନୀରୁ ଗାଁ ଯାଏଁ ସବୁଠି ଦୃଶ୍ୟମାନ। କିନ୍ତୁ ଯେଉଁଠି ଦିନେ ଭିଡ଼ ଥିଲା, ସେଠି ଏବେ ସଂକଟର କଳା ବାଦଲ। ତୈଳ ଦର ବୃଦ୍ଧି ପାଇଁ କେବଳ ଗୋଟିଏ ସହରର ୪ହଜାରରୁ ଅଧିକ ପରିବାର ଏବେ ସଂକଟରେ। ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତୈଳ ମହଜୁଦ ରହିଥିବା କହୁଥିବା ବେଳେ ଏପଟେ ତାଳଚେର ଅଞ୍ଚଳରେ ରହିଥିବା

## ଅସାଧୁ ଟାଙ୍କି ମାଲିକଙ୍କ ବଢୁଛି ଉତ୍ସାହ

ସମସ୍ତ ଟାଙ୍କିଗୁଡ଼ିକରେ ଗ୍ରାହକମାନଙ୍କର ଲମ୍ବାଧାଡ଼ି ଲାଗି ରହିଥିବା ଦେଖିବାକୁ ମିଳୁଛି। କେନ୍ଦ୍ର ସରକାର ପେଟ୍ରୋଲ ଦର ଲିଟର ପ୍ରତି ୩.୩୯ପଇସା ବୃଦ୍ଧି କରିଥିବା ବେଳେ ଡିଜେଲ ୩.୨୩ ପଇସା ବୃଦ୍ଧି କରିଛନ୍ତି। ତଥାପି ଯୋଗାଣମନ୍ତ୍ରୀ କହିବା ଅନୁଯାୟୀ ତୈଳ ସାମଗ୍ରୀ ଯଦି ଗଚ୍ଛିତ ରହିଛି ତେବେ ଟାଙ୍କି ଗୁଡ଼ିକରେ କାହିଁକି ଶହଶହ ଗାଡ଼ିମଟର ଲମ୍ବାଲାଇନ୍ କରି ୪୨ଡ଼ିଗ୍ରୀ ଖରାରେ ଅପେକ୍ଷା କରୁଛନ୍ତି ତାହାକୁ ନେଇ ଗ୍ରାହକମନରେ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇବାରେ ଲାଗିଛି। ପ୍ରାଶାସନିକସ୍ତରରେ କେଉଁ ଗାଡ଼ିକୁ କେତେ ତେଲ ଦିଆଯିବ ନିୟମ କରାଯାଇ ନଥିବା ବେଳେ ଆଜି ତାଳଚେର ବାଙ୍କଧରା ଛକ ପେଟ୍ରୋଲ ପମ୍ପରେ ବାଇକ୍‌କୁ ଶହେ ଟଙ୍କା ଲେଖାଏଁ ଓ ଟ୍ରକ୍‌କୁ ୨୫ରୁ ୪୦ଲିଟର ତେଲ ଦେଉଥିବା ବେଳେ ଗ୍ରାହକମାନେ ଅସନ୍ତୁଷ୍ଟ ହେବା ସହିତ ବାଙ୍କଧରା ଛକଟି ଏପରିକି ୧୪୯ ନଂ ଜାତୀୟ ରାଜପଥ ଜାମ ରହିଥିବା ଅଭିଯୋଗ ହୋଇଥିଲା। ଏହି ଖବର ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଜାଣିବାପରେ ସେ ତୁରନ୍ତ ତାଳଚେର ଥାନାକୁ ଜଣାଇଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ପରିସ୍ଥିତିକୁ ଏଡ଼ାଇବାକୁ ଚେଷ୍ଟା କରି ସଫଳ ମଧ୍ୟ ହୋଇଥିଲେ। ସେହିପରି ଅନ୍ୟ ଟାଙ୍କି ଗୁଡ଼ିକ ମଧ୍ୟ ଏକା ଅବସ୍ଥା। ତତ୍ ମଧ୍ୟରୁ କିଛି ଟାଙ୍କିରେ ତେଲ ନଥିବାରୁ ଟାଙ୍କିକୁ ସମ୍ପୂର୍ଣ୍ଣ ବନ୍ଦ କରିଥିବା ଶୁଣିବାକୁ ମିଳିଛି। ତାଳଚେର ସହର ସମେତ ଏହାର ଆଖାପାଖ ଅଞ୍ଚଳରେ ୧୬ଟି ତେଲଟାଙ୍କି ରହିଛି। ପୂର୍ବରୁ ଏହି ଟାଙ୍କିଗୁଡ଼ିକରୁ ଦୈନିକ ପେଟ୍ରୋଲ ଅପେକ୍ଷା ଡ଼ିଜେଲ ଅଧିକ ବିକ୍ରି ହୋଇଥାଏ। କାରଣ ତାଳଚେର ଏକ ଖଣିଖାଦାନ ଅଞ୍ଚଳ ହୋଇଥିବାରୁ ଏଠାରୁ ଦୈନିକ ଶହଶହ ଭାରୀଯାନ ଚଳାଚଳ କରିଥାଏ। ମାତ୍ର ତୈଳ ସଙ୍କଟ ଦେକାଦେବା ଯୋଗୁଁ ଟ୍ରକ, ବସ୍, ଆମ୍ବୁଲାନ୍ସ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ତେଣୁ ଏଥିପ୍ରତି ସ୍ଥାନୀୟ ଯୋଗାଣ ବିଭାଗ ଯତ୍ନବାନ ନରହିଲେ ତୈଳସଙ୍କଟ ବୃଦ୍ଧିକୁ ନେଇ କେତେକ ଅସାଧୁ ଟାଙ୍କି ମାଲିକମାନେ ଲାଭଖୋର ମନୋଭାବ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି କି ଡିପୋରୁ ଅଳ୍ପସଂଖ୍ୟକ ତେଲ ଦେଉଥିବାରୁ ଏହିପରି ଅଚଳ ଅବସ୍ଥା ସୃଷ୍ଟି କରିଛି। ତେଣୁ ଏହାର ପ୍ରତିକାର ନକଲେ ଆଗାମୀ ଦିନରେ ଗ୍ରାହକମାନେ ଅଧିକ ଅସନ୍ତୋଷ ହେବା ସହିତ ଏହାର ଉଚ୍ଚସ୍ତରୀୟ ତଦନ୍ତକରି ବିଧି ବ୍ୟବସ୍ଥା ନକରାଗଲେ ଆଗାମୀ ଦିନରେ ଏହାକୁ ନେଇ ଜନ ଅସନ୍ତୋଷକୁ ଏଡ଼ାଇ ଦିଆଯାଇ ନପାରେ।

# ପୁଲିସ ସେବା ସମ୍ପର୍କରେ ସଚେତନତା

**ଚାନ୍ଦୋଳ,୧୬।୫/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତ କେଶରପୁର ସ୍ଥିତ ବେଲମାଳ ମହାପୁରୁଷଙ୍କ ପୀଠରେ ସଦର ଥାନା ପକ୍ଷରୁ ପୁଲିସସେବା ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସଦର ଥାନାରେ ଇନିସ୍‌ପେକ୍ଟର ବାସୁଦେବ ପରିଡ଼ା ଯୋଗଦେଇ ଆଇନଶୃଙ୍ଖଳା ରକ୍ଷା ସହ ଦୁର୍ଘଟଣା ଏଡ଼ାଇବା ପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିବା ସହ ଘଟଣା ଘଟିବାର ଆଶଙ୍କା ଏବଂ ଘଟଣା ଦୁର୍ଘଟଣା ଘଟିଲେ ୧୧୨ ନମ୍ବରରେ ତୁରନ୍ତ ପୁଲିସ୍‌କୁ ଫୋନ୍ କରିବା ପାଇଁ କହିଥିଲେ। ଏହି ଶିବିରରେ ପଞ୍ଚାୟତର ଶତାଧିକ ବରିଷ୍ଠ ନାଗରିକ, ଯୁବ ଗୋଷ୍ଠୀ ଓ ଯୁବସମାଜସେବୀ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅଞ୍ଚଳର ବିଭିନ୍ନ ସ୍ଥାନରେ ମଦ, ଗଞ୍ଜେଇ ଏପରିକି ବ୍ରାଉନ୍‌ସୁଗର ବିକ୍ରି ହେଉଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଯୁବଗୋଷ୍ଠୀମାନେ ନିକାଞ୍ଚନ ସ୍ଥାନ, ପଡ଼ିଆ, ନଦୀବନ୍ଧ ଆଦି ଅଞ୍ଚଳରେ ନିଶାପାନ କରି ଅସୌଜନ୍ୟ ବ୍ୟବହାର କରିବା, ଅପରାଧ ଘଟାଇବା ଭଳି ଘଟଣା ଘଟୁଥିବା ପୁଲିସ ପ୍ରଶାସନ ନଜରକୁ ଆଣିଥିଲେ। ନିର୍ଦ୍ଦିଷ୍ଟ ସ୍ଥାନରେ ବିଳମ୍ବିତ ରାତିରେ ଜୁଆଖେଳ ହେଉଥିବା ବିଷୟରେ ମଧ୍ୟ ପୁଲିସ ପ୍ରଶାସନଙ୍କୁ ଅବଗତ କରାଯାଇଥିଲା। ସବୁଠାରୁ ବିଡ଼ମ୍ବନା ଘଟଣା ସ୍ଥାନୀୟ ଲୁଣାନଦୀ ବାଲି ଘାଟରୁ ସ୍ଥାନୀୟ ଅଞ୍ଚଳରେ ଆବାସ ଯୋଜନା ହିତାଧିକାରୀଙ୍କୁ ଟ୍ରାକ୍ଟର ପିଛା ୧୦୦୦ ଟଙ୍କା ରୟାଲିଟିରେ ବାଲି କିଣିବାକୁ ପଡୁଛି ବୋଲି ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଏହି ଘାଟରୁ ଦୈନିକ ଶହଶହ ହାଇଓ୍ୱା ଏହି ପଞ୍ଚାୟତ ମଧ୍ୟ ଯାଇଥିବା ରାସ୍ତାରେ ବାଲି ପରିବହନ କରି ଗ୍ରାମ ରାସ୍ତାକୁ ନଷ୍ଟ କରୁଥିବା ବେଳେ ରାସ୍ତା ଉପରେ ୧ ଫୁଟ ବହଳର ବାଲି ଗଦା ହୋଇ ରହିଛି। ଯେଉଁଥି ପାଇଁ ପ୍ରତ୍ୟେକ ଦିନ ବାଲିରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏପରିକି ସାମାନ୍ୟ ପବନ ହେଲେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ଘରକୁ ବାଲି ପଶି ପ୍ରଦୂଷିତ କରିବା ସହ ଶିଶୁ, ରୋଗୀ ଓ ବୃଦ୍ଧବୃଦ୍ଧାମାନଙ୍କ ଜୀବନ ଦୁର୍ବିସହ କରିଛି। ଏ ନେଇ ବୈଠକରେ ଉଦ୍‌ବେଗ୍ ପ୍ରକାଶ ପାଇବା ସହ ତୁରନ୍ତ ପୁଲିସ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ନଚେତ ବାଲି ପାଇଁ ସ୍ଥାନୀୟ ଅଞ୍ଚଳରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପୁଜିବ ବୋଲି ବୈଠକରେ ଚେତାବନୀ ଦେଇଥିଲେ। ଏହି ବୈଠକରେ କମ୍ବୁନାଥ ତ୍ରିପାଠୀ, ବ୍ରଜ କିଶୋର ପଣ୍ଡା, ବିଧୂଭୂଷଣ ରଥ, ଭଞ୍ଜନ କୁମାର ମହାନ୍ତି, ଅକ୍ଷୟ କୁମାର ସ୍ୱାଇଁ, ଜିତେନ୍ଦ୍ର ପଣ୍ଡା, ବିଭୁଦେନ୍ଦୁ ପଣ୍ଡା, ଦିପ୍ତିକାନ୍ତ ସାହୁ, ଅମରେନ୍ଦ୍ର ରଥ, ଗଗନ ମହାନ୍ତି, ଶରତ ଚନ୍ଦ୍ର ବେହେରା, ସନାତନ ଦାସ, ସତ୍ୟନାରାୟଣ ସ୍ୱାଇଁ, କ୍ଷିରୋଦ ମହାରଣା, ଦ୍ୱିଜ ଗାହାଣ, ରାମଚନ୍ଦ୍ର ବେହେରା, ଶୁରେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସ୍କୁଟି-ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣା

# ଜଣେ ମୃତ, ୨ ଗୁରୁତର

**ପରଜଙ୍ଗ,୧୬।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଭାଲୁମୁଣ୍ଡା ଛକ ଠାରୁ ଆଲୁଅ ଝରଣ ପୂର୍ତ୍ତ ବିଭାଗ ରାସ୍ତା ପାଟରପଦା ଆଶ୍ରମ ନିକଟ ଯୋରାଗଡିଆ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ମୃତ ଓ ଦୁଇ ଗୁରୁତର। ସୂଚନା ଅନୁଯାୟୀ, ପରଜଙ୍ଗ ଥାନା ପାଟର ପଦା ଗ୍ରାମରେ ରାଜମିସ୍ତ୍ରୀ କାର୍ଯ୍ୟ ଶେଷ କରି ବସୋଇ ପଞ୍ଚାୟତ ରାହାବେରେଣି ଗ୍ରାମର ମାର୍କଣ୍ଡ ବିଶ୍ୱାଳଙ୍କ ପୁତ୍ର ରଣଜିତ୍ ବିଶ୍ୱାଳ (୫୨) ଏକ ସ୍କୁଟି ଯୋଗେ ଦୁଇଜଣ ଶ୍ରମିକ ରଶ୍ମିତା ଦେହୁରୀ (୨୪) ଓ ବର୍ଷା ବେହେରା (୨୧)ଙ୍କୁ ନେଇ ରାହାବେରେଣୀ ଗ୍ରାମକୁ ଫେରୁଥିବା ବେଳେ ପାଟରପଦା ଆଶ୍ରମ ଯୋରାଗଡ଼ିଆ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଖବରପାଇ ୧୦୮ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ରଣଜିତକୁ ମୃତ ଘୋଷଣା କରିଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତର ହେବାରୁ ରଶ୍ମିତା ଦେହୁରୀଙ୍କୁ ଢେଙ୍କାନାଳ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ରଣଜିତଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରେ ପରଜଙ୍ଗ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ମେଧାବୃତ୍ତି ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା,୧୬।୫/ଏନ୍ଏନ୍ଏସ୍: ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମ ପଞ୍ଚାୟତ ନୂଆଗାଁ ଗ୍ରାମର ମେଧାବୀ ଛାତ୍ରୀ ଅରସ୍ମିତା ନାୟକ ଚଳିତ ମେଧାବୃତ୍ତି ପରିକ୍ଷାରେ ବ୍ଲକରେ ଟପ୍ପର ହୋଇଥିବାରୁ ତାଙ୍କୁ ଛୋଟ ମୋର ଗାଁ ଟି ସାମାଜିକ ଓ ସାସ୍କୃତିକ ଅନୁଷାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ଛୋଟ ମୋର ଗାଁ ଟି ସାମାଜିକ ଓ ସାସ୍କୃତିକ ଅନୁଷାନର ପ୍ରତିଷ୍ଠାତା ଦେବବ୍ରତ ରାଉତ ଓ ସଂଯୋଜକ ମୃତ୍ୟୁଞ୍ଜୟ ଦେଓ ଅରସ୍ମିତାଙ୍କ ନୂଆଗାଁସ୍ଥିତ ବାସଭବନରେ ପହଞ୍ଚି ପାଠ୍ୟପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ଅରଶ୍ମିତା ଜଣେ ମେଧାବୀ ଛାତ୍ରୀ ଭାବେ ଆଦର୍ଶ ସ୍କୁଲ ଓ ନବୋଦୟ ପାଇଁ ମଧ୍ୟ ଚୟନ ହୋଇଥିଲେ। ପରିବାରର ଆର୍ଥିକ ସମସ୍ୟା ପାଇଁ ଜାରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷ ଅଷ୍ଟମ ପାସ କରି ଜାରକା ହାଇସ୍କୁଲ୍‌ରେ ନବମ ଶ୍ରେଣୀରେ ନାମ ଲେଖାଇଛନ୍ତି। ଚଳିତ ବର୍ଷ ଜାତୀୟ ମେଧାବୃତ୍ତି ପରୀକ୍ଷାରେ ଅରଶ୍ମିତା ଧର୍ମଶାଳା ବ୍ଲକ ଟପ୍ପର ହୋଇ ସୁନାମ ଆଣିଛନ୍ତି। ଅରଶ୍ମିତା ମଧ୍ୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପାଇଥିଲେ। ନୂଆଗାଁ ନିବାସୀ ସଞ୍ଜୟ ନାୟକ ଓ ମମିତା ନାୟକ ସୁକନ୍ୟା ଅରଶ୍ମିତା ଆଜି ସମସ୍ତ ପାଇଁ ଆଦର୍ଶ ହୋଇପାରିଛନ୍ତି। ଏଥିଲାଗି ଅରସ୍ମିତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଦୋକାନ ସଟର ତାଡ଼ି କଳାକନା ବୁଲାଇଲେ ଦୁର୍ବୃତ୍ତ



**ଧର୍ମଶାଳା,୧୬।୫/ଏନ୍ଏନ୍ଏସ୍:** କିଛି ଦିନର ବ୍ୟବଧାନ ପରେ ପୁଣି ଧର୍ମଶାଳା ଥାନା ଅଞ୍ଚଳରେ ଚୋରି ହୋଇଥିବା ଦେଖିବାକୁ ମିଳିଛି। ଏହି ଥାନା ଅଧିନ କୁମାରୀ ପଞ୍ଚାୟତ ପଣ୍ଡୁଆ ମୌଜାରେ ଥିବା ଏକ ତେଜରାତି ଦୋକାନରେ ଗତକାଲି ବିଳମ୍ବିତ ରାତିରେ ଚୋରମାନେ ସଟର ତାଡି ଦୋକାନରେ କଳକନା ବୁଲାଇଛନ୍ତି। ଅଭିଯୋଗ ମୁତାବକ ପଣ୍ଡୁଆ ମୌଜାରେ ସଞ୍ଜୟ ମହାରଣା ଦୀର୍ଘ ୨୦ବର୍ଷ ହେବ ତେଜରାତି ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଗତକାଲି ରାତି ୧୦ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳୁ ଦେଖନ୍ତି ତ ଦୋକାନର ସଟର ତଡା ଯାଇଛି। ଚୋରମାନେ ଦୋକାନରେ ପଶି ଡ୍ରରେ ଥିବା ନଗଦ ୬୦ହଜାର ଟଙ୍କା ସହ ବହୁ ସାମଗ୍ରୀ ଲୁଟି ନେବାରେ ସଫଳ ହୋଇଛନ୍ତି। ଏନେଇ ସଞ୍ଜୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ସେଠାରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି। ତେବେ ୨ଜଣ ଦୁର୍ବୃତ୍ତ ଚୋରିରେ ସମ୍ପୃକ୍ତ ଥିବା ସିସିଟିଭି କ୍ୟାମେରାରେ କଏଦ ହୋଇ ରହିଛି। ଧର୍ମଶାଳା ଅଞ୍ଚଳରେ ସଦାସର୍ବଦା ପୁଲିସ ପାଟ୍ରୋଲିଂ ଚାଲିଥିବା ନେଇ ପୁଲିସ ପକ୍ଷରୁ କୁହାଯାଉଥିବା ବେଳେ ପ୍ରକୃତପକ୍ଷେ ପାଟ୍ରୋଲିଂ ଆଳରେ ପୁଲିସ ବ୍ୟାପକ ଘୋଟାଲା ଚଳାଇଥିବା ଅଭିଯୋଗ ହେଉଛି। ଏଥିପ୍ରତି ଯାଜପୁର ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଆମ୍ବୁଲାନ୍ସରେ ତେଲ ସରିଯିବାରୁ ରୋଗୀ ମୃତ୍ୟୁ ଘଟଣା

# ଶ୍ମଶାନରୁ ବ୍ୟବଚ୍ଛେଦ ପାଇଁ ଗଲା ଶବ



**ଚାନ୍ଦୋଳ,୧୬।୫/ଏନ୍ଏନ୍ଏସ୍:** ସାରା ଦେଶରେ ଏବେ ତୈଳ ସଙ୍କଟ ଦେଖାଦେଇଥିବା ବେଳେ ରାଜ୍ୟର ବହୁ ଟାଙ୍କିରେ ତେଲ ସରିଯିବା ଓ ବହୁ ସ୍ଥାନରେ ତେଲ ଟାଙ୍କିରେ ଲମ୍ବା ଲାଇନ୍ ଲାଗିଛି। ଏହାର ପ୍ରଭାବ ସମସ୍ତ ଦେଶବାସୀଙ୍କ ଉପରେ ପଡ଼ିଥିବା ବେଳେ ଗତକାଲି ଗୁରୁତର ରୋଗୀଙ୍କୁ ଆରୋଗ୍ୟ କରିବା ପାଇଁ ମେଡିକାଲ୍ ଯାଉଥିବା ଏକ ଆମ୍ବୁଲାନ୍ସରୁ ତେଲ ସରିଯିବା ଭଳି ଘଟଣା ସମଗ୍ର ଅଞ୍ଚଳରେ ଚହଳ ପଡ଼ିଛି। ପ୍ରକାଶ, କଟକ ବଡ଼ଡାକ୍ତରଖାନାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ଜଣେ ରୋଗୀକୁ ନେଇ ଯାଉଥିବା ଆମ୍ବୁଲାନ୍ସରୁ କାଠଯୋଡ଼ି ପୋଲ ଉପରେ ତେଲ ସରିଯିବା ଯୋଗୁ ଆମ୍ବୁଲାନ୍ସ ଭିତରେ ରୋଗୀଙ୍କ ମୃତ୍ୟୁ ହେବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅଞ୍ଚଳରେ। ଆମ୍ବୁଲାନ୍ସରେ ମୃତ୍ୟୁ ହୋଇଥିବା ରୋଗୀ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ପ୍ରକାଶ କାଣ୍ଡି (୩୫)। ଏ ନେଇ ପ୍ରକାଶଙ୍କ ଭାଇ ବିଭୂତି ଭୂଷଣ ଡେରାବିଶ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରକାଶଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଥାନାରେ କେଶ୍ ନଂ ୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ପାରିବାରିକ କଳହକୁ କେନ୍ଦ୍ର କରି ପ୍ରକାଶ ଗୁରୁବାର ଅପରାହ୍ନରେ ବିଷପିଇ ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅଧିକ ଗୁରୁତର ହେବାରୁ କଟକ ବଡ଼ମେଡିକାଲ୍‌କୁ ଚିକିତ୍ସା ପାଇଁ ପ୍ରକାଶଙ୍କୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ନିଆଯାଉଥିବା ବେଳେ କାଠଯୋଡ଼ି ପୋଲ ଉପରେ ଆମ୍ବୁଲାନ୍ସର ତେଲ ସରିଯିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ପରିବାର ଲୋକ ପ୍ରକାଶଙ୍କ ମୃତଶରୀରକୁ ଧରି ନିଜ ଗ୍ରାମକୁ ଆଣି ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିବାକୁ ବାହାରିଥିଲେ। ହେଲେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପ୍ରକାଶଙ୍କ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ପ୍ରକାଶଙ୍କ ବିଧବା ପତ୍ନୀ ସହିତ ୫ ବର୍ଷର ଗୋଟିଏ ପୁଅ ଓ ଦୁଇ ବର୍ଷର ଗୋଟିଏ ଝିଅ ବେସାହାରା ହୋଇ ଯାଇଛନ୍ତି।

# ଜନଆକ୍ରୋଶ ମହିଳା ପଦଯାତ୍ରା



**ପରଜଙ୍ଗ,୧୬।୫/ଏନ୍ଏନ୍ଏସ୍:** ପରଜଙ୍ଗ ବ୍ଲକ ବଡ଼ଝରା ଠାରେ ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ଅଶାନ୍ତି ସାହୁଙ୍କ ନେତୃତ୍ୱରେ ଜନଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାରୀଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ପାଳିତ କରିବାରେ ବିରୋଧୀମାନେ ପ୍ରତିବନ୍ଧକ ସାଜିଥିଲେ। ସେମାନେ ଏହି ବିଲ୍ ବିରୋଧରେ ଭୋଟ୍‌ଦେଇ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀ ଚାହୁଁ ନଥିଲେ। ମହିଳାମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତାପାର୍ଟି ତରଫରୁ ଆଜି ସାଆନ୍ଦା ଠାରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ଦ୍ୱାରା ଜନଆକ୍ରୋଶ ମହିଳା ପଦଯାତ୍ରା କରାଯାଇଛି। ନିଜ ଅଧିକାର ପାଇଁ ଆଗକୁ ଆସି ଯାତ୍ରାରେ ସାମିଲ ହୋଇଛନ୍ତି ହଜାର ହଜାର ମହିଳା। ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରୁଥିଲା। ତଥ୍ୟ ଅନୁଯାୟୀ ଲୋକସଭାରେ ଏବେ ମାତ୍ର ୧୪ ପ୍ରତିଶତ ମହିଳା ଥିବା ବେଳେ ୧୮ଟି ରାଜ୍ୟରେ ମହିଳା ବିଧାୟକଙ୍କ ସଂଖ୍ୟା ମାତ୍ର ୧୦ ପ୍ରତିଶତରୁ କମ୍। କେତୋଟି ରାଜ୍ୟରେ ମହିଳା ବିଧାୟକଙ୍କ ସଂଖ୍ୟା ଶୂନ ମଧ୍ୟ ରହିଛି। ପୂର୍ବ ସରକାର ଅମଳରେ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଅନେକ କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ନଥିଲା। ଘାସ କଟା ଠାରୁ ଘୋଡ଼ା ଚଢ଼ା ପର୍ଯ୍ୟନ୍ତ ମହିଳାମାନେ ତାଙ୍କ ଦକ୍ଷତା ପ୍ରଦର୍ଶନ କରି ସାରିଲେଣି। ବିରୋଧୀମାନେ ମହିଳାଙ୍କ ଉନ୍ନତି ଓ ପ୍ରଗତି ଚାହୁଁ ନଥିବା ଦେଶବାସୀ ଜାଣି ସାରିଲେଣି। ଓଡ଼ିଶାର ମହିଳାମାନେ ଏହାକୁ କେବେ ବରଖାସ୍ତ କରି ପାରିବେନି। ଏହି ପଦଯାତ୍ରାରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଜିଲ୍ଲା ସଭାପତି ରାସବିହାରୀ ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ଯଶସ୍ୱୀନୀ ରାଉତ, ବଡଝରା ସରପଞ୍ଚ ଝୁନୁବାଲା ସାହୁ, ବାରିହାପୁର ସରପଞ୍ଚ ସସ୍ମିତା ସାହୁ, ମହିଳା ନେତ୍ରୀ ବନଲତା ମହାନ୍ତି, ମଣ୍ଡଳ ସଭାପତି ବିବସ୍ଟ କୁମାର ସାହୁ, ମଣ୍ଡଳ ପ୍ରଭାରୀ ଦୟାନିଧି ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# କିଶୋରୀ ଆତ୍ମରକ୍ଷା କୌଶଳ ଅଭ୍ୟାସ

**ପରଜଙ୍ଗ,୧୬।୫/ଏନ୍ଏନ୍ଏସ୍:** ପରଜଙ୍ଗ ବ୍ଲକ୍ ଗଡ଼ ପରଜଙ୍ଗ ଗ୍ରାମରେ ଥିବା ପିଏମ୍‌ଶ୍ରୀ ମହେନ୍ଦ୍ର ସୁବାହୁ ସିଂହ ବିଦ୍ୟାପୀଠରେ ଏକଦିବସୀୟ କିଶୋରୀ କୌଶଳ ଅଭ୍ୟାସ ପ୍ରଶିକ୍ଷଣ ଓ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ସିଡିପିଓ ସ୍ୱର୍ଣ୍ଣଲତା ମହାପାତ୍ର ଯୋଗ ଦେଇଥିବା ବେଳେ ଶିବିରର ପ୍ରଶିକ୍ଷକ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂ ଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନବାଡି ସୁପର୍‌ଭାଇଜର ପୂର୍ଣ୍ଣିମା ବେହେରା, କର୍ମୀ ଏବଂ ବିଦ୍ୟାପୀଠର କିଶୋରୀମାନେ ଯୋଗ ଦେଇଥିଲେ।

# ବନ୍ଧୁକ ଜବତ, ଶିକାରୀ ଗିରଫ

**ପରଜଙ୍ଗ,୧୬।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧିନସ୍ଥ ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ମାଣିକମରା ଗ୍ରାମ କୁହ୍ଲ ସାହିରୁ ଶୁକ୍ରବାର ଭୋର୍ ସକାଳ ସମୟରେ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି ପୁଲିସ। ପୁଲିସ ସୂତ୍ରରୁ ଜଣାପଡିଛି ମାଣିକମରା କୁହ୍ଲ ସାହିର ଟଲ ଲାଗୁରୀ (୩୮) ଏବଂ ସହଯୋଗୀ କୁନା ମୁଣ୍ଡା ଦୀର୍ଘ ଦିନଧରି ଗ୍ରାମର ଆଖପାଖ ଅଞ୍ଚଳରୁ ବେଆଇନ ଦେଶୀ ବନ୍ଧୁକ ରଖି ବନ୍ୟଜନ୍ତୁ ଶିକାର କରୁଥିବା ପୁଲିସ ଖବର ପାଇଥିଲା। ଶୁକ୍ରବାର ଦିନ ଭୋର ସମୟରେ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ତତ୍ୱାବଧାନରେ ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ, ଏଏସ୍‌ଆଇ ଯୁଗଳ ପ୍ରଧାନଙ୍କ ସମେତ ପୁଲିସ ଟିମ୍ କୁହ୍ଲ ସାହିର ଟଲ ଲାଗୁରୀ ଘରେ ଚଢ଼ାଉ କରି ଦୁଇଟି ଦେଶୀ ବନ୍ଧୁକ ଜବତ କରିଥିବା ବେଳେ ଟଲ ଲାଗୁରୀ ଓ ସହଯୋଗୀ କୁନା ମୁଣ୍ଡା ନାମରେ କେସ ରୁଜୁ ହୋଇଛି। ଟଲ ଲାଗୁରୀକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅନ୍ୟପଟେ ସହଯୋଗୀ କୁନା ମୁଣ୍ଡା ଫେରାର ହୋଇଯାଇଛି। ଯଥାଶୀଘ୍ର ଅନ୍ୟ ଅପରାଧୀଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଭାରତଗ୍ୟାସ୍ ପକ୍ଷରୁ 'ସୁରକ୍ଷା ପେ ଚର୍ଚ୍ଚା'



**କୁଆଖିଆ,୧୬।୫/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ରସୁଲପୁର ସ୍ଥିତ ବନଦୁର୍ଗା ଭାରତଗ୍ୟାସ ଗ୍ରାମୀଣ ବିତରକ ଆନୁକୂଲ୍ୟରେ 'ସୁରକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମକୁଆଖିଆସ୍ଥିତ ଏସ୍‌କେଲଜ୍ ପରିସରରେ ବିତରକ ସୁରେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାରତଗ୍ୟାସର ରାଜ୍ୟ ମୁଖ ଶ୍ରୀରାଜ କୁମାର ସିଂ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏଲ୍‌ପିଜିର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସନମାନିତ ଅତିଥିଭାବେ ପ୍ରାଦେଶିକ ପ୍ରବନ୍ଧକ ଶ୍ରୀରବିନ୍ଦର ପଲ ସିଂ ଯୋଗଦେଇ ଏଲ୍‌ପିଜିର ବ୍ୟବହାର ସମୟରେ ନିରାପତ୍ତା ବଜାୟ ରଖିବା ପାଇଁ ଅନୁମୋଦିତ ମାର୍ଗଦର୍ଶିକା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପେ ବିକ୍ରୟ ପ୍ରବନ୍ଧକ ପ୍ରସନ୍ନ କୁମାର ପ୍ରଧାନ ଯୋଗଦେଇ ଉପସ୍ଥିତ ଥିବା ଗ୍ରାହକମାନଙ୍କ ସହ ମତ ବିନିମୟ କରି ଏଲ୍‌ପିଜି ବୁକିଂ ଠାରୁ ଆରମ୍ଭକରି ରୋଷେଇ ଘରେ ଗ୍ୟାସ ବ୍ୟବହାର କରିବା ବିଷୟରେ ଗ୍ରାହକମାନଙ୍କ ମନରେ ଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗ୍ରାହକମାନଙ୍କ ମଧ୍ୟରେ ଏଲ୍‌ପିଜିର ସଠିକ ବ୍ୟବହାର ଉପରେ ଅଭିଜ୍ଞତା ଥିବା ଗ୍ରାହକମାନଙ୍କୁ ପ୍ରଶ୍ନ ପଚାରି ଉତ୍ତର ବୁଝି ପୁରସ୍କୃତ କରିଥିଲେ। ଇଂ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବନଦୁର୍ଗା ଭାରତଗ୍ୟାସ ତରଫରୁ ବଳରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବନଦୁର୍ଗା ଭାରତଗ୍ୟାସ ଅନୁଷ୍ଠାନର ରବୀନ୍ଦ୍ର ସାହୁ, ରମାକାନ୍ତ ସାହୁ, ସଂକର୍ଷଣ ସାହୁ, ରଞ୍ଜନ ସାହୁ, ଦେବବ୍ରତ ସାହୁ, ସତ୍ୟବ୍ରତ ସାହୁ, ଜଗନ୍ନାଥ ଦାଶ, ରଞ୍ଜନ ଦାଶ, ସମରେନ୍ଦ୍ର ଖିଲାର, ଅର୍ଜୁନ ମଲିକ, ଶ୍ୟାମସୁନ୍ଦର ଦାସ, ଶ୍ୟାମସୁନ୍ଦର ଜେନା, କାହ୍ନୁ ମଲିକ, ଅବିନାଶ କୁମାର, ସନ୍ତୋଷ ସାହୁ, କୈଳାସ ମଲିକ, କାର୍ତ୍ତିକ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଗ୍ୟାସ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା।

# ବ୍ରାହ୍ମଣ ସମାଜର ସାଙ୍ଗଠନିକ ବୈଠକ

**ଆଠମଲ୍ଲିକ,୧୬।୫/ଏନ୍ଏନ୍ଏସ୍:** ଆଠମଲ୍ଲିକ ବ୍ରାହ୍ମଣ ସମାଜ ପକ୍ଷରୁ ସହରସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରାଙ୍ଗଣରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମରେ ଲକ୍ଷ୍ମୀ ନାରାୟଣଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବେଦପାଠ ସହ ବୈଠକର ଶୁଭାରମ୍ଭ ହୋଇଥିଲା। ବ୍ରାହ୍ମଣ ସମାଜର ଦିବଙ୍ଗତ ସଭ୍ୟମାନଙ୍କ ଉଦ୍ଦେଶ୍ୟରେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ରଣଜିତ କୁମାର ମିଶ୍ର ଆୟବ୍ୟୟ ହିସାବ ଦେବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଗଠନର ସଭ୍ୟ ବୃଦ୍ଧି ସହିତ ସଂଗଠନକୁ ମଜଭୁତ କରି କ୍ରିୟାଶୀଳ କରିବାକୁ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ସଭାପତି ରାଧାମୋହନ ତ୍ରିପାଠୀ, ଉପଦେଷ୍ଟା ଭବାନୀ ଶଙ୍କର ମିଶ୍ର, ସଚ୍ଚିଦାନନ୍ଦ ପାଣିଗ୍ରାହୀ, ରାମାନନ୍ଦ ପାଣିଗ୍ରାହୀ, ସୁନିଲ କୁମାର ଶାସିନୀ, କମଳା କାନ୍ତ ମିଶ୍ର, ରଞ୍ଜନ କୁମାର ତ୍ରିପାଠୀ, ଉଦିପ୍ତ ପୁରୋହିତ, ହରି ମହାପାତ୍ର, ବିଶ୍ୱଜିତ ପୁରୋହିତ, ରାଜେଶ ମିଶ୍ର, ସରୋଜ ଦାଶ, ସୁବାସ ଶତପଥୀ, ବହୁ ସଭ୍ୟ ଉପସ୍ଥିତ ଥିଲେ।

# ଭୁଶୁଡ଼ି ପଡ଼ିଲାଣି ଟ୍ରାଫିକ୍ ସେବା, ଭିଡ଼ରେ ଅତିଷ୍ଠ ଲୋକେ



**ବଡଚଣା,ଚଣ୍ଡିଖୋଲ,୧୬।୫/ଏନ୍ଏନ୍ଏସ୍:** ଏବେ ପ୍ରତିଦିନ ଚଣ୍ଡିଖୋଲ ଛକ ଉପରେ ଟ୍ରାଫିକ୍ ବ୍ୟବସ୍ଥା ଭୁଶୁଡି ପଡୁଥିବା ଦେଖିବାକୁ ମିଳୁଛି। ଟ୍ରାଫିକ୍ ଥାନା ଥାଇକି ନଥିବା ପରି ଦେଖାଯାଉଛି। ଯାଜପୁର ଜିଲ୍ଲା ଚଣ୍ଡିଖୋଲ ଛକ ଏକ ବ୍ୟସ୍ତ ବହୁଳ ବଜାର ଭାବେ ବେଶ ପରିଚିତ। ଏହି ବଜାର ଉପରେ ଜାତୀୟ ରାଜପଥ ୫୩ ଓ ୧୬ର ମିଳନସ୍ଥଳ ଥିବାରୁ ପ୍ରତିଦିନ ଏହି ଚଣ୍ଡିଖୋଲ ଛକ ଦେଇ ହଜାର ହଜାର ଗାଡି ସହ ହଜାର ହଜାର ଯାତ୍ରୀ ବିଭିନ୍ନ ସ୍ଥାନକୁ ଯିବା ଆସିବା କରିଥାନ୍ତି। ଏହି ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବରୁ ଯାଜପୁର ଜିଲ୍ଲାରେ ଏକ ମାତ୍ର ଟ୍ରାଫିକ ଥାନା ଚଣ୍ଡିଖୋଲ ଛକ ଠାରେ ସ୍ଥାପନା କରା ଯାଇଥିଲା। ଯାହାକି କିଛିଦିନ ଏହି ଥାନାଟି ସୁଚାରରୂପେ କାର୍ଯ୍ୟ କରି ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଏଇ କିଛି ଦିନ ହେବ ଉକ୍ତ ଥାନାରେ କେହି ସ୍ଥାୟୀ ଅଧିକାରୀ ନାହାନ୍ତି। ପ୍ରତିଦିନ ଏହି ଟ୍ରାଫିକ ଛକ ଉପରେ ଦୁର୍ଘଟଣାମାନ ଘଟି ଧନ ଜୀବନ ନଷ୍ଟ ହେଉଛି। ଚଣ୍ଡିଖୋଲ ଆର୍‌ଟିଓ ଅଫିସ୍ ଗଳିପୋଲ ଦୀର୍ଘ ସମୟ ମଧ୍ୟ ଜାମ ରହୁଥିବା ବେଳେ ଅନ୍ୟପକ୍ଷରେ ପ୍ରେସ୍ ଗଳି ପୋଲରେ ମଧ୍ୟ ଦୀର୍ଘ ସମୟ ଲାଗୁଛି ପାର ହେବା ପାଇଁ। ଚଣ୍ଡିଖୋଲ ଛକ ମିଡିଇଷ୍ଟ ଆଗ ରାସ୍ତାର ଉଭୟ କଡରେ ମଟର ସାଇକେଲ ଓ କାରଗୁଡିକ ଦୀର୍ଘ ସମୟ ଛିଡା କରିବା ଯୋଗୁ ବେଳେ ଅଗ୍ନିଶମ ବିଭାଗ ଗାଡି ଜରୁରୀ କାଳୀନ ସେବା ପ୍ରଦାନ କରିବା ପାଇଁ ଉକ୍ତ ରାସ୍ତାକୁ ପାର ହେବା ପାଇଁ ଦୀର୍ଘ ସମୟ ଲାଗୁଛି। ଲୋକମାନେ ଜରୁରୀସେବା ବିଳମ୍ବରେ ପାଉଛନ୍ତି ଯାହାକି ସାଧାରଣରେ ଏହାକୁ ନା ପସନ୍ଦ କରୁଛନ୍ତି। ଅନେକ ସମୟରେ ଏହି ଜାମ ମଧ୍ୟରେ ବଡ଼ଚଣା ଥାନା ଗାଡି ମଧ୍ୟ ଫସିଯାଇ ଦୀର୍ଘ ସମୟ ଧରି ଛିଡା ହୋଇଥିବା ଦେଖିବାକୁ ମିଳିଛି। ଟ୍ରାଫିକ କର୍ମଚାରୀ ବଡ଼ଚଣା, ଚଣ୍ଡିଖୋଲ ପୁଲିସର ଦାୟିତ୍ୱ ହୀନତା ଓ ଅପାରଗତା ପାଇଁ ଏହି ସବୁ ଜାମ ଲାଗି ରହୁଛି। ଏଣୁ ଟ୍ରାଫିକ୍ ବ୍ୟବସ୍ଥା ସୁଚାର ରୂପେ ଚାଲୁ ନ ଥିବାରୁ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ସାଧାରଣରେ ଦାବି ହେଉଛି।

## ଖରାଦିନେ ନଳକୂପ ଅଚଳ

**ନୟାଗଡ଼,୧୬।୫/ଏନ୍ଏନ୍ଏସ୍:** ଖରାଦିନରେ ପିଇବା ପାଣି ଲୋକମାନଙ୍କୁ ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ସବୁପ୍ରକାର ପଦକ୍ଷେପ ନିଆଯାଉଥିବା ବେଳେ ନୟାହାଟ ବଜାରରେ ଏହା ଫେଲ୍ ମାରିଛି । ନୟାହାଟ ସ୍ୱାସ୍ଥକେନ୍ଦ୍ର ନିକଟରେ ପ୍ରଶାସନ ପକ୍ଷରୁ ଏକ ଢ଼ିଙ୍କିଆ ନଳକୂପ ବସାଯାଇ ତାହାର ହ୍ୟାଣ୍ଡେଲ ଲଗାଯାଇ ନଥିବାରୁ ପାଣି ବାହାରୁ ନାହିଁ । ବଜାରରେ ଥିବା ବ୍ୟବସାୟୀ ଓ ବାଟୋଇ ପିଇବା ପାଣି ପାଇଁ ବଞ୍ଚିତ ହେଉଥିବା ବେଳେ ବ୍ୟବସାୟୀ ସଙ୍ଘର ସଭାପତି ଫକିର ବାରିକ ପ୍ରକାଶ କରିଛନ୍ତି ।

ନିତିଦିନ NITIDIN

## ପ୍ରଥମ ପୃଷ୍ଠାରୁ

### ସମଗ୍ର ବିଶ୍ୱ ପାଇଁ ...

ଭାରତରେ ଭିତ୍ତିଭୂମି, ଉତ୍ପାଦନ, ସ୍ୱଚ୍ଛ ଶକ୍ତି ଓ ଡିଜିଟାଲ୍ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ମାଧ୍ୟମରେ ଦ୍ରୁତ ଓ ବ୍ୟାପକ ପରିବର୍ତ୍ତନ ଘଟୁଛି । ଭାରତ ବିଶ୍ୱ ଅଭିବୃଦ୍ଧି ଏବଂ ସମୃଦ୍ଧିରେ ଯୋଗଦାନ ଦେବା ସହିତ ଆତ୍ମବିଶ୍ୱାସର ସହିତ ନିଜର ଭବିଷ୍ୟତକୁ ଗଢ଼ି ତୋଳିବାରେ ମଧ୍ୟ ସହାୟକ ହେଉଛି ବୋଲି ସେ ଜୋର ଦେଇ କହିଛନ୍ତି । ପ୍ରଧାନମନ୍ତ୍ରୀ ଏହି ବିଶାଳ ଭାରତୀୟ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇ କହିଥିଲେ ଯେ, ବିଦେଶରେ ବସବାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କ ପଛରେ ଭାରତ ସରକାର ଦୃଢ଼ ଭାବରେ ଛିଡ଼ା ହୋଇ ରହିଛନ୍ତି ଏବଂ ସେମାନଙ୍କ କଲ୍ୟାଣ ପାଇଁ ସଦା ପ୍ରତିବଦ୍ଧ । ସେ ନେଦରଲାଣ୍ଡରେ ସେମାନଙ୍କର ଅଭିଜ୍ଞତାକୁ ବ୍ୟବହାର କରି ବିକଶିତ ଭାରତ ଗଠନ ଯାତ୍ରାରେ ସକ୍ରିୟ ଭାବରେ ଯୋଗଦାନ ଦେବାକୁ ସେମାନଙ୍କୁ ଆହ୍ୱାନ କରିଥିଲେ ।

ପ୍ରକାଶ, ନେଦରଲାଣ୍ଡ ହେଉଛି ମହାଦେଶୀୟ ୟୁରୋପରେ ସର୍ବାଧିକ ସଂଖ୍ୟକ ଭାରତୀୟ ବଂଶୋଦ୍ଭବଙ୍କ ଆବାସସ୍ଥଳ, ଯେଉଁଥିରେ ସୁରିନାମୀ-ହିନ୍ଦୁସ୍ତାନୀ ସମ୍ପ୍ରଦାୟର ପ୍ରାୟ ୨,୦୦,୦୦୦ ସଦସ୍ୟ ଅନ୍ତର୍ଭୁକ୍ତ ଅଛନ୍ତି । ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ସୁରିନାମୀ-ହିନ୍ଦୁସ୍ତାନୀ ପ୍ରବାସୀମାନଙ୍କ ପାଇଁ ଓସିଏଲ (ଓଭରସିଜ୍ ସିଟିଜେନସିପ୍ ଅଫ୍ ଇଣ୍ଡିଆ) ଯୋଗ୍ୟତାକୁ ୪ର୍ଥ ପିଢ଼ିରୁ ୬ଷ୍ଠ ପିଢ଼ି ପର୍ଯ୍ୟନ୍ତ ଉଦାରୀକରଣ କରାଯାଇଥିବା ବିଷୟକୁ ଉଲ୍ଲେଖ କରିଥିଲେ ।

### ଆଜି ଓଡ଼ିଶା ଆସିବେ ...

ସଭାପତି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଅପରାହ୍ଣରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ରାଜ୍ୟ ପଦାଧିକାରୀ, ମୋର୍ଚ୍ଚା ସଭାପତି ବୈଠକ ଏବଂ ମନ୍ତ୍ରୀପରିଷଦ ବୈଠକରେ ଯୋଗଦେଇ ସମସ୍ତଙ୍କ ସହ ଭେଟଘାଟ କରି ଚର୍ଚ୍ଚା ଓ ଆଲୋଚନା କରିବେ । ସଂଧ୍ୟାରେ ରାଷ୍ଟ୍ରୀୟ ସଭାପତି ଭୁବନେଶ୍ୱର ବିମାନ ବନ୍ଦରରୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି । ଏହି ଅବସରରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ ।

### ଆଣ୍ଡାମାନ ଛୁଇଁଲା ...

ସେପ୍ଟେମ୍ବର ମଧ୍ୟରେ ୯୦ରୁ ୯୫% ବର୍ଷା ହେଲେ ଏହାକୁ ସ୍ୱାଭାବିକ ଠାରୁ କମ ବର୍ଷା ବୋଲି କୁହାଯାଏ । ଦକ୍ଷିଣ ପଶ୍ଚିମ ମୌସୁମୀ ପାରମ୍ପରିକ ଭାବେ କେରଳମ ଦେଇ ଭାରତର ବିଭିନ୍ନ ସ୍ଥାନକୁ ପ୍ରବେଶ କରିଥାଏ । ଜୁନ ୧ରେ ଏହା କେରଳମ ସ୍ପର୍ଶ କରିବା ସହ ସେପ୍ଟେମ୍ବର ଯାଏ ସମଗ୍ର ଦେଶରେ ନିଜର ଦବଦବା ଦେଖାଇଥାଏ । ଏଥର ମୌସୁମୀ ଉପରେ ଏଲ୍- ନିନୋର ପ୍ରଭାବ ଅଧିକ ଥିବାରୁ ସ୍ୱାଭାବିକ ଠାରୁ କମ ବର୍ଷା ହେବ ।

### ଟପ୍ ଆଇଏସ୍ ଆତଙ୍କୀ ...

ଯୋଜନାବଦ୍ଧ ଓ ଜଟିଳ ମିଶନ ଜରିଆରେ ମାତ ଦେଇଛନ୍ତି । ଆଇଏସ୍ଆଇଏସର ସେକେଣ୍ଡ ଇନ କମାଣ୍ଡ ଅବୁ ବିଲାଲ ଅଲ ମିନୁକି ଭାବିଥିଲା ଯେ ସେ ଆଫ୍ରିକାରେ ଲୁଚିବାକୁ ସକ୍ଷମ ହେବ । କିନ୍ତୁ ସେ ଜାଣି ନଥିଲା ଯେ ଆମ ପାଖରେ ଏମିତି ସୂତ୍ର ରହିଥିଲା ଯିଏ ଆମକୁ ସେ କ'ଣ କରୁଛି ସେସବୁ କହୁଥିଲା । ସେ ଆଉ ଆଫ୍ରିକାର ଲୋକଙ୍କୁ ଆତଙ୍କିତ କରିପାରିବ ନାହିଁ କିମ୍ବା ଆମେରିକୀୟଙ୍କୁ ଟାର୍ଗେଟ କରିବା ପାଇଁ ଅପରେସନରେ ସହାୟତା ଯୋଗାଇ ପାରିବ ନାହିଁ । ସେ ନିପାତ ହେବା ସହ ଆଇଏସଆଇଏସର ବିଶ୍ୱ ଅଭିଯାନ ଅନେକ ମାତ୍ରାରେ ଦୁର୍ବଳ ହୋଇ ଯାଇଛି । ଅପରେସନରେ ସହାୟତା କରିଥିବାରୁ ନାଇଜେରିଆ ସରକାରଙ୍କୁ ଧନ୍ୟବାଦ ।" ଅବୁ ବିଲାଲକୁ ସମସ୍ତେ ଅବୁ ବକର ମହମ୍ମଦ ଅଲ ମୈନୁକି ଭାବେ ଜାଣନ୍ତି । ଆଫ୍ରିକାର ସାହେଲ ଅଞ୍ଚଳରେ ରହି ସେ ପୂରା ନେଟୱର୍କକୁ ପରିଚାଳିତ କରୁଥିଲା । ୨୦୨୩ ଜୁନ ମାସରେ ଆମେରିକା ଗୃହ ବିଭାଗ ତା'କୁ ସ୍ୱତନ୍ତ୍ର ବିଶ୍ୱ ଆତଙ୍କବାଦୀ ଭାବେ ଚିହ୍ନଟ କରିଥିଲା । ସେ ଦୀର୍ଘ ଦିନରୁ ଆମେରିକା ସେନାର ଟାର୍ଗେଟ ରହିଥିଲା । ଏବେ ତା'କୁ ଆମେରିକା ସେନା ହତ୍ୟା କରିବାରେ ସକ୍ଷମ ହୋଇଛି ।

### ତରଭୁଜ ନେଲା ...

ସଂଗୀନ ଥିବା ଅନୁଭବ କରି ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ । କଟକ ବଡ ଡାକ୍ତରଖାନାରେ ଥିବା ଡାକ୍ତର ପରୀକ୍ଷା କରି ନାବାଳକ ସ୍ୱାଧୀନ ସେନାପତିଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଅନନ୍ତ, ପଞ୍ଚାନନ, ବବ୍ରୁବାହନ, ସ୍ୱାଗତିକା କେନ୍ଦ୍ରାପଡ଼ା ଜିଲ୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଏହି ଅଭାବନୀୟ ଘଟଣା ତରଭୁଜକୁ ଖାଇବାକୁ ନେଇ ଘଟିଥିବା ସାଧାରଣରେ ଆଲୋଚନା ହେଉଥିବାବେଳେ କେନ୍ଦ୍ରାପଡ଼ା ସିଡିଏମଓ ଅପମିଶ୍ରିତ ଖାଦ୍ୟ ଖାଇ ଫୁଡ ପଏଜନରୁ ଏପରି ହୋଇଛି ବୋଲି କହିଛନ୍ତି ।

### ଧାଡ଼ି କମିଛି, ହେଲେ ...

ଆଶ୍ୱାସନା ଦେଇଛନ୍ତି । ପ୍ରକାଶ ଯେ ତେଲ ଅଭାବର ମୁଖ୍ୟ ସମସ୍ୟା ଡିପୋରେ ରହିଛି । ବିଭିନ୍ନ ତୈଳ ବିତରଣ କମ୍ପାନୀର ଡିପୋରେ ତେଲ ପାଇଁ ଗାଡ଼ି ଲାଇନ ଲଗାଇଛନ୍ତି । କିନ୍ତୁ ଦିନ ଦିନ ବିତୁଥିଲେ ବି ଲୋଡ଼ିଂ ହେଉନି । ପୂର୍ବରୁ ସପ୍ତାହକୁ ୪ ରୁ ୫ ଟ୍ରିପ୍ କରୁଥିବା ଟ୍ୟାଙ୍କରକୁ ଥରେ ଅଧେ ମିଳୁଛି । ଜଟଣୀ ଓ ପାରାଦୀପ ଡିପୋରୁ ଯେତିକି ଟ୍ୟାଙ୍କର ତେଲ ନେଇ ବାହାରିବା କଥା, ସେତିକି ହୋଇପାରୁନାହିଁ । କାଁ ଭାଁ ତେଲ ନେଇ ବାହାରୁଛନ୍ତି, ନହେଲେ ସେମିତି ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି । ଫଳରେ ପେଟ୍ରୋଲ ପମ୍ପରେ ତେଲ ପହଞ୍ଚିବା ବିଳମ୍ବ ହେବା ସହ କେଉଁଠି ବନ୍ଦ ବି ରହୁଛି ପମ୍ପ । ତିନି ଦିନ ତେଲ ପାଇଁ ତହଳବିକଳ ଗ୍ରାହକଙ୍କ ଅବସ୍ଥା ଆଜି ବି ସେୟା । ଟାଙ୍କିରେ ଲମ୍ବା ଲାଇନ୍, ମନରେ ତେଲ ସରିଯିବା ଭୟ । ସେଥିପାଇଁ ଗାଡ଼ି ସହ ଜାର୍‌ରେ ବି ତେଲ ନେବାକୁ ଗହଳି କରୁଛନ୍ତି । କିନ୍ତୁ ଗତ ଦୁଇ ଦିନ ଅପେକ୍ଷା ଆଜି ଟିକେ କମ୍ ରହିଥିଲା ଭିଡ଼ । କେତେକ ସ୍ଥାନରେ ଧାଡ଼ିକୁ ନେଇ ଗ୍ରାହକ ଓ କର୍ମଚାରୀଙ୍କ ଭିତରେ ବଚସା ବି ଦେଖିବାକୁ ମିଳିଥିଲା । ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ୍ ମୁତୟନ ହୋଇଥିବାବେଳେ ଲୋକଙ୍କୁ ପାଣି ଓ ଜୁସ୍ ବଣ୍ଟନ କରାଯାଇଥିଲା । ଅନ୍ୟପକ୍ଷରେ ଆଜି ସରକାରୀ ଛୁଟି ଥିଲେ ବି ତେଲ ତାତି ପାଇଁ ଯୋଗାଣ ମନ୍ତ୍ରୀ ନିଜ ସରକାରୀ ବାସଭବନରେ ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ସଂଘ ଓ ତୈଳ ବିତରଣ କମ୍ପାନୀ ସହ ଆଲୋଚନା କରିଥିଲେ । ଯେଉଁଥିରେ ନିଷ୍ପତ୍ତି ହୋଇଛି, ସ୍ଥିତିରେ ସୁଧାର ପାଇଁ ରବିବାର ବି ଖୋଲା ରହିବ ଡିପୋ । ଅହେତୁକ ଭାବରେ ଅଧିକ ତେଲ କିଣିବା ଓ ମହଜୁଦ ରଖିବାରୁ ଏହି ସଙ୍କଟ ଦେଖାଦେଇଛି ବୋଲି ସଂଘ କହିଛି । ଅନ୍ୟପଟେ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସ୍ଥିତିରେ ସୁଧାର ଆସିବ ବୋଲି ତୈଳ ବିତରଣ ସଂସ୍ଥା ପକ୍ଷରୁ କୁହାଯାଇଛି । ସେହିପରି କଳାବଜାରୀ ରୋକିବାକୁ ଜାରରେ ତେଲ ନେବା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୋଟ ୨୮୦୦ ଟାଙ୍କି ରହିଛି । ଏଥିରୁ ୮୦ଟି ବିଭିନ୍ନ କାରଣରୁ ପୂର୍ବରୁ ବନ୍ଦ ରହିଛି । ଗ୍ରାହକଙ୍କୁ ତେଲ ଯୋଗାଇବାକୁ ସକାଳ ୬ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଛି ଟାଙ୍କି । ତେବେ କେବେ ସ୍ୱାଭାବିକ ହେଉଛି ଯୋଗାଣ ଓ କେବେ ସରିବ ତେଲ ତାତି ତାପରେ ନଜର ରହିଛି ।

### ନବମ ଓ ଦଶମ ଶ୍ରେଣୀରେ ...

ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷରୁ ନବମ ଶ୍ରେଣୀରେ ପ୍ରବେଶ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ତିନୋଟି ଭାଷା (ଆର୍୧, ଆର୍୨, ଏବଂ ଆର୍୩) ଅଧ୍ୟୟନ କରିବା ବାଧ୍ୟତାମୂଳକ ହେବ । ଏଥିମଧ୍ୟରୁ ୨ଟି ଭାଷା ଭାରତର ସ୍ଥାନୀୟ କିମ୍ବା ଆଞ୍ଚଳିକ ଭାଷା (ଯେପରିକି ଓଡ଼ିଆ, ହିନ୍ଦୀ, ସଂସ୍କୃତ, ମରାଠୀ, ତାମିଲ୍ ଇତ୍ୟାଦି) ହେବା ଜରୁରି । ଯଦି କୌଣସି ଛାତ୍ର କିମ୍ବା ଛାତ୍ରୀ ବିଦେଶୀ ଭାଷା (ଯେପରିକି ଫ୍ରେଞ୍ଚ, ଜର୍ମାନ କିମ୍ବା ସ୍ପାନିଶ୍) ପଢ଼ିବାକୁ ଚାହାଁନ୍ତି, ତେବେ ସେ କେବଳ ତୃତୀୟ ଭାଷା (ଆର୍୩) ଭାବରେ କିମ୍ବା ଏକ ଅତିରିକ୍ତ ଚତୁର୍ଥ ବିଷୟ ଭାବରେ ଏହାକୁ ନେଇପାରିବେ । ସିବିଏସ୍ଇ ଦର୍ଶାଇଛି ଯେ, ଛାତ୍ରଛାତ୍ରୀଙ୍କ ଉପରୁ ପାଠପଢ଼ାର ଚାପ କମାଇବା ପାଇଁ ଏପ୍ରକାର ନିଷ୍ପତ୍ତି ନିଆଯାଇଛି । ଏହି ୩ୟ ଭାଷା ବ୍ୟବସ୍ଥାରେ ତୃତୀୟ ଭାଷା (ଆର୍୩) ପାଇଁ ଦଶମ ଶ୍ରେଣୀରେ କୌଣସି କେନ୍ଦ୍ରୀୟ ବୋର୍ଡ ପରୀକ୍ଷା କରାଯିବ ନାହିଁ । ଏହାର ସମସ୍ତ ମୂଲ୍ୟାଙ୍କନ ସମ୍ପୂର୍ଣ୍ଣ ଭାବେ ବିଦ୍ୟାଳୟ ସ୍ତରରେ ଆଭ୍ୟନ୍ତରୀଣ କରାଯିବ । ତୃତୀୟ ଭାଷାରେ ମିଳିଥିବା ନମ୍ବର କିମ୍ବା ଗ୍ରେଡ୍‌କୁ ସିବିଏସଇର ଚୂଡ଼ାନ୍ତ ସାର୍ଟିଫିକେଟ୍‌ରେ ଦର୍ଶାଯିବ । ଏହାରି ମଧ୍ୟରେ ବୋର୍ଡ ସ୍ପଷ୍ଟ କରିଛି ଯେ, ଏହି ତୃତୀୟ ଭାଷା ପାଇଁ କୌଣସି ବି ଛାତ୍ରଙ୍କୁ ଦଶମ ବୋର୍ଡ ପରୀକ୍ଷା ଦେବାରୁ ବଞ୍ଚିତ କରାଯିବ ନାହିଁ । ଅନ୍ୟପକ୍ଷେ ଯେହେତୁ ମାଧ୍ୟମିକ ସ୍ତର ପାଇଁ ନୂତନ ତୃତୀୟ ଭାଷାର ସ୍ୱତନ୍ତ୍ର ପାଠ୍ୟପୁସ୍ତକ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇନାହିଁ, ସେଥିପାଇଁ ସିବିଏସଇ ଏକ ଯୁଗାନ୍ତକାରୀ ବ୍ୟବସ୍ଥା ଆପଣାଇଛି । ଯେପର୍ଯ୍ୟନ୍ତ ୯ମ ଶ୍ରେଣୀ ପିଲାମାନଙ୍କ ପାଇଁ ତୃତୀୟ ଭାଷାର ପାଠ୍ୟପୁସ୍ତକକୁ ଆରମ୍ଭ କରାଯାଇନାହିଁ ସେପର୍ଯ୍ୟନ୍ତ ନବମ ଶ୍ରେଣୀର ଛାତ୍ରଛାତ୍ରୀ ଷଷ୍ଠ ଶ୍ରେଣୀ ପିଲାଙ୍କ ତୃତୀୟ ଭାଷା ପାଇଁ ଉଦ୍ଦିଷ୍ଟ ପାଠ୍ୟପୁସ୍ତକ ବ୍ୟବହାର କରିବେ ଏବଂ ଏଥିରେ ସ୍ଥାନୀୟ କାହାଣୀ ଓ ସାହିତ୍ୟକୁ ସାମିଲ କରାଯିବ । ସେହିପରି ଯେଉଁ ସ୍କୁଲଗୁଡ଼ିକରେ ଯୋଗ୍ୟ ଭାଷା ଶିକ୍ଷକ ନାହାଁନ୍ତି, ସେମାନେ ଅନ୍ୟ ବିଷୟର ଶିକ୍ଷକ (ଯାହାଙ୍କର ସେହି ଭାଷାରେ ଦକ୍ଷତା ଥିବ), ଅବସରପ୍ରାପ୍ତ ଶିକ୍ଷକ କିମ୍ବା ଅନଲାଇନ୍/ହାଇବ୍ରିଡ୍ ଶିକ୍ଷାଦାନ ମାଧ୍ୟମରେ କାର୍ଯ୍ୟ ଚଳାଇପାରିବେ । ସମସ୍ତ ସିବିଏସଇ ସ୍କୁଲକୁ ଆସନ୍ତା ଜୁନ ୩୦, ୨୦୨୬ ସୁଦ୍ଧା ସେମାନଙ୍କର ଭାଷା ବିଷୟ ସମ୍ପର୍କିତ ସୂଚନା ସିବିଏସ୍ଇ ଓଏଏସଆଇଏସ୍ ପୋର୍ଟାଲରେ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭିନ୍ନକ୍ଷମ ପିଲା (ସିଡବ୍ଲ୍ୟୁଏସଏନ୍) ଏବଂ ବିଦେଶରେ ଥିବା ସିବିଏସଇ ସ୍କୁଲଗୁଡ଼ିକ ପାଇଁ ଏହି ନିୟମରେ କିଛିଟା କୋହଳ ବ୍ୟବସ୍ଥା ମଧ୍ୟ ରହିଛି ।

## ଗାଁଠୁ ସହର ଉତ୍ସବ ମୁଖର

# କିନ୍ନର ପାଳିଲେ ସାବିତ୍ରୀ ବ୍ରତ, ମନ୍ଦିରରେ ଲାଗିଲା ଭିଡ଼



**କୋଣାର୍କ,୧୬।୫/ଏନ୍ଏନ୍ଏସ୍:** ପବିତ୍ର ସାବିତ୍ରୀ ଅମାବାସ୍ୟା ଶନିବାର ଶତାଧିକ ମହିଳା ପ୍ରତ୍ୟୁଷରୁ କୋଣାର୍କରେ ଥିବା ଜଗନ୍ନାଥ ମନ୍ଦିର, ରାମ ମନ୍ଦିର, ଅର୍କେଶ୍ୱର ମନ୍ଦିର ସମେତ ଏହାର ଆଖପାଖ ଶିବମନ୍ଦିରରେ ଲମ୍ବାଧାଡିରେ ଛିଡା ହୋଇ ନିଜ ନିଜ ସ୍ୱାମୀ(ସତ୍ୟବାନ)ଙ୍କ ଦୀର୍ଘଜୀବନ କାମନାକରି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା । ନୂତନ ଶାଢ଼ୀ, ଶଙ୍ଖା ସିନ୍ଦୁର ପିନ୍ଧି ସ୍ୱାମୀଙ୍କୁ ପୂଜାକରି ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷାକରି ଉପବାସ ରହିବା ସହ ନିଜର ସାବିତ୍ରୀ ବ୍ରତ ପାଳନ କରିଥିଲେ । କୋଣାର୍କରେ ଥିବା କିନ୍ନର ସମ୍ପ୍ରଦାୟର ଅନେକ କିନ୍ନର ଆଜି କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ପୀଠ ରେ ପହଞ୍ଚି ସାବିତ୍ରୀ ବେଶରେ ମା'ଙ୍କୁ ଦର୍ଶନକରି ସାବିତ୍ରୀବ୍ରତ ପାଳନ ପୂର୍ବକ ବ୍ରତ ରଖି ପୂଜାର୍ଚ୍ଚନା କରିଥିଲେ ଓ ସାଥିରେ ଆଣିଥିବା ବିଭିନ୍ନ କିସମର ଫଳମୂଳ ସହ ଶଙ୍ଖାସିନ୍ଦୁର ପୂଜାକରି ନିଜର ଗୁରୁମାତା କିନ୍ନର ଦୀପାଙ୍କୁ ନିଜର ସତ୍ୟବାନ ସ୍ୱାମୀ ଭାବେ ମାନି ସମସ୍ତ କିନ୍ନର ତାଙ୍କର ଦୀର୍ଘଜୀବନ କାମନା କରିଥିଲେ । ପରେ ତାଙ୍କ ହାତରୁ ସିନ୍ଦୁର ଓ ଶଙ୍ଖା ପିନ୍ଧି ମୁଣ୍ଡିଆ ମାରି ଆଶୀର୍ବାଦ ନେଇ ସାବିତ୍ରୀ ବ୍ରତ ପାଳନ କରିଥିଲେ । ବିଶେଷ ଭାବେ କୋଣାର୍କ କିନ୍ନର ସଙ୍ଘର ମୁଖ୍ୟ ଦୀପା କିନ୍ନରଙ୍କ ନେତୃତ୍ୱରେ ଶାନ୍ତି, ସୁକାନ୍ତି, ସନ୍ଧ୍ୟା, କୁନି, ଶ୍ରଧା, ତୁଳସୀ, ଲକ୍ଷ୍ମୀ, ଚିନୁ, ଗଙ୍ଗା, ଲକ୍ଷ୍ମୀ, କାଜଲ ଓ ଶିବାନୀ କିନ୍ନର ପ୍ରମୁଖ ଆଜି ସାବିତ୍ରୀବ୍ରତ ପାଳନ କରିଥିଲେ ।

## ବିଭିନ୍ନ ଶୈବପୀଠ ଓ ବଟବୃକ୍ଷ ମୂଳେ ମହିଳାଙ୍କ ମେଳି



**ଓଡ଼ଗାଁ,୧୬।୫/ଏନ୍ଏନ୍ଏସ୍:** ପାରମ୍ପରିକ ଶାସ୍ତ୍ରମତେ ସ୍ୱାମୀଙ୍କ ଦୀର୍ଘାୟୁ କାମନାକରି ଶନିବାର ପ୍ରତିଟି ଓଡ଼ିଆ ସଧବାନାରୀ ସବିତ୍ରୀ ବ୍ରତ ପାଳନ କରିଛନ୍ତି । ପୃଥିବୀ ପୃଷ୍ଠରେ ବଟବୃକ୍ଷକୁ ଜୀବନର ପ୍ରତୀକ ବୋଲି କୁହାଯାଏ । ସାବିତ୍ରୀ ବ୍ରତ ପୌରାଣିକ କଥା ମଧ୍ୟ ଏ ବିଷୟ ଆଡ଼କୁ ଇଙ୍ଗିତ କରେ । ସାବିତ୍ରୀ ତାଙ୍କର ସ୍ୱାମୀ ସତ୍ୟବାନଙ୍କୁ ନିଜର ସତୀତ୍ୱର ଶକ୍ତିଦ୍ୱାରା ଯମଙ୍କ ଠାରୁ ଫେରାଇ ଆଣିଥିଲେ । ଏହାକୁ ପାଥେୟକରି ମଥାରେ ସିନ୍ଦୁର, ହାତରେ ଚୁଡି ଓ ରଙ୍ଗ ବେରଙ୍ଗର ଶାଢୀ ପିନ୍ଧି ସତ୍ୟବାନଙ୍କ ପାଇଁ ପୂଜା କରୁଛନ୍ତି ପ୍ରତିବ୍ରତା ନାରୀ । ଆଜି ଓଡ଼ଗାଁ ବ୍ଲକର ବିଭିନ୍ନ ଗାଁଗହଳିରେ ଥିବା ଶୈବପୀଠଗୁଡ଼ିକରେ ମହିଳାମାନଙ୍କ ଗହଳି ଲାଗିଥିବା ଦେଖିବାକୁ ମିଳିଥିଲା । କୁରାଳର ସମସ୍ତ ଶୈବପୀଠ ଓ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ମହିଳାମାନେ ସ୍ୱାମୀଙ୍କ ଶୁଭମନାସି ସମସ୍ତେ ଏକାଠିହୋଇ ପୂଜାର୍ଚ୍ଚନା କରିଥିଲେ । ପାଇକରାୟ ସାହିରେ ଆୟୋଜିତ ପୂଜାରେ ବରିଷ୍ଠ ପୁରୋହିତ ନିରଞ୍ଜନ ତ୍ରିପାଠୀ ସାବିତ୍ରୀ ବ୍ରତ ପୁରାଣକୁ ପାଠକରିବା ସହିତ ପୂଜାର୍ଚ୍ଚନା କରିଥିବାବେଳେ ମହିଳାମାନଙ୍କ ହୁଳହୁଳି ଶବ୍ଦରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା । ସେହିପରି ଓଡ଼ଗାଁ ସହର ସମେତ ବ୍ଲକର ସମସ୍ତ ଗାଁଆଁଗୁଡିକରେ ଖୁବ୍ ଧୁମ୍‌ଧାମ୍‌ରେ ଏହି ସାବିତ୍ରୀ ବ୍ରତ ପାଳିତ ହୋଇଥିବା ଜଣାପଡ଼ିଛି ।

## ସାବିତ୍ରୀ ବ୍ରତ ପାଳିଲେ ମା' ଭଗବତୀ



**ବାଣପୁର,୧୬।୫/ଏନ୍ଏନ୍ଏସ୍:** ଜଣେ ପତିବ୍ରତା ନାରୀ ଭାବରେ ସ୍ୱାମୀ ଦେବଦେବ ମହାଦେବଙ୍କ ସର୍ବମଙ୍ଗଳ କାମନା କରି ସାବିତ୍ରୀ ଓଷା ପାଳନ କଲେ ମା' ଭଗବତୀ । ଉତ୍କଳର ଓଡ଼ିଆ ସଧବା ନାରୀମାନଙ୍କ ପରି ସ୍ୱାମୀଙ୍କ ମଙ୍ଗଳ ନିମନ୍ତେ ପାଳନ କରାଯାଉଥିବା ଏହି ପବିତ୍ର ଓଷା ବ୍ରତକୁ ସେ ନିଜେ ପାଳନ କରୁଥିବା ମାନବୀୟ ଲୀଳାର ବିଚିତ୍ର ପରମ୍ପରା କେବଳ ମା'ଙ୍କ ପୀଠରେ ହିଁ ଦେଖିବାକୁ ମିଳେ । ପ୍ରତ୍ୟୁଷରୁ ଦ୍ୱାରଫିଟା, ମଙ୍ଗଳ ଆଳତୀ, ଅଙ୍ଗରାଗ ,ମହାସ୍ନାନ, ବେଶ , ମହାପ୍ରସାଦ ଅର୍ପଣ ପରେ ବଲ୍ଲଭ ଆଳତୀ, ସର୍ବସାଧାରଣ ଦର୍ଶନ, ଦିପହର ଶଂକୁଡ଼ି ଧୂପ ପରେ ପାଳିଆମାଳି ବେଶ ଓଲାଗି କରାଇ ମା'ଙ୍କୁ ତେଲହଳଦୀ ଲଗାଇ ପୁନର୍ବାର ମହାସ୍ନାନ କରାଇ ପୋଖରୀଆକୁ ଧୋପଖାଳ କରିଥିଲେ । ପିତ୍ରାଳୟ ଶ୍ରୀ ଦକ୍ଷ ପ୍ରଜାପତି ମନ୍ଦିରରୁ ଦଣ୍ଡସେଣା ନେଇ ଯାଇଥିବା ପାରମ୍ପରିକ ସାବିତ୍ରୀ ଭାରରେ ଧଳାଶାଢ଼ି, ଚୁଡ଼ି, ସିନ୍ଦୁର, ଅଳତା, କଜ୍ଜ୍ୱଳ ପାନିଆ, ଦର୍ପଣ, ମୁଗ, ଆମ୍ବ, ପଣସ, ନଡ଼ିଆ, ତାଳ, ଖଜୁରୀ, କଦଳୀ, କାକୁଡ଼ି, ସପୁରୀ ଆଦି ବିଭିନ୍ନ ଫଳମୂଳକୁ ସଜାଡ଼ିଥିଲେ । ପାଳିଆ ମାଳି ବିଜୟ ନାୟକ ମା'ଙ୍କ ବାପଘରୁ ଆସିଥିବା ଶାଢ଼ି ଚୁଡ଼ି, ସିନ୍ଦୁର, ଅଳତା ପିନ୍ଧାଇ ଅତି ସୁନ୍ଦର ଓଡ଼ିଆଣି ବେଶରେ ବେଶକରି ନାନାଦି ଅଳଙ୍କାର ଓ ପୁଷ୍ପମାଲ୍ୟରେ ମଣ୍ଡନ କରିଥିଲେ । ପରେ ପରିଚ୍ଛା ପୂଜକ ସାଆନ୍ତ ପ୍ରକାଶ ମହାପାତ୍ର ମା'ଙ୍କ ପାଖରେ ମୁଗଧୁଆ ସହିତ ସମସ୍ତ ପ୍ରକାର ଫଳମୂଳ ଠା କରି ଘଣ୍ଟା ଘଣ୍ଟ କାହାଳୀ ହୁଳହୁଳି ବାଦନରେ ମା'ଙ୍କୁ ପଞ୍ଚ ପୋଚ୍ଚାରରେ ଧୂପ କରି ଆଳତି ବଢ଼ାଇଥିଲେ । ଆଜିର ପବିତ୍ର ଦିନରେ ମା'ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ସହିତ ନିଜ ନିଜ ସ୍ୱାମୀମାନଙ୍କ ମଙ୍ଗଳ କାମନା କରି ଆଶୀର୍ବାଦ ଭିକ୍ଷା କରିବାକୁ ଅଗଣିତ ବ୍ରତଧାରୀ ସଧବା ମା'ମାନଙ୍କ ଭିଡ଼ଦେଖିବାକୁ ମିଳିଥିଲା । ମନ୍ଦିର ଦେବୋତ୍ତର କାର୍ଯ୍ୟାଳୟ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା ।

## ଗ୍ରାହକସେବା କେନ୍ଦ୍ରରୁ ୧ଲକ୍ଷ ଟଙ୍କା ଲୁଟ୍

**ନୟାହାଟ,୧୬।୫/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଠାରୁ ଚାରିଶହ ମିଟର ଦୂରବର୍ତ୍ତୀ ସିଙ୍ଗପାନିଆ ଗ୍ରାମରେ ଥିବା ଏସବିଆଇ ଗ୍ରାହକସେବା କେନ୍ଦ୍ରରୁ ଶୁକ୍ରବାର ୧୧ଟା ବେଳେ ଦୁଇଜଣ ବ୍ୟକ୍ତି ଗ୍ରହକସେବା କେନ୍ଦ୍ରକୁ ଯାଇ ଏକ ଲକ୍ଷ ଟଙ୍କା ଛଡାଇ ନେବା ନୟାହାଟ ଫାଣ୍ଡିରେ ତୁଷାର ରାଉତ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ ଚରିଛକ ଥାନା ବାହାରଣା ପଞ୍ଚାୟତ ବାହାରଣା ଗ୍ରାମର ତୁଷାର ରାଉତ ନାମକ ଜଣେ ଯୁବକ ନୟାହାଟ ଫାଣ୍ଡି ଅନ୍ତର୍ଗତ ଶିଙ୍ଗପାନିଆଁ ଗ୍ରାମରେ ଏସବିଆଇ ଗ୍ରାହକ ସେବାକେନ୍ଦ୍ର ଖୋଲି ଲୋକମାନଙ୍କୁ ସେବା ଯୋଗିଆସୁଥିଲା । ଶୁକ୍ରବାର ୧୧ଟା ସମୟରେ ମଳିକ ତୁଷାର ରାଉତ ନଥିବା ସମୟରେ ଜଣେ ମହିଳା କର୍ମଚାରୀ ଥିଲେ ଏହି ସମୟରେ ଗୋଟେ ବାଇକ୍‌ରେ ଜଣେ ବୟସ୍କ ବ୍ୟକ୍ତି ଆଉ ଜଣେ ଯୁବକ ସେବାକେନ୍ଦ୍ରକୁ ଆସି ମହିଳା କର୍ମଚାରୀଙ୍କୁ ସାଧା କାଗଜ ମାଗିଥିଲେ ଏବଂ ୨୦ଟଙ୍କା ଦେବା ସମୟରେ ମହିଳା କର୍ମଚାରୀ କହିଥିଲେ ମୋ ପଖରେ ଖୁଚୁରା ନାହିଁ । ତା'ପରେ ଡ୍ର ଖୋଲି ୧୦ଟଙ୍କା ଦେବା ସମୟରେ ଦୁଇଜଣ ଲୁଟେରା ତଳେ କ'ଣ ପଡ଼ିଗଲା ବୋଲି ମହିଳା କର୍ମଚାରୀଙ୍କୁ କହି ଦୁଇଜଣ ଲୁଟେରା ଡ୍ର'ରେ ହାତ ପୁରାଇ ଜୋର୍ ଜବରଦସ୍ତି ଦୁଇଟି ପାଞ୍ଚଶହ ଟଙ୍କିଆ ବଣ୍ଡଲ୍ ଯାହାକି ୧ଲକ୍ଷ ଟଙ୍କା ହେବ ତାକୁ ନେଇ ବାଇକ୍ ଯୋଗେ ଫେରାର୍ ହୋଇଯାଇଥିଲେ । ଲୁଟେରା ଦୁଇଜଣ ହିନ୍ଦୀରେ କଥା ହେଉଥିବା ବେଳେ ସିସିଟିଭି ଫୁଟେଜ୍‌ରେ ସେମାନଙ୍କ ଛବି କଏଦ୍ ହୋଇଛି । ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଘଟଣାର ତଦନ୍ତ ଚାଲିଛି, ଖୁବ୍‌ଶିଘ୍ର ଅଭିଯୁକ୍ତ ଧରାହେବେ ବୋଲି କହିଛନ୍ତି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତୀବ୍ର ବିରୋଧ



**ପୁରୀ,୧୬।୫/ଏନ୍ଏନ୍ଏସ୍:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପୁରୀ ଗସ୍ତ ସମୟରେ ତାଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି । ପୁରୀ ନଗର ଓ ଯୁବ, ଛାତ୍ର କଂଗ୍ରେସ ସୋସିଆଲ୍ ମିଡିଆ ସେଲ୍ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଜୋରଦାର୍ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନୀଟ୍ ପରୀକ୍ଷାରେ ବାରମ୍ବାର ହେଉଥିବା ଦୁର୍ନୀତି ଏବଂ ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଥିବା ଅଭିଯୋଗ କରି ଆଜି କଂଗ୍ରେସ ରାସ୍ତାକୁ ଓହ୍ଲାଇଛି । ଜଗନ୍ନାଥ ଧାମ ପୁରୀରୁ ଏହି ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଥିବା ବେଳେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ଯୁବ ଓ ଛାତ୍ର ନେତା । ଛାତ୍ର କଂଗ୍ରେସ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି ଯେ, ଯଦି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ନିଜ ପଦବୀରୁ ଇସ୍ତଫା ନଦିଅନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ସାରା ଦେଶରେ ବ୍ୟାପିବ ଏବଂ ଶିକ୍ଷାମନ୍ତ୍ରୀଙ୍କୁ ଦେଶବ୍ୟାପୀ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ନଗର କଂଗ୍ରେସ ସଭାପତି ପୁରୀ ବିଶ୍ୱରଞ୍ଜନ ମହାପାତ୍ର,ଯୁବ କଂଗ୍ରେସ ନେତା ଆଶୁତୋଷ ମିଶ୍ର, ସୋସିଆଲ୍ ମିଡିଆ ସେଲ୍ ମନୋଜ ବେହେରା ଏବଂ ଛାତ୍ର କଂଗ୍ରେସ ନେତା ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ ଏହି ପ୍ରତିବାଦର ନେତୃତ୍ୱ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଘୋର ବିରୋଧ କରିଥିଲେ । ଆଗାମୀ ଦିନରେ ନଗର ଏବଂ ଯୁବ, ଛାତ୍ର କଂଗ୍ରେସ ପକ୍ଷରୁ ଏହି ଆନ୍ଦୋଳନକୁ ଆହୁରି ଜୋରଦାର୍ କରାଯିବ ବୋଲି ସୂଚନା ମିଳିଛି ।

## ବିଭିନ୍ନ ସ୍ଥାନରେ ଚଢ଼ଉ, ୫୦୫ ଲିଟର ଡିଜେଲ ଜବତ

**ଖୋର୍ଦ୍ଧା,୧୬।୫/ଏନ୍ଏନ୍ଏସ୍:** ଯୋଗାଣ ମନ୍ତ୍ରୀ, ଯୋଗାଣ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଜିଲ୍ଲା ଯୋଗାଣ ଅଧିକାରୀ, ଭୁବନେଶ୍ୱର ସହକାରୀ ଯୋଗାଣ ଅଧିକାରୀ, ବାଲିଅନ୍ତା ଓ ବାଲିପାଟଣା ଯୋଗାଣ ନିରୀକ୍ଷକଙ୍କୁ ନେଇ ଏକ ଟିମ୍ ଗଠନ କରି ଭୁବନେଶ୍ୱର ଉପକଣ୍ଠର ବିଭିନ୍ନ ପେଟ୍ରୋଲ ପମ୍ପ ଏବଂ ଅବୈଧ ସ୍ଥାନରେ ଥିବା ପେଟ୍ରୋଲ ଓ ଡିଜେଲ ଗଚ୍ଛିତ କେନ୍ଦ୍ରମାନଙ୍କରେ ଚଢ଼ଉ କରିଥିଲେ । ଚଢ଼ଉରେ ନିରଞ୍ଜନ ନାୟକ, ହୀରାପୁର ବୁଲୁ ପ୍ରଧାନ, ପୂରଣ ପ୍ରଧାନ, ସୁଶାନ୍ତ କୁମାର ଚୌଧୁରୀ, ଧାନହରା ତପନ କୁମାର ସାହୁ, ନୂଆପାଟଣା ଏବଂ ୫ ଅଜୟ ସାହୁ, ବନମାଳିପୁରଙ୍କଠାରୁ ୫୦୫ ଲିଟର ଅବୈଧ ଗଚ୍ଛିତ ଡିଜେଲ ଜବତ କରାଯାଇଥିଲା । ସେମାନଙ୍କ ପାଖରେ କୌଣସି ବିତରକ ଲାଇସେନ୍ସ କିମ୍ବା ଅଗ୍ନିଶମ ବିଭାଗର ସର୍ଟିଫିକେଟ ନଥିଲା । ଜନଗହଳିପୂର୍ଣ୍ଣ ସ୍ଥାନରେ ଲାଭଖୋର ମନୋବୃତ୍ତି ରଖି ଲିଟର ପିଛା ୧୪୦ ଟଙ୍କା ଦରରେ ବିକ୍ରୟ କରୁଥିଲେ । ଏଥି ସହିତ ସେମାନେ ବ୍ୟବହାର କରୁଥିବା ପଳା, କାହାଳୀ ଆଦି ମଧ୍ୟ ଜବତ କରାଯାଇଛି । ପରିଦର୍ଶନ କରାଯାଇଥିବା କେତେଗୁଡ଼ିଏ ପେଟ୍ରୋଲ ପମ୍ପରେ ତେଲ ନଥିବାରୁ, ସେମାନଙ୍କୁ ତେଲ ଆଣି ବିକ୍ରୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେମାନଙ୍କ ପାଖରେ ପରିଲିଖିତ ହୋଇଥିବା ତ୍ରୁଟି ସମ୍ବନ୍ଧରେ ସେମାନଙ୍କ ବିତରକ କମ୍ପାନୀ ଗୁଡିକୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିସ କରାଯାଇଥିଲା । ଚଢ଼ାଉ ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ସହାୟକ ଯୋଗାଣ ଅଧିକାରୀ ସୁନୀତା ବେହେରା, ବାଲିଅନ୍ତା ଯୋଗାଣ ନିରୀକ୍ଷକ ଅଳକାରଣି ମଲିକ୍ ଏବଂ ବାଲିପାଟଣା ଯୋଗାଣ ନିରୀକ୍ଷକ ନେତ୍ରାନନ୍ଦ ବେହେରା ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ରାତ୍ରଜଗୁଆଳିଙ୍କ ମୃତ୍ୟୁ

**ନିମାପଡ଼ା,୧୬।୫/ଏନ୍ଏନ୍ଏସ୍:** ସାବିତ୍ରୀ ବ୍ରତ ଭଳି ଏକ ପବିତ୍ର ଦିନରେ ଦୁର୍ଘଟଣାରେ ଜଣେ ବିବାହିତ ଯୁବକଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି । ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ଅଧୀନ ଅନ୍ଧୁଆର ପଞ୍ଚାୟତ ତରଡ଼ାପଡ଼ା ଗ୍ରାମର ସୁରେଶ କୁମାର ସେଠୀ(୪୪) ନିମାପଡ଼ା ଏନ୍ଏସି କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଥିଲେ । ଶୁକ୍ରବାର ରାତିରେ ସେ ନିଜ କାର୍ଯ୍ୟରେ ଯୋଗଦେଇ ଶନିବାର ସକାଳେ କାର୍ଯ୍ୟାଳୟରୁ ଘରକୁ ଫେରିବା ସମୟେ ନୁହାରକିରୀ-ତରଡ଼ାପଡ଼ା ରାସ୍ତାରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା । ସେ ଲହୁଲୁହାଣ ହେଇ ରାସ୍ତାରେ ପଡ଼ିଥିଲେ । ସ୍ଥାନୀୟ ଲୋକ ଦେଖି ତାଙ୍କୁ ନିମାପଡ଼ା ମେଡ଼ିକାଲ୍ ନେଇଥିଲେ । ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ତାଙ୍କ ଭାଇ ଗନ୍ଧର୍ବ ସେଠୀ ଥାନାରେ ଏତଲା ଦେବା ପରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି । ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବା ବେଳେ ଘରେ ସ୍ତ୍ରୀ ଆଉ ଦୁଇଜଣ ପିଲା ଅଛନ୍ତି । ସେମାନଙ୍କ ଭବିଷ୍ୟତ ଏବେ ଅନ୍ଧାରକୁ ଠେଲି ହୋଇଯାଇଛି । ତୁରନ୍ତ ସରକାରୀ ସ୍ତରରେ ସହାୟତା ପ୍ରଦାନ କରାଯିବା ପାଇଁ ଦାବି ହୋଇଛି । ସୁରେଶଙ୍କ ମୃତ୍ୟୁରେ ପରିଷଦ ଅଧକ୍ଷା ସସ୍ମିତା ସାହୁ, ପୂର୍ବତନ ଅଧକ୍ଷ ସନାତନ ପ୍ରଧାନ, ଉପାଧକ୍ଷ ସନ୍ତୋଷ ଦାଶ, କାଉନସିଲର ଧନୁର୍ଦ୍ଧର ଦାସ ପ୍ରମୁଖ ଗଭୀର ଦୁଃଖପ୍ରକାଶ କରିଛନ୍ତି । ମୃତକଙ୍କ ପରିବାରକୁ ରେଡ଼କ୍ରସ ତରଫରୁ ୧୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି ।

## ଓଏମ୍‌ସିର କାର୍ଯ୍ୟ ପରିସର ...

ସ୍ୱାସ୍ଥ୍ୟ, ପାନୀୟ ଜଳ, ମହିଳା ସଶକ୍ତିକରଣ, କ୍ରୀଡ଼ା, ଭିତ୍ତିଭୂମି ବିକାଶ ଦିଗରେ ଅନେକ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳରେ ସକରାତ୍ମକ ପରିବର୍ତ୍ତନ ଆଣିଛି । ମେସିନ୍ ସହିତ ସ୍ଥାନୀୟ ବାସିନ୍ଦାଙ୍କୁ ଖଣି କ୍ଷେତ୍ରରେ ଅଧିକ ନିୟୋଜିତ କରିବା ଦରକାର । ଏହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କର ଜୀବନ ଜୀବିକା ଆହୁରି ସୁଦୃଢ଼ ହେବ ବୋଲି ଶ୍ରୀ ମାଝୀ ମତ ଦେଇଥିଲେ । ଏହି ଅବସରରେ ସେ କାଳିଆପାଣି ଠାରେ ନବନିର୍ମିତ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ, ଖଣି ଅଞ୍ଚଳ ବାସୀଙ୍କ ପାଇଁ ୮ଟି ଅତ୍ୟାଧୁନିକ ବେସିକ ଲାଇଫ ସପୋର୍ଟ ଆମ୍ବୁଲାନ୍ସ, ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର ଏବଂ ଓ-ସ୍ୱାସ୍ଥ୍ୟ ନାମକ ଏକ ଡିଜିଟାଲ୍ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏଥି ସହିତ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି ଓ ରିଜିଅନ୍‌କୁ ପୁରସ୍କୃତ କରିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି କେ ସିଂହ ଓଡ଼ିଶାରେ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ଦିଗରେ ଓଏମ୍‌ସିର ଅତୁଳନୀୟ ଯୋଗଦାନ ରହିଛି ବୋଲି ଉଲ୍ଲେଖ କରି ଓଏମ୍‌ସି ଦ୍ୱାରା ପରିଚାଳିତ ଖଣି ଖାଦାନଗୁଡ଼ିକ କିଭଳି ରାଜ୍ୟ ଓ ଦେଶର ବିକାଶ କ୍ଷେତ୍ରରେ ଅଧିକ ଉପଯୋଗୀ ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ କହିଥିଲେ । ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଗିରିଶ୍ ଏସ୍ ଏନ୍ ସ୍ୱାଗତ ଭାଷଣ ଓ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଧନ୍ୟବାଦ ଦେଇଥିଲେ ।

## ମିଳିନି ୩ ମାସର ଦରମା, ୧୧୨ କର୍ମଚାରୀଙ୍କ ବଢୁଛି ପେଟପାଟଣା ଚିନ୍ତା




**ଓଡ଼ଗାଁ,୧୬।୫/ଏନ୍ଏନ୍ଏସ୍:** ରାଜ୍ୟ ସରକାର ଜରୁରୀକାଳୀନ ସେବା ଯୋଗାଇବାକୁ ୧୧୨ ଯୋଜନା କାର୍ଯ୍ୟକାରୀ କଲେ । ଯେ କୌଣସି ବ୍ୟକ୍ତି ଅସୁବିଧାରେ ପଡ଼ି ୧୧୨କୁ ଫୋନ୍ କଲେ କର୍ମଚାରୀମାନେ ଫୋନ୍ ପାଇବାର କିଛି ସମୟ ମଧ୍ୟରେ ପହଞ୍ଚି ସେବା ଯୋଗାଇଥାନ୍ତି । କିନ୍ତୁ ଏହି ୧୧୨ କର୍ମଚାରୀଙ୍କ ପ୍ରତି ସରକାରଙ୍କ ଉଦାସୀନତା ଦେଖିବାକୁ ମିଳିଛି । ୩ମାସ ଧରି କର୍ମଚାରୀଙ୍କୁ ଦରମା ମିଳିନଥିବାରୁ ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷେ କାଠିକର ହୋଇପଡ଼ିଛି । ସୂଚନା ଅନୁଯାୟୀ,ନୟାଗଡ଼ ଜିଲ୍ଲାର ଦଶପଲ୍ଲା, ରଣପୁର,ଓଡ଼ଗାଁ ଓ ନୟାଗଡ଼କୁ ୧୧୨ ସେବା ଯୋଗାଇ ଦିଆଯାଇଛି ।ଗୋଟିଏ ୧୧୨ ସେବା ପାଇଁ ୩ଜଣ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ରାଜ୍ୟରେ ୭ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଅଛନ୍ତି । ଏହି କର୍ମଚାରୀମାନେ ୨୦୨୫ ମସିହାରୁ ଇଆରଏସଏସ କେନ୍ଦ୍ର ସରକାରଙ୍କ ୧୧୨ ଜରୁରୀକାଳୀନ ସେବା ମାଧ୍ୟମରେ କାର୍ଯ୍ୟ ଯୋଗାଇ ଆସୁଛନ୍ତି । ଏମାନେ ଫାୟାର, ଆମ୍ବୁଲାନ୍ସ ଓ ପୁଲିସ ଭଳି ଜରୁରୀକାଳୀନ ପରିସ୍ଥିତିକୁ ସହଜରେ ସମ୍ଭାଳି ପାରୁଛନ୍ତି । ତେବେ ଏହି କର୍ମଚାରୀଙ୍କୁ ପାରିଶ୍ରମିକ ବାବଦକୁ ମାସକୁ ମାତ୍ର ୧୫ହଜାର ଟଙ୍କା ପ୍ରଦାନ କରାଯାଉଛି । ଜେନ୍ ପ୍ଲସ ସଂସ୍ଥା ୧୧୨ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି । କେତେବେଳେ ୨ମାସରେ ତ ଆଉ କେତେବେଳେ ୩ମାସରେ ଥରେ ଦରମା ପ୍ରଦାନ କରୁଥିବାରୁ କର୍ମଚାରୀଙ୍କ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି । ଯଦି କିଏ ଆପତ୍ତି କିମ୍ବା ଅଭିଯୋଗ କରେ ତେବେ ଏହି ସଂସ୍ଥା ୧୧୨ କର୍ମଚାରୀଙ୍କୁ ଦରମା ଦେବା ତ ଦୂରର କଥା ବାହାର କରିଦେବାର ଧମକ ମିଳୁଥିବା ଅଭିଯୋଗ ହୋଇଛି । କର୍ମଚାରୀମାନେ ପେଟପାଟଣା ପାଇଁ ଦିନରାତି ଏକକରି ସେବା ଯୋଗାଇ ଆସୁଥିଲେ ମଧ୍ୟ ସେମାନଙ୍କ ଅସୁବିଧାକୁ କେବେକେହି ଗୁରୁତ୍ୱ ଦେଇନଥିବା କିଛି କର୍ମଚାରୀ ଗୁପ୍ତ ଭାବେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସରକାର ଠିକାସଂସ୍ଥା ସହ ଚୁକ୍ତି ବାତିଲକରି ନିଜେ ୧୧୨ କର୍ମଚାରୀଙ୍କ ଭଲ, ମନ୍ଦ କଥା ବୁଝନ୍ତୁ ନଚେତ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି ।

## ଗଛର ଆତ୍ମକବିତା



ରାଜକିଶୋର ଦାସ

ଏବେ ପତ୍ର ଝଡ଼ି
ଡାଳ ଛିଣ୍ଡି ପଡୁଛି
ଚେର ଉପୁଡ଼ି
ମୂଳ ଦୋହଲୁଛି ।

ଦୁଃଖ ଭୁକ୍ ହେବା ପରେ
କେଉଁ ସୁଖର ସାନ୍ନିଧ ପାଇଁ
ସମୟକୁ ଦୋଷ ଦେବି !

ଝଡ଼ ବହିଗଲେ
ଅନେକ କିଛି ଘଟେ, ଘଟୁଛି ।

ସବୁ ଓଦା ଓଦା
ଲୁହ ଲୁହ ଏକାକାର ମାଟିରେ
ନିଜର କରି
ଟୋପାଏ ଲୁହକୁ ବି’
ଲୁଚେଇ ପାରିନି ଛାତିରେ !

ତେବେ କଣ ଗଛକୁ
କାଠ ନ’ କହି -
ପଥର କହିବ ତୁମେ ।

**ଏଥେନା ବୁକସ, ସାମନ୍ତରାପୁର, ଭୁବନେଶ୍ୱର**
**ମୋ-୯୪୩୭୩ ୨୩୧୫୨**

## ଅଣୁଗଳ୍ପ

# ଠିକ ଚିହ୍ନ



ସୁସ୍ମିତା ମହାପାତ୍ର

ଭୋଟକେନ୍ଦ୍ରରୁ, ମନଦୁଃଖରେ ମୁହଁଫୁଲାଇ ଘରକୁ ଫେରୁଥିଲା ବାଇନ । ସତରେ ଯିମିତି ଶହେ ପଚାଶ କିଏ ତା’ର ଖାଇଯାଇଛି । ବାଟରେ ଜଗି ବସିଥିଲେ ବିରୋଧୀଦଳ ବାତରା ଟୋକାଏ । ତାଙ୍କର କାମଥିଲା, ଯିଏ ଭୋଟ ଦେବାକୁ ଯାଉଛନ୍ତି, ତାଙ୍କ ବ୍ରେନୱାସ କରିବା ଏବଂ ଫେରିବା ବାଲାଙ୍କୁ ଫୁସୁଲାଇ କେଉଁ ଚିହ୍ନରେ ମୋହର ମାରିଛନ୍ତି, କଥା ଆଦାୟ କରିବା । ହେଲେ ବାଇନକୁ ସେମାନେ ଯେତେବାଗରେ ପଚାରିଲେବି ସେ ତା’ କୁଣ୍ଡାହାଣ୍ଡିଆ ମୁହଁକୁ ସିଲାଇକରି ରଖିଥିଲା, ଶରୀର ତା’ର କମ୍ପୁଥିଲା । ଧମକାଚମକା କରିବା ଉତ୍ତାରେ ପକେଟରୁ ଖଡ଼ଖଡ଼ିଆ ପାଁଶହ ଟଙ୍କିଆ ନୋଟଟା କାଢ଼ି ବାଇନ ବଢ଼ାଇଦେଲା, ଗାଁ’ର ବିରୋଧୀଦଳ କୁଜିନେତା ନୁଖୁରା ମୁଣ୍ଡା ହାତକୁ । ମୁହଁରେ ହସ ନଫୁଟାଇ ପାରିଲେବି ବାଇନର ଢୋକଗିଳା କଥାରୁ ନୁଖୁରା ବୁଝିପାରିଥିଲା ତାଙ୍କ ପ୍ରାର୍ଥୀ, ବାଇନ ଭୋଟରୁ ବଞ୍ଚିତ ବୋଲି । କିନ୍ତୁ କେଉଁ ଚିହ୍ନରେ ମୋହର ମାରିଛି ନବୁଝି, ଏଡ଼େ ସହଜରେ ତାକୁ ଛାଡ଼ିବା ଜନ୍ତୁବି ସେ ନୁହେଁ । ମନେମନେ ଠଉରାଇନେଲା, ଗାଁ ପଞ୍ଚାୟତ ସଭ୍ୟ, ଗେଣ୍ଡୁଆ ଗୌଡ଼ର କଥାରେ ପଡ଼ି, ଆମ ପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ପ୍ରାର୍ଥୀ, ସମୁକ ଷଣ୍ଢକୁ ନିଶ୍ଚୟ ଭୋଟ ଦେଇଥିବ ବାଇନ । ବାଇଆଟା, ବାଇଗଣ ଲୋଭରେ କିଏ ସଜମାଛକୁ ଶୁଖୁଆ ଭାବେ ! ‘ମାନିଯାଆରେ ପୁଅ, କେତେକିଲୋ ବାଇଗଣ ବୋହିଛୁ ଘରକୁ ? ପୋକଲଗା କି ଚିକ୍କଣିଆ ? ମିଠା ବାଇଗଣ ହେଇଥିଲେ ପୋକତ ଲାଗିଥିବ ନିଶ୍ଚେ, ଦେଖୁନୁ ତୁମ ଗାଁ ରୂପସୀ, ମୋହିନୀ ପଛରେ କେତେ ଭେଣ୍ଡିଆ ସାଲୁବାଲୁ ହଉଛନ୍ତି !’

ଫଣଫଣ ହେଇ ପାଟିକୁ ଦି’ଫାଳେଇ ଅଚଞ୍ଚା ବହେ ବକୁବକୁ ଅତର୍ଚ୍ଛା ଜିଭକାମୁଡି ପକାଇଲା ବାଇନ । ସତେକି ଯମରାଜ ସ୍ୱଦିହରେ ଉଭା ତା’ ସାମ୍ନାରେ । ନୁଖୁରା ମୁଣ୍ଡା, ତା’ ନଣ୍ଡା ମୁଣ୍ଡକୁ ସାଉଁଳାଉ ସାଉଁଳାଉ ଝପଟି ଆଇଲା ବାଇନ କତିକି । ‘କହିବୁ, କି ଏଇନେ ପାଞ୍ଚଣ ଖାଇବୁ ? ହାତଟାବି ମୋର କୁଣ୍ଢେଇ ହେଲାଣି କେତେବେଳୁ ।’ ବାଇନର ହଠାତ ମନେପଡିଗଲା, ଫିଡର ସ୍କୁଲ ଗନ୍ଧୁ ମାଷ୍ଟ୍ରେଙ୍କ ନିର୍ଘାତିଆ ପାଞ୍ଚଣ ମାଡ଼କଥା । ସତେକି ସେ ଚାଉଁକିନା ନିଦରୁ ଉଠିପଡ଼ିଲା ! ‘ନୁଖୁରା ଭାଇ, ମୋ ଇଦ୍ୟାରାଣ, ତମ ବିଦ୍ୟାରାଣ, ମୋ ଆଖି ଛୁଉଁଚି, ତମ ଦିହ ଛୁଉଁଚି, ମୁଁ ନା, କାହାକୁବି ଭୋଟ ଦେଇନି ।’ ‘ଚୁପ, ଫେର୍ ମିଛ କହିଲୁ, ମୋ ବିଦ୍ୟାରାଣ କାହିଁକି ପକେଇଲୁ, କେତେବେଳେ ମୋ ରାଜନୀତି ଅଙ୍କ ଭୁଲ ହେଇଯାଇପାରେ, ତୋ ବୋପା ବିଦ୍ୟାରାଣ ପକାଇଲୁନି ? ଦେଖିବୁ ଏଇନେ, ବୋପାକୁ ଦଦା ଡାକି ସତ ଉଗାଳିବୁ । କହ, ସେ ଗେଣ୍ଡୁଆ ଗୌଡ଼, କବାଡ଼ି ପଡ଼ିଆରେ ମେଳିକରି ତମ ଗେଙ୍ଗକୁ କି ଚିହ୍ନରେ ମୋହର ମାରିବାଲାଗି



ଉସକାଇଥିଲା ?’ ଗେଣ୍ଡୁଆ ଉପରେ ବିପତ୍ତି ଘନାଉଥିବାର ଆଶଙ୍କାସତ୍ତ୍ୱେ, ପରିସ୍ଥିତି ଅଣାୟତ୍ତ ହେବାରୁ ଥରଥର ଗଳାରେ ଛେପଢୋକି ବାଇନ କହିଲା, ‘ନୁଖୁରା ଭାଇ ! ମୁଁ ବିଲକୁଲ ବୁଝେନି ଏ ରାଜନୀତି, ଚେଲାନୀତ । ଗେଣ୍ଡୁଆ ଭାଇ କଥାରେ ହଁ ଯାଇଥିଲି, ଠିକ ଚିହ୍ନରେ ଭୋଟ ଦେଇ ଉପଯୁକ୍ତ ଲୋକକୁ ସରପଞ୍ଚ ପଦରେ ଜିତାଇବା ପାଇଁ । ସେଠିଯାଇ ଢେର ଖୋଜିଲି, ହେଲେ ‘ଠିକ’ ଚିହ୍ନ ପାଇଲିନି । ମୋତେ ଗଲାବେଳେ ସେଇଠି ଧାଡ଼ିରେ ବସିଥିବା ବାବୁମାନେ କହିଥିଲେ, ଚିହ୍ନକିଛି ତମର ପସନ୍ଦ ନଥିଲେ ନୋଟାରେ ମାରିଦେବ । ମନେମନେ ଭାବିଲି, ଶୌଚପାଇଁ ସିନା ଲୋକେ ନୋଟା ଧରନ୍ତି, ଭୋଟପାଇଁବି କିଏ କ’ଣ ନୋଟା ଧରେ ! ଛି..ଛି..., ହେଲେ ଦୁର୍ଭାଗ୍ୟ ଭାଇ, ଠିକ ଚିହ୍ନତ ନଥିଲା, ନୋଟା ଚିହ୍ନବି ସେଠି ନଥିଲା ।’

‘ଏଟା ଖାଲି ଖାଇବା ପାଇଁ ଫିଡର ସ୍କୁଲ ଯାଉଥିଲାରେ’ କହି ନୁଖୁରା ସହିତ ତା’ର ଚେଲା ଚାମୁଣ୍ଡା ବି ହସିହସି ଗଡ଼ି ଯାଉଥିଲେ ।

**ରାଉରକେଲା,**
**ମୋ - ୯୪୩୭୫୦୩୧୩୮**

## ମିଆଦି ଆଲୁଅ - ୪୪



ଭବାନୀ ପଟ୍ଟଯୋଷୀ

ଫଳର ଉପରେ ପନିକି ପଡୁ ବା
ପନିକି ଉପରେ ଫଳ,
ଯାହା ଘଟିଲେବି ଫଳ ଭାଗ୍ୟେଲେଖା
କଟି ହେବ ଫାଳଫାଳ ।

ତୁମେ ମୋତେ ପ୍ରେମ କରିଥିଲ ଅବା
ମୁହିଁ କରିଥିଲି ତୁମକୁ,
କାହାକୁ ବା ଦୋଷ ଦେବି ଏବେ ସେଇ
ପ୍ରେମ ହେଲେ ମୋର କାଳ ।

ତୁମେ ଭଲ ଥିଲ ତୁମ ବାଟେ ଆଉ
ମୁଁ ଥିଲି ଭଲ ମୋ ବାଟେ,
ଭଲକୁ ଭଲରେ ମିଶେଇବା ଦୋଷ
ବୁଡେଇଲା ମୋର ବେଳ ।

ଆମର ପ୍ରେମର ନଈ ପହଁରାର
ପରିଣତି ଏହା ହେଲା,
ବୁଡ଼ିଗଲି ମୁହିଁ ଭଉଁରୀରେ ପଡ଼ି
ତୁମେ ସୁଏ ଭାସିଗଲ ।
**ମୋ- ୮୨୪୯୩୧୬୦୭୧**

## ଛବି



ଲତିକା ମହାପାତ୍ର

ଆଙ୍କିଦେଲା ପାଦଚିହ୍ନ ସମୟ
ସମ୍ପର୍କର କମନୀୟ କୋମଳତାରେ
ଆଃ
ଭାରି କଷ୍ଟ ସହିଯିବା
ସମୟର ଏ ନିର୍ଦ୍ଦୟ ସନ୍ତ୍ରାସ ।

ମହମରେ ଗଢ଼ା ଏଇ ମନ ଓ ହୃଦୟ
ତରଳି ଯାଏ ବାରମ୍ବାର
ସହି ହୁଏନା ଏ ଅଦଉତି
ମାନିନେଇ ହୁଏନା
ପରିବର୍ତ୍ତନର ପ୍ରହାର ।

କହିବାକୁ କଷ୍ଟ
ଭାଙ୍ଗିରୁଜି ଗଲାଣି କେତେ କଣ
ତଥାପି ଏ ନିଲଠା ଜୀବନ
ଲୋଟିପଡି ଭୂଇଁପରେ
ଜାରି ରଖିଛି ତା’ର ସଂଘର୍ଷ
ସାଉଁଟି ଧରି ଆପଣା ଅସ୍ତିତ୍ୱ ।

କୋମଳ ବିହ୍ୱଳ ସେଇ ମୁହୂର୍ତ୍ତମାନଙ୍କ
ସ୍ମୃତିକୁ ଜାବୁଡି ଆପଣା ବୁକୁରେ
ଆଗକୁ ପାଦ ବଢ଼େଇବାର ହିମ୍ମତ ରଖିଛି ।

ସ୍ୱପ୍ନ ସ୍ମୃତି ଆବେଗର ଲୁଚକାଳି ଖେଳରେ
ହସିଉଠୁଚି ଜୀବନ
ରୂପେଲି ଜହ୍ନ ଆଲୁଅରେ
ଗୋଟାପଣେ ଭିଜାଇ ନିଜକୁ
ମୁଁ ଆଙ୍କୁଛି ଛବିଟେ
କବିତାଟେ ପରି ।
**-ତାଳଚେର**

# ଦୂର ଆକାଶର ପକ୍ଷୀ



ପୂର୍ଣ୍ଣଚନ୍ଦ୍ର ବହଲୀ



ଆଜି ଦୀପାବଳି । କିନ୍ତୁ ରେଣୁକା ଏକଲା । ସମୟ ଥିଲା ଘରେ ହସ ଖୁସି,କାନ୍ଦ, କଳି ଝଗଡା, ଯୁକ୍ତିତର୍କ, କୋଳାହଳ ଲାଗି ରହୁଥିଲା । ପରିପୂର୍ଣ୍ଣ ଲାଗୁଥିଲା ଘର । ହସଖୁସିରେ ସମୟ କଟାଇଦିଅନ୍ତି ରେଣୁକା । ସକାଳ ହେଲାକ୍ଷଣି, ବ୍ରସ କେଉଁଠି, ପେଷ୍ଟ କେଉଁଠି, ମା ଆମ କଲମ କେଉଁଠି, ବହି କେଉଁଠି, ଟାଇ କେଉଁଠି, ବେଳ ହୋଇଗଲାଣି ମାଆ ଜଲଦି ଦିଅ......ପିଲାଙ୍କ ଡାକରେ ରେଣୁକା ଙ୍କୁ ଭରି ଆନନ୍ଦ ଦେଉଥିଲା ।

ସେ କହୁଥିଲେ ସବୁ କରିଦେବି, ଖୋଜି ଦେବିରେ ବାପ ବ୍ୟସ୍ତ ହୁଅ ନାହିଁ । କେତେବେଳେ ଅତି ବିରକ୍ତି ଲାଗିଲେ କୁହନ୍ତି ଆଛା ତୁମେମାନେ ବଡ଼ ହେଲଣି ନିଜ କାମ ନିଜେ କରି ଶିଖ । ପିଲାମାନେ ବାହାରକୁ ଗଲାବେଳେ ଯଦି ଘର କବାଟ ମେଲା କରି ପଳାଉଥିଲେ ରେଣୁକା ଡାକ ପକାଉଥିଲେ ଆରେ କବାଟ ବନ୍ଦ କରିଦେଇଯିବ ।

ଆଜି ପୁଣି ଦୀପାବଳିର ପର୍ବ । କିନ୍ତୁ ଘରେ ସେ ସୁଗନ୍ଧ ନାହିଁ କି ମହକ ନାହିଁ । କେବଳ ନୀରବତା ରାଜ କରୁଛି । ସେଇ ଘରଦ୍ୱାର ଅଛି ସବୁ ପରିଷ୍କାର ଭାବେ ଘରଦ୍ୱାର ସଜଡା ହୋଇଅଛି । କିନ୍ତୁ ରେଣୁକା ଆଜି ଏକଲା । ପିଲାମାନଙ୍କୁ ଆଉ ସମୟ ନାହିଁ । କେତେବେଳେ କେମିତି ଆସୁଛନ୍ତି ହଁ ଆଉ କିଛି ରେଣୁକାଙ୍କୁ ଖୋଜିବାକୁ ପଡୁନାହିଁ କିମ୍ବା ଘରରେ କିଛି ସଜାଡ଼ିବା ଦରକାର ହେଉନାହିଁ । ପିଲାମାନେ କରିଦିଅନ୍ତି । ଏପରିକି ଗଲାବେଳେମଧ୍ୟ କବାଟ ଆଉଜେଇ ଦେଇ ଯାଉଛନ୍ତି । ଏବେ ନିଜ କାମ ନିଜେ କରୁଛନ୍ତି ।

ଏବେ କିନ୍ତୁ ପିଲାମାନଙ୍କର ଆସିବା ପ୍ରାୟତଃ ନାହିଁ କହିଲେ ଚଳେ । ଦୁଆର ପାଖେ ଛିଡା ହୋଇ ଶୂନ୍ୟକୁ ଦେଖି ଭାବୁଛନ୍ତି ରେଣୁକା । ଏହି ସମୟରେ ଦୂର ଆକାଶରେ ପକ୍ଷୀମାନେ କଳରବ କରି ଉଡିଗଲେ । ରେଣୁକାକୁ ଲାଗିଲା ଯେପରି ତାଙ୍କ ପିଲାମାନେ ଉଡୁଛନ୍ତି । ସେମାନେ କହୁଛନ୍ତି ଆମ ସଙ୍ଗେ ଉଡ଼ିବୁ ଯଦି ଆ ମାଆ, ଏଇ ଦେଖ ଆମେ ସବୁ ନିଜେ ନିଜେ ନିଜ ଡେଣାରେ ଉଡୁଛୁ । ଆଉ ତୁମର ଡେଣାର ଆବଶ୍ୟକତା ନାହିଁ ମା...ରେଣୁକାଙ୍କ ଛାତିରେ ଛନକା ପଶିଗଲା ଭଳି ଲାଗିଲା । ଆଖିରେ ଲୁହ । ଏହା ଖୁସିର କି ଦୁଃଖର ରେଣୁକା ହିଁ କହିପାରିବେ ।

ମନେ ମନେ ଗୁଣୁଗୁଣୁ ହେଲେ ଆରେ ମୁଁ କାନ୍ଦୁଛି କାହିଁକି । ସେମାନେ କେତେ ଖୁସିରେ ଉଡୁଛନ୍ତି । ସେମାନେ ଉଡିବା ପାଇଁ ତ ବହୁ କିଛି କଷ୍ଟ ଜୀବନରେ ସହ୍ୟ କରିଥିଲି । ସେମାନଙ୍କ ଖୁସିରେ ହିଁ ମୋର ଖୁସି.. ନା ଲୁହ ଗଡ଼ାଇଲେ ସେମାନଙ୍କର କ୍ଷତି ହେବ । ମନେ ମନେ ପିଲାମାନଙ୍କୁ ଆଶୀର୍ବାଦ ଦେଇ କହିଲେ ଯେଉଁଠି ରୁହ, ଯେପରି ରୁହ, ଯେପରି ଉଡ଼ କିନ୍ତୁ ଖୁସିରେ ରୁହ । ମୋର ଆଉ କଣ ବୟସ ଅଛି ଉଡିବାକୁ । ମୋ ପାଇଁ ତ ବିଛଣା ସଜା ହେଲାଣି । ଖାଲି ଡାକରା ଆସିଲେ ଚାଲିଲି । ହଠାତ ଘରଭିତରୁ ଯେପରି ଶୁଭିଲା ମାଆ....ମାଆ... । ହଁ ରେ ଯାଉଛି...ଯାଉଛି... ।

ପ୍ରକୃତିସ୍ଥ ହେଲେ ରେଣୁକା.. ପିଲାମାନେ ତ ଉଡୁଛନ୍ତି, ମାଆ ବୋଲି ଆଉ କିଏ ଡ଼ାକିଲା .. ଓଃ.. ମନରେ ଭ୍ରମ ।

ରେଣୁକା ଲୁଗା କାନିରେ ଆଖିରୁ ଲୁହ ପୋଛି କବାଟ ଦେଇ ଘର ଭିତରକୁ ଫେରିଆସିଲେ... । ଦୀପାବଳିରେ ଚାରିଆଡେ ଉତ୍ସବ ମୁଖର ଭିତରେ ନିଜ ଘରର ଶୁନ୍ୟତା ରେଣୁକାଙ୍କୁ ବହୁତ କଷ୍ଟ ଦେଉଥିଲା... ।

**ସମ୍ପାଦକ, ଶିବାନୀ ଓଡ଼ିଆ ସ୍ୱର,**
**ଗରଦପୁର, ଭଦ୍ରକ**
**ମୋ-୯୮୬୧୪୪୪୨୦୦**

# ଜଗୁଆଳି



ସୌମ୍ୟା ଶୁଭଦର୍ଶିନୀ

-ମଣିଷ ଏକା ଆସେ ଏକା ଯାଏ କିନ୍ତୁ ଏକା ରହି ପାରେନି ।

ଶୁଣ ବାବୁ ବଡ଼ ଯତ୍ନରେ ଗୋଟିଏ ସୁଦୃଶ୍ୟ ବଗିଚା ଗଢା ହୋଇଥିଲା ଯେଉଁଠି ସମ୍ପର୍କ ଗୁଡ଼ିକ ସବୁଜ ସମ୍ଭାର ନେଇ ଆସନ୍ତା ସୁଖକୁ ପ୍ରତୀକ୍ଷା କରି ରହିଥିଲେ । ପୁଅଟି ଚାକିରୀ କରିବ, ବୋହୂ ଆଣିବ, ନାତି ନାତୁଣୀ ହେବେ, ସେମାନଙ୍କୁ ପୁଣି ଶ୍ରଦ୍ଧାର ଜଳ ସିଞ୍ଚି, ଆଶିଷର ସାର ଦେଇ ବଢେଇବାକୁ ହେବ । ଏମିତି ଗୁଡିଏ ସ୍ୱପ୍ନ ସହ ଜିଉଁଥିଲା ମାଳି । ମାଳି ଏକୁଟିଆ ନଥିଲା ତା’ ସହ ଥିଲା ଜଗୁଆଳି । ଜଗି ରହୁଥିଲା ବଗିଚାକୁ ଝଡଝଞ୍ଜାରୁ ସୁରକ୍ଷା ଦେବାକୁ । ମାଳିକୁ ଜୀବନ ତମାମ ସାଥୀ ଦେବାକୁ । ସମାଜର ଚିରାଚରିତ ସମ୍ପର୍କ ଡୋର ବାନ୍ଧି ପାରିବାର ରୂପକ ବଗିଚାଟିକୁ ଗଢୁଗଢୁ କେବେ ସମୟ ଆକୁଳଣ ହେଇଯାଏ ସେ ଖବର କିନ୍ତୁ ନା’ ଥାଏ ମାଳି କୁ ନା ଜଗୁଆଳିକୁ । ଦିନେ ଆସେ ସେଇ ସମୟ, ଯେବେ ଜଣକୁ ଏକା ରଖି ଚାଲିଯାଏ ଜଣେ । ତେଣିକି କିଏ ବୁଝେ ବଗିଚା କଥା ତେବେ ? ମାଳି କି ଜଗୁଆଳି ଭିତରୁ କେହି ଜଣେ ନ ରହିଲେ କେମିତି ସୁରକ୍ଷା ମିଳେ ପିଲାଙ୍କୁ ?

ମୁଁ ଆଉ ପଢ଼ି ପାରିଲି ନାହିଁ ଗପ ଆଗକୁ । କାରଣ ମୁଁ ଜାଣେ ମାଳି ବିନା ଯେତିକି ଦୁଃଖ ଜଗୁଆଳି ବିନା ସେତିକି ଯାତନା । କିନ୍ତୁ ବଗିଚା ପାଇଁ ନୁହେଁ କେବଳ ଏକାକୀ ରହି ଯାଇଥିବା ସାଥୀଟି ଲାଗି । ପ୍ରକୃତି ବିବିଧବର୍ଣ୍ଣା ଯେ ବଗିଚାକୁ ନୂଆ ସମ୍ଭାବନା ଦେଇ ଦିଏ ନିଜ ବାଗରେ । ଖାଲି ଯାହା ଭୁଲି ଯାଏ ଏକାକୀ ଥିବା ସାଥୀଟି କଥା । ପିଲାଏ ନିଜ ପୃଥିବୀରେ ହଜି ଯାଆନ୍ତି, ଫୁଲ ଫୁଟା



ବୟସରୁ ଆଗେଇ ଯାଇ ଫଳ ଧରା ସମୟକୁ ପାଛୋଟି ନିଅନ୍ତି । ପୁରୁଣା ବଗିଚା ସ୍ଥାନରେ ନୂଆ ଟେରାସ୍ ଗାର୍ଡେନ ମୁଣ୍ଡ ଟେକି ଉଠେ । ଚିହ୍ନା ଚିହ୍ନା ମୁହଁଙ୍କ ସ୍ଥାନ ନୂଆ ଚେହେରା ନେଇ ନିଅନ୍ତି ।

.......................................................

ବୁଦ୍ଧନାଥ ଖୋଲା ଝରକା ଦେଇ ଉନ୍ମୁକ୍ତ ଆକାଶକୁ ଦୃଷ୍ଟି ନିବିଦ୍ଧ କରି ଖୋଜିଲେ ମୃଣାଳିନୀଙ୍କୁ । ବୋଉ କହୁଥିଲା ସଭିଏଁ ଆମ ନିକଟରୁ ଚାଲିଗଲା ପରେ ଆକାଶରେ ତାରା ହେଇ ରୁହନ୍ତି । କାଶ ବୋଉ ସେଇ ତାରା ମେଳରୁ ନିଜ ତାରାକୁ ଖୋଜିବାର ଗୁଢ଼ ରହସ୍ୟ କହି ଦେଇ ଯାଇଥାନ୍ତା ।
ବୋଉ, ବାପା, ମୃଣାଳିନୀ ସଭିଁଙ୍କୁ ଖୋଜି ଦେଖନ୍ତେ ସେ । ହୁଏତ ସେଥିରେ ଗୋଟିଏ ବ୍ୟସ୍ତତା ଲାଗି ରୁହନ୍ତା ଭିତରେ । ଯେମିତି ଅନେକ ଗୁଣବତୀ କନ୍ୟାମାନଙ୍କ ଭିଡ ଭିତରୁ ବୋଉ ଚିହ୍ନି ନେଇଥିଲା ମୃଣାଳିନୀକୁ । ଠିକ୍ ସେମିତି ଏଇ ଏକାକୀତ୍ୱ ଭିତରୁ କିଛି ବ୍ୟସ୍ତତା ଖୋଜି ନେବାର ସାମର୍ଥ୍ୟ ମୋତେ ଦେଇଗଲା ନାହିଁ କାହିଁକି । ମୋର ଘୋର ଅଭିଯୋଗ ଏଇ ବାବଦରେ, ଜୀବିକା ଏବେ ଆଉ ଫୋନ୍ କରୁ ନାହିଁ ଆଗ ଭଳି । ଝିଅର ମା’ ସହ ଥିଲା ସବୁ କାରବାର । କେବେ ତାଙ୍କ ସହ ସହଜ ହେଇନି ସେ । ମା ’ ଯିବା ସହ ତା’ର କଥାବାର୍ତ୍ତା ହେବାର ସୁଯୋଗ ବି ଖୁବ୍ ସୀମିତ । ପୁଅ ଅବଶ୍ୟ କଥା ହେଉଛି, ସାଥିରେ ଆସି ରହିବାକୁ ଜିଦ୍ କରୁଛି । କିନ୍ତୁ ସେ ଜାଣନ୍ତି ତାଙ୍କ ଦ୍ୱାରା ହେବ ନାହିଁ । ସେ ସିନା ବଗିଚାକୁ ଯତ୍ନ କରି ପାରିବେ ନାହିଁ ମୃଣାଳିନୀଙ୍କ ପରି କିନ୍ତୁ ଛାଡ଼ି ଦେଇ ଯିବେ କେମିତି ? ଯେତେ ହେଲେ ଜଗୁଆଳି ହେବାର ଗୁରୁ ଦାୟିତ୍ୱ ତ ତାଙ୍କ କାନ୍ଧ ଉପରେ ଯେ !

**ସିଡିଏ, କଟକ**
**ମୋ-୭୦୦୮୭ ୬୮୩୦୪**

## ନବପ୍ରକାଶ



**ଉପନ୍ୟାସ : ଆଃ**
**ଲେଖିକା : ମଞ୍ଜୁବାଳା ପଣ୍ଡା**
**ପ୍ରକାଶକ : ପଶ୍ଚିମା,**
**ଭୁବନେଶ୍ୱର**
**ମୂଲ୍ୟ : ୧୯୯/**

ଏବେ ଏବେ ପଶ୍ଚିମା ପ୍ରକାଶନୀ ଦ୍ୱାରା ପ୍ରକାଶ ପାଇ ପାଠକଙ୍କ ହୃଦୟକୁ ଜିଣିପାରିଛି ଡାକ୍ତର ମଞ୍ଜୁବାଳା ପଣ୍ଡାଙ୍କ ଉପନ୍ୟାସ ‘ଆଃ‘ । ଅଦ୍ୟାବଧି ଆଠୋଟି ଗଳ୍ପ ସଂକଳନ, ଚାରୋଟି ମହାର୍ଘ ଉପନ୍ୟାସ ତିନୋଟି କବିତା ସଂକଳନ ସମେତ ଦୁଇଟି ଅନୁଭୂତି ସଂକଳନର ସ୍ରଷ୍ଟା ଭାବରେ ପରିଚିତ ଡାକ୍ତର ପଣ୍ଡାଙ୍କ ଏହି ଉପନ୍ୟାସର ବିଷୟବସ୍ତୁ ସାଧାରଣ ହୋଇଥିଲେ ହେଁ ଘଟଣାକ୍ରମ ଓ ବର୍ଣ୍ଣନା ଉପନ୍ୟାସର ଭିଡ଼ ଭିତରେ ସ୍ୱତନ୍ତ୍ର କରି ଠିଆ କରେଇଛି । ଅଳ୍ପ ହସ ଅଜସ୍ର ଲୁହର ପରିସ୍ଥିତିକୁ ଭୋଗୁଥିବା ଚରିତ୍ରକୁ ନେଇ ଗତିଶୀଳ ହୋଇଛି ଉପନ୍ୟାସ । ଶୈଳୀ କାବ୍ୟିକ । ଜୀବନର ପ୍ରତିଟି ପ୍ରତି ମୋଡ଼ରେ କଠୋର ବାସ୍ତବତାକୁ ସାମ୍ନା କରୁ କରୁ ଯେଉଁ ଦର୍ଶନର ଖସଡ଼ାରେ ଚରିତ୍ରକୁ ମାଜି ଉଜ୍ଜ୍ୱଳ କରିଛନ୍ତି ଔପନାସିକା ତାହା ବାସ୍ତବିକ ଉଲ୍ଲେଖଯୋଗ୍ୟ । ମୁଖ୍ୟ ଚରିତ୍ର ବିନି ପ୍ରତ୍ୟେକ ପରିସ୍ଥିତିରୁ ଯେମିତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଆପଣେଇନେଇଛି ତହିଁରେ ତାର ନୈତିକ ମୂଲ୍ୟବୋଧ ଏବଂ ହୃଦୟର ବ୍ୟାପକତା ସୂଚିତ କରେଇଛନ୍ତି ମଞ୍ଜୁବାଳା ପଣ୍ଡା । ଆବେଗର ନିରନ୍ତର ପ୍ରବାହ ଓ ଭାଷା ବିନ୍ୟାସ ଆରମ୍ଭରୁ ପାଠକଙ୍କୁ ଉପସଂହାର ଯାଏଁ ବାନ୍ଧି ରଖିପାରିବାର ସାମର୍ଥ୍ୟ ରଖିଛି ଏହି ଉପନ୍ୟାସ । ‘ ଆଃ’ଏକ ଦୀର୍ଘଶ୍ୱାସ - କୋହଭରା ଉଚ୍ଛ୍ୱାସ ଥିବା ଏକ ସାର୍ଥକ ଉପନ୍ୟାସ । ମୁଖ୍ୟ ଚରିତ୍ର ବିନି ଦୁଃଖିନୀ, ଅନାଥିନୀ, ଅଭାଗିନୀ । ଗ୍ରହଣଖଣ୍ଡିଆ ଓଠ ନେଇ ଜନ୍ମ, ଅପାଠୋଇ ତଥା ସ୍ନେହୀ ବିନିର କାହାଣୀ । ନିଜ ଦୁଃଖକୁ ନଚାହିଁ ଚାହିଁଛି ଅନ୍ୟମାନଙ୍କୁ ସୁଖୀ ରଖିବାକୁ । ପ୍ରେମ, ପ୍ରେରଣା, ତ୍ୟାଗ ଓ କାରୁଣ୍ୟରେ ଗଢି ହୋଇଥିବା ବିନିର କାହାଣୀ ଆର୍ଦ୍ର କରି ରଖିବ ପାଠକଙ୍କ ଅନ୍ତରକୁ । ପଢୁଥିଲାବେଳେ ମନେ ହେବ ବିନିର ପ୍ରତ୍ୟେକ ନିରୋଳା ମୁହୂର୍ତ୍ତରେ ଧସେଇ ପଶିଆସୁଛି ହୃଦୟ ଥରେଇ, ‘ଆଃ’ର ସ୍ୱର୍ଗତୋକ୍ତି । ପାଠକ ଚାହିଁବ, ବିନି ଜୀବନର ଶେଷ କେଇପୃଷ୍ଠା ଲୁହରେ ନୁହଁ, ହସରେ ଲେଖିହେଇଯାଆନ୍ତା - ଯାହାକି ସେ ଭୋଗିଥିବା ସକଳ ଦୁଃଖର ମଲମ ହେଇପାରନ୍ତା ! ସେ ପୁରାଣର ସେଇ ମହନୀୟ ଚରିତ୍ର ଭଳି ଦୁଃଖର ପାରାବାରରେ ନିଜକୁ ଝାସ ଦେଇ ଆଉ କାହାର ଜୀବନଯାତ୍ରାକୁ ସୁଗମ ଓ ସ୍ୱଚ୍ଛନ୍ଦ କରିଛି । ଉପନ୍ୟାସଟି ସବୁ ବର୍ଗର ପାଠକଙ୍କ ମନକୁ ନିଶ୍ଚୟ ଛୁଇଁବ ।

# ବୋଉର ଦେହ



ସୁଚିତ୍ରା ମିଶ୍ର

‘ବୋଉ, ଏକ ଶାନ୍ତ ଶୀତଳ ଅନୁଭବ । ଏକ ସୁରକ୍ଷା କବଚ । ତା’ ପଣତକାନି ତଳ ମୋ ପାଇଁ ଅଭୟ ଆଶ୍ରୟ । ବୋଉ ହିଁ ବୁଝିପାରେ ମନ ତଳର ଅବ୍ୟକ୍ତ ବ୍ୟଥା । ବୋଉର ବିକଳ୍ପ ନାହିଁ ।’ ଉଡାଜାହାଜ ଭୂମିସ୍ପର୍ଶ କଲାବେଳକୁ ଏକଥା ନିଜକୁ ନିଜେ କହୁଥିଲି ମୁଁ । ବୋଉ ଆବୋରି ବସିଥିଲା ମୋ ସମଗ୍ର ସତ୍ତାକୁ ।

ବୋଉ ଅସୁସ୍ଥ । ଡାକ୍ତରଖାନାରେ, କୋମାରେ - ଏ ଖବର ପାଇବା ମୁହୂର୍ତ୍ତରୁ ବୋଉଠାରୁ ଆରମ୍ଭ ମୋର ସାରା ଅତୀତ ଓ ବର୍ତ୍ତମାନ, ମୋତେ ଜାବୁଡି ଧରିଥିଲା । ବୋଉ ଦେହର ଉଷ୍ମତା ଅନୁଭବ କରୁଥିଲି ମୋ ଆଖପାଖରେ ।

ଅନେକ ବର୍ଷ ବିତିଗଲାଣି ଏ ଭିତରେ । ବୋଉକୁ କୁଣ୍ଢେଇ ଧରିବାର ସେ ପିଲାଦିନ କାହିଁ କେତେ ଦୂରରେ ! କେଜାଣି କାହିଁକି ଡାକ୍ତରଖାନାର ସେଇ ନିଭୃତ ପରିବେଶରେ ମରଣ ଶେଯରେ ଶୋଇଥିବା ବୋଉକୁ ଚାପି ଧରିବାକୁ ଇଚ୍ଛା ହେଲା । ଇଚ୍ଛା ହେଲା ତା’ର ନିବିଡ ଆଲିଙ୍ଗନ ଭିତରେ ପିଲାଦିନକୁ ଫେରିଯିବାକୁ । ସଂସାରର ଗହଳଚହଳ ଠାରୁ ନିଜକୁ ଦୂରେଇ ଦେଇ ତା’ରି ପଣତ କାନିତଳେ କିଛି ମୁହୂର୍ତ୍ତ ନିଜକୁ ଲୁଚେଇ ଦେବାକୁ । ଟିକେ ଆଉଜି ଗଲି ତା’ ପାଖକୁ । ଦୁଇ ହାତ ବେଢେଇ ଦେଲି ତା’ ଗଳାରେ । ଆଃ, କି ଶାନ୍ତି !

ବୋଉର ଦେହ ବରଫ ପରି ଥଣ୍ଡା ଲାଗୁଥିଲା । ଏଇମାତ୍ର ଆଲିଙ୍ଗନ କରିଥିବା ବୋଉର ଦେହଟି ସେତେବେଳକୁ ନିଥର ହୋଇଯାଇଥିଲା ।

**ପଟିଆ, ଭୁବନେଶ୍ୱର**
**ମୋ-୯୯୩୦୮ ୨୭୪୮**

## ଆଜିର ମ୍ୟାଚ୍

ପଞ୍ଜାବ କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ
ସମୟ: ଅପରାହ୍ଣ ୩.୩୦, ସ୍ଥାନ: ଧର୍ମଶାଳା

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଦିଲ୍ଲୀ

### ଥାଇଲ୍ୟାଣ୍ଡ ଓପନ୍ ୨୦୨୬

# ରୋମାଞ୍ଚକର ବିଜୟ ସହ ଫାଇନାଲ୍‌ରେ ସାତ୍ତ୍ୱିକ-ଚିରାଗ୍

**ବ୍ୟାଙ୍କକ୍, ୧୬।୫/ଏଜେନ୍ସି:** ଭାରତର ତାରକା ବ୍ୟାଡମିଣ୍ଟନ ଯୋଡ଼ି ସାତ୍ତ୍ୱିକ ସାଇରାଜ ରଙ୍କିରେଡ୍ଡୀ ଏବଂ ଚିରାଗ ଶେଟ୍ଟୀ ଚଳିତ ୨୦୨୬ ସିଜିନର ସେମାନଙ୍କର ପ୍ରଥମ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶନିବାର ବ୍ୟାଙ୍କକ୍ ଠାରେ ଅନୁଷ୍ଠିତ ଥାଇଲ୍ୟାଣ୍ଡ ଓପନ୍ ସୁପର ୫୦୦ ଟୁର୍ଣ୍ଣାମେଣ୍ଟର ଏକ ରୋମାଞ୍ଚକର ସେମିଫାଇନାଲ ମ୍ୟାଚ୍‌ରେ ମାଲେସିଆର ଗୋହ ସେ ଫେଇ ଏବଂ ନୁର ଇଜୁଦ୍ଦିନଙ୍କ ଯୋଡ଼ିକୁ ପରାସ୍ତ କରି ଉଭୟ ଏହି ସଫଳତା ହାସଲ କରିଛନ୍ତି।

ସେମିଫାଇନାଲ୍ ମ୍ୟାଚ୍‌ର ପ୍ରଥମ ରାଉଣ୍ଡ୍‌ରେ ବିଶ୍ୱର ୯ ନଂ ମାନ୍ୟତା ପ୍ରାପ୍ତ ମାଲେସିଆ ଯୋଡି ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ପ୍ରଥମ ସେଟ୍ ଖେଳକୁ ଉଭୟ ୨୧-୧୯ ପଏଣ୍ଟରେ ଜିତିନେଇଥିଲେ। କିନ୍ତୁ ୨ୟ ସେଟ୍ ଖେଳ ବେଳକୁ ଟୁର୍ଣ୍ଣାମେଣ୍ଟର ଶୀର୍ଷ ମାନ୍ୟତା ପ୍ରାପ୍ତ ଏବଂ ବିଶ୍ୱର ୪ ନମ୍ବର ଯୋଡ଼ି ସାତ୍ତ୍ୱିକ-ଚିରାଗ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ୨ୟ ଏବଂ ୩ୟ ସେଟ୍ ଖେଳରେ ସାତ୍ତ୍ୱିକ ଏବଂ ଚିରାଗ ମାଲେସିଆ ଯୋଡିଙ୍କ ଉପରେ ଭାରି ପଡ଼ିଥିଲେ ଏବଂ ୨୨-୨୦ ତଥା ୨୧-୧୬ ପଏଣ୍ଟରେ ଅଗ୍ରଣୀ ହାସଲ କରିଥିଲେ। ମୋଟାମୋଟି ୧ ଘଣ୍ଟା ୨୨ ମିନିଟ୍ (୮୨ ମିନିଟ୍) ଧରି ଚାଲିଥିବା ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌କୁ ଭାରତୀୟ ଯୋଡ଼ି ୧୯-୨୧, ୨୨-୨୦, ୨୧-୧୬ ବ୍ୟବଧାନରେ ଜିତିନେଇଥିଲେ। ଚିରାଗ-ସାତ୍ତ୍ୱିକ ୨ୟ ଏବଂ ୩ୟ ସେଟ୍ ଖେଳରେ ମାଲେସିଆ ଯୋଡି ଉପରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲେ।

ଏହି ବିଜୟ ସହ ମାଲେସିଆ ଯୋଡ଼ି ବିପକ୍ଷରେ ସାତ୍ତ୍ୱିକ-ଚିରାଗଙ୍କ ଯୋଡିଙ୍କର ହେଡ୍-ଟୁ-ହେଡ୍ ରେକର୍ଡ ୮-୨କୁ ବୃଦ୍ଧି ପାଇଛି। ତେବେ ଆସନ୍ତାକାଲି (ରବିବାର) ହେବାକୁ ଥିବା ମହାଲଢ଼େଇ ବା ଫାଇନାଲ୍ ମ୍ୟାଚ୍‌ରେ ସାତ୍ତ୍ୱିକ ଏବଂ ଚିରାଗଙ୍କ ସାମ୍ନା ଇଣ୍ଡୋନେସିଆର ଲିଓ ରୋଲି କାର୍ଣ୍ଣାଣ୍ଡୋ ଏବଂ ଡାନିଏଲ୍ ମାର୍ଥିନଙ୍କ ଯୋଡ଼ି ସହ ହେବ। ଭାରତରେ



ଏହି ମ୍ୟାଚ୍‌ର ସିଧା ପ୍ରସାରଣ ଷ୍ଟାର୍ ସ୍ପୋର୍ଟସ ନେଟୱାର୍କ ଏବଂ ଜିଓହଟଷ୍ଟାର୍ ଆପ୍ ମାଧ୍ୟମରେ ଦେଖିବାକୁ ମିଳିବ। ପ୍ରକାଶ, ପୂର୍ବରୁ ପି.ଭି ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିବାରୁ ଏବେ ସାତ୍ତ୍ୱିକ-ଚିରାଗଙ୍କ ଉପରେ ସମଗ୍ର ଦେଶର ଆଶା ରହିଛି।

ଚଳିତ ୨୦୨୬ ବ୍ୟାଡମିଣ୍ଟନ ସିଜିନରେ ଏହା ସାତ୍ତ୍ୱିକ-ଚିରାଗ ଯୋଡ଼ିର ପ୍ରଥମ ଫାଇନାଲ୍ ଅଟେ। ଏହା ପୂର୍ବରୁ ୨୦୨୫ ସେପ୍ଟେମ୍ବରରେ ସେମାନେ ଚାଇନା ମାଷ୍ଟର୍ସ ଫାଇନାଲ୍ ଖେଳିଥିଲେ। ସେମିଫାଇନାଲ ମ୍ୟାଚ୍ ଜିତିବା ପରେ ଉଭୟ ପ୍ରକାଶ କରିଛନ୍ତି ଯେ, ଚଳିତ ବର୍ଷର ଆରମ୍ଭ ସେମାନଙ୍କ ପାଇଁ ଏତେ ଭଲ ନଥିଲା, ଯାହାଫଳରେ ସେମାନେ ମାନସିକ ସ୍ତରରେ କିଛିଟା ଚାପରେ ଥିଲେ। ମାତ୍ର ଏହି ବିଜୟ ସେମାନଙ୍କୁ ପୁଣି ଥରେ ପୁରୁଣା ଫର୍ମକୁ ଫେରାଇ ଆଣିଛି। ସୂଚନାଯୋଗ୍ୟ, ସାତ୍ତ୍ୱିକ ଏବଂ ଚିରାଗ ପୂର୍ବରୁ ୨୦୧୯ ଏବଂ ୨୦୨୪ ରେ ଥାଇଲ୍ୟାଣ୍ଡ ଓପନ୍ ଟାଇଟଲ୍ ଜିତି ସାରିଛନ୍ତି। ଯଦି ସେମାନେ ରବିବାର ଫାଇନାଲ୍ ମ୍ୟାଚ୍ ଜିତନ୍ତି, ତେବେ ସେମାନେ ତୃତୀୟ ଥର ପାଇଁ ଏହି ଟ୍ରଫି ନିଜ ନାମରେ କରି ଇତିହାସ ରଚିବେ।

### କେକେଆର୍‌ର ପ୍ଲେ-ଅଫ୍ ଖେଳିବା ଆଶା ଉଜ୍ଜୀବିତ: ୨୯ ରନ୍‌ରେ ଜିତିଲା କୋଲକାତା

# ଆଲେନ୍ ବିସ୍ଫୋରଣରେ ଗୁଜରାଟ ଧରାଶାୟୀ

**କୋଲକାତା, ୧୬।୫/ଏଜେନ୍ସି:** କୋଲ୍‌କାତାରେ ଖେଳାଯାଇଥିବା ଆଇପିଏଲ୍‌ର ୬୦ତମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍), ପଏଣ୍ଟ ଟେବଲ୍‌ର ୨ୟ ସ୍ଥାନରେ ଥିବା ଗୁଜରାଟ ଟାଇଟନ୍ସ (ଜିଟି)କୁ ୨୯ ରନ୍‌ରେ ପରାସ୍ତ କରିଛି। ଲଗାତାର ୫ମ ବିଜୟ ପରେ ଗୁଜରାଟକୁ ପରାଜୟ ମିଳିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ଆଜି ଏକ ବିସ୍ଫୋଟକ ଶୁଭାରମ୍ଭ କରିଥିଲା। ଦଳର ଅନ୍ୟତମ ଓପନର୍ ଫିନ୍ ଆଲେନ୍‌ଙ୍କ ରୌଦ୍ର ରୂପକୁ ଆଜି ଗ୍ରାଉଣ୍ଡ୍‌ରେ ଉପସ୍ଥିତ ଥିବା ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଆଲେନ୍ ୩୫ ବଲ୍‌ରୁ ୧୦ ଛକା ଏବଂ ୪ ଚୌକା ସହାୟତାରେ ୯୩ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଅଧିନାୟକ ଅଜିଙ୍କ୍ୟ ରାହାଣେ ଯଦିଓ ୧୪ ରନ୍ କରି ଆଉଟ୍ ହୋଇଯାଇଥିଲେ ଆଲେନ୍‌ଙ୍କ ବ୍ୟାଟ୍ କିନ୍ତୁ ଶାନ୍ତ ରହିନଥିଲା। ଆଲେନ୍‌ଙ୍କୁ ଭରପୁର ସାଥ୍ ଦେଇଥିଲେ ଯୁବ ଖେଳାଳି ଅଙ୍ଗକ୍ରିସ୍ ରଘୁବଂଶୀ। ରଘୁବଂଶୀଙ୍କ ୪୪ ବଲ୍‌ରେ ଅପରାଜିତ ୮୨ ରନ୍‌ର ଇନିଂସ ସାଙ୍ଗକୁ କ୍ୟାମେରନ୍ ଗ୍ରୀନ୍‌ଙ୍କ ଧୂଆଁଧାର ତଥା





ଅପରାଜିତ ୨୮ ବଲ୍‌ରୁ ୫୨ ରନ୍‌ର ପାଳି ଦଳକୁ ଧାର୍ଯ୍ୟ ୨୦ ଓଭର ସମାପ୍ତି ବେଳକୁ ୨୪୭ ରନ୍‌ରେ ପହଞ୍ଚାଇଦେଇଥିଲା। କୋଲକାତା ଆଜି ମାତ୍ର ୨ ୱିକେଟ୍ ବିନିମୟରେ ୨୪୭ର ଏକ ବିଶାଳ ସ୍କୋର ଛିଡା କରିବାରେ ସମର୍ଥ ହୋଇଥିଲା। ଗୁଜରାଟର ସମସ୍ତ ବୋଲର ଆଜି କୋଲକାତା ବ୍ୟାଟ୍ସମ୍ୟାନ୍‌ଙ୍କ ସମ୍ମୁଖରେ ନିଷ୍ପ୍ରଭ ପଡ଼ିଥିଲେ। କେବଳ ମହମ୍ମଦ ସିରାଜ ଏବଂ ସାଇ କିଶୋର ୧-୧ ଲେଖାଏ ୱିକେଟ୍ ହାସଲ କରିବାରେ ସଫଳ ହୋଇଥିଲେ। ଅନ୍ୟ କୌଣସି ବୋଲର ୱିକେଟ୍ ନେବାରେ ସଫଳ ତ ହୋଇନଥିଲେ କିନ୍ତୁ ଅତ୍ୟଧିକ ରନ୍ ବ୍ୟୟ କରିଥିଲେ। ତେବେ କୋଲକାତାର ଆଜିର ଏହି ବିଶାଳ ଇନିଂସ ପଛରେ ଗୁଜରାଟ ଦଳର ଫିଲ୍ଡରମାନଙ୍କ ଅତ୍ୟନ୍ତ ନିମ୍ନମାନର କ୍ଷେତ୍ରରକ୍ଷଣ ମଧ୍ୟ ବେଶ୍ ସହାୟକ ହୋଇଥିଲା। ଗୁଜରାଟର ଫିଲ୍ଡରମାନେ ଆଜି ଅନେକ କ୍ୟାଚ୍ ହାତ ଛଡା କରିଥିଲେ, ଯାହାର ପରିଣାମ ଦଳକୁ ପରାଜୟ ଆକାରରେ ମିଳିଛି।

ତେବେ ୨୪୮ ରନ୍‌ର ବିଶାଳ ସ୍କୋରକୁ ପିଛା କରୁଥିବା ଗୁଜରାଟ ପ୍ରଥମରୁ ଧୀମା ଖେଳିଥିଲେ ମଧ୍ୟ ପରେ ଦ୍ରୁତ ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲେ। ଦଳର ଦୁଇ ଓପନର ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁଭମନ୍ ଗିଲ୍ ଭଲ ଆରମ୍ଭ କରିଥିଲେ। ତେବେ ଖେଳ ମଝିରେ ସୁଦର୍ଶନ ରିଟାୟର୍ଡ ହର୍ଟ୍ ହୋଇ ପାଭିଲିୟନ୍‌କୁ ଯିବା ଦଳ ପାଇଁ ଚିନ୍ତାର କାରଣ ସାଜିଥିଲେ। ତେବେ ଗିଲ୍ ଏବଂ ଜୋସ୍ ବଟଲର୍ ଦଳର ପାଳିକୁ ଦ୍ରୁତଗତିରେ ଆଗକୁ ବଢ଼ାଇଥିଲେ। ଗିଲ୍ ୪୯ ବଲ୍‌ରେ ୮୫ ରନ୍‌ର ପାଳି ଖେଳିଥିଲେ। ସେହିପରି ବଟଲର ମଧ୍ୟ ୩୫ ବଲ୍‌ରୁ ୫୭ ରନ୍ କରିଥିଲେ। ଦଳକୁ ଶେଷ ଓଭରରେ ୪୦ ରନ୍‌ର ଆବଶ୍ୟକତା ରହିଥିବା ବେଳେ ପଡିଆକୁ ଦ୍ୱିତୀୟ ଥର ପାଇଁ ଆସିଥିବା ସୁଦର୍ଶନ ଏବଂ ରାହୁଲ ତେୱାଟିଆ ମିଳିତ ଭାବେ କେବଳ ୧୧ ରନ୍ ହିଁ କରିପାରିଥିଲେ। ସୁଦର୍ଶନ ଆଜିର ମ୍ୟାଚ୍‌ରେ ୨୮ ବଲ୍‌ରୁ ୫୩ ରନ୍‌ର ପାଳି ଖେଳିଥିଲେ। କିନ୍ତୁ ଯେଉଁ ସମୟରେ ସେ ପଡ଼ିଆ ବାହାରେ ଥିଲେ ସେହି ସମୟତମ କ୍ରିଜ୍‌ରେ ରହିଥିଲେ ହୁଏତ ଆଜିର ମ୍ୟାଚ୍‌କୁ ଗୁଜରାଟ ସହଜରେ ଜିତିଯାଇପାରିଥାଆନ୍ତା। ଗୁଜରାଟ ଆଜିର ମ୍ୟାଚ୍‌ରେ ୪ ୱିକେଟ୍ ହରାଇ ୨୧୮ରନ୍‌ରେ ସୀମିତ ରହିଯାଇଥିଲା।

## ଦେଶ ବିଦେଶ

### ଦେଶରେ ପ୍ରଥମ ଥର ପାଇଁ ଜିହାଦୀ ଡ୍ରଗ୍ସ ଜବତ

# ୧୮୨ କୋଟି ମୂଲ୍ୟର 'କାପ୍ଟାଗନ' ଡ୍ରଗ୍ସ ଠାବ

**ନୂଆଦିଲ୍ଲୀ, ୧୬।୫/ଏଜେନ୍ସି:** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଆଜି ଏକ ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଦେଶରେ ପ୍ରଥମ ଥର ପାଇଁ କୌଣସି ଜିହାଦୀ ଡ୍ରଗ୍ସକୁ ଜବତ କରାଯାଇଛି। ଭାରତର ସର୍ବୋଚ୍ଚ ମାଦକ ଦ୍ରବ୍ୟ ନିରୋଧୀ ସଂସ୍ଥା 'ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ' (ଏନ୍‌ସିବି) ଏହି ସଫଳତା ହାସଲ କରିଥିବା ଶାହ ବ୍ୟୁରୋକୁ ବେଶ୍ ତାରିଫ୍ କରିଛନ୍ତି। ଶାହ କହିଛନ୍ତି, ଏନ୍‌ସିବି ଏକ ଅନ୍ତର୍ଜାତୀୟ ଡ୍ରଗ୍ସ ଚୋରା ଚାଲାଣ ସିଣ୍ଡିକେଟ୍‌ର ପର୍ଦ୍ଦାଫାଶ କରି ପ୍ରାୟ ୧୮୨ କୋଟି ଟଙ୍କା ମୂଲ୍ୟର ୨୨୭.୭ କିଲୋଗ୍ରାମ 'କାପ୍ଟାଗନ' ଡ୍ରଗ୍ସ ଜବତ କରିଛି। ଏହି ମାମଲାରେ ଆଲାବ୍ରାସ୍ ଅହମ୍ମଦ ନାମକ ଜଣେ ସିରିଆ ନାଗରିକକୁ ଗିରଫ କରାଯାଇଛି, ଯିଏକି ୧୫ ନଭେମ୍ବର ୨୦୨୪ରେ ଟୁରିଷ୍ଟ ଭିସାରେ ଭାରତ ଆସିଥିଲା। ତା' ଭିସାର ଅବଧି ଗତ ୨୦୨୫ ଜାନୁଆରୀରେ ଶେଷ ହୋଇଯାଇଥିଲେ ମଧ ସେ ବେଆଇନ ଭାବେ ଦିଲ୍ଲୀରେ ରହୁଥିଲା। ବେ ଜବତ ହୋଇଥିବା ଏହି ଡ୍ରଗ୍ସକୁ ଭାରତ ଦେଇ ସାଉଦି ଆରବ ସମେତ ଅନ୍ୟ ପଶ୍ଚିମ ଏସୀୟ ଦେଶଗୁଡ଼ିକୁ ଚାଲାଣ କରାଯାଉଥିଲା। କାପ୍ଟାଗନ୍ ଡ୍ରଗ୍ସକୁ ଶାହ ଜିହାଦୀ ଡ୍ରଗ୍ସ ଭାବେ ଅଭିହିତ କରିଛନ୍ତି। ରିପୋର୍ଟ ଅନୁସାରେ କାପ୍ଟାଗନ୍ ନାମକ ଏହି ମାରାତ୍ମକ ଡ୍ରଗ୍ସ ମୁଖ୍ୟତଃ ପଶ୍ଚିମ ଏସୀୟ ଦେଶଗୁଡିକରେ ଦେଖିବାକୁ ମିଳିଥାଏ।

ଏନ୍‌ସିବିକୁ ପ୍ରଶଂସା କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ପୋଷ୍ଟ କରି କହିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ସରକାର 'ଡ୍ରଗ୍ସ ମୁକ୍ତ ଭାରତ' ପାଇଁ



ସଂକଳ୍ପବଦ୍ଧ। 'ଅପରେସନ୍ ରେଜ୍‌ପିଲ୍' ମାଧ୍ୟମରେ ଆମର ଏଜେନ୍ସିଗୁଡ଼ିକ ପ୍ରଥମ ଥର ପାଇଁ ୧୮୨ କୋଟି ଟଙ୍କାର କାପ୍ଟାଗନ ବା 'ଜିହାଦୀ ଡ୍ରଗ୍ସ' ଜବତ କରିଛନ୍ତି। ଭାରତୀୟ ଭୂଖଣ୍ଡକୁ ଟ୍ରାଞ୍ଜିଟ୍ ରୁଟ୍ (ଗମନାଗମନ ପଥ) ଭାବେ ବ୍ୟବହାର କରୁଥିବା ପ୍ରତ୍ୟେକ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଆମେ ଶୂନ୍ୟ ସହନଶୀଳତା ନୀତି ଆପଣାଇବୁ।

ପ୍ରକାଶ, ଏକ ବିଦେଶୀ ଡ୍ରଗ୍ସ ନିରୋଧୀ ସଂସ୍ଥାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏନ୍‌ସିବି ଗତ ମେ ୧୧ ତାରିଖରେ ଦିଲ୍ଲୀର ନେବ୍ ସରାଇ ଅଞ୍ଚଳରେ ଥିବା ଏକ ଘରେ ଚଢ଼ାଉ କରିଥିଲା। ସେଠାରୁ ଚପାତି (ରୁଟି) କାଟିବା ମେସିନ ଭିତରେ ଲୁଚାଯାଇଥିବା ପ୍ରାୟ ୩୧.୫ କିଲୋଗ୍ରାମ କାପ୍ଟାଗନ ଟାବ୍‌ଲେଟ୍ ଜବତ କରାଯାଇଥିଲା। ଏହି ମେସିନ୍ ସାଉଦି ଆରବର ଜେଦ୍ଦାହ ସହରକୁ ରପ୍ତାନି ହେବାର ଥିଲା। ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ଜଣେ ସିରିଆ ନାଗରିକ ହୋଇଥିବା ବେଳେ ଜେରା କରିବା ପରେ ଗତ ମେ ୧୪ ତାରିଖରେ ଗୁଜରାଟର ମୁନ୍ଦ୍ରା ବନ୍ଦର ସ୍ଥିତ ଆଉ ଏକ ଏକ କଣ୍ଟେନରରୁ ଆଉ ୧୯୬ କିଲୋଗ୍ରାମ କାପ୍ଟାଗନ ପାଉଡର ଜବତ କରାଯାଇଥିଲା। ଏହି କଣ୍ଟେନରଟି ସିରିଆରୁ ଆସିଥିଲା ଏବଂ ଏଥିରେ 'ମେଣ୍ଟ ଲୋମ' ଥିବା ଘୋଷଣା କରାଯାଇଥିଲା। ତେବେ ଏନ୍‌ସିବି ବର୍ତ୍ତମାନ ଏହି ଆନ୍ତର୍ଜାତୀୟ ସିଣ୍ଡିକେଟ୍ ସହ ଜଡ଼ିତ ଆର୍ଥିକ କାରବାର, ହାୱାଲା ଲିଙ୍କ୍ ଏବଂ ଅନ୍ୟାନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ଏକ ବ୍ୟାପକ ତଦନ୍ତ ଆରମ୍ଭ କରିଛି।



**ଏନ୍‌ସିବି ହାତରେ ସିରିଆ ନାଗରିକ ଆଲାବ୍ରାସ୍ ଅହମ୍ମଦ**

କାପ୍ଟାଗନ ଟାବ୍‌ଲେଟ୍‌ର ମୁଖ୍ୟ ଉପାଦାନ ହେଉଛି 'ଫେନେଥିଲାଇନ୍', ଯାହା ଏକ ଅତ୍ୟନ୍ତ ନିଶାଦାୟକ ସିନ୍ଥେଟିକ୍ ଆମ୍ଫେଟାମାଇନ୍ ପ୍ରକାରର ଉତ୍ତେଜକ ଅଟେ। ମିଳିତ ଜାତିସଂଘର ଡ୍ରଗ୍ସ ଏବଂ କ୍ରାଇମ କାର୍ଯ୍ୟାଳୟ ଅନୁଯାୟୀ, ଏହି ଡ୍ରଗ୍ସ ଶରୀରରେ ଅତ୍ୟଧିକ ଶକ୍ତି ଭରିଦିଏ, ଏକାଗ୍ରତା ବଢ଼ାଏ, ଦୀର୍ଘ ସମୟ ଧରି ଶୋଇବାକୁ ଦିଏ ନାହିଁ ଏବଂ ଅହେତୁକ ଆନନ୍ଦ ପ୍ରଦାନ କରେ। ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଡ୍ରଗ୍ସକୁ ଆଇଏସ୍‌ଆଇଏସ୍ ର ଆତଙ୍କବାଦୀମାନେ ବ୍ୟବହାର କରୁଥିବାରୁ ଏହାକୁ 'ଜିହାଦୀ ଡ୍ରଗ୍ସ' କୁହାଯାଏ।

# ଆଜମ ଖାନ୍‌ଙ୍କୁ ଦୁଇ ବର୍ଷ ଜେଲ୍ ଦଣ୍ଡ

**ଲକ୍ଷ୍ନୌ, ୧୬।୫/ଏଜେନ୍ସି:** ଉତ୍ତର ପ୍ରଦେଶର ରାମପୁର ଏମ୍‌ପି-ଏମ୍‌ଏଲ୍ଏ କୋର୍ଟ ଶନିବାର ସମାଜବାଦୀ ପାର୍ଟିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଆଜମ ଖାନ୍‌ଙ୍କୁ ଆଉ ଏକ ବଡ଼ ଝଟ୍‌କା ଦେଇଛନ୍ତି। ୨୦୧୯ ଲୋକସଭା ନିର୍ବାଚନ ପ୍ରଚାର ସମୟରେ ସରକାରୀ ଅଧିକାରୀଙ୍କ ବିରୋଧରେ ଆପତ୍ତିଜନକ ଏବଂ ବିବାଦୀୟ ମନ୍ତବ୍ୟ ଦେଇଥିବା ମାମଲାରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷର ଜେଲ ଦଣ୍ଡ ସହ ୫୦ ହଜାର ଟଙ୍କାର ଅର୍ଥଦଣ୍ଡ ମଧ୍ୟ ଶୁଣାଇଛନ୍ତି।

ଏହି ମାମଲା ୨୦୧୯ ଲୋକସଭା ନିର୍ବାଚନ ସମୟରେ ଘଟିଥିଲା। ରାମପୁରର ଭୋଟ୍ ଥାନା ଅନ୍ତର୍ଗତ ମାଙ୍କରା ଗ୍ରାମରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଆଜମ ଖାନ୍ ତତ୍କାଳୀନ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଅତ୍ୟନ୍ତ ଅପମାନଜନକ ଭାଷା ବ୍ୟବହାର କରିଥିଲେ। ସେ ନିଜ ଭାଷଣରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ କେବଳ ଦରମା ପ୍ରାପ୍ତ କର୍ମଚାରୀ ବୋଲି କହିଥିଲେ ଏବଂ ଲୋକଙ୍କୁ ତାଙ୍କୁ ନଡରିବାକୁ ଆହ୍ୱାନ କରିଥିଲେ। ଏତଦ୍‌ବ୍ୟତୀତ ସେ ଏହା ମଧ କହିଥିଲେ



ଯେ, 'ନିର୍ବାଚନ ଜିତିବା ପରେ ସେ ଏହି ଅଧିକାରୀଙ୍କ ଦ୍ୱାରା ନିଜ ଜୋତା ସଫା କରାଇବି। ତେବେ ଏହି ବିବାଦୀୟ ଭାଷଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ତତ୍କାଳୀନ ଏସ୍‌ଡିଏମ୍ ଘନଶ୍ୟାମ ତ୍ରିପାଠୀଙ୍କ ଅଭିଯୋଗ କ୍ରମେ ଆଜମ୍ ଖାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଶୋଭିତ ବଂଶଲ ଏହି ମାମଲାର ଶୁଣାଣି କରି ଆଜମ ଖାନଙ୍କୁ ଭାରତୀୟ ଦଣ୍ଡ ସଂହିତା (ଓଚଉ) ର ବିଭିନ୍ନ ଧାରା ଏବଂ ଜନପ୍ରତିନିଧି ଅଧିନିୟମର ଧାରା ୧୨୫ ଅଧୀନରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଜି କୋର୍ଟରେ ଏହି ମାମଲାର ଶୁଣାଣି ସମୟରେ ପ୍ରସିକ୍ୟୁସନ ପକ୍ଷରୁ ଭିଡିଓ ଫୁଟେଜ ଏବଂ ସରକାରୀ ଅଧିକାରୀଙ୍କ ସମେତ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀଙ୍କ ପ୍ରମାଣ ଉପସ୍ଥାପନ କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଭିଡିଓର ସତ୍ୟତାକୁ କୋର୍ଟରେ କେବେହେଲେ ଚ୍ୟାଲେଞ୍ଜ କରାଯାଇ ନଥିବାରୁ ଏହାକୁ ସତ୍ୟ ବୋଲି ଗ୍ରହଣ କରାଯାଇଥିଲା।

ଆଜମ ଖାନ ବର୍ତ୍ତମାନ ପୂର୍ବରୁ ହିଁ ଜେଲରେ ସଜା କାଟୁଛନ୍ତି। ନଭେମ୍ବର ୨୦୨୫ରେ, ଜାଲ୍ ଦସ୍ତାବିଜ ସାହାଯ୍ୟରେ ଦୁଇଟି ପୃଥକ ପ୍ୟାନ୍ କାର୍ଡ ବନାଇବା ଜାଲିଆତି ମାମଲାରେ କୋର୍ଟ ଆଜମ ଖାନ ଏବଂ ତାଙ୍କ ପୁଅ ଅବଦୁଲ୍ଲା ଆଜମଙ୍କୁ ୭ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଥିଲେ, ଯେଉଁଥିପାଇଁ ସେ ବର୍ତ୍ତମାନ ସୀତାପୁର/ରାମପୁର ଜେଲରେ ବନ୍ଦୀ ଅଛନ୍ତି। ପ୍ରକାଶ, ବର୍ତ୍ତମାନ ସୁଦ୍ଧା ଆଜମ ଖାନଙ୍କ ବିରୋଧରେ ପ୍ରାୟ ୮୧ ରୁ ଅଧିକ ମାମଲା (ଭୂମି ଦଖଲ, ଜାଲିଆତି, ମାନହାନି ଏବଂ ଭଡ଼କାଉ ଭାଷଣ) ରୁଜୁ ହୋଇସାରିଛି ଏବଂ ଏହାକୁ ମିଶାଇ ସେ ମୋଟ ୮ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି। ଏସବୁ ତାଙ୍କ ସମସ୍ୟାକୁ ଅନେକାଂଶରେ ବଢ଼ାଇ ଦେଇଛି।

# ଗୃହ ବିଭାଗ ନିଜ ପାଖରେ ରଖିଲେ ବିଜୟ

**ଚେନ୍ନାଇ, ୧୬।୫/ଏଜେନ୍ସି:** ତାମିଲନାଡୁର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ସୁପାରିଶ ଉପରେ କାର୍ଯ୍ୟ କରି ରାଜ୍ୟପାଳ ବିଶ୍ୱନାଥ ଆର୍ଲେକର ରାଜ୍ୟର ନୂତନ କ୍ୟାବିନେଟ୍‌କୁ ବିଭାଗ ଆବଣ୍ଟନ କରିଛନ୍ତି। ତାମିଲନାଡୁ ଲୋକ ଭବନ ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟଙ୍କ ସମେତ ୧୦ ଜଣ ମନ୍ତ୍ରୀଙ୍କୁ ବିଭାଗ ଆବଣ୍ଟନ କରିଛି। ଶନିବାର (୧୬ ମଇ, ୨୦୨୬) ଲୋକ ଭବନ ଦ୍ୱାରା ପ୍ରକାଶିତ ଏକ ସରକାରୀ ତାଲିକା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟ ଗୃହ ଏବଂ ସାଧାରଣ ପ୍ରଶାସନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ନିଜ ହାତରେ ରଖିଛନ୍ତି। ରିପୋର୍ଟ ଅନୁସାରେ ମୁଖ୍ୟମନ୍ତ୍ରୀ ଜୋସେଫ ବିଜୟ ଜନ କଲ୍ୟାଣ, ସାଧାରଣ ପ୍ରଶାସନ, ପୋଲିସ ଏବଂ ମହିଳା ଏବଂ ଯୁବ କଲ୍ୟାଣ ବିଭାଗ ତଦାରଖ କରିବେ। ସେହିପରି ଏନ. ଆନନ୍ଦଙ୍କୁ ଗ୍ରାମୀଣ ବିକାଶ ଏବଂ ଜଳ ସମ୍ପଦ ବିଭାଗ ଆବଣ୍ଟନ କରାଯାଇଛି। ଆଧବ ଅର୍ଜୁନ ଲୋକ ନିର୍ମାଣ ଏବଂ କ୍ରୀଡା ବିକାଶ ବିଭାଗର ମୁଖ୍ୟ ହେବେ। କେ. ଏ. ସେଙ୍ଗୋଟାଇୟାନଙ୍କୁ ଅର୍ଥ ବିଭାଗ ଦାୟିତ୍ୱ ଦିଆଯାଇଛି, ଯେତେବେଳେ କେ. ଜି. ଅରୁଣରାଜଙ୍କୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଦାୟିତ୍ୱ ଦିଆଯାଇଛି। ପି. ଭେଙ୍କଟରମନନଙ୍କୁ ଖାଦ୍ୟ ଏବଂ ନାଗରିକ ଯୋଗାଣ ଏବଂ ଆର. ନିର୍ମଳକୁମାରଙ୍କୁ ଶକ୍ତି ଏବଂ ଆଇନ ବିଭାଗ ଦାୟିତ୍ୱ ଦିଆଯାଇଛି। ପ୍ରକାଶ, ତାମିଲନାଡୁରେ ପୋର୍ଟଫୋଲିଓ ଆବଣ୍ଟନର ଦୁଇ ଦିନ ପୂର୍ବରୁ ଗୁରୁବାର (୧୪ ମଇ, ୨୦୨୬) ରାଜ୍ୟ ସରକାର ପୁଲିସ୍ ବିଭାଗରେ ଏକ ବଡ଼ ଧରଣର ଅଦଳବଦଳ କରିଥିଲେ। ଏହି ଅଦଳବଦଳ ପ୍ରକ୍ରିୟା ଅନ୍ତର୍ଗତ ଗୁଇନ୍ଦା ୱିଙ୍ଗର ଅଧିକାରୀମାନଙ୍କ ସମେତ ୧୦ ରୁ ଅଧିକ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ବଦଳି କରାଯାଇଥିଲା।

### ଆନ୍ଧ୍ର ସରକାରଙ୍କ ବଡ଼ ଘୋଷଣା

# ତୃତୀୟ ଓ ଚତୁର୍ଥ ସନ୍ତାନ ପାଇଁ ମିଳିବ ୩୦-୪୦ ହଜାର ଟଙ୍କା

**ବିଜୟୱାଡା, ୧୬।୫/ଏଜେନ୍ସି:** ରାଜ୍ୟର ହ୍ରାସ ପାଉଥିବା ଜନସଂଖ୍ୟା ଧାରାକୁ ପୁନଃ ଟ୍ରାକ୍‌କୁ ଆଣିବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ଏବେ ଏକ ଅଭିନବ ପନ୍ଥା ଗ୍ରହଣ କରିଛନ୍ତି। ରିପୋର୍ଟ ଅନୁସାରେ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଶୁକ୍ରବାର ଦିନ ତୃତୀୟ ସନ୍ତାନ ଜନ୍ମ ପାଇଁ ୩୦,୦୦୦ ଟଙ୍କା ଏବଂ ଚତୁର୍ଥ ସନ୍ତାନ ପାଇଁ ୪୦,୦୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ଶନିବାର ଶ୍ରୀକାକୁଲମ୍ ଜିଲ୍ଲାର ନରସନ୍ନାପେଟାଠାରେ ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ନାଇଡୁ କହିଛନ୍ତି ଯେ ତାଙ୍କ ସରକାର ଏଭଳି କିଛି ନିଷ୍ପତ୍ତି ନେଇଛନ୍ତି ଏବଂ ଏକ ମାସ ମଧ୍ୟରେ ଏହାର ବିସ୍ତୃତ ବିବରଣୀ ପ୍ରକାଶ କରିବେ। ସ୍ୱର୍ଣ୍ଣ ଆନ୍ଧ୍ର-ସ୍ୱଚ୍ଛ ଆନ୍ଧ୍ର ସଫେଇ କାର୍ଯ୍ୟକ୍ରମ ଅବସରରେ ସେ ଏପରି କହିଛନ୍ତି। ଯଦିଓ ସେ ଦିନେ ଜନସଂଖ୍ୟା ନିୟନ୍ତ୍ରଣ ବ୍ୟବସ୍ଥା



ସପକ୍ଷରେ ଯୁକ୍ତି ବାଢୁଥିଲେ, ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସମାଜ ଏକାଠି ହୋଇ ଜନ୍ମ ହାର ବୃଦ୍ଧି ପାଇଁ କାମ କରିବାର ସମୟ ଆସିଯାଇଛି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ଚନ୍ଦ୍ରବାବୁ ନାଇଡୁ ରାଜ୍ୟବାସୀଙ୍କୁ ସେମାନଙ୍କ ଦ୍ୱିତୀୟ ସନ୍ତାନ ଜନ୍ମ ପାଇଁ ୨୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଯୋଜନା କରୁଥିବା ନେଇ ଘୋଷଣା କରିଥିଲେ। ଏପରିକି ଗତ ମାର୍ଚ୍ଚ ୫ ତାରିଖରେ ସେ ବିଧାନସଭାକୁ ମଧ୍ୟ ସୂଚନା ଦେଇଥିଲେ ଯେ ଦ୍ୱିତୀୟ ସନ୍ତାନ ହେଉଥିବା ଦମ୍ପତିଙ୍କୁ ୨୫,୦୦୦ ଟଙ୍କାର ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି। ନାଇଡୁଙ୍କ କହିବାନୁସାରେ, ବଦଳୁଥିବା ସାମାଜିକ ଏବଂ ଅର୍ଥନୈତିକ ଧାରା ପରିବାରର ଆକାରକୁ ପ୍ରଭାବିତ କରୁଛି। ପରିବାର ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଅଧିକ ସ୍ୱଚ୍ଛଳ ହେଉଥିଲେ ମଧ୍ୟ କିଛି ଦମ୍ପତି ସେହି ଗୋଟିଏ ସନ୍ତାନର ମାନସିକତାରେ ହିଁ ସୀମିତ ରହିଯାଉଛନ୍ତି। ସେହିପରି ଆଉ ଏକ ବର୍ଗ ଯଦି ସେମାନଙ୍କ ପ୍ରଥମ ସନ୍ତାନ ପୁଅ ନହୋଇ କନ୍ୟା ସନ୍ତାନ ହେଉଛି ତେବେ ହିଁ ସେମାନେ ଦ୍ୱିତୀୟ ସନ୍ତାନ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ନାଇଡୁଙ୍କ କହିବାନୁସାରେ ଏହି ମାନସିକତା ହିଁ ଜନସଂଖ୍ୟା ହ୍ରାସ ପାଇବାରେ ସହାୟକ ହେଉଛି ଏବଂ 'ରିପ୍ଲେସମେଣ୍ଟ-ଲେଭଲ୍' (ବଦଳ ସ୍ତର)ର ମୋଟ୍ ପ୍ରଜନନ ହାର (ଟିଏଫ୍‌ଆର୍) ୨.୧ ବଜାୟ ରଖିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ନାଇଡୁ ଉଲ୍ଲେଖ କରିଛନ୍ତି ଯେ ଯେତେବେଳେ ମହିଳା ପିଛା ହାରାହାରି ପ୍ରଜନନ ହାର ୨.୧ ଶିଶୁ ରହେ, ସେତେବେଳେ ଜନସଂଖ୍ୟା ସ୍ଥିର ରହିଥାଏ। ଏଥିସହ ସେ ଚେତାବନୀ ଦେଇଛନ୍ତି ଯେ ଅନେକ ଦେଶରେ ହ୍ରାସ ପାଉଥିବା ଜନସଂଖ୍ୟା ଏବଂ ବୃଦ୍ଧ ସମାଜ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିଛି।

ନିତିଦିନ NITIDIN

NEW AGE MEDIA & PUBLICATIONS PVT. LTD.
Shed No.- TS-2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha

Invite application for the following posts:

| Name of the post | Location | Experience |
|---|---|---|
| Manager-HR | Bhubaneswar | Having more than 7 years experience in HR work |
| Layout Designer | Bhubaneswar | Minimum 2-3 years in Layout designing (Print media experience will given preference) |

Interested candidates may submit their Resume/CV through e-mail at hr@nitidin.com or Contact : 7681055980

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra